



▶ପୃଷ୍ଠା ୧୧ ଦେଖନ୍ତୁ...


- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 43 ◆ISSUE-22 ◆WEDNESDAY ◆16 JULY 2025 ◆PAGE-12 ◆₹ 6.00 | SAMBALPUR | ◆ବର୍ଷ-୪୩ ◆ସଂଖ୍ୟା-୨୨ ◆ବୁଧବାର ◆୧୬ ଜୁଲାଇ ୨୦୨୫ ◆ପୃଷ୍ଠା-୧୨ ◆ଟ.୬.୦୦


**ନିର୍ଯାତନା ନିଆଁ**

# କ୍ରୋଧରେ ଜଳୁଛି ସାରା ଓଡ଼ିଶା

## ପଳାସିଆରେ ସୌମ୍ୟାଶ୍ରୀଙ୍କୁ ଅନ୍ତିମ ବିଦାୟ ଦେଲେ ହଜାରହଜାର ଅଞ୍ଚଳବାସୀ

■ **ଭୁବନେଶ୍ୱର, ୧୫ା୭ (ସମିସ):** ସାରା ଓଡ଼ିଶା ସ୍ତବ୍ଧ। ବିଫଳ ସରକାରୀ ବ୍ୟବସ୍ଥା, ଶାସନ ଗାଦିରେ ବସିଥିବା ନେତାଙ୍କ ଚରମ ଦାୟିତ୍ୱହୀନତା ଜଣେ ଛାତ୍ରୀର ଜୀବନ ନେଇଗଲା। ବ୍ୟବସ୍ଥା ବିରୋଧରେ ବିଦ୍ରୋହ କରିଥିବା ସୌମ୍ୟାଶ୍ରୀ ଜୀବନଯୁଦ୍ଧରେ ହାରିଗଲା। ବାରମ୍ବାର ଅଭିଯୋଗ ପରେ ମଧ୍ୟ କାର୍ଯ୍ୟାନୁଷ୍ଠାନ ନ ହେବାରୁ ସରକାର, ଶିକ୍ଷାନୁଷ୍ଠାନ କର୍ତ୍ତୃପକ୍ଷ, ନିଜ ଦଳର ନେତାଙ୍କ ଉପରୁ ଆସ୍ଥା ହରାଇ ନିଜ ଦେହରେ ନିଆଁ ଲଗାଇ ଦେଲା। ଶେଷରେ ବ୍ୟବସ୍ଥାକୁ ବିଦ୍ରୂପ କରି ଆଖି ବୁଜିଦେଲା। ରାତାରାତି ସୌମ୍ୟାଶ୍ରୀର ଶବକୁ ସରକାର ପୁଲିସ ଲଗାଇ ତା'ର ଗାଁକୁ ପଠାଇଦେଲେ। ବାଲେଶ୍ୱରର ସୁଦୁର ପଳାଶିଆ ଗାଁ ମାଟିରେ ସୌମ୍ୟାଶ୍ରୀଙ୍କ ଚିତା ଜଳିଛି ଓ ଏହି ଚିତାରେ ମଧ୍ୟ ଜଳିଛି ସରକାରଙ୍କ ବାହାସ୍ଫୋଟ, ଦମ୍ଭ, ବେପରୁଆ ମାନସିକତା। ଯାହାକୁ ନେଇ ସାରା ରାଜ୍ୟରେ ସୃଷ୍ଟି ହୋଇଛି କ୍ଷୋଭ, କ୍ରୋଧ। ମାଲକାନଗିରିରୁ ମୟୂରଭଞ୍ଜ ଯାଏ ଉଠିଛି ପ୍ରତିବାଦର ସ୍ୱର। ସରକାର କ'ଣ ଏମିତି ଚାଲେ ବୋଲି ରାଜ୍ୟବାସୀ ଏବେ ପ୍ରଶ୍ନ କରୁଛନ୍ତି। ସୌମ୍ୟାଶ୍ରୀର ଅକାଳ ମୃତ୍ୟୁ ପାଇଁ ଉତ୍ତରଦାୟୀ କିଏ ? ଶାସନ ଓ ବ୍ୟବସ୍ଥାର ଦୋଛକିରେ ଚାଲିଗଲା ନୀରିହ ଛାତ୍ରୀର ଜୀବନ। ଏକ ପକ୍ଷରେ ବିଜେଡି ଏହାର ନିରପେକ୍ଷ ଓ ନ୍ୟାୟିକ ତଦନ୍ତ ଦାବି କରିଥିବା ବେଳେ ଦଳମତ ନିର୍ବିଶେଷରେ ସାଧାରଣରେ ଏଥିରେ ସମ୍ପୃକ୍ତ ବ୍ୟକ୍ତି ବିଶେଷଙ୍କ ବିରୋଧ କଠୋର କାର୍ଯ୍ୟାନୁଷ୍ଠାନ ଦାବି ହେଉଛି। ଅକାଳରେ ସୌମ୍ୟାଶ୍ରୀଙ୍କ ମୃତ୍ୟୁ ସାରା ରାଜ୍ୟକୁ ସ୍ତବ୍ଧ କରିଦେଇଥିବା ସୁଦୂର ମାଲକାନଗିରିରୁ ଭୁବନେଶ୍ୱର ଯାଏଁ ପ୍ରତିବାଦର ନିଆଁ ଜଳିଛି। ମୁଖ୍ୟମନ୍ତ୍ରୀଙ୍କ, ଶିକ୍ଷାମନ୍ତ୍ରୀ, ବାଲେଶ୍ୱର ସାଂସଦଙ୍କ କୁଶପୁତ୍ତଳିକା ଦାହ କରି ଛାତ୍ର, ▶ପୃଷ୍ଠା-୭

- ମାଲକାନଗିରିରୁ ମୟୂରଭଞ୍ଜ ଯାଏଁ ପ୍ରତିବାଦର ସ୍ୱର
- ନିରପେକ୍ଷ ଓ ନ୍ୟାୟିକ ତଦନ୍ତ ଦାବି କଲା ବିଜେଡି
- ଆଜି ବିଜେଡିର ୮ ଘଣ୍ଟିଆ ବାଲେଶ୍ୱର ବନ୍ଦ ଡକରା
- ୧୭ରେ ଓଡ଼ିଶା ବନ୍ଦ କରିବେ କଂଗ୍ରେସ ଓ ସହଯୋଗୀ



## ବ୍ୟବସ୍ଥା ଦ୍ୱାରା ଏକ ସଂଗଠିତ ହତ୍ୟା: ରାହୁଲ




■ **ଭୁବନେଶ୍ୱର, ୧୫ା୭ (ସମିସ):** ଏଫ୍ଏମ୍ ଛାତ୍ରୀ ସୌମ୍ୟାଶ୍ରୀ ବିଶିଙ୍କ ଆତ୍ମାହୁତି ନେଇ ଡବଲ ଇଂଜିନ ସରକାରକୁ ଭର୍ତ୍ସନା କରିଛନ୍ତି ଲୋକସଭାର ବିରୋଧୀଦଳ ନେତା ରାହୁଲ ଗାନ୍ଧୀ। ସେ କହିଛନ୍ତି ଯେ ଓଡ଼ିଶାରେ ନ୍ୟାୟ ପାଇଁ ଲଢୁଥିବା ଝିଅର ମୃତ୍ୟୁ ବିଜେପିର ବ୍ୟବସ୍ଥା ଦ୍ୱାରା ଏକ ସିଧାସଳଖ ହତ୍ୟା। ସାହସୀ ଛାତ୍ରୀ ଯୌନ ଶୋଷଣ ବିରୋଧରେ ସ୍ୱର ଉଠାଇଥିଲେ; କିନ୍ତୁ ନ୍ୟାୟ ବଦଳରେ ତାଙ୍କୁ ବାରମ୍ବାର ଧମକ, ହଇରାଣ, ଅପମାନିତ କରାଯାଇଥିଲା। ଯେଉଁମାନେ ତାଙ୍କୁ ସୁରକ୍ଷା ଦେବା କଥା, ସେମାନେ ତାଙ୍କୁ ଭାଙ୍ଗି ଚାଲିଥିଲେ। ପ୍ରତ୍ୟେକ ଥର ପରି ଏଥର ମଧ୍ୟ ବିଜେପିର ବ୍ୟବସ୍ଥା ଅଭିଯୁକ୍ତଙ୍କୁ ସୁରକ୍ଷା ଦେଇ ଚାଲିଥିଲା। ଫଳରେ ଏକ ନିର୍ଦ୍ଦୋଷ ଝିଅ ନିଜକୁ ଜାଳି ଦେବାକୁ ବାଧ ହୋଇଥିଲା। ଓଡ଼ିଶା ହେଉ ▶ପୃଷ୍ଠା-୭

**ନ୍ୟାୟ ପାଇଁ ଲଢ଼ି ଆତ୍ମାହୁତି: ପ୍ରିୟଙ୍କା**

## ଯୋଜନାବଦ୍ଧ ଅନ୍ୟାୟ: ନବୀନ

### ବିଫଳ ବ୍ୟବସ୍ଥା, ଆନୁଷ୍ଠାନିକ ବିଶ୍ୱାସଘାତକତା

### ମୃତ୍ୟୁର ଉତ୍ତରଦାୟୀ ରୁହନ୍ତୁ କ୍ଷମତାସୀନ ବ୍ୟକ୍ତି



■ **ଭୁବନେଶ୍ୱର, ୧୫ା୭ (ସମିସ):** ଏମ୍ସରେ ଚିକିତ୍ସିତ ଥିବା ବାଲେଶ୍ୱର ଫକୀର ମୋହନ ମହାବିଦ୍ୟାଳୟ ଛାତ୍ରୀଙ୍କ ମୃତ୍ୟୁ ପ୍ରସଙ୍ଗରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଛନ୍ତି ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ। ଛାତ୍ରୀଙ୍କ ମୃତ୍ୟୁ ଏକ ଯୋଜନାବଦ୍ଧ ଅନ୍ୟାୟ ଏବଂ ଏଥିପାଇଁ ବିଫଳ ସରକାରୀ ବ୍ୟବସ୍ଥା ଦାୟୀ ବୋଲି ଉଲ୍ଲେଖ କରି ଏହା ବିଶ୍ୱାସଘାତକତାରୁ କିଛି କମ୍ ନୁହେଁ ବୋଲି କହିଛନ୍ତି। କେହି ଜଣେ ଉତ୍ତରଦାୟିତ୍ୱ ନେଇ ଘଟଣାର ହସ୍ତକ୍ଷେପ କରିଥିଲେ, ହୁଏତ ଝିଅଟିର ଜୀବନ ବଞ୍ଚିଯାଇଥାନ୍ତା। ତେଣୁ କେବଳ କଲେଜ କର୍ତ୍ତୃପକ୍ଷ ନୁହନ୍ତି; କ୍ଷମତାରେ ଥିବା ବ୍ୟକ୍ତିମାନେ ମଧ୍ୟ ଏଥିପାଇଁ ଉତ୍ତରଦାୟୀ ହୁଅନ୍ତୁ। ରାଜ୍ୟପାଳ ସୁନିଶ୍ଚିତ କରନ୍ତୁ ବୋଲି ନବୀନ ଅନୁରୋଧ କରିଛନ୍ତି। ସାମାଜିକ ଗଣମାଧ୍ୟମ 'ଏକ୍ସ'ରେ ନବୀନ କହିଛନ୍ତି ଯେ ଏମ୍ସରେ ଚିକିତ୍ସିତ ହେଉଥିବା ବାଲେଶ୍ୱର ଏଫଏମ କଲେଜ ପୀଡ଼ିତା ଛାତ୍ରୀଙ୍କ ଦେହାନ୍ତ ବିଷୟରେ ଜାଣି ମୁଁ ଦୁଃଖିତ ଓ ▶ପୃଷ୍ଠା-୭

# ପଞ୍ଚଭୂତରେ ଲୀନ ସୌମ୍ୟାଶ୍ରୀ



■ **ବାଲେଶ୍ୱର, ୧୫ା୭ (ସମିସ):** ଘର-ପରିବାର, ବନ୍ଧୁ-ବାନ୍ଧବ, ସାଙ୍ଗସାଥୀ ଏବଂ ଛାତ୍ର ରାଜନୀତିରେ ସକ୍ରିୟ ଥିବାରୁ ବେଶିରୁ ବେଶି କଲେଜ ପରିସର ଭିତରେ ସୀମିତ ଥିବା ସାଧାରଣ ଘରର ଝିଅଟି କିଛି ଦିନ ଭିତରେ ପୂରା ରାଜ୍ୟବାସୀଙ୍କ ଝିଅ ପାଲଟିଗଲା। ତା'ର ସଂଘର୍ଷ, ଯନ୍ତ୍ରଣାର କାହାଣୀକୁ ନେଇ ସବୁରି ମନରେ କ୍ରୋଧ ଓ କ୍ଷୋଭ। ୬ ମାସ ଧରି ନ୍ୟାୟ ପାଇଁ ଲଢ଼େଇ କରି ହାରିଯିବା ପରେ ଆତ୍ମାହୁତି ଦେଇଥିବା ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟର ଛାତ୍ରୀ ସୌମ୍ୟାଶ୍ରୀ ବିଶି ଆଜି ପଞ୍ଚଭୂତରେ ଲୀନ ହୋଇଯାଇଛନ୍ତି। ପୈତୃକ ଗ୍ରାମ ଭୋଗରାଇ ବ୍ଲକ୍ ପଳାସିଆରେ ଆଜି ଏକ ଶୋକାକୁଳ ପରିବେଶ ମଧ୍ୟରେ ତାଙ୍କର ଚିତା ଜଳିଛି। ବ୍ୟବଚ୍ଛେଦ ପରେ ସୌମ୍ୟାଶ୍ରୀଙ୍କ ମରଶରୀର ଗତକାଲି ମଧ୍ୟରାତ୍ରିରେ ଭୁବନେଶ୍ୱର ଏମ୍ସରୁ କଡ଼ା ସୁରକ୍ଷାବଳୟ ବାହାରିଥିଲା। ଆଜି ସକାଳୁ ବାଲେଶ୍ୱର ଜିଲ୍ଲା ଭୋଗରାଇ ବ୍ଲକ୍ ପଳାସିଆ ଗ୍ରାମରେ ପହଞ୍ଚିବା ପରେ ଶୋକାକୁଳ ପରିବେଶ ମଧ୍ୟରେ ସ୍ଥାନୀୟ ଅଞ୍ଚଳର ହଜାର ହଜାର ଲୋକ ସୌମ୍ୟାଶ୍ରୀଙ୍କୁ ଅନ୍ତିମ ବିଦାୟ ଦେଇଥିଲେ। ବାଲେଶ୍ୱର ଜିଲ୍ଲା ପ୍ରଶାସନ, ନେତୃବର୍ଗ ସୌମ୍ୟାଶ୍ରୀଙ୍କ ପରିବାର ନିକଟରେ ପହଞ୍ଚି ସମବେଦନା ଜଣାଇଛନ୍ତି। ପରେ ଗାଁ ମଶାଣିରେ ସୌମ୍ୟାଶ୍ରୀଙ୍କ ଶେଷକୃତ୍ୟ ସଂପନ୍ନ ହୋଇଥିଲା। ତାଙ୍କ ଭାଇ ମୁଖାଗ୍ନି ଦେଇଥିଲେ। ଘଟଣାସ୍ଥଳରେ ୪୦ପ୍ଲାଟୁନ୍ ପୁଲିସ୍ ଫୋର୍ସ ମୁତୟନ ହୋଇଥିବା ବେଳେ ବିଭିନ୍ନ ଛାତ୍ର ସଂଗଠନର ନେତୃବର୍ଗ ଓ କଲେଜ ଛାତ୍ରଛାତ୍ରୀ ସୌମ୍ୟାଶ୍ରୀଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।

ବାଲେଶ୍ୱର ଫୁଲାଡ଼ି ନିକଟରେ ବାଲେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ, ବିଧାୟକ ମାନସ ଦତ୍ତ ପ୍ରମୁଖ ସୌମ୍ୟାଶ୍ରୀଙ୍କ ମରଶରୀରକୁ ଶେଷ ଶ୍ରଦ୍ଧାଞ୍ଜଳି ଜଣାଇବା ସହ ଜନ୍ମମାଟି ପଳାସିଆରେ ପହଞ୍ଚିଥିଲେ। ବାଲେଶ୍ୱର ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ, ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ରାଜ ପ୍ରସାଦ, ଏସଡିପିଓ ମାନସ ସାହୁ ପ୍ରମୁଖ ସୌମ୍ୟାଶ୍ରୀଙ୍କ ମରଶରୀର ସହ ▶ପୃଷ୍ଠା-୭

## ଦୋଷୀଙ୍କୁ କଠୋର ଦଣ୍ଡ: ମୁଖ୍ୟମନ୍ତ୍ରୀ

■ **ଭୁବନେଶ୍ୱର, ୧୫ା୭ (ସମିସ):** ଫକୀର ମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟର ପୀଡ଼ିତା ଛାତ୍ରୀ ସୌମ୍ୟାଶ୍ରୀ ବିଶିଙ୍କ ଦେହାନ୍ତ ଖବରରେ ଗଭୀର ଶୋକବ୍ୟକ୍ତ କରିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ଏହାସହ ମୁଖ୍ୟମନ୍ତ୍ରୀ ଦିବଂଗତ ଛାତ୍ରୀଙ୍କ ପରିବାରର ନିକଟତମ ଆତ୍ମୀୟଙ୍କ ପାଇଁ ରିଲିଫ ପାଣ୍ଠିରୁ ୨୦ ଲକ୍ଷ ଟଙ୍କାର ସହାୟତା ଘୋଷଣା କରିଛନ୍ତି। ଦିବଂଗତ ଆତ୍ମାର ସଦଗତି ପାଇଁ ପ୍ରାର୍ଥନା କରିବା ସହ ସମ୍ପୃକ୍ତ ଘଟଣାର ଉପଯୁକ୍ତ ତଦନ୍ତ କରି ସମସ୍ତ ଦୋଷୀଙ୍କୁ ଆଇନ ଅନୁଯାୟୀ କଠୋରରୁ ଅତି କଠୋର ଦଣ୍ଡ ବିଧାନ କରିବା ପାଇଁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି।

**୨୦ ଲକ୍ଷ ଟଙ୍କାର ସହାୟତା ଘୋଷଣା**

# ମହାକାଶରୁ ଫେରିଲେ ଶୁଭାଂଶୁ

### କାଲିଫର୍ଣ୍ଣିଆ ଉପକୂଳରେ ସୁରକ୍ଷିତ ଅବତରଣ



**୧୨.୨ ନିୟୁତ କିମି ଯାତ୍ରା କରି ପ୍ରତ୍ୟାବର୍ତ୍ତନ**

■ **କାଲିଫର୍ଣ୍ଣିଆ, ୧୫ା୭ (ଏଜେନ୍ସି):** ଭାରତର ଗଗନଯାନ ଯାତ୍ରୀ ତଥା ଗ୍ରୁପ୍ କ୍ୟାପ୍ଟେନ ଶୁଭାଂଶୁ ଶୁକ୍ଲା ପୃଥିବୀକୁ ଫେରିଛନ୍ତି। ପ୍ରଥମ ଭାରତୀୟ ମହାକାଶ ଯାତ୍ରୀ ଭାବେ ସେ ଅନ୍ତର୍ଜାତୀୟ ମହାକାଶ ଷ୍ଟେସନ (ଆଇଏସଏସ)କୁ ଯାଇଥିଲେ। ଆଇଏସଏସରେ ଦୀର୍ଘ ୧୮ ଦିନ ରହିବା ପରେ ଦୀର୍ଘ ୨୨.୫ ଘଣ୍ଟାର ଯାତ୍ରା କରି ଶୁଭାଂଶୁ ମଙ୍ଗଳବାର ଅପରାହ୍ଣ ୩ଟା୨ରେ ସାନ୍ ଡିଏଗୋ ନିକଟସ୍ଥ କାଲିଫର୍ଣ୍ଣିଆ ଉପକୂଳରେ ଅବତରଣ କରିଛନ୍ତି। ସ୍ପେସ୍‌ଏକ୍ସର 'କ୍ରୁ୍ୟ କ୍ୟାପ୍ସୁଲ ଗ୍ରେସ' ଶୁଭାଂଶୁଙ୍କ ସହିତ ଅନ୍ୟ ତିନି ମହାକାଶ ଯାତ୍ରୀଙ୍କୁ ଧରି ସୁରକ୍ଷିତ ଭାବେ ମହାସାଗରରେ ପଡ଼ିଛି। ଏହାର ୫୦ ମିନିଟ ପରେ ଏହି ମହାକାଶଯାନରୁ ଶୁଭାଂଶୁଙ୍କୁ ବାହାରକୁ ବାହାର କରାଯାଇଥିଲା। ସେ ଅଗଷ୍ଟ ୧୭ରେ ଭାରତ ଫେରିବେ ବୋଲି କେନ୍ଦ୍ରମନ୍ତ୍ରୀ ଜିତେନ୍ଦ୍ର ସିଂହ କହିଛନ୍ତି। ଏହି ଐତିହାସିକ ଯାତ୍ରା ପାଇଁ ଶୁଭାଂଶୁଙ୍କୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସ୍ୱାଗତ ଜଣାଇଛନ୍ତି। ଶୁଭାଂଶୁ ନିଜ ସମର୍ପଣ, ସାହସ ଦ୍ୱାରା ଅନେକ ସ୍ୱପ୍ନକୁ ପ୍ରେରଣା ଯୋଗାଇଛନ୍ତି। ଏହା ଭାରତର ନିଜସ୍ୱ ମହାକାଶ ଅଭିଯାନ ଗଗନଯାନ ଦିଗରେ ଆଉ ଏକ ମାଇଲଖୁଣ୍ଟ ସାବ୍ୟସ୍ତ ହୋଇଛି ବୋଲି ମୋଦୀ କହିଛନ୍ତି। ପୁଅ ଫେରିବାକୁ ନେଇ ଶୁଭାଂଶୁଙ୍କ ▶ପୃଷ୍ଠା-୭

## ଫ୍ୟାକ୍ଟ ଫାଇଣ୍ଡିଂ କମିଟି ଗଠନ କଲା ୟୁଜିସି

■ **ଭୁବନେଶ୍ୱର, ୧୫ା୭ (ସମିସ):** ବାଲେଶ୍ୱର ଫକୀର ମୋହନ କଲେଜ ଛାତ୍ରୀ ଆତ୍ମହତ୍ୟା ଘଟଣାର ତଦନ୍ତ ପାଇଁ ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ(ୟୁଜିସି)ଙ୍କ ପକ୍ଷରୁ ମଙ୍ଗଳବାର ଏକ ୪ ଜଣିଆ ଫ୍ୟାକ୍ଟ ଫାଇଣ୍ଡିଂ ଟିମ୍ ଗଠନ ହୋଇଛି। କମିଟିର ଅଧ୍ୟକ୍ଷ ଭାବେ ନୂଆଦିଲ୍ଲୀସ୍ଥିତ ଗୁରୁଗୋବିନ୍ଦ ସିଂ ଇନ୍ଦ୍ରପ୍ରସ୍ଥ ବିଶ୍ୱବିଦ୍ୟାଳୟର ପ୍ରଫେସର ରାଜ କୁମାର ମିତ୍ତଲଙ୍କ ସମେତ ୟୁଜିସିର ପୂର୍ବତନ ସଦସ୍ୟ ପ୍ରଫେସର ସୁଷମା ଯାଦବ, ଗୁଜରାଟ ବିଶ୍ୱବିଦ୍ୟାଳୟର କୁଳପତି ଡଃ ନିରଜା ଗୁପ୍ତା ଏବଂ ସଂଯୋଜକ ଭାବେ ଡଃ ଅସୀମା ମଙ୍ଗଳା(ୟୁଜିସି ଯୁଗ୍ମ ସଚିବ) ରହିଛନ୍ତି। ଏହି କମିଟି ବାଲେଶ୍ୱରରେ ସରଜମିନ୍ ତଦନ୍ତ କରିବା ସହ ଛାତ୍ରୀମାନଙ୍କ ସୁରକ୍ଷା ଓ ନିରାପତ୍ତା ନେଇ ଶିକ୍ଷାନୁଷ୍ଠାନ ଦ୍ୱାରା କ'ଣ ପଦକ୍ଷେପ ନିଆଯାଇଥିଲା ତାହା ତଦାରଖ କରିବେ। କେଉଁ ପରିସ୍ଥିତିରେ ସମ୍ପୃକ୍ତା ଛାତ୍ରୀ ଆତ୍ମହତ୍ୟା କଲେଜ, ତାଙ୍କ ଅଭିଯୋଗର ସମାଧାନ ପାଇଁ କି ପଦକ୍ଷେପ ନିଆଯାଇଥିଲା ଓ ଛାତ୍ରଛାତ୍ରୀଙ୍କୁ ସହାୟତା ପାଇଁ କଲେଜରେ କି ବ୍ୟବସ୍ଥା ରହିଛି ଆଦି ଅନୁଧ୍ୟାନ କରିବେ ବୋଲି ଜଣାପଡ଼ିଛି। ୭ ଦିନ ମଧ୍ୟରେ କମିଟି ନିଜର ରିପୋର୍ଟ ୟୁଜିସି କର୍ତ୍ତୃପକ୍ଷଙ୍କ ନିକଟରେ ଦାଖଲ କରିବାକୁ ନିର୍ଦ୍ଦେଶନାମାରେ ଉଲ୍ଲେଖ ରହିଛି।

**ସପ୍ତାହକ ମଧ୍ୟରେ ଦେବ ରିପୋର୍ଟ**

## ଅଧ୍ୟକ୍ଷଙ୍କ ବିରୋଧରେ ସଙ୍ଗୀନ ଦଫା

■ **ବାଲେଶ୍ୱର, ୧୫ା୭(ସମିସ):** ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟର ଛାତ୍ରୀ ସୌମ୍ୟାଶ୍ରୀ ବିଶିଙ୍କ ମୃତ୍ୟୁ ଘଟଣାରେ ଗତକାଲି ଗିରଫ ହୋଇଥିବା ନିଲମ୍ବିତ ଅଧ୍ୟକ୍ଷ ଦିଲ୍ଲୀପ ଘୋଷଙ୍କୁ ୧୪ଦିନ ପାଇଁ ବିଚାର ବିଭାଗୀୟ ହାଜତକୁ ପଠାଯାଇଛି। ଗିରଫ ଅଧ୍ୟକ୍ଷଙ୍କ ନାମରେ ୭ଟି ସଙ୍ଗୀନ ଦଫା ଲଗାଯାଇଛି। ଏହା ଭିତରେ ଛାତ୍ରୀଙ୍କୁ ଆତ୍ମହତ୍ୟା କରିବା ପାଇଁ ପରୋକ୍ଷରେ ପ୍ରବର୍ତ୍ତାଇବା (ବିଏନ୍ଏସ୍-୧୦୮) ଭଳି ସଂଗିନ୍ ଦଫା ରହିଛି। ସେହିପରି ଅନ୍ୟ ଦଫାଗୁଡ଼ିକ ହେଲା, ଶାରୀରିକ ନିର୍ଯାତନା ଦେବା ବିଏନ୍ଏସ୍-୭୫(୨), ଶାରୀରିକ ସମ୍ପର୍କ ରଖିବା ପାଇଁ ଇଛା ପ୍ରକାଶ କରିବା ବିଏନ୍ଏସ୍-୭୮(୨), କଥାରେ କିମ୍ବା ଇଙ୍ଗିତରେ ଶାରୀରିକ ସମ୍ପର୍କ ରଖିବା ପାଇଁ ବାଧ କରିବା ବିଏନ୍ଏସ୍-୭୯, ଧମକ ଦେବା ବିଏନ୍ଏସ୍-୩୫୧(୨), ଜାଣିଶୁଣି ପ୍ରମାଣ ଲୁଚାଇବା ବିଏନ୍ଏସ୍-୨୩୮ ଏବଂ ମିଳିତ ଭାବେ ଷଡ଼ଯନ୍ତ୍ର କରିବା ବିଏନ୍ଏସ୍-୬୧(୨) ଇତ୍ୟାଦି।

# ଆଜି ପ୍ରବଳ ବର୍ଷା ଆଶଙ୍କା

■ **ଭୁବନେଶ୍ୱର, ୧୫ା୭ (ସମିସ):** ଦକ୍ଷିଣ-ପୂର୍ବ ଗାଙ୍ଗେୟ ପଶ୍ଚିମବଙ୍ଗ ଉପତ୍ୟକା, ବାଂଲାଦେଶ ଉପକୂଳ ଅଞ୍ଚଳରେ ସକ୍ରିୟ ଥିବା ଅବପାତ ସାମାନ୍ୟ ଦୁର୍ବଳ ହୋଇ ସଦୃଶ ଲଘୁଚାପର ରୂପ ନେଇଛି। ବର୍ତ୍ତମାନ ଏହା ଉତ୍ତର ଝାଡ଼ଖଣ୍ଡ ଓ ସଂଲଗ୍ନ ଅଞ୍ଚଳ ଉପରେ ସକ୍ରିୟ ରହିଥିବା ବେଳେ ଆଗାମୀ ୨୪ ଘଣ୍ଟା ଯାଏଁ ପଶ୍ଚିମ ଉତ୍ତର-ପଶ୍ଚିମ ଦିଗରେ ଗତି କରି ଝାଡ଼ଖଣ୍ଡ, ଦକ୍ଷିଣ ବିହାର ଓ ଉତ୍ତରପ୍ରଦେଶ ମୁହାଁ ହେବ। ଏହାର ପ୍ରଭାବରେ ଓଡ଼ିଶାର ବିଭିନ୍ନ ସ୍ଥାନରେ ପ୍ରବଳ ବର୍ଷା ଜାରି ରହିଛି। ମଙ୍ଗଳବାର ରାତିରେ ଭୁବନେଶ୍ୱର ସମେତ ରାଜ୍ୟର କିଛି ସ୍ଥାନରେ ଭଲ ବର୍ଷା ହୋଇଥିବା ବେଳେ ଆଉ ଦୁଇ ତିନି ଦିନ ପର୍ଯ୍ୟନ୍ତ କିଛି କିଛି ବର୍ଷା ଜାରି ରହିବାର ସମ୍ଭାବନା ରହିଛି।

ବିଶେଷକରି ଉତ୍ତର-ପଶ୍ଚିମ ଓଡ଼ିଶାରେ ଦୁଇ ଦିନ ପର୍ଯ୍ୟନ୍ତ ବର୍ଷାର ପ୍ରଭାବ ଜାରି ରହିବା ସହ ଏହି ସମୟରେ କିଛି କିଛି ସ୍ଥାନରେ ପ୍ରବଳ ବର୍ଷା ସମ୍ଭାବନା ରହିଛି। ଏହା ପ୍ରଭାବରେ ମହାନଦୀ, ବୁଢ଼ାବଳଙ୍ଗ, ସୁବର୍ଣ୍ଣରେଖା, ବ୍ରାହ୍ମଣୀ ଆଦି ନଦୀରେ ଜଳସ୍ତର ବୃଦ୍ଧି ଆଶଙ୍କା ରହିଛି। ଫଳରେ ଏହି ସବୁ ନଦୀରେ ବନ୍ୟା ସୃଷ୍ଟି ହେବାର ମଧ୍ୟ ଆଶଙ୍କା ରହିଛି। ପାଣିପାଗ କେନ୍ଦ୍ରର ନିର୍ଦ୍ଦେଶିକା ମନୋରମା ମହାନ୍ତି କହିଛନ୍ତି ଯେ ଆସନ୍ତା ୨୪ଘଣ୍ଟା ପାଇଁ ବିଶେଷ କରି ଓଡ଼ିଶାର ମୟୂରଭଞ୍ଜ, କେନ୍ଦୁଝର, ଝାରସୁଗୁଡ଼ା, ସମ୍ବଲପୁର, ସୁନ୍ଦରଗଡ ଜିଲ୍ଲା ପାଇଁ ଜଳଭଣ୍ଡାର ଓ ଏହାର ଆଖପାଖ ଅଞ୍ଚଳରେ ଜଳ ପ୍ରବାହ ସ୍ଥିତି ଯୋଗୁଁ ସାମ୍ଭାବ୍ୟ ଅଚାନକ ବନ୍ୟା ପରିସ୍ଥିତି ବା ଫ୍ଲାସଫ୍ଲଡ ହେବାର ସମ୍ଭାବନା ରହିଛି। ଏନେଇ ସ୍ଥାନୀୟ ବାସିନ୍ଦାମାନଙ୍କୁ ସତର୍କ ରହିବା ପାଇଁ ସୂଚୀତ କରାଯାଇଛି। ବନ୍ୟା ଦ୍ୱାରା ପନିପରିବା ଫସଲ ଚାଷ ପ୍ରଭାବିତ ହେବାର ସମ୍ଭାବନା ରହିଛି। ଅତ୍ୟଧିକ ଜଳ ପ୍ରବାହ ଯୋଗୁଁ ଜଳବନ୍ଦୀ ଭଳି ବିଭିନ୍ନ ସମସ୍ୟା ଉପୁଜିପାରେ ବୋଲି ପାଣିପାଗ କେନ୍ଦ୍ର ପକ୍ଷରୁ ▶ପୃଷ୍ଠା-୭



# ୨୦ ଲକ୍ଷ ଲୋକଙ୍କ ପେଟକୁ ଦାନା ବନ୍ଦ

■ **ଭୁବନେଶ୍ୱର, ୧୫ା୭ (ସମିସ):** ବର୍ତ୍ତମାନ ସୁଦ୍ଧା ରାଜ୍ୟରେ ୨୦ଲକ୍ଷ ୫୮ ହଜାର ଲୋକ ଇ-କେୱାଇସି କରିନାହାନ୍ତି। ସେଥିପାଇଁ ସେମାନଙ୍କ ଚାଉଳ ବନ୍ଦ କରାଯାଇଛି। ସେମାନେ ଇ-କେୱାଇସି କରିବା ପରେ ସରକାର ଚାଉଳ ଦେବେ। ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଆଜି ଗଣମାଧ୍ୟମକୁ ଦେଇଛନ୍ତି ଏପରି ସୂଚନା। ସେ କହିଛନ୍ତି ଯେ ଇ-କେୱାଇସି କରିନଥିବା ଲୋକଙ୍କ ପାଇଁ ୩ ମାସ ଅପେକ୍ଷା କରାଯିବ ଓ କାର୍ଡଗୁଡ଼ିକୁ ସେହି ସମୟରେ ଅଚଳ ଅବସ୍ଥାରେ ରହିବ। ଯଦି ୩ ମାସ ଭିତରେ ସେମାନେ ଇ-କେୱାଇସି ନ କରିବେ, କାର୍ଡଗୁଡ଼ିକୁ କାଟି ଦିଆଯିବ।

ରାସନ କାର୍ଡରେ ଥିବା ଅଯୋଗ୍ୟ ହିତାଧିକାରୀଙ୍କୁ ଚିହ୍ନଟ ପାଇଁ ସରକାର ଇ-କେୱାଇସି ବ୍ୟବସ୍ଥା ଆରମ୍ଭ କରିଥିଲେ। ଯେଉଁମାନେ ଏହି ପ୍ରକ୍ରିୟାରେ କୌଣସି କାରଣବଶତଃ ସାମିଲ ହୋଇପାରିବେନି, ସେମାନଙ୍କ ଘରକୁ ଯାଇ ଯୋଗାଣ ବିଭାଗର ଅଧିକାରୀମାନେ ତାଙ୍କର ସ୍ଥିତବସ୍ଥା ଯାଞ୍ଚ କରିବେ। ସେମାନେ ରାଜ୍ୟ ବାହାରେ ଥିଲେ ଅବା କୌଣସି କାରଣବଶତଃ ଇ-କେୱାଇସି କରିପାରିନଥିବେ, ଯାଞ୍ଚ କରି ସେହି ଅନୁସାରେ ପଦକ୍ଷେପ ନେବେ। ବାସ୍ତବରେ କେତେ ଯୋଗ୍ୟ ହିତାଧିକାରୀ ରାସନ ପାଉଛନ୍ତି, ଚିହ୍ନଟ ପାଇଁ ଯୋଗାଣ ବିଭାଗ

### ଚିନ୍ତାରେ ପ୍ରବାସୀ ଶ୍ରମିକ ଓ ବରିଷ୍ଠ ନାଗରିକ

ଏଭଳି ବ୍ୟବସ୍ଥା ଆପଣାଇଛି ବୋଲି ଯୋଗାଣ ମନ୍ତ୍ରୀ ସେତେବେଳେ କହିଥିଲେ; ମାତ୍ର ଏବେ ଇ-କେୱାଇସି କରିନଥିବା ଲୋକଙ୍କୁ ରାସନ ମିଳିବନି ବୋଲି ମନ୍ତ୍ରୀ କହିବା ଅନେକଙ୍କ ପାଇଁ ଚିନ୍ତା ବଢ଼ାଇଛି। ଏହାପରେ ରାଜ୍ୟ ବାହାରେ କାମ କରୁଥିବା ଦାଦନ ଶ୍ରମିକଙ୍କର ଭାଳେଣି ପଡ଼ିଛି। ସେମାନେ ବାହାରେ ରହୁଥିବାରୁ ଇ-କେୱାଇସି କରିପାରୁନାହାନ୍ତି। ଏପରିସ୍ଥଳେ ଚାଉଳ ନ ମିଳିଲେ ଗରିବ ଲୋକ କେମିତି ଗୁଜୁରାଣ ମେଣ୍ଟାଇବେ ଏବେ ସେହି ଚିନ୍ତା ସମସ୍ତଙ୍କୁ ଘାରୁଛି।

ବର୍ଷକ ତଳେ ରାଜ୍ୟରେ ଇ-କେୱାଇସି ଆରମ୍ଭ ହୋଇଥିଲା। ରାସନ ଡିଲର୍‌ମାନେ ପରିବାର ସମସ୍ତଙ୍କର ଆଧାରକାର୍ଡ ଅନୁସାରେ ଇ-କେୱାଇସି କରୁଥିଲେ। ବାହାରେ ରହୁଥିବା ଲୋକମାନେ ଅସୁବିଧାରେ ପଡ଼ିଲେ। ସରକାର କହିଲେ, ଜନସେବା କେନ୍ଦ୍ର ସାହାଯ୍ୟରେ ବି ଲୋକମାନେ ନିଜର ଇ-କେୱାଇସି ଅପ୍‌ଡେଟ୍ କରିବେ। ହେଲେ ଏହି ସୁବିଧା ଉପଲବ୍ଧ ହୋଇପାରିଲା ନାହିଁ। ତେଣୁ ଲୋକମାନେ ବାହାରେ ରହୁଥିବାରୁ ଏହି ପ୍ରକ୍ରିୟାରେ ସାମିଲ ହୋଇପାରିଲେ ନାହିଁ। ରାଜ୍ୟରେ ପାଖାପାଖି ୮୫ ଲକ୍ଷ ରାସନ କାର୍ଡ ରହିଛି। ୩କୋଟିରୁ ଊର୍ଦ୍ଧ୍ୱ ଲୋକ ରାସନ ପାଉଛନ୍ତି। ବର୍ତ୍ତମାନ ସୁଦ୍ଧା ୭୦ ପ୍ରତିଶତ ଲୋକ ଇ-କେୱାଇସି କରିସାଲେଣି। ବାକି ୩୦ ପ୍ରତିଶତ ଭିତରେ ଅଧିକାଂଶ ବୃଦ୍ଧା/ବୃଦ୍ଧା ଅଛନ୍ତି। ସେମାନଙ୍କର ବୟସାଧିକ କାରଣରୁ ଆଖି ଓ ଟିପ ଦ୍ୱାରା କେୱାଇସି ଅପ୍‌ଡେଟ୍ ହୋଇପାରୁନି। ସେଭଳି କିଛି ଲୋକ ରାଜ୍ୟ ତଥା ଦେଶ ବାହାରେ ବି ଶ୍ରମିକ ଭାବେ କାମ କରୁଛି। ଯେଉଁମାନେ ଇ-କେୱାଇସି କରିବାକୁ ସମର୍ଥ ନୁହନ୍ତି। ତେଣୁ ଏପରିସ୍ଥଳେ ସରକାର ଏମାନଙ୍କ ପାଇଁ ବିକଳ୍ପ ପନ୍ଥା ଆପଣାନ୍ତୁ ବୋଲି ସାଧାରଣରେ ଦାବି ହେଉଛି। ହଠାତ୍ ଏମିତି ରାସନ ବନ୍ଦ କରିଦେଲେ, ସାଧାରଣ ଲୋକ ସର୍ବହରା ହୋଇଯିବେ ବୋଲି ବୁଦ୍ଧିଜୀବୀ ମହଲରେ ମତପ୍ରକାଶ ପାଉଛି।

ଅନ୍ୟପକ୍ଷରେ ରାସନ ଯୋଗାଣକୁ ନେଇ ରାଜ୍ୟରେ ବହୁ ଏକାଧିକ ସମସ୍ୟା ରହିଛି। ଏହାକୁ ଯୋଗାଣ ବିଭାଗ ସମାଧାନ କରିବାରେ ବିଫଳ ହୋଇଛି। ବିଶେଷକରି 'ୱାନ୍ ରାସନ୍ ୱାନ୍ ନେସନ୍' ବ୍ୟବସ୍ଥା ୩ ବର୍ଷ ହେଲା ଦେଶରେ ଲାଗୁ ହୋଇଥିଲେ ବି ଏପର୍ଯ୍ୟନ୍ତ ▶ପୃଷ୍ଠା-୭

# ୫ ବର୍ଷରେ ୬୫ ବିମାନ ଇଞ୍ଜିନ ବନ୍ଦ

ନୂଆଦିଲ୍ଲୀ, ୧୫।୭ (ଏଜେନ୍ସି): ଭାରତରେ ଗତ ୫ ବର୍ଷରେ ଉଡ଼ାଣ କରିବା ସମୟରେ କିମ୍ବା ଆକାଶ ମାର୍ଗରେ ଥିବାବେଳେ ୬୫ ବିମାନର ଇଞ୍ଜିନ ବନ୍ଦ (ସଟ୍‌ଡାଉନ) ହୋଇଯାଇଛି। ଅର୍ଥାତ୍ ମାସକୁ ଅତିକମରେ ଗୋଟିଏ ବିମାନର ଇଞ୍ଜିନ ବନ୍ଦ ହୋଇଛି। ତେବେ ସବୁ ମାମଲାରେ ପାଇଲଟ୍ ଗୋଟିଏ ଇଞ୍ଜିନରେ ବିମାନକୁ ନିକଟସ୍ଥ ବିମାନବନ୍ଦରକୁ ପହଞ୍ଚାଇବାରେ ସଫଳ ହୋଇଛନ୍ତି। ଏକ ସୂଚନା ଅଧିକାର (ଆରଟିଆଇ) ବଳରେ ଡିଜିସିଏ ପକ୍ଷରୁ ଟାଇମ୍ସ ଅଫ୍ ଇଣ୍ଡିଆକୁ ଏହି ସୂଚନା ମିଳିଛି। ରିପୋର୍ଟରୁ ଜଣାପଡ଼ିଛି ଯେ ୨୦୨୪ ଜାନୁଆରୀ ୧ରୁ ୨୦୨୫ ମେ' ୩୧ ମଧ୍ୟରେ ୧୭ ମାସରେ ୧୧ ବିମାନ 'ମେଡେ'କଲ୍ କରିଛନ୍ତି। ଏଥିରେ ଯାନ୍ତ୍ରିକ ତ୍ରୁଟି ସୂଚନା ଦିଆଯାଇଥିଲା ଏବଂ ଜରୁରୀ ଅବତରଣ ପାଇଁ ଅନୁମତି ମଗା ଯାଇଥିଲା। ଏହା ମଧ୍ୟରୁ ୪ଟି ବିମାନ କେବଳ ହାଇଦରାବାଦରେ ଅବତରଣ କରିଥିଲା।



### ପ୍ରତି ମାସରେ ଗୋଟିଏ ବିମାନର ଇଞ୍ଜିନ ବନ୍ଦ

### ୧୭ ମାସରେ ୧୧ 'ମେଡେ' କଲ୍ ଆସିଛି

ଏହି ଆରଟିଆଇ ରିପୋର୍ଟରେ ଦୁର୍ଘଟଣାଗ୍ରସ୍ତ ବୋଇଂ ଡ୍ରିମଲାଇନର ଏବଂ ଜୁନ୍ ୧୯ରେ ଇଣ୍ଡିଗୋର ଗୌହାଟୀ-ଚେନ୍ନାଇ ବିମାନ ସାମିଲ ନାହିଁ। ଇନ୍ଧନ କମ୍ ହେବା ଯୋଗୁଁ ଏହି ବିମାନର ଗତିପଥକୁ ପରିବର୍ତ୍ତନ କରାଯାଇଥିଲା।

ଫ୍ରେଞ୍ଚ ଶବ୍ଦ 'ମେଡେ'ର ଅର୍ଥ ମୋତେ ବଞ୍ଚାଅ। ସାଧାରଣତଃ ରେଡିଓ ମାଧ୍ୟମରେ ଏଟିସି କିମ୍ବା ଆଖପାଖର ଅନ୍ୟ ବିମାନକୁ ଏହି ବାର୍ତ୍ତା ଦିଆଯାଇଥାଏ। ତୁରନ୍ତ ସହାୟତା ଲାଗି ତଥା ଜରୁରୀ ସ୍ଥିତିର ମୁକାବିଲା ପାଇଁ ଏହି ସଙ୍କେତ ବ୍ୟବହାର କରାଯାଇଥାଏ। ଅହମଦାବାଦ ବିମାନ ଦୁର୍ଘଟଣା ପୂର୍ବରୁ ମଧ୍ୟ ପାଇଲଟ ଏହି ବାର୍ତ୍ତା ଦେଇ ସହାୟତା ମାଗିଥିଲେ। କିନ୍ତୁ ଏହା ପୂର୍ବରୁ ବିମାନ ଦୁର୍ଘଟଣାଗ୍ରସ୍ତ ହୋଇଯାଇଥିଲା। ଏହାର ପ୍ରାଥମିକ ରିପୋର୍ଟ ଆସିବା ପରେ ଦିନକ ତଳେ ଡିଜିସିଏ ସବୁ ବୋଇଂ ବିମାନର ଇନ୍ଧନ ସ୍ୱିଚ୍ ଯାଞ୍ଚ କରିବା ପାଇଁ ଏୟାରଲାଇନ୍ସ ଗୁଡ଼ିକୁ ନିର୍ଦ୍ଦେଶ ଦେଇଥିଲା। ଏଏଆଇବିର ଯାଞ୍ଚ ରିପୋର୍ଟରେ କୁହାଯାଇଥିଲା ଯେ ଚେତାବନୀ ସତ୍ତ୍ୱେ ଏଆଇ-୧୭୧ ବିମାନର ଉଡ଼ାଣ କରାଯାଇଥିଲା। ଉଡ଼ାଣ ଆରମ୍ଭ ହେବା ପୂର୍ବରୁ ପାଇଲଟ 'ଷ୍ଟାବ୍ ପୋସ୍ ଏକ୍ସଡିସିଆର' ନାମକ ଚେତାବନୀ ଦେଇଥିଲେ। ବିମାନର ସନ୍ତୁଳନ ବଜାୟ ରଖୁଥିବା ସେନ୍‌ସର୍ ଫେଲ୍ ହୋଇପାରେ ବୋଲି ଏହା ବାର୍ତ୍ତା ଦେଉଛି। କିନ୍ତୁ ଏହାକୁ ଅଣଦେଖା କରାଯାଇଥିଲା।


**ଅହମଦାବାଦ ଦୁର୍ଘଟଣାର ୪ ସପ୍ତାହ ପୂର୍ବରୁ ବ୍ରିଟେନ ଦେଇଥିଲା ଚେତାବନୀ**

## ବୋଇଂ ବିମାନର 'ଇନ୍ଧନ ସ୍ୱିଚ୍' ଯାଞ୍ଚ କରି ବଦଳାଅ




ଲଣ୍ଡନ, ୧୫।୭ (ଏଜେନ୍ସି): ବୋଇଂ ବିମାନର ରକ୍ଷଣାବେକ୍ଷଣକୁ ନେଇ ବ୍ରିଟେନ ବେସାମରିକ ବିମାନ ଚଳାଚଳ କର୍ତ୍ତୃପକ୍ଷ (ସିଏଏ) ଚାଞ୍ଚଲ୍ୟକର ତଥ୍ୟ ଦେଇଛନ୍ତି। ଅହମଦାବାଦ ବିମାନ ଦୁର୍ଘଟଣାର ଚାରି ସପ୍ତାହ ପୂର୍ବରୁ ବୋଇଂ ବିମାନର 'ଫୁଏଲ କଣ୍ଟ୍ରୋଲ ସ୍ୱିଚ୍'କୁ ନେଇ ଚେତାବନୀ ଜାରି କରାଯାଇଥିଲା ବୋଲି କୁହାଯାଇଛି। ସିଏଏ ମେ'୧୫ରେ ଏ ନେଇ ଏୟାରଲାଇନ୍ସ ମାନଙ୍କ ନିମନ୍ତେ ନିର୍ଦ୍ଦେଶ ଜାରି କରିଥିଲା। ଆମେରିକାର ଫେଡେରାଲ ଆଭିଏସନ ଆଡମିନିଷ୍ଟ୍ରେସନ (ଏଫଏଏ) ନିର୍ଦ୍ଦେଶ ପାଳନ କରିବାକୁ କୁହାଯାଇଥିଲା। ବୋଇଂ ୭୩୭, ୭୫୭, ୭୬୭, ୭୭୭ ଏବଂ ୭୮୭ ବିମାନର 'ଫୁଏଲ ସଟ୍‌ଅଫ୍ ଭାଲ୍‌ଭ ଆକ୍ଟ୍ୟୁଏଟର୍ସ'କୁ ସମ୍ଭାବ୍ୟ ବିପଦ କୁହାଯାଇଥିଲା। ବ୍ରିଟେନ ଆସୁଥିବା ସବୁ ଏୟାରଲାଇନ୍ସକୁ ଏହି ନିର୍ଦ୍ଦେଶ ଜାରି କରି ଏହ ଭାଲ୍‌ଭ୍ସ ଯାଞ୍ଚ କରିବାକୁ କୁହାଯାଇଥିଲା। ଆବଶ୍ୟକ ପଡ଼ିଲେ ବଦଳାଇବାକୁ କିମ୍ବା ମରାମତି କରିବାକୁ କିମ୍ବା ପ୍ରତିଦିନ ବାଧ୍ୟତାମୂଳକ ଭାବେ ଯାଞ୍ଚ କରିବାକୁ ସିଏଏ ପକ୍ଷରୁ କୁହାଯାଇଥିଲା। ଅହମଦାବାଦରେ ଦୁର୍ଘଟଣାଗ୍ରସ୍ତ ଡ୍ରିମ୍‌ଲାଇନର ୭୮୭ ବିମାନରେ ମଧ୍ୟ ଏଭଳି ହୋଇଥିଲା। ପ୍ରାଥମିକ ଯାଞ୍ଚ ରିପୋର୍ଟରେ ଫୁଏଲ ସ୍ୱିଚ ବନ୍ଦ ଥିବାରୁ ଦୁର୍ଘଟଣା ଘଟିଲା ବୋଲି କୁହାଯାଇଛି। ସୂଚନାଯୋଗ୍ୟ ଯେ 'ଫୁଏଲ ସଟ୍‌ଅଫ୍ ଭାଲ୍‌ଭ' ଏକ ଗୁରୁତ୍ୱପୂର୍ଣ୍ଣ ସୁରକ୍ଷା ଡିଭାଇସ। ଏହା ଆବଶ୍ୟକ ପଡ଼ିଲେ ଇଞ୍ଜିନକୁ ଇନ୍ଧନ ଯୋଗାଣ ବନ୍ଦ କରିଦେଇଥାଏ। ଇଞ୍ଜିନରେ ନିଆଁ ଲାଗିଲେ, ଜରୁରୀ ଅବତରଣ ଏବଂ ରକ୍ଷଣାବେକ୍ଷଣ ସମୟରେ ଏହାକୁ ବ୍ୟବହାର କରାଯାଇଥାଏ।

## ଅଭିନେତା ଧୀରଜ କୁମାରଙ୍କ ପରଲୋକ



ମୁମ୍ବାଇ, ୧୫।୭ (ଏଜେନ୍ସି): ଅଭିନେତା ତଥା ନିର୍ଦ୍ଦେଶକ ଧୀରଜ କୁମାରଙ୍କ ପରଲୋକ ହୋଇଛି। ତାଙ୍କୁ ୭୯ ବର୍ଷ ହୋଇଥିଲା। ନିଃଶ୍ୱାସପ୍ରଶ୍ୱାସରେ ସମସ୍ୟା ହେବା ଯୋଗୁଁ ତାଙ୍କୁ ସୋମବାର କୋକିଳାବେନ ଧୀରୁଭାଇ ଅମ୍ବାନୀ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ସ୍ୱାସ୍ଥ୍ୟାବସ୍ଥା ଜଟିଳ ହେବାରୁ ତାଙ୍କୁ ଭେଣ୍ଟିଲେଟରରେ ରଖା ଯାଇଥିଲା। ଶେଷରେ ମଙ୍ଗଳବାର ଦ୍ୱିପହରେ ସେ ପ୍ରାଣ ହରାଇ ଥିଲେ। ସେ ନିମୋନିଆରେ ଆକ୍ରାନ୍ତ ଥିଲେ। ଶୁକ୍ରବାର ସକାଳେ ଭିଲେ ପାର୍ଲେ ସ୍ଥିତ ପବନହଂସ ଶ୍ମଶାନରେ ତାଙ୍କ ଅନ୍ତିମ ସଂସ୍କାର କରାଯିବ। ଚଳଚ୍ଚିତ୍ର ହୀରା ପନ୍ନା, ରୋଟି କପଡ଼ା ଏବଂ ମକାନ, ବହାରେଂ ଫୁଲ ବରସାଓ ଭଳି ଅନେକ ସୁପରହିଟ୍ ଚଳଚ୍ଚିତ୍ରରେ ଧୀରଜ ଅଭିନୟ କରିଥିଲେ। ମିଲି, ଘର କି ଲକ୍ଷ୍ମୀ ବେଟିଆଁ ଏବଂ ମାଏକା ଆଦିରେ ସେ ନିର୍ଦ୍ଦେଶନା ଦେଇଥିଲେ। ତାଙ୍କ ମୃତ୍ୟୁରେ ସିନେ ଜଗତରେ ଶୋକର ଛାୟା ଖେଳି ଯାଇଛି।

## ଆତ୍ମସମର୍ପଣ ପରେ ରାହୁଲ ଗାନ୍ଧୀଙ୍କୁ ଜାମିନ

ଲକ୍ଷ୍ନୌ, ୧୫।୭ (ଏଜେନ୍ସି): ଭାରତୀୟ ସେନା ବିରୋଧରେ ବିବାଦୀୟ ଟିପ୍ପଣୀ ଦେବା ମାମଲାରେ ଲୋକସଭା ବିରୋଧୀ ଦଳ ନେତା ତଥା କଂଗ୍ରେ ସାଂସଦ ରାହୁଲ ଗାନ୍ଧୀ ମଙ୍ଗଳବାର ଦ୍ୱିପହରେ ଲକ୍ଷ୍ନୌ କୋର୍ଟରେ ଆତ୍ମସମର୍ପଣ କରିଛନ୍ତି। ଏହାର ୫ ମିନିଟ ପରେ ଆବେଦନ ଉପରେ ବିଚାର କରି କୋର୍ଟ ତାଙ୍କୁ ଜାମିନ ପ୍ରଦାନ କରିଥିଲେ। ଆଡିସନାଲ ଚିଫ୍ ଜୁଡିସିଆଲ ମାଜିଷ୍ଟ୍ରେଟ ଆଲୋକ ବର୍ମା ୨୦ ହଜାର ଟଙ୍କାର ଦୁଇଟି ବଣ୍ଡରେ ରାହୁଲଙ୍କୁ ଜାମିନ ଦେଇଥିଲେ। ରାହୁଲ ପ୍ରାୟ ୩୦ ମିନିଟ ପାଇଁ କୋର୍ଟ ଭିତରେ ରହିଥିଲେ। ପୂର୍ବରୁ ଏହି ମାମଲାରେ ତାଙ୍କୁ କୋର୍ଟ ସମନ ଜାରି କରିଥିଲେ।

## ଶହେ କ୍ରାଇମ ଧାରାବାହିକ ଦେଖି ସ୍ୱାମୀଙ୍କୁ ହତ୍ୟା

ମୁଜଫରପୁର, ୧୫।୭ (ଏଜେନ୍ସି): ବିହାର ମୁଜଫରପୁରରୁ ଚାଞ୍ଚଲ୍ୟକର ମାମଲା ସାମ୍ନାକୁ ଆସିଛି। ପରକୀୟାପ୍ରୀତି ସନ୍ଦେହ କରି ସ୍ତ୍ରୀ ସ୍ୱାମୀକୁ ହତ୍ୟା କରିଛି। ତେବେ ଏହି ହତ୍ୟା ପାଇଁ ସ୍ତ୍ରୀ ଶହେରୁ ଅଧିକ କ୍ରାଇମ ଧାରାବାହିକ ଦେଖିଥିଲେ। ଗୁଗଲ ଏବଂ ୟୁଟ୍ୟୁବରୁ ହତ୍ୟା କେମିତି କରନ୍ତି ତାହା ଶିଖିଥିଲେ। ପରେ ନୋଟ୍ ବନାଇ ହତ୍ୟା ଷଡ଼ଯନ୍ତ୍ର କରିଥିଲେ। ଗତ ୭ ତାରିଖରେ ଏହି ହତ୍ୟାକାଣ୍ଡ ଘଟିଥିଲାବେଳେ ପୁଲିସ ୧୩ ତାରିଖରେ ପତ୍ନୀ ସବା ଫରଦୋସଙ୍କୁ ଗିରଫ କରିଥିଲା। ସେ ଜେରା ସମୟରେ ଏହା ସ୍ୱୀକାର କରିଛନ୍ତି। ଫରଦୋସ କହିଛନ୍ତି ଯେ ସେ ଅଧିକାରୀ ହେବାକୁ ଚାହୁଁଥିଲେ। ୨୦୧୨ରେ ସେ ସମୟରେ ପଞ୍ଚାୟତ ରୋଜଗାର ସେବକ ଭାବେ କାର୍ଯ୍ୟ କରୁଥିବା ମୁମତାଜଙ୍କୁ ବିବାହ କରିଥିଲେ। ଉଭୟଙ୍କର ତିନି ଶିଶୁ ଅଛନ୍ତି। କିଛି ଦିନ ତଳେ ଅନ୍ୟ ଜଣେ ମହିଳାଙ୍କ ସହ ସ୍ୱାମୀ ସମ୍ପର୍କ ରଖିଥିବା ସେ ଜାଣିବାକୁ ପାଇଥିଲେ। ଏହାକୁ ବିରୋଧ କଲେ ମାରପିଟ କରୁଥିଲେ। ଶେଷରେ ଅତିଷ୍ଠ ହୋଇ ୧୭ ଥର ଛୁରା ମାରି ସ୍ୱାମୀଙ୍କୁ ହତ୍ୟା କରିଥିଲି।

## ଛାତ୍ରୀଙ୍କୁ ଦୁଷ୍କର୍ମ କରି ୨ ଅଧ୍ୟାପକ ଓ ବନ୍ଧୁ ଗିରଫ



ବେଙ୍ଗାଲୁରୁ, ୧୫।୭ (ଏଜେନ୍ସି): ଗୁରୁ ଏବଂ ଶିଷ୍ୟର ସମ୍ପର୍କକୁ ବଦ୍‌ନାମ କରିବା ଭଳି ଘଟଣା ସମାଜରେ ବଢ଼ିବାରେ ଲାଗିଛି। ଏବେ ଏଭଳି ଏକ ମାମଲା ବେଙ୍ଗାଲୁରୁରୁ ସାମ୍ନାକୁ ଆସିଛି। ଏଠାକାର ଏକ ଘରୋଇ କଲେଜର ପଦାର୍ଥ ବିଜ୍ଞାନ ଅଧ୍ୟାପକ ନରେନ୍ଦ୍ର ଏବଂ ଜୀବ ବିଜ୍ଞାନ ଅଧ୍ୟାପକ ସନ୍ଦୀପ ଏବଂ ତାଙ୍କ ବନ୍ଧୁ ଅନୁପ ମିଶି ଜଣେ ଛାତ୍ରୀଙ୍କୁ ଅନେକ ଥର ଦୁଷ୍କର୍ମ କରିଛନ୍ତି। ଏହି ମାମଲାରେ ତିନି ଜଣଙ୍କୁ ଗିରଫ କରାଯାଇଛି। ବେଙ୍ଗାଲୁରୁ ପୁଲିସ ସୂଚନା ଅନୁଯାୟୀ ନରେନ୍ଦ୍ର ଛାତ୍ରୀଙ୍କୁ ନୋଟ୍ ଦେବା ବାହାନାରେ ବେଙ୍ଗାଲୁରୁ ଡାକିଥିଲେ। ପରେ ତାଙ୍କ ବନ୍ଧୁ ଅନୁପଙ୍କ ଘରକୁ ନେଇ ବଳାତ୍କାର କରିଥିଲେ। ଏହା ପରେ ପୀଡିତାଙ୍କ ସହ ନରେନ୍ଦ୍ରର ଏକ ଭିଡିଓ କ୍ଲିପ୍‌କୁ ସନ୍ଦୀପ ରେକର୍ଡ କରି ନେଇଥିଲେ। ସେ ଏହି ଆଧାରରେ ପୀଡିତାଙ୍କୁ ବ୍ଲାକମେଲ୍ କରି ଅନେକ ଦିନ ଧରି ବଳାତ୍କାର କରିଥିଲେ। ତୃତୀୟ ଅଭିଯୁକ୍ତ ଅନୁପ ମଧ୍ୟ ତାଙ୍କ ପ୍ରକୋଷ୍ଠକୁ ଆସୁଥିବାର ସିସିଟିଭି ଫୁଟେଜ୍ ଥିବା ଦାବି କରି ଛାତ୍ରୀଙ୍କୁ ଧମକ ଦେଇଥିଲେ। ମାସେ ତଳେ ଏହି ଘଟଣା ଘଟିଥିଲା। କିନ୍ତୁ କିଛି ଦିନ ତଳେ ଛାତ୍ରୀ ମାତାପିତାଙ୍କୁ ଏହି ସୂଚନା ଦେଇଥିଲେ।

## 'ସଞ୍ଜୟ ଦତ୍ତଙ୍କ ଯୋଗୁଁ ମୁମ୍ବାଇରେ ହୋଇଥିଲା ବିସ୍ଫୋରଣ'

ନୂଆଦିଲ୍ଲୀ, ୧୫।୭ (ଏଜେନ୍ସି): ମୁମ୍ବାଇରେ ୧୯୯୩ରେ ହୋଇଥିବା ବୋମା ବିସ୍ଫୋରଣକୁ ଅଟକା ଯାଇ ପାରିଥାନ୍ତା। ଅଭିନେତା ସଞ୍ଜୟ ଦତ୍ତ ଚାହିଁଥିଲେ ଏହା ହୋଇ ନ ଥାଆନ୍ତା। ସେ ଯେଉଁ ଗାଡ଼ିରୁ ଏକେ-୪୭ ବନ୍ଧୁକ ଧରିଥିଲେ ତାହାର ସୂଚନା ପୁଲିସକୁ ଯଦି ଦେଇଥାନ୍ତେ ତେବେ କେବେ ବି ବିସ୍ଫୋରଣ ହୋଇ ନ ଥାଆନ୍ତା। ବରିଷ୍ଠ ଓକିଲ ତଥା ରାଜ୍ୟସଭା ସାଂସଦ ଉଜ୍ଜ୍ୱଲ ନିକମ ଏହି ଦାବି କରିଛନ୍ତି। ସେ ଏକ ସାକ୍ଷାତକାରରେ କହିଛନ୍ତି ଯେ ବିସ୍ଫୋରଣର କିଛି ଦିନ ପୂର୍ବରୁ ଆତଙ୍କବାଦୀ ଦାଉଦ ଇବ୍ରାହିମ ଗୋଷ୍ଠୀର ସଦସ୍ୟ ଆବୁ ସାଲେମ (ଅସ୍ତ୍ରଶସ୍ତ୍ର ଭର୍ତ୍ତି ଏକ ଭ୍ୟାନ୍ ଧରି ସଞ୍ଜୟ ଦତ୍ତଙ୍କ ଘରକୁ ଆସିଥିଲା। ଏଥିରେ ହ୍ୟାଣ୍ଡ ଗ୍ରେନେଡ୍ ଏବଂ ଏକେ-୪୭ ଥିଲା। ସଞ୍ଜୟ ଏଥିରୁ କିଛି ଅସ୍ତ୍ରଶସ୍ତ୍ର ନେଇଥିଲା। ପରେ ସେ ସମସ୍ତ ଅସ୍ତ୍ରଶସ୍ତ୍ର ଫେରାଇ ଏକେ-୪୭ ରଖିଥିଲେ। ସେ ଏ ବିଷୟରେ ପୁଲିସକୁ ସୂଚନା ନ ଦେବାରୁ ୧୩ ବୋମା ବିସ୍ଫୋରଣ ହୋଇଥିଲା। ଏଥିରେ ୨୫୭ ଜଣଙ୍କ ମୃତ୍ୟୁ ହୋଇଥିଲା।

# ଚୀନ୍‌ରେ ଜିନ୍‌ପିଙ୍ଗଙ୍କୁ ଭେଟିଲେ ବିଦେଶମନ୍ତ୍ରୀ



ବେଜିଂ, ୧୫।୭ (ଏଜେନ୍ସି): ଏସ୍‌ସିଓ ସମ୍ମିଳନୀ ଅବସରରେ ବୈଦେଶିକ ମନ୍ତ୍ରୀ ଏସ୍ ଜୟଶଙ୍କର ମଙ୍ଗଳବାର ଚୀନ୍ ରାଷ୍ଟ୍ରପତି ସି ଜିନପିଙ୍ଗଙ୍କୁ ଭେଟିଛନ୍ତି। ଭାରତ ଏବଂ ଚୀନ୍ ସମ୍ପର୍କରେ ହୋଇଥିବା ଅଗ୍ରଗତି ବିଷୟରେ ସେ ଜିନପିଙ୍ଗଙ୍କୁ ସୂଚନା ଦେଇଥିବା ଟ୍ୱିଟ କରି କହିଛନ୍ତି। ଏହାକୁ ନେଇ କଂଗ୍ରେସ ନେତା ରାହୁଲ ଗାନ୍ଧୀ ତାଙ୍କୁ ନିଶାଣ କରିଛନ୍ତି। ସେ କହିଛନ୍ତି ଯେ ବିଦେଶ ମନ୍ତ୍ରୀ ଭାରତର ବିଦେଶ ନୀତିକୁ ବର୍ବାଦ କରୁଛନ୍ତି। ଭାବୁଛି ଚୀନ୍ ବୈଦେଶିକ ମନ୍ତ୍ରୀ ଆସି ମୋଦୀଙ୍କୁ ଚୀନ୍-ଭାରତ ସମ୍ପର୍କରେ ହୋଇଥିବା ଅଗ୍ରଗତି ବିଷୟରେ ଅବଗତ କରାଇବେ। ବୈଦେଶିକ ମନ୍ତ୍ରୀ ଏବେ ଭାରତର ବୈଦେଶିକ ନୀତିକୁ ନଷ୍ଟ କରିବା ଉଦ୍ଦେଶ୍ୟରେ ସର୍କସ୍ ଚଳାଉଛନ୍ତି।

### ଜୟଶଙ୍କର ବିଦେଶ ନୀତିକୁ ବର୍ବାଦ କରୁଛନ୍ତି: ରାହୁଲ

ଅନ୍ୟପକ୍ଷରେ ଜୟଶଙ୍କର ଏସ୍‌ସିଓର ବିଦେଶମନ୍ତ୍ରୀଙ୍କ ବୈଠକରେ ସାମିଲ ହୋଇ ଆତଙ୍କବାଦକୁ ନେଇ କଡ଼ା ବାର୍ତ୍ତା ଦେଇଛନ୍ତି। ସେ କହିଛନ୍ତି ଯେ ଏସ୍‌ସିଓ ସଦସ୍ୟ ଏହାର ଉଦ୍ଦେଶ୍ୟ ପ୍ରତି ପ୍ରତିବଦ୍ଧ ରହିବା ଉଚିତ। ଆତଙ୍କବାଦକୁ ନେଇ କୌଣସି ସାଲିସ କରାନଯିବା ଉଚିତ। ସେ ଏପ୍ରିଲ ୨୨ ର ପହଲଗାମ ଆକ୍ରମଣ ବିଷୟରେ ମଧ୍ୟ ଉଲ୍ଲେଖ କରିଛନ୍ତି। ଜମ୍ମୁ ଏବଂ କଶ୍ମୀରର ପର୍ଯ୍ୟଟନ ଅର୍ଥନୀତିକୁ କ୍ଷତି ପହଞ୍ଚାଇବା ସହିତ ଧାର୍ମିକ ବିଭାଜନକୁ ଉଗ୍ର କରିବା ପାଇଁ ଜାଣିଶୁଣି ଏହି ଆକ୍ରମଣ କରାଯାଇଥିଲା ବୋଲି ସେ କହିଛନ୍ତି। ଅନ୍ତର୍ଜାତୀୟ ଆଶା ଆକାଂକ୍ଷାକୁ ସମ୍ମାନ ଦେଇ ଭାରତ ଏହାର ଜବାବ ଦେଇଛି। ଭାରତ ଯାହା କରିଛି ଠିକ୍ କରିଛି। ଏହା ଆଗକୁ ମଧ୍ୟ ଜାରି ରହିବ। ଅପରେସନ ସିନ୍ଦୂରରେ ଚୀନ୍ ପାକିସ୍ତାନକୁ ସହାୟତା କରିଥିବାବେଳେ ଜୟଶଙ୍କର ବେଜିଂରୁ ଏହି ବାର୍ତ୍ତା ଦେଇଛନ୍ତି। ସେ ଚୀନ୍ ଏବଂ ପାକିସ୍ତାନର ନାମ ନ ନେଇ ଏହି ଦେଶକୁ ସମାଲୋଚନା କରିଛନ୍ତି। ତିନି ଶତ୍ରୁ ଆତଙ୍କବାଦ, ବିଚ୍ଛିନ୍ନତାବାଦ ଏବଂ ଉଗ୍ରବାଦର ମୁକାବିଲା ପାଇଁ ଏସ୍‌ସିଓ ପ୍ରତିଷ୍ଠା କରାଯାଇଥିଲା। ଏହି ସବୁ ଏକାଠି ଆସିଥାନ୍ତି। ଏହା ଆହ୍ୱାନର ମୁକାବିଲା ପାଇଁ ଏସ୍‌ସିଓ ନିଜ ଉଦ୍ଦେଶ୍ୟରେ ସ୍ଥିର ରହିବା ଆବଶ୍ୟକ। ସେ ଚୀନ୍‌ର ବିଆରଆଇ ପ୍ରକଳ୍ପକୁ ମଧ୍ୟ ନିଶାଣ କରିଛନ୍ତି। ଏସ୍‌ସିଓ ରାଷ୍ଟ୍ରମାନେ ପାରସ୍ପରିକ ସ୍ୱାର୍ଥ, ସାର୍ବଭୌମ ଏବଂ ଆଞ୍ଚଳିକ ଅଖଣ୍ଡତାକୁ ସମ୍ମାନ ଦେବା ଉଚିତ ବୋଲି ଜୟଶଙ୍କର କହିଛନ୍ତି।

**ସାଂସଦ କଙ୍ଗନାଙ୍କ ଖୁଲାସା**

## ୭୦ ଦିନ କାମ କରିବାକୁ ପଡ଼ିବ କହିଥିଲା ବିଜେପି



### ମନ୍ତ୍ରୀ ହେବାକୁ ରଖିଥିଲେ ଆଶା

ମଣ୍ଡି, ୧୫।୭ (ଏଜେନ୍ସି): ଅଭିନେତ୍ରୀରୁ ରାଜନେତ୍ରୀ ପାଲଟି ଥିବା ମଣ୍ଡି ସାଂସଦ କଙ୍ଗନା ରାଣାୱତ ଏକ ସାକ୍ଷାତକାରକୁ ନେଇ ଚର୍ଚ୍ଚାରେ ଅଛନ୍ତି। ସାଂସଦ ଭାବେ କାମ କରିବାକୁ ମଜା ଆସୁନାହିଁ ବୋଲି ସେ କହିଛନ୍ତି। ସେ ବଡ଼ ଖୁଲାସା କରି କହିଛନ୍ତି ଯେ ଟିକେଟ ଦେବା ସମୟରେ ୬୦ରୁ ୭୦ ଦିନ କାମ କରିବାକୁ ପଡ଼ିବ ବୋଲି ବିଜେପି ପକ୍ଷରୁ କୁହାଯାଇଥିଲା। ଏହା ନିଜ କାମ କରିପାରିବେ ବୋଲି ଉଲ୍ଲେଖ କରାଯାଇଥିଲା। କିନ୍ତୁ ଏବେ ଏହା ଅଧିକ ଚାହିଦା ଥିବା ଚାକିରି ପରି ଲାଗୁଛି। ସଚ୍ଚୋଟ ରହି ରାଜନୀତିରେ ନିଜ ସ୍ଥିତି ବଜାୟ ରଖିବାକୁ କଙ୍ଗନା ମହଙ୍ଗା ସଉକ କହିଛନ୍ତି। ନିଜ ସଂସଦୀୟ କ୍ଷେତ୍ରର ଜନତାଙ୍କ ପାଖକୁ ଯିବା ପାଇଁ ତାଙ୍କର ସବୁ ଦରମା ଖର୍ଚ୍ଚ ହେଇ ଯାଉଛି। ରୋଷେୟା ଏବଂ ଡ୍ରାଇଭରଙ୍କୁ ଦରମା ଦେବାରେ ଦରମାର ସିଂହ ଭାଗ ଖର୍ଚ୍ଚ ହେଉଛି। କିଛି କର୍ମଚାରୀଙ୍କ ସହ ନିଜ ନିର୍ବାଚନ କ୍ଷେତ୍ରକୁ ଯାତ୍ରା କଲେ ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ ହେଉଛି। କଙ୍ଗନା କେନ୍ଦ୍ରରେ କ୍ୟାବିନେଟ ମନ୍ତ୍ରୀ ହେବାକୁ ମଧ୍ୟ ଆଶା ରଖିଥିଲେ। ଏଥିପାଇଁ ସେ ଯୋଗ୍ୟ ଥିଲେ ବୋଲି କହିଛନ୍ତି।

## ମସ୍କୋରେ ଆକ୍ରମଣ କରିବାକୁ ଜେଲେଁସ୍କିଙ୍କୁ କହିଲେ ଟ୍ରମ୍ପ



ୱାସିଂଟନ, ୧୫।୭ (ଏଜେନ୍ସି): ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଆଭିମୁଖ୍ୟ ବଦଳି ଯାଇଛି। ରୁଷ୍-ୟୁକ୍ରେନ ଯୁଦ୍ଧ ବନ୍ଦ କରିବାକୁ ଚାହୁଁଥିବା ଟ୍ରମ୍ପ ଏବେ ଏହାକୁ ଉଗ୍ର କରିବାକୁ ପଦକ୍ଷେପ ନେଉଛନ୍ତି। ସେ ରୁଷ୍ କ୍ଷେତ୍ରରେ ଜୋରଦାର ଆକ୍ରମଣ କରିବା ପାଇଁ ୟୁକ୍ରେନ ରାଷ୍ଟ୍ରପତି ଭୋଲ୍‌ଡାମିର ଜେଲେଁସ୍କିଙ୍କୁ କହିଛନ୍ତି। ଉପଯୁକ୍ତ ଅସ୍ତ୍ରଶସ୍ତ୍ର ଦେଲେ ମସ୍କୋ ଏବଂ ସେଣ୍ଟ ପିଟର୍ସବର୍ଗରେ ଆକ୍ରମଣ କରିପାରିବ କି ବୋଲି ପଚାରିଛନ୍ତି। ଏହାର ଉତ୍ତରରେ ଜେଲେଁସ୍କି ହଁ କରିଛନ୍ତି। ଗତ ୪ ତାରିଖରେ ଫୋନ୍ ବାର୍ତ୍ତାଳାପ ସମୟର ଏହି ଘଟଣା ମଙ୍ଗଳବାର ସାମ୍ନାକୁ ଆସିଛି। ରୁଷ୍ ରାଷ୍ଟ୍ରପତି ଭ୍ଲାଦିମିର ପୁତିନଙ୍କ ସହ ଆଲୋଚନା ବିଫଳ ହେବାର ଦିନକ ପରେ ଟ୍ରମ୍ପ ଜେଲେଁସ୍କିଙ୍କୁ ଏହା କହିଥିଲେ। ଏହି ଆଲୋଚନାରେ ପୁତିନ ଅସ୍ତ୍ରବିରତି ପାଇଁ ମନା କରିଦେଇଥିଲେ। ଏହାକୁ ନେଇ ଟ୍ରମ୍ପ ପ୍ରଶାସନ ରୁଷ୍‌ରେ କଥାରେ ଏବଂ କାମରେ ଭିନ୍ନତା ରହୁଛି ବୋଲି କହିଥିଲା। ଏହା ବିଫଳ ହେବା ପରେ ଆମେରିକା ପୁଣି ୟୁକ୍ରେନକୁ ଅସ୍ତ୍ରଶସ୍ତ୍ର ଯୋଗାଣ ଆରମ୍ଭ କରିଥିଲା।

# ୟେମେନରେ ଭାରତୀୟ ନର୍ସ ନିମିଷାଙ୍କ ମୃତ୍ୟୁଦଣ୍ଡ ସ୍ଥଗିତ

ସନା, ୧୫।୭ (ଏଜେନ୍ସି): ୟେମେନରେ ମୃତ୍ୟୁଦଣ୍ଡ ପାଇଥିବା ଭାରତୀୟ ନର୍ସ ନିମିଷା ପ୍ରିୟାଙ୍କୁ ବଡ଼ ଆଶ୍ୱସ୍ତି ମିଳିଛି। ନିର୍ଯାତନା ଦେଉଥିବା ଜଣେ ପୁରୁଷଙ୍କ ହତ୍ୟା ମାମଲାରେ ମୃତ୍ୟୁଦଣ୍ଡ ଦିଆଯିବାର ଦିନକ ପୂର୍ବରୁ ମଙ୍ଗଳବାର ତାଙ୍କ ଦଣ୍ଡକୁ ସାମୟିକ ସମୟ ପାଇଁ ସ୍ଥଗିତ ରଖାଯାଇଛି। ରିପୋର୍ଟ ଅନୁଯାୟୀ ସାମାଜିକ କର୍ମୀଙ୍କ ଗୋଷ୍ଠୀ ଏବଂ ପ୍ରଭାବଶାଳୀ ଧାର୍ମିକ ନେତା ଏହି ମାମଲାରେ ଦଖଲ ଦେଇଥିଲେ। ଏହା ପରେ ନିମିଷାଙ୍କ ଦଣ୍ଡାଦେଶ ଦିନକ ପାଇଁ ସ୍ଥଗିତ ରଖାଯାଇଛି। ପୀଡ଼ିତଙ୍କ ପରିବାର ଏଥିପାଇଁ ରାଜି ହୋଇଛନ୍ତି। ତେବେ ତାଙ୍କୁ ମୁକ୍ତ କରାଯିବ ନାହିଁ କିମ୍ବା ଭାରତ ପଠାଯିବ ନାହିଁ। ଏବେ ନିମିଷା ୟେମେନର ରାଜଧାନୀ ସନାରେ ଅଛନ୍ତି। ଏଠାରେ ହୁତି ବିଦ୍ରୋହୀଙ୍କ କର୍ତ୍ତୃତ୍ୱ ରହିଛି। କିନ୍ତୁ ହୁତି ବିଦ୍ରୋହୀଙ୍କ ସହ ଭାରତର କୌଣସି କୂଟନୈତିକ ସମ୍ପର୍କ ନାହିଁ। ଦିନକ ତଳେ କେନ୍ଦ୍ର ସରକାର ଏହି ମାମଲାରେ ସୁପ୍ରିମକୋର୍ଟରେ ହାତ ଟେକି ଦେଇଥିଲେ। ମୃତ୍ୟୁଦଣ୍ଡ ଅଟକାଇବାକୁ ଯାହା କରିବା କଥା ତାହା କରିଛୁ ବୋଲି କହିଥିଲେ। ଏହି ଦଣ୍ଡ ଟାଳିବାକୁ 'ବ୍ଲଡ୍ ମନି' (ମୃତ୍ୟୁଦଣ୍ଡ ରୋକିବା ପାଇଁ ଅର୍ଥ) ଶେଷ ବିକଳ୍ପ ରହିଛି ବୋଲି ସରକାରଙ୍କ ପକ୍ଷରୁ କୁହାଯାଇଥିଲା। କିନ୍ତୁ ଏ ପର୍ଯ୍ୟନ୍ତ ପୀଡ଼ିତଙ୍କ ପରିବାର ମଧ୍ୟ ବ୍ଲଡ ମନି ସ୍ୱୀକାର କରିବାକୁ ସହମତ ହୋଇନାହାନ୍ତି।

### ଦୁଇ ଦେଶର ଧର୍ମଗୁରୁଙ୍କ ମଧ୍ୟରେ ଆଲୋଚନା

### ଆଜି ନିମିଷାଙ୍କୁ ଗୁଳି ମରା ଯାଇଥାନ୍ତା



ରିପୋର୍ଟ ଅନୁଯାୟୀ ଭାରତର କଣ୍ଠପୁରମର ଗ୍ରାଣ୍ଡ ମୁଫତି ଏପି ଅବୁବାକର ମୁସଲିୟାର ଏବଂ ୟେମେନର ପ୍ରସିଦ୍ଧ ସୁଫି ବିଦ୍ୱାନ ଶେଖ୍ ହବିବ୍ ଉମର ବିନ୍ ହାଫିଜ୍ ଏହି ପ୍ରସଙ୍ଗରେ ଆଲୋଚନା କରୁଛନ୍ତି। ଏଥିରେ ୟେମେନର ସୁପ୍ରିମକୋର୍ଟର ଜଣେ ବିଚାରପତି ଏବଂ ମୃତକଙ୍କ ଭାଇ ମଧ୍ୟ ସାମିଲ ଅଛନ୍ତି। ଏ ବିଷୟରେ ଆଲୋଚନା ଲାଗି ୟେମେନର ଶେଖ୍ ହବିବଙ୍କୁ ଶେଖ୍ ମନାଇ ଥିଲେ। ପ୍ରଥମ ଥର ପୀଡିତଙ୍କ ପରିବାରର ଜଣେ ଘନିଷ୍ଠ ସଦସ୍ୟ ମଧ୍ୟ କଥାବାର୍ତ୍ତା କରିବାକୁ ରାଜି ହୋଇଛନ୍ତି। ସରିଆ ଆଇନ ଅନୁଯାୟୀ ଏହି ଆଲୋଚନା ଜାରି ରହିଛି। ଏହା ଅଧିନରେ ଦୋଷୀଙ୍କୁ ବିନା ସର୍ତ୍ତରେ କିମ୍ବା ବ୍ଲଡ ମନି ବଦଳରେ କ୍ଷମା ପ୍ରଦାନ କରିବା ପାଇଁ ପୀଡ଼ିତ ପରିବାରକୁ ଆଇନଗତ ଅଧିକାର ପ୍ରଦାନ କରୁଛି।

**କ୍ରିକେଟର ଯଶ୍ ଦୟାଲଙ୍କ ଗିରଫ ଉପରେ ରୋକ୍**

## 'ଜଣକୁ ୫ ବର୍ଷ ପର୍ଯ୍ୟନ୍ତ ବୋକା ବନାଇ ହେବନି'

ପ୍ରୟାଗରାଜ, ୧୫।୭ (ଏଜେନ୍ସି): କ୍ରିକେଟର ଯଶ୍ ଦୟାଲଙ୍କ ଗିରଫ ଉପରେ ଆହ୍ଲାବାଦ ହାଇକୋର୍ଟ କଟକଣା ଲଗାଇ ଦେଇଛନ୍ତି। ଜଣକୁ ଦିନେ କି ଦୁଇ ଦିନ ବୋକା ବନା ଯାଇପାରେ, କିନ୍ତୁ ୫ ବର୍ଷର ସମ୍ପର୍କରେ କାହାକୁ ମୂର୍ଖ ବନା ଯାଇପାରିବ ନାହିଁ ବୋଲି ଜଷ୍ଟିସ ସିଦ୍ଧାର୍ଥ ବର୍ମା ଏବଂ ଅନିଲ କୁମାରଙ୍କ ଖଣ୍ଡପୀଠ କହିଛନ୍ତି। ୟୁଟ୍ୟୁବର ସୀମା ଭିତରୁ ବାହାରକୁ ବାହାର ବୋଲି କହିଥିଲେ। ଯଶ୍‌ଙ୍କ ଆବେଦନ ଉପରେ ବିଚାର କରି ହାଇକୋର୍ଟ ବିରୋଧୀ ପକ୍ଷକୁ ନୋଟିସ ଜାରି କରିବା ସହ ଜବାବ ମାଗିଛନ୍ତି। ଏହି କ୍ରିକେଟର ଜଣେ ଯୁବତୀଙ୍କୁ ବିବାହ ପ୍ରତିଶ୍ରୁତି ଦେଇ ଯୌନ ଉତ୍ପୀଡ଼ନ ଦେଇଥିବା ଅଭିଯୋଗ ହୋଇଛି। ଅଭିଯୋଗକାରିଣୀ କହିଛନ୍ତି ଯେ ଉଭୟେ ୫ ବର୍ଷ ତଳେ ପରସ୍ପରକୁ ଭେଟିଥିଲେ। ପରେ ଯଶ ବିବାହ କରିବାକୁ ମନା କରିଦେଇଥିଲେ ଏବଂ ଅନ୍ୟ ମହିଳାଙ୍କ ସହ ସମ୍ପର୍କ ରଖିଥିଲେ। ଗତ ୬ ତାରିଖରେ ସେ ଦୟାଲଙ୍କ ବିରୋଧରେ ଗାଜିଆବାଦର ଇନ୍ଦିରାପୁରମ ଥାନାରେ ଏତଲା ଦେଇଥିଲେ।

**ଲିଙ୍ଗ ବଦଳାଇ ବିବାହ କରିଥିବା ଦାବି**

# ଫ୍ରାନ୍ସ ରାଷ୍ଟ୍ରପତିଙ୍କ ପତ୍ନୀ ପୁରୁଷ!



ପ୍ୟାରିସ, ୧୫।୭ (ଏଜେନ୍ସି): ଭିଏତନାମ ଗସ୍ତରେ ସ୍ୱାମୀ ତଥା ଫ୍ରାନ୍ସ ରାଷ୍ଟ୍ରପତି ଇମାନୁଏଲ ମାକ୍ରନଙ୍କୁ ମୁଥ ମାରି ଚର୍ଚ୍ଚାରେ ଆସିଥିବା ପ୍ରଥମ ମହିଳା ବ୍ରିଗିଟ ମାକ୍ରନ ଏବେ ସମ୍ବାଦର ସିରୋନାମାରେ ଅଛନ୍ତି। ସେ ମହିଳା ନୁହେଁ, ବରଂ ପୁରୁଷ ବୋଲି ଚର୍ଚ୍ଚା ହେଉଛି। ଦୁଇ ମହିଳା ୟୁଟ୍ୟୁବର ଏହି ଦାବି କରିଛନ୍ତି। ଉଭୟେ କହିଥିଲେ ଯେ ବ୍ରିଗିଟଙ୍କ ପ୍ରକୃତ ନାମ ଜିନ୍-ମିସେଲ ଗ୍ରୋଗ୍ରେନକ୍ସ ଥିଲା। ସେ ଲିଙ୍ଗ ବଦଳାଇ ଇମାନୁଏଲ ମାକ୍ରନଙ୍କୁ ବିବାହ କରିଥିଲେ। ଏହି ଭିଡିଓ ଜୋର୍‌ସୋରରେ ଭାଇରାଲ ହୋଇଥିଲା। ତେବେ ଏହା ବିରୋଧରେ ବ୍ରିଗିଟ୍ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି। ସୂଚନା ଅନୁଯାୟୀ ବ୍ରିଗିଟଙ୍କ ଭାଇଙ୍କ ନାମ ହେଉଛି ଗ୍ରୋଗ୍ରେନକ୍ସ। ଉଭୟେ ପ୍ରାୟ ଏକାପରି ଦେଖିବାକୁ। ବ୍ରିଗିଟ୍ ପ୍ରଥମେ ଏହାକୁ ନେଇ ପ୍ୟାରିସକ ଏକ କୋର୍ଟରେ ମାମଲା ରୁଜୁ କରିଥିଲେ। କୋର୍ଟ ୨୦୨୩ ସେପ୍ଟେମ୍ବରରେ ଉଭୟ ମହିଳାଙ୍କୁ ଦୋଷୀ ସାବ୍ୟସ୍ତ କରି ବ୍ରିଗିଟଙ୍କୁ ୭ ଲକ୍ଷ ଟଙ୍କା ଏବଂ ତାଙ୍କ ଭାଇଙ୍କୁ ୫ ଲକ୍ଷ ଟଙ୍କା ଦେବାକୁ ନିର୍ଦ୍ଦେଶ ଦେଇଥିଲେ। ମାତ୍ର ଗତ ୧୦ ତାରିଖରେ ପ୍ୟାରିସର ଆଉ ଏକ ଅଦାଲତ ଏହି ନିଷ୍ପତ୍ତିକୁ ପଲଟାଇ ଦେଇଥିଲେ। ତେଣୁ ଏବେ ବ୍ରିଗିଟ ଏବଂ ତାଙ୍କ ଭାଇ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି।

ଏହି ମାମଲା ୨୦୨୧ର। ସେତେବେଳ ଅମଣ୍ଡାଇନ ରୟ ନାମକ ମହିଳା ୟୁଟ୍ୟୁବର ସାମ୍ବାଦିକା ନତାଶା ରେଙ୍କୁ ସାକ୍ଷାତକାର ଦେଇ ବ୍ରିଗିଟ ପୁରୁଷ ବୋଲି ଦାବି କରିଥିଲେ। ଏହା ଜାଣିବା ପାଇଁ ସେ ତିନି ବର୍ଷ ପର୍ଯ୍ୟନ୍ତ ଅନୁସନ୍ଧାନ କରିଥିବା କହିଥିଲେ। ଆମେରିକାରେ ମଧ୍ୟ ଏହି ମାମଲା ବ୍ୟାପିବାରେ ଲାଗିଥିଲା। ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ସମର୍ଥକ ଥିବା ଦୁଇ ସାମ୍ବାଦିକ କ୍ୟାଣ୍ଡେସ ଓଭେନ୍ସ ଏବଂ ଟକର କାର୍ଲସନ ଏହାକୁ ଖୋରାକ ଯୋଗାଇ ଥିଲେ। ଏ ସମ୍ବନ୍ଧିତ ଅନେକ ଭିଡିଓକୁ ଉଭୟେ ସାମାଜିକ ଗଣମାଧ୍ୟମରେ ଛାଡ଼ିଥିଲେ। ଏହା ମାନବ ଇତିହାସର ସବୁଠାରୁ ବଡ଼ ରାଜନୈତିକ ଦୁର୍ନୀତି ବୋଲି କହିଥିଲେ। ବ୍ରିଗିଟ ଏବଂ ତାଙ୍କ ଭାଇ ବାସ୍ତବରେ ଜଣେ ବୋଲି କହିଥିଲେ। ତେବେ ଏହାକୁ ନେଇ ଫ୍ରାନ୍ସ ରାଷ୍ଟ୍ରପତି ଦୁଇ ସାମ୍ବାଦିକଙ୍କୁ ନୋଟିସ ଜାରି କରିଥିଲେ।

ଏହା ପୂର୍ବରୁ ଫ୍ରାନ୍ସ ସାମ୍ବାଦିକା ନତାଚା ରେ ୨୦୧୭ରେ ବ୍ରିଗିଟ ପୁରୁଷ ବୋଲି ଦାବି କରିଥିଲେ। ଏହି ଅଭିଯୋଗ ପରେ ନାତାଚାଙ୍କୁ ଦେଶରେ ହଇରାଣ କରାଯାଇଥିଲା। ସେଥିପାଇଁ ସେ ଚଳିତ ବର୍ଷ ରୁଷ୍‌କୁ ରାଜନୈତିକ ଶରଣ ମାଗିଥିଲେ। ଫ୍ରାନ୍ସ ସରକାର ମତପ୍ରକାଶର ସ୍ୱାଧୀନତାକୁ ଚାପି ଦେଉଥିବା ଅଭିଯୋଗ କରିଥିଲେ। ସୂଚନାଯୋଗ୍ୟ ଯେ ଇମାନୁଏଲ ମାକ୍ରନ ଏବଂ ତାଙ୍କ ପତ୍ନୀଙ୍କ ବୟସ ମଧ୍ୟରେ ଥିବା ତାରତମ୍ୟକୁ ନେଇ ଉଭୟେ ସାମାଜିକ ଗଣମାଧ୍ୟମରେ ଚର୍ଚ୍ଚାରେ ଅଛନ୍ତି। ଫ୍ରାନ୍ସ ରାଷ୍ଟ୍ରପତିଙ୍କ ଠାରୁ ତାଙ୍କ ପତ୍ନୀ ୨୪ ବର୍ଷ ବଡ଼।

## କାନ୍ଥ ଭୁଶୁଡ଼ି ୨ ମହିଳା ମୃତ





ରାଉରକେଲା/କୋଇଡା,୧୫।୭(ସମିସ): ବଣାଇଁ ଉପଖଣ୍ଡ କୋଇଡ଼ା ବ୍ଲକ୍‌ର ପୃଥକ୍ ପୃଥକ୍ ଦୁଇଟି ସ୍ଥାନରେ ଲଗାଣ ବର୍ଷା ଯୋଗୁଁ କାନ୍ଥ ଭୁଶୁଡ଼ି ୨ଜଣ ମହିଳାଙ୍କ ମୃତ୍ୟୁ ହୋଇଛି। କୋଇଡ଼ା ବ୍ଲକ୍ କାଲଟା ଫାଣ୍ଡି ଲୋହାରତୋଡା ଗାଁରେ ଘରେ ଶୋଇଥିବା ବେଳେ ଘରର ମାଟି କାନ୍ଥ ପଡ଼ିଯିବାରୁ ଜଣେ ବୟସ୍କ ମହିଳାଙ୍କ ମୃତ୍ୟୁ ହୋଇଛି। ମୃତ ମହିଳା ହେଲେ, ବନଦୁଇ ବାଗେ (୭୦)। ସେହିପରି କୋଇଡା ବ୍ଲକ୍‌ର ମୋଟୁହନୁମାନ ଗ୍ରାମରେ ବର୍ଷା ଯୋଗୁଁ କାନ୍ଥ ପଡ଼ି ଜଣେ ମହିଳାଙ୍କ ମୃତ୍ୟୁ ହୋଇଛି। ମୃତ ମହିଳାଜଣଙ୍କ ହେଲେ, ମୋଟୁହନୁମାନ ଗ୍ରାମର ଦମାଣି ସେଠ୍। ଦମାଣି ଶୋଇଥିବା ବେଳେ ବର୍ଷାରେ ଭିଜିଥିବା ଘରର ମାଟି କାନ୍ଥ ତାଙ୍କ ଉପରେ ପଡ଼ିଯିବାରୁ କାନ୍ଥରେ ଚାପି ହୋଇ ତାଙ୍କର ମୃତ୍ୟୁ ହୋଇଛି। ଦୁଇ ଦିନ ହେଲା କୋଇଡ଼ା ଅଞ୍ଚଳରେ ପ୍ରବଳ ବର୍ଷା ଯୋଗୁଁ ଅଧିକାଂଶ ମାଟି ଘରଗୁଡ଼ିକ ଦୁର୍ବଳ ହେବା ସହ ବିପଦପୂର୍ଣ୍ଣ ହୋଇପଡ଼ିଛି। କାଲଟା ଫାଣ୍ଡି ପୁଲିସ୍ ଦୁଇମହିଳାଙ୍କ ଶବ ଉଦ୍ଧାର କରି ବ୍ୟବଚ୍ଛେଦ ନିମନ୍ତେ ପଠାଇଛି। ମୃତା ମହିଳାଙ୍କ ପରିବାରବର୍ଗଙ୍କୁ ଉପଯୁକ୍ତ କ୍ଷତିପୂରଣ ପାଇଁ ସାଧାରଣରେ ଦାବି ହୋଇଛି।

## ବିଦ୍ୟୁତ୍ ଆଘାତରେ ମାମୁ-ଭଣଜା ମୃତ

ଭଦ୍ରକ, ୧୫।୭ (ସମିସ): ବିଦ୍ୟୁତ୍ ଆଘାତରେ ମାମୁ-ଭଣଜା ମୃତ। ଭଦ୍ରକ ଗ୍ରାମାଞ୍ଚଳ ଥାନା ଅଧୀନ ଦେିସଂ ପଞ୍ଚାୟତର ଆଦିବାସୀ ସାହିରେ ଏଭଳି ଏକ ଅଭାବନୀୟ ଘଟଣା ଘଟିଛି। ମୃତକଦ୍ୱୟ ହେଲେ, ନିଧି ମୁଣ୍ଡା ଓ ତାଙ୍କ ଭଣଜା ନବ ମୁଣ୍ଡା (୫)। ସୂଚନାନୁସାରେ, ଆଜି ଅପରାହ୍ଣରେ ନବ ଗାଁ ନିକଟରେ ମାଙ୍କଡ଼ପଲଙ୍କୁ ଗୋଡ଼ାଉଥିଲା। ଏହି ସମୟରେ ତଳେ ପଡ଼ିଥିବା ଏକ ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସିବାରୁ ଛିଟିକି ତଳେ ପଡ଼ିଯାଇଥିଲା। ଏହା ଦେଖି ପାଖରେ ଥିବା ନିଧି ତାଙ୍କୁ ବଞ୍ଚାଇବାକୁ ଉଦ୍ୟମ କଲା ବେଳେ ସେ ମଧ୍ୟ ବିଦ୍ୟୁତ୍ ସଂସ୍ପର୍ଶରେ ଆସିଥିଲେ। ସ୍ଥାନୀୟ ଲୋକେ ବିଦ୍ୟୁତ୍ ସଂଯୋଗ କାଟି ଦୁହିଁଙ୍କୁ ଭଦ୍ରକ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଇଥିଲେ। ହେଲେ ସେଠାରେ ଡାକ୍ତର ଉଭୟଙ୍କୁ ମୃତ ଘୋଷଣା କରିଥିଲେ। ଖବର ପାଇ ଯୁବନେତା ସୌମେନ୍ଦ୍ର ସାହୁ ପ୍ରମୁଖ ଡାକ୍ତରଖାନାରେ ପହଞ୍ଚି ଶୋକବ୍ୟକ୍ତ କରିଥିଲେ।

## ଶିକାରୀଙ୍କଠାରୁ ୩ ହାତୀଦାନ୍ତ ଜବତ

ନୀଳଗିରି, ୧୫।୭ (ସମିସ): ମାସେ ପରେ ନୀଳଗିରି ବନ ବିଭାଗକୁ ସଫଳତା ମିଳିଛି। ଗତ ଜୁନ୍ ୧୫ ତାରିଖରେ କୁଲଡ଼ିହା ଅଭୟାରଣ୍ୟ ପୁଟିବନ୍ଧ ହୁଡ଼ିସାହି ନିକଟରୁ ଜବତ ହୋଇଥିବା ଗଳିତ ଦନ୍ତା ହାତୀର ଦୁଇଟି ଦାନ୍ତ ଜବତ କରିବା ସହ ଦୁଇ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେମାନେ ହେଲେ, କେସିପୁର ପଞ୍ଚାୟତ ବେତକଟା ଗ୍ରାମର ସୁଶାନ୍ତ ନାୟକ ଓରଫ୍ ଟୁଟୁ ଓ ଅନ୍ୟ ଜଣେ ବାପି। ବିଶେଷସୂତ୍ରରୁ



ଖବର ପାଇ ବାଲେଶ୍ୱର ଏସିଏଫଓ ଦିଗନ୍ତ ଶୋଭନ ଚାନ୍ଦ ଏବଂ କୁଲଡ଼ିହା ରେଞ୍ଜ ଅଧିକାରୀ ସୁବ୍ରତ କୁମାର ବେହେରାଙ୍କ ତତ୍ତ୍ୱାବଧାନରେ ଏକ ଟିମ୍ ବରହମପୁର ପୁଲିସ ସହାୟତାରେ ଆଜି ସୁଶାନ୍ତର ଘର ଉପରେ ଚଢ଼ଉ କରି ଦାନ୍ତ ଦୁଇଟିକୁ ଜବତ କରିଛି। ସେହିପରି, ଏହି ଟିମ୍ ତେଲିପାଳ ପଞ୍ଚାୟତ ଭଗାବନ୍ଧ ଗ୍ରାମର ଦିନା ମୁର୍ମୁଙ୍କ ଘର ଉପରେ ଚଢ଼ଉ କରି ଏକ ପୁରୁଣା ହାତୀଦାନ୍ତ ଜବତ କରିବା ସହ ତାଙ୍କୁ ହେପାଜତକୁ ନେଇ ଅଧିକ ତଦନ୍ତ ଚଳାଇଛି। ସୂଚନାଯୋଗ୍ୟ, କୁଲଡ଼ିହା ଅଭୟାରଣ୍ୟ ପୁଟିବନ୍ଧ ହୁଡ଼ିସାହି ନିକଟରୁ ବନ ବିଭାଗ ଗତ ଜୁନ୍ ୧୫ତାରିଖରେ ଏକ ଗଳିତ ହାତୀର ମୃତଦେହ ଜବତ କରିଥିଲା। ପରେ ଏହି ଘଟଣାର ତଦନ୍ତ କରି ବନ ବିଭାଗ ୫ ଶିକାରୀଙ୍କୁ ବିଭାଗ ଗିରଫ କରିଥିଲେ ହେଁ ମୁଖ୍ୟ ଆସାମୀ ସୁଶାନ୍ତ ଏବଂ ହାତୀର ଦାନ୍ତଦ୍ୱୟକୁ ଠାବ କରିବାରେ ବିଫଳ ହୋଇଥିଲା।

## ହାତଗୋଡ଼ କାଟି ମାରିଦେଲେ

ବ୍ରହ୍ମପୁର, ୧୪।୭ (ସମିସ): ବ୍ରହ୍ମପୁର ଏମ୍‌କେସିଜି ମେଡ଼ିକାଲ ଖେଳପଡ଼ିଆସ୍ଥିତ ହେଟୋବନ୍ଧ ସମ୍ମୁଖରେ ଥିବା ଏକ ଖୋଲା ପଡ଼ିଆରୁ ଜଣେ ଯୁବକଙ୍କ ଖଣ୍ଡବିଖଣ୍ଡିତ ଗଳିତ ମୃତଦେହ ଜବତ କରିଛି ବୈଦ୍ୟନାଥପୁର ଥାନା ପୁଲିସ।

- ପଡ଼ିଆରୁ ଖଣ୍ଡବିଖଣ୍ଡିତ ମୃତଦେହ ଉଦ୍ଧାର
- ସନ୍ଧାନୀ କୁକୁର, ସାଇଣ୍ଟିଫିକ୍ ଟିମ୍‌ର ତନାଘନା



ମୃତକଙ୍କ ପରିଚୟ ମିଳିପାରି ନଥିବା ବେଳେ ତାଙ୍କ ଦୁଇହାତର ପାପୁଲି ଏବଂ ପାଦ ତଳର କିଛି ଅଂଶ ନଥିବା ଦେଖିବାକୁ ମିଳିଛି। ପାରିପାର୍ଶ୍ୱିକ ସ୍ଥିତିରୁ ଏହା ଏକ ଯୋଜନାବଦ୍ଧ ହତ୍ୟାକାଣ୍ଡ ବୋଲି ସନ୍ଦେହ କରାଯାଉଛି। ଦୁର୍ବୃତ୍ତମାନେ ଯୁବକଙ୍କୁ ଅନ୍ୟତ୍ର ହତ୍ୟା କରି ସେଠାରେ ଫିଙ୍ଗିଦେଇଥିବା ଅନୁମାନ କରାଯାଉଛି। ଏପରିକି, ହତ୍ୟା ପରେ ସେମାନେ ତାଙ୍କ ପାପୁଲି ଓ ଗୋଡ଼କୁ କାଟି ଦେଇଥିବା ସନ୍ଦେହ କରାଯାଉଛି। ଆଜି ଖେଳ ପଡ଼ିଆକୁ ଆସିଥିବା କିଛି ଯୁବକ ଉକ୍ତ ମୃତଦେହ ଦେଖି ପୁଲିସକୁ ଖବର ଦେଇଥିଲେ। ପୁଲିସ ସନ୍ଧାନୀ କୁକୁର ଓ ସାଇଣ୍ଟିଫିକ୍ ଟିମ ସହାୟତାରେ ତନାଘନା କରିଥିଲା। ମୃତଦେହକୁ ଜବତ କରି ବର୍ତ୍ତମାନ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ବ୍ୟବଚ୍ଛେଦ ରିପୋର୍ଟ ମିଳିବା ପରେ ମୃତ୍ୟୁର କାରଣ ସ୍ପଷ୍ଟ ହେବ କୁହାଯାଇଛି।

## ୩ କଲରାପତରିଆ ବାଘଛାଲ ଜବତ; ୭ ଅଟକ

ବାରିପଦା, ୧୫।୭(ସମିସ): ମୟୂରଭଞ୍ଜ ଜିଲ୍ଲା ବଡ଼ସାହି ଓ ଖୁଣ୍ଟା ଥାନା ଅଞ୍ଚଳରେ ଚଢ଼ଉ କରି ବନବିଭାଗ ୩ଟି କଲରାପତରିଆ ବାଘ ଛାଲ ଜବତ କରିବା ସହ ଏହି ବେଆଇନ କାରବାର ଘଟଣାରେ ୭ଅଭିଯୁକ୍ତଙ୍କୁ ଅଟକ ରଖିଛି। ତଦନ୍ତରେ ବାଧା ଉପୁଜିବା ଆଶଙ୍କାରେ ବିଭାଗ ପକ୍ଷରୁ ଅଭିଯୁକ୍ତମାନଙ୍କ ପରିଚୟ ପ୍ରଦାନ କରାଯାଇନାହିଁ। ବୁଧବାର ସମସ୍ତ ତଥ୍ୟ ପ୍ରଦାନ କରାଯିବ ବୋଲି ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପ ନିର୍ଦ୍ଦେଶକ ତଥା ଆଞ୍ଚଳିକ ମୁଖ୍ୟ ବନ ସଂରକ୍ଷକ ଡ. ପ୍ରକାଶ ଚାନ୍ଦ ଗୋଗେନାନୀ ସୂଚନା ଦେଇଛନ୍ତି।

**ଗ୍ରାହକ ବେଶରେ ଡିଲ୍ କଲା, ରାତି ଅଧିଆ ମାଡ଼ି ବସିଲା**

ସୂଚନାଯୋଗ୍ୟ, ବାଘ ଛାଲ ଡିଲ୍ ଚାଲିଥିବା ନେଇ ବନ ବିଭାଗର ସ୍ୱତନ୍ତ୍ର ଗୁଇନ୍ଦା ଟିମ୍‌କୁ ଏକ ବିଶ୍ୱସ୍ତ ସୂତ୍ରରୁ ସୂଚନା ମିଳିଥିଲା। ଗ୍ରାହକ ବେଶରେ କିଛି ବନ କର୍ମଚାରୀ ପ୍ରଥମେ ଅଭିଯୁକ୍ତମାନଙ୍କ ସହ ଡିଲ୍ କରିଥିଲେ। ଘଟଣାରେ ସତ୍ୟତା ଥିବା ଜଣାପଡ଼ିବା ପରେ ସୋମବାର ବିଳମ୍ବିତ ରାତିରେ ବଡ଼ସାହି ଥାନା ପାଉଁଶିଆ ଗ୍ରାମର ଗୁରୁପ୍ରସାଦ ପାତ୍ରଙ୍କ ଘରେ ଅତର୍କିତ ଚଢ଼ଉ କରି ୨ଟି ବାଘଛାଲ ଜବତ କରିବା ସହ ଅଭିଯୁକ୍ତକୁ ଅଟକ ରଖିଥିଲା। ପରେ ଖୁଣ୍ଟା ଥାନା ଅଧୀନ ପଶୁଦା ଗ୍ରାମରେ ଚଢ଼ଉ କରି ଗୋଟିଏ ବାଘ ଛାଲ ଜବତ କରିଥିଲା। ଉଭୟ ଘଟଣାରେ ସମ୍ପୃକ୍ତ ଥିବା ୭ଜଣଙ୍କୁ ଅଟକ ରଖି ପଚରାଉଚରା ଜାରି ରହିଛି।

### ରେଭେନ୍ସା ବିଶ୍ୱବିଦ୍ୟାଳୟ ସମାବର୍ତ୍ତନ ସମାରୋହ

# ରେଭେନ୍ସା ଏକ ଜୀବନ୍ତ ଇତିହାସ: ରାଷ୍ଟ୍ରପତି

କଟକ,୧୫।୭(ସମିସ): 'ସ୍ୱତନ୍ତ୍ର ପ୍ରଦେଶ ଗଠନ ଏବଂ ସ୍ୱାଧୀନତା ସଂଗ୍ରାମର ମୂକସାକ୍ଷୀ ହେଉଛି ରେଭେନ୍ସା ଶିକ୍ଷାନୁଷ୍ଠାନ। ସମୟ ସହ ପାଦ ମିଶାଇ ରେଭେନ୍ସା ଆଗକୁ ବଢ଼ୁଛି। ଏହି ଶିକ୍ଷାନୁଷ୍ଠାନ ପୁରୁଣା, କିନ୍ତୁ ପୁରୁଣାକାଳିଆ ନୁହେଁ। ରେଭେନ୍ସାର ବିଦ୍ୟାର୍ଥୀ ଦେଶବିଦେଶରେ ଗୌରବ ଅର୍ଜନ କରିଛନ୍ତି। ଇଟା, ପଥରରେ ଗଢ଼ା ଏକ ନିର୍ଜୀବ ଅଟ୍ଟାଳିକା ନୁହେଁ, ବରଂ ରେଭେନ୍ସା ଓଡ଼ିଶାର ଜୀବନ୍ତ ଇତିହାସ।' ଆଜି ସେଭେନ ପିଲାର ଅଫ ୱିଜ୍‌ଡମଠାରେ ରେଭେନ୍ସା ବିଶ୍ୱବିଦ୍ୟାଳୟର ୧୩ତମ ସମାବର୍ତ୍ତନ ସମାରୋହରେ ଯୋଗଦେଇ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଏହା କହିଛନ୍ତି।

ଛାତ୍ରଛାତ୍ରୀଙ୍କ ଉଦ୍ଦେଶ୍ୟରେ ରାଷ୍ଟ୍ରପତି କହିଥିଲେ ଯେ, ନିଜେ ଚାକିରି କରିବା ଓ ରୋଜଗାରକ୍ଷମ ହେବାର ଅର୍ଥ ନୁହେଁ ସଫଳତା; ଜଣେ ଉଦ୍ୟୋଗୀ ହେଲେ ସଫଳତା ଆପେଆପେ ମିଳିପାରିବ। ସଫଳତା ତାକୁ କହିବା ଯେତେବେଳେ ଅନ୍ୟକୁ ଚାକିରି ଦେଇପାରିବା। କଟକ ମାଟି ଉଦ୍ୟୋଗୀ ହେବାକୁ ପ୍ରେରଣା ଦେଇଥାଏ। ଉତ୍କଳ ଗୌରବ ମଧୁସୂଦନ ଦାସ ଏଠାରେ ଉତ୍କଳ ଟ୍ୟାନେରୀ ଜୋତା କାରଖାନା ପ୍ରତିଷ୍ଠା କରିଥିଲେ। ପରାଧୀନ ଭାରତରେ ମଧୁବାବୁଙ୍କ ଏଭଳି ପ୍ରଚେଷ୍ଟା ପାଇଁ ସେ ମହାତ୍ମା ଗାନ୍ଧୀଙ୍କଠାରୁ ପ୍ରଶଂସିତ ହୋଇଥିଲେ। ଭବିଷ୍ୟତରେ ଭାରତ ବିଶ୍ୱଗୁରୁ ହେବ, ଏ ଦିଗରେ ରେଭେନ୍ସାର ଭୂମିକା ଗୁରୁତ୍ୱପୂର୍ଣ୍ଣ ରହିବ ବୋଲି ସେ କହିଛନ୍ତି।।

କାର୍ଯ୍ୟକ୍ରମରେ ଅନ୍ୟତମ ଅତିଥି ଭାବେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଯୋଗଦେଇ ଓଡ଼ିଆଙ୍କ ପାଇଁ





ରେଭେନ୍ସା ପବିତ୍ର ମାଟି ବୋଲି କହିଥିଲେ। ଭାରତକୁ ଇଂରେଜମୁକ୍ତ କରିବା ନିମନ୍ତେ ଯେଉଁ ଜନଆନ୍ଦୋଳନର ସୂତ୍ରପାତ ହୋଇଥିଲା, ସେଥିରେ ରେଭେନ୍ସାର ଭୂମିକା ଗୁରୁତ୍ୱପୂର୍ଣ୍ଣ ଥିଲା। ଭାଷାଭିତ୍ତିକ ରାଜ୍ୟ ଗଠନ ହେଉ କି ଓଡ଼ିଶାର ନବସୃଜନର ପରିକଳ୍ପନା କ୍ଷେତ୍ରରେ ଏହି ଶିକ୍ଷାନୁଷ୍ଠାନ ମଙ୍ଗ ଧରିଥିଲା। ଅନେକ ମହାନୁଭବଙ୍କ ବୌଦ୍ଧିକ ବୀଜରୋପଣ ରେଭେନ୍ସାରୁ ହୋଇଛି ବୋଲି ସେ କହିଥିଲେ।

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ନିଜ ଅଭିଭାଷଣରେ ରେଭେନ୍ସା ଏକ ବ୍ରାଣ୍ଡ ବୋଲି ଅଭିହିତ କରିଥିଲେ। ଅନେକ ସୁଯୋଗ୍ୟ ସନ୍ତାନଙ୍କୁ ରେଭେନ୍ସା ଜନ୍ମ ଦେଇଛି। ସାମାଜିକ, ଅର୍ଥନୈତିକ ଏବଂ ସାଂସ୍କୃତିକ ଜାଗରଣରେ ରେଭେନ୍ସାର ଅବଦାନ ଅବିସ୍ମରଣୀୟ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ।

ଅନ୍ୟତମ ଅତିଥି ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ କହିଥିଲେ ଯେ ୨୦୩୬ ବିକଶିତ ଓଡ଼ିଶା ଏବଂ ୨୦୪୭ ବିକଶିତ ଭାରତ ଗଠନରେ ରେଭେନ୍ସା ପ୍ରୟୋଗଶାଳା ସାଜିବ। ଏଥିପାଇଁ ରାଜ୍ୟ ସରକାର ଶିକ୍ଷାର ବିକାଶ ପାଇଁ ବିଭିନ୍ନ ପଦକ୍ଷେପ ନେଉଛନ୍ତି। ରାଜ୍ୟପାଳ ତଥା ବିଶ୍ୱବିଦ୍ୟାଳୟର କୁଳାଧିପତି ଡ. ହରିବାବୁ କମ୍ଭମପାଟି ସମାରୋହରେ ଅଧ୍ୟକ୍ଷତା କରି ରେଭେନ୍ସା ବିଶ୍ୱବିଦ୍ୟାଳୟକୁ ଶିକ୍ଷାର ମନ୍ଦିର ବୋଲି ଅଭିହିତ କରିଥିଲେ। କୁଳପତି ପ୍ରଫେସର ସଞ୍ଜୟ କୁମାର ନାୟକ ସ୍ୱାଗତ ଭାଷଣ ଦେଇଥିଲେ। ଏହି ଅବସରରେ ପରମାଣୁ ଶକ୍ତି ଆୟୋଗର ପ୍ରାକ୍ତନ ଅଧ୍ୟକ୍ଷ ତଥା ଭାବା ଆଟୋମିକ ରିସର୍ଚ୍ଚ ସେଣ୍ଟରର ପ୍ରାକ୍ତନ ନିର୍ଦ୍ଦେଶକ ଡଃ ଅଜିତ କୁମାର ମହାନ୍ତିଙ୍କୁ ଡକ୍ଟର ଅଫ ସାଇନ୍ସ, ସାଂସଦ ଡଃ ଭର୍ତ୍ତୃହରି ମହତାବ, ଓଡ଼ିଶାର ପ୍ରଥମ ବ୍ରେଲ ପ୍ରେସ ପ୍ରତିଷ୍ଠାତା ତଥା ଦୃଷ୍ଟିହୀନ ସାମାଜିକ କର୍ମୀ ବିଜୟ କୁମାର ରଥ ଓ ପରିବେଶ ସଂରକ୍ଷକ ପଦ୍ମଶ୍ରୀ ସାବରମତିଙ୍କୁ ସମ୍ମାନସୂଚକ ଡକ୍ଟର ଅଫ ଲିଟିରେଚର ପ୍ରଦାନ କରାଯାଇଥିଲା। ଏହି ସମାରୋହରେ ୨୦୨୩ ଶିକ୍ଷାବର୍ଷର ୧୦୬ ବିଦ୍ୟାର୍ଥୀଙ୍କୁ ପୁରସ୍କୃତ କରାଯାଇଥିଲା। ତନ୍ମଧ୍ୟରୁ ୨୯ ଜଣଙ୍କୁ ସ୍ନାତକ ସ୍ୱର୍ଣ୍ଣପଦକ, ୨ଜଣଙ୍କୁ ସର୍ବୋତ୍ତମ ସ୍ନାତକ, ୩୨ଜଣଙ୍କୁ ସ୍ନାତକୋତ୍ତର ସ୍ୱର୍ଣ୍ଣପଦକ, ୪୨ଜଣଙ୍କୁ ପିଏଚଡି ସନନ୍ଦ ଏବଂ ଜଣଙ୍କୁ ଡିଲିଟ୍ ପ୍ରଦାନ କରାଯାଇଥିଲା। ସେହିପରି ୨୦୨୪ ପାଇଁ ୧୧୮ ଛାତ୍ରଛାତ୍ରୀ ପୁରସ୍କୃତ ହୋଇଥିଲେ। ୨୯ଜଣଙ୍କୁ ସ୍ନାତକ ସ୍ୱର୍ଣ୍ଣପଦକ, ୨ଜଣଙ୍କୁ ସର୍ବୋତ୍ତମ ସ୍ନାତକ, ୨୭ଜଣଙ୍କୁ ସ୍ନାତକୋତ୍ତର ସ୍ୱର୍ଣ୍ଣପଦକ, ୩ଜଣଙ୍କୁ ବୋରାସମ୍ବର ସେନାପତି ତର୍କ ପଦକ, ୫୬ଜଣଙ୍କୁ ପିଏଚଡି ସନନ୍ଦ ଏବଂ ଜଣଙ୍କୁ ଡିଏସ୍‌ସି ସମ୍ମାନ ପ୍ରଦାନ କରାଯାଇଥିଲା। ୨୦୨୫ ପାଇଁ ୧୦୫ ମଧ୍ୟରୁ ୨୬ଜଣଙ୍କୁ ସ୍ନାତକ ସ୍ୱର୍ଣ୍ଣପଦକ, ୨ଜଣଙ୍କୁ ସର୍ବୋତ୍ତମ ସ୍ନାତକ, ୨୭ଜଣଙ୍କୁ ସ୍ନାତକୋତ୍ତର ସ୍ୱର୍ଣ୍ଣ ପଦକ, ୪ଜଣଙ୍କୁ ବୋରାସମ୍ବର ସେନାପତି ତର୍କ ପଦକ ଏବଂ ୪୬ଜଣଙ୍କୁ ପିଏଚଡି ସନନ୍ଦ ପୁରସ୍କାର ଦିଆଯାଇଥିଲା। କୁଳସଚିବ କାହ୍ନୁଚରଣ ମଲ୍ଲିକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ଫକୀରମୋହନ କଲେଜ ଛାତ୍ରୀ ମୃତ୍ୟୁ ଘଟଣା

## ୮ ଘଣ୍ଟିଆ ବାଲେଶ୍ୱର ବନ୍ଦ ଆଜି



ଭୁବନେଶ୍ୱର/ବାଲେଶ୍ୱର,୧୫।୭(ସମିସ): ଫକୀର ମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟର ବିଇଡି ଛାତ୍ରୀ ସୌମ୍ୟାଶ୍ରୀ ବିଶିଙ୍କ ମୃତ୍ୟୁ ଘଟଣାରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି କରି ବିଜେଡି ପକ୍ଷରୁ ବୁଧବାର ୮ ଘଣ୍ଟିଆ ବାଲେଶ୍ୱର ଜିଲ୍ଲା ବନ୍ଦ ଡାକରା ଦିଆଯାଇଛି। ସ୍ଥାନୀୟ ଏକ ହୋଟେଲରେ ପୂର୍ବତନ

- ବୁଧବାର ସକାଳ ୬ରୁ ଅପରାହ୍ଣ ୨ଟା ପର୍ଯ୍ୟନ୍ତ ବନ୍ଦ
- ଲୋକସେବା ଭବନ ବି ଘେରିବ ଦଳ

ସାଂସଦ ଇଂ ରବୀନ୍ଦ୍ର କୁମାର ଜେନାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ଏହି ସୂଚନା ଦିଆଯାଇଛି। ଏହି ବନ୍ଦ ସକାଳ ୬ଟାରୁ ଆରମ୍ଭ ହୋଇ ଦିନ ୨ଟା ପର୍ଯ୍ୟନ୍ତ ବଳବତ୍ତର ରହିବ। ଅପରପକ୍ଷେ, ରାଜଧାନୀ ଭୁବନେଶ୍ୱରରେ ମଧ୍ୟ ଆସନ୍ତାକାଲି ଦଳ ପକ୍ଷରୁ ଲୋକସେବା ଭବନ ଘେରାଉ କରାଯିବ। ଏହି ଘେରାଉ କାର୍ଯ୍ୟକ୍ରମ ସକାଳ ୧୦ଟାରୁ ଆରମ୍ଭ ହେବ ବୋଲି ବିଜେଡିର ବରିଷ୍ଠ ଉପସଭାପତି ଦେବୀ ପ୍ରସାଦ ମିଶ୍ର କହିଛନ୍ତି।

ସାମ୍ବାଦିକ ସମ୍ମିଳନୀରେ ଶ୍ରୀ ଜେନା କହିଥିଲେ, ସରକାରଙ୍କ ନିଷ୍କ୍ରିୟତା ପାଇଁ ନ୍ୟାୟରୁ ବଂଚିତ ସୌମ୍ୟାଶ୍ରୀ ଏପରି ଚରମ ପଦକ୍ଷେପ ନେଇଛନ୍ତି। କିନ୍ତୁ ତାଙ୍କ ବଳିଦାନ ବ୍ୟର୍ଥ ଯିବ ନାହିଁ। ତାଙ୍କ ବିୟୋଗରେ ବିଜେଡି ସଭାପତି ନବୀନ ପଟ୍ଟନାୟକ ଗଭୀର ଦୁଃଖ ପ୍ରକାଶ କରିବା ସହ ରାଜ୍ୟ ସରକାରଙ୍କ ବ୍ୟବସ୍ଥା ଉପରେ ପ୍ରଶ୍ନ ଉଠାଇଛନ୍ତି। ଏହି କ୍ରମରେ ୧୬ ତାରିଖ, ବୁଧବାର ଦିନ ବିଜୁ ଜନତା ଦଳ ପକ୍ଷରୁ ସକାଳ ୬ଟାରୁ ଅପରାହ୍ନ ୨ଟା ପର୍ଯ୍ୟନ୍ତ ବାଲେଶ୍ୱର ଜିଲ୍ଲା ବନ୍ଦ ଡାକରା ଦିଆଯାଇଛି। ଏହି ବନ୍ଦ ଶାନ୍ତିପୂର୍ଣ୍ଣ ଭାବରେ ଅନୁଷ୍ଠିତ ହେବ। ବନ୍ଦ ପାଳନ ସମୟରେ ଜରୁରୀକାଳୀନ ସେବା ଜାରି ରହିବ। କିନ୍ତୁ ଦୋକାନ ବଜାର, ଗାଡି ମୋଟର, ବସ, ଟ୍ରେନ, ସ୍କୁଲ ଓ କଲେଜ ସବୁ ବନ୍ଦ ରହିବ। ଏହି ବନ୍ଦ ପାଳନକୁ ଜିଲ୍ଲାବାସୀ ସହଯୋଗ କରିବାକୁ ଶ୍ରୀ ଜେନା ନିବେଦନ କରିଛନ୍ତି।

## ସରକାରଙ୍କ ଶବଦାହ କଲା କଂଗ୍ରେସ

ଭୁବନେଶ୍ୱର, ୧୫।୭ (ସମିସ): ମୁଖ୍ୟମନ୍ତ୍ରୀ ମୋହନ ମାଝୀ ଓ ଉଚ୍ଚ ଶିକ୍ଷାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜଙ୍କ ପ୍ରତୀକାତ୍ମକ ଶବଦାହ କରିଛି ଯୁବ କଂଗ୍ରେସ। ଯୁବ କଂଗ୍ରେସର କର୍ମକର୍ତ୍ତାମାନେ ଏକ ରାଲିରେ ଆସି ରାମମନ୍ଦିର ନିକଟସ୍ଥ ବିଜେପି କାର୍ଯ୍ୟାଳୟ ପାଖରେ "ରାମ ନାମ ସତ୍ୟହେ, ହରିନାମ ସତ୍ୟହେ" ଉଚ୍ଚାରଣ କରି ଦୁଇଟି କୋକେଇ କାନ୍ଧେଇଥିଲେ। କୋକେଇରେ ମୁଖ୍ୟମନ୍ତ୍ରୀ ଓ ଉଚ୍ଚଶିକ୍ଷା ମନ୍ତ୍ରୀଙ୍କର ଦୁଇଟି ଫ୍ଲେକ୍ସ ନିର୍ମିତ ଶବ ରଖାଯାଇଥିଲା। ସେପଟେ ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟର ଛାତ୍ରୀଙ୍କ ଶବ ତାଙ୍କ ନିଜ ଗାଁରେ ଦାହ ହେଉଥିବା ବେଳେ ଭୁବନେଶ୍ୱରରେ ବିଜେପି କାର୍ଯ୍ୟାଳୟ ନିକଟରେ ମୁଖ୍ୟମନ୍ତ୍ରୀ ଓ ଉଚ୍ଚଶିକ୍ଷା ମନ୍ତ୍ରୀଙ୍କର ଫ୍ଲେକ୍ସ ନିର୍ମିତ ଶବଦାହ କରାଯାଇଥିଲା। ଶବଦାହର ସମସ୍ତ ବିଧି ଏହି କାର୍ଯ୍ୟକ୍ରମରେ ଅନୁସରଣ କରାଯାଇଥିଲା।

କାର୍ଯ୍ୟକ୍ରମ ଅବସରରେ ଯୁବ କଂଗ୍ରେସ ସଭାପତି ରଣଜିତ ପାତ୍ର କହିଛନ୍ତି ଯେ ମୋହନ ସରକାରର ପ୍ରତୀକାତ୍ମକ ଶବଦାହ କରାଯାଇଛି। ଏହି ସରକାରରେ ନାରୀ ଅସୁରକ୍ଷିତ। ବାଲେଶ୍ୱର ସ୍ୱୟଂଶାସିତ ମହାବିଦ୍ୟାଳୟ ଛାତ୍ରୀ ସୌମ୍ୟାଶ୍ରୀ ବିଶିକୁ ମୁଖ୍ୟମନ୍ତ୍ରୀ କି ଶିକ୍ଷାମନ୍ତ୍ରୀ ବା ସମଗ୍ର ମୋହନ ସରକାରର ବ୍ୟବସ୍ଥା ନ୍ୟାୟ ଦେଇପାରିଲା ନାହିଁ। ତେଣୁ ମୁଖ୍ୟମନ୍ତ୍ରୀ ଓ ଶିକ୍ଷାମନ୍ତ୍ରୀଙ୍କର ଇସ୍ତଫା ଦାବି ସହ ଏହି କାର୍ଯ୍ୟ ହୋଇଛି ବୋଲି ସେ କହିଛନ୍ତି।





ଭୁବନେଶ୍ୱର କଂଗ୍ରେସ ସାଂସଦ ପ୍ରାର୍ଥୀ ସୟଦ ୟାସିର ନୱାଜ କହିଛନ୍ତି ଯେ ଏହି ଘଟଣାରେ ବିଜେପି, ମୋହନ ସରକାର ଏବଂ ଏବିଭିପିର ଅସଲମୁଖା ଖୋଲିଯାଇଛି। ଉଭୟ ଅଧ୍ୟକ୍ଷ ଓ ଅଧ୍ୟାପକଙ୍କୁ କଲେଜ ବାହାରେ ଥିବା ହେଲ୍ପ-ଡେସ୍କଠାରେ ଏବିଭିପି ପକ୍ଷରୁ ସମ୍ମାନିତ କରାଯାଇଥିଲା। ସୁତରାଂ ଏହି ଅପରାଧୀ ଦୁଇଜଣ ଏବିଭିପି ସଂଗଠନ ସହ ସୁ-ସମ୍ପର୍କ ରହିଥିଲା। ଛାତ୍ରୀଟି ଏବିଭିପି ସଂଗଠନର ଜଣେ ସଭ୍ୟା। ମାତ୍ର ଦୁଃଖର ବିଷୟ, ଛାତ୍ରୀର ଗୁହାରି ନ ଶୁଣିଥିବା ସରକାର ବିରୋଧରେ ଏବିଭିପି ଏପର୍ଯ୍ୟନ୍ତ ଆନ୍ଦୋଳନ କରୁନାହିଁ କି ଶବ୍ଦଟିଏ କହୁନାହିଁ। ଛାତ୍ରୀର ହାତକୁ ଆତ୍ମଦାହ କରିବାପାଇଁ କିଏ ସେ ପେଟ୍ରୋଲ ଓ ଦିଆସିଲି ବଢ଼ାଇଦେଲା ଏବଂ ଆତ୍ମଦାହ କରିବାପାଇଁ ଉସୁକାଇଲା, ତାହାର ଉପଯୁକ୍ତ ତଦନ୍ତ କରାଯାଉ ବୋଲି ସେ କହିଛନ୍ତି। ଛାତ୍ରୀ ସୌମ୍ୟାଶ୍ରୀ ଆତ୍ମହତ୍ୟା କରିନି ବରଂ ବିଜେପି, ମୋହନ ସରାକର ଏବଂ ଏବିଭିପି ତାଙ୍କୁ ହତ୍ୟା କରିଛି ବୋଲି ୟାସିର୍ କହିଛନ୍ତି।

## ମୋହନ ସରକାର ଶାସନ କରିବା ପାଇଁ ସମସ୍ତ ନୈତିକତା ହରାଇଛନ୍ତି : କଂଗ୍ରେସ

ଭୁବନେଶ୍ୱର,୧୫।୭(ସମିସ): ଫକୀରମୋହନ ମହାବିଦ୍ୟାଳୟର ଛାତ୍ରୀ ସୌମ୍ୟାଶ୍ରୀ ବିଶିଙ୍କ ମୃତ୍ୟୁ ପରେ ଆସନ୍ତା ୧୭ ତାରିଖରେ ଓଡ଼ିଶା ବନ୍ଦ ଡାକରା ଦିଆଯାଇଛି। ଏହା ଆତ୍ମହତ୍ୟା ନୁହେଁ, ଏହା ଏକ ବ୍ୟବସ୍ଥାକୃତ ହତ୍ୟା ବୋଲି ଉଲ୍ଲେଖ କରି କଂଗ୍ରେସ ସମେତ ୮ ଟି ମିଳିତ ବିରୋଧୀ ଦଳ ତରଫରୁ ବନ୍ଦ ଡାକରା ଦିଆଯାଇଛି। ବାଲେଶ୍ୱର ସାଂସଦ, ବିଧାୟକ, ଜିଲ୍ଲାପାଳ ଏବଂ ଏସପିଙ୍କୁ ତଦନ୍ତ ପରିସରଭୁକ୍ତ କରାଯିବା ସହ ୧୭ ଜୁଲାଇରେ ଓଡ଼ିଶା ବନ୍ଦକୁ ଜନସାଧାରଣ ସମର୍ଥନ ଦେଇ ସଫଳ କରିବା ପାଇଁ ବିରୋଧୀ ଦଳମାନେ ନିବେଦନ କରିଛନ୍ତି।

ଏହାସହିତ ତିନି ଦିନ ଧରି ସମଗ୍ର ରାଜ୍ୟରେ କ୍ୟାଣ୍ଡେଲ୍ ଶୋଭାଯାତ୍ରା ଓ ଶ୍ରଦ୍ଧାଞ୍ଜଳି ସଭା ଅୟୋଜନ କରାଯିବ।

ଛାତ୍ର-ଛାତ୍ରୀଙ୍କ ମନ୍ଦିର ହେଉଛି ଶିକ୍ଷାନୁଷ୍ଠାନ। ସେଠାରେ ଛାତ୍ର ଛାତ୍ରୀଙ୍କର ନିରାପତ୍ତା ନାହିଁ। ଭୟଙ୍କର ଦୁର୍ନୀତି, ଜାଲିଆତି, ପାତର ଅନ୍ତର, ମାର୍କ ପାଇଁ ମାନସିକ ଚାପ, କ୍ୟାରିୟର ପାଇଁ ଯୌନ ନିର୍ଯାତନା ଭଳି ଘଟଣା ଘଟିବା ଅତ୍ୟନ୍ତ ଉଦବେଗଜନକ ଏବଂ ଚିନ୍ତାଜନକ। ଫକୀର ମୋହନ ମହାବିଦ୍ୟାଳୟ ଘଟଣା ଏହି ଘୃଣ୍ୟ କାର୍ଯ୍ୟର ଏକ ପ୍ରତିଫଳନ । ଏହି କେଳେଙ୍କାରୀ ସାଙ୍ଗକୁ ମାଲକାନଗିରିରେ ସାମ୍ବାଦିକଙ୍କୁ ହତ୍ୟା, ଗଞ୍ଜାମ ଜିଲ୍ଲାରେ ପୁଣି ମହିଳାଙ୍କୁ ଗଣ ଦୁଷ୍କର୍ମ, ଗୋପାଳପୁରରେ ଯୁବତୀଙ୍କୁ ଗଣଦୁଷ୍କର୍ମ, ଧରାକୋଟରେ ଦଳିତଙ୍କ ଉପରେ ପାଶବିକ ଅତ୍ୟାଚାର, ଶିମିଳିପାଳ ଅଭୟାରଣ୍ୟରେ ଜଙ୍ଗଲ ବିଭାଗ କର୍ମଚାରୀଙ୍କ ଦ୍ୱାରା ଆଦିବାସୀ ମହିଳାଙ୍କ ଉପରେ ଯୌନ ନିର୍ଯାତନା, ମାଲକାନଗିରିରେ ଖ୍ରୀଷ୍ଟିଆନ ସମ୍ପ୍ରଦାୟଙ୍କ ଉପରେ ଆକ୍ରମଣ, ରାଜ୍ୟ ତମାମ୍ ବଙ୍ଗଳା ଭାଷାଭାଷୀ ନାଗରିକଙ୍କୁ ଅଯଥା ଗିରଫ ଓ ଡିଟେନସନ, ବିଏମସି ଅଧିକାରୀଙ୍କ ଉପରେ ବିଜେପି କର୍ମୀ ମାନେ ବର୍ବର ଆକ୍ରମଣ କରିବା, ନୀଳଗିରି ବିଧାୟକଙ୍କ ମହିଳା ନେତ୍ରୀଙ୍କ ପ୍ରତି ଅଶାଳୀନ ମନ୍ତବ୍ୟ, ରଥଯାତ୍ରା ପରିଚାଳନାରେ ଅବହେଳା ଯୋଗୁଁ ଶ୍ରଦ୍ଧାଳୁଙ୍କ ମୃତ୍ୟୁ ଓ ଅନେକ ଗୁରୁତର ଭାବେ ଆହତ ଇତ୍ୟାଦି ସମସ୍ତ ଘଟଣାରେ ମୋହନ ସରକାରଙ୍କ ବିଫଳତା, ବ୍ୟର୍ଥତା, ଅପାରଗତା ପ୍ରମାଣିତ ହୋଇଛି। ରାଜ୍ୟରେ ଜଙ୍ଗଲରାଜ ଚାଲିଛି। ସମଗ୍ର ପୁଲିସ୍ ବିଭଗ ସ୍ଥାଣୁ ପାଲଟିଛି। ଓଡ଼ିଶା ରାଜ୍ୟ ବର୍ତ୍ତମାନ୍ ଅପରାଧୀଙ୍କ ଚରାଭୂଇଁ ହୋଇଛି। ମୋହନ ମାଝୀ ସରକାର ଶାସନ କରିବାର ସମସ୍ତ ନୈତିକ ଅଧିକାର ହରାଇଛନ୍ତି ବୋଲି ମିଳିତ ବିରୋଧୀ ଦଳ ପ୍ରକାଶ କରିଛନ୍ତି। ବିଜେପି ଶାସନର ଜଙ୍ଗଲରାଜ ବିରୋଧରେ ମାନବିକ ଅଧିକାର ପାଇଁ ୧୭ ଜୁଲାଇ ରେ ଓଡ଼ିଶା ବନ୍ଦ ପାଳନ କରାଯିବ। ଆଜି ପୂର୍ବାହ୍ନ କଂଗ୍ରେସ ଭବନରେ ଅନୁଷ୍ଠିତ ମିଳିତ ସାମ୍ବାଦିକ ସମ୍ମିଳନୀରେ ରେ କଂଗ୍ରେସ ପକ୍ଷରୁ ପିସିସି ସଭାପତି ଭକ୍ତ ଚରଣ ଦାସ, କଂଗ୍ରେସ ବିଧାୟକ ଦଳର ନେତା ରାମଚନ୍ଦ୍ର କାଡାମ୍, ସିପିଆଇ ରାଜ୍ୟ ସମ୍ପାଦକ ଆଶିଷ କାନୁନଗୋ, ସିପିଆଇ (ଏମ୍) ରାଜ୍ୟ ସମ୍ପାଦକ ସୁରେଶ ଚନ୍ଦ୍ର ପାଣିଗ୍ରାହୀ, ସିପିଆଇ(ଏମ୍‌ଏଲ)-ଲିବେରେସନ୍ ରାଜ୍ୟ ସମ୍ପାଦକ ଯୁଧିଷ୍ଠିର ମହାପାତ୍ର, ଅଲ୍ ଇଣ୍ଡିଆ ଫରୱାର୍ଡ ବ୍ଲକ୍ ରାଜ୍ୟ ସାଧାରଣ ସମ୍ପାଦକ ଜ୍ୟୋତି ରଞ୍ଜନ ମହାପାତ୍ର, ଏନ୍‌ସିପି ରାଜ୍ୟ ସଭାପତି ବିକ୍ରମ ସ୍ୱାଇଁ, ଏସପି ରାଜ୍ୟ ସାଧାରଣ ସମ୍ପାଦକ ପ୍ରତାପ ବାରିକ, ଆର୍‌ଜେଡି ରାଜ୍ୟ ସାଧାରଣ ସମ୍ପାଦକ ହେମନ୍ତ କୁମାର ପ୍ରମୁଖ ରାଜ୍ୟ ନେତୃବୃନ୍ଦ ଉପସ୍ଥିତ ଥିଲେ।

## ମୁଖ୍ୟମନ୍ତ୍ରୀ ଓ ଉଚ୍ଚଶିକ୍ଷାମନ୍ତ୍ରୀଙ୍କ ଇସ୍ତଫା ଦାବିକଲା ବିଜେଡି

### କାର୍ଯ୍ୟରତ ବିଚାରପତିଙ୍କ ଦ୍ୱାରା ବିଚାର ବିଭାଗୀୟ ତଦନ୍ତ ହେଉ

ଭୁବନେଶ୍ୱର,୧୫।୭(ସମିସ): ଫକୀର ମୋହନ ସ୍ୱୟଂଶାସିତ କଲେଜ ଛାତ୍ରୀ ଆତ୍ମାହୂତି ଘଟଣାରେ ପୀଡ଼ିତାଙ୍କ ମୃତ୍ୟୁ ଘଟଣାରେ ମୁଖ୍ୟମନ୍ତ୍ରୀ ଓ ଉଚ୍ଚଶିକ୍ଷା ମନ୍ତ୍ରୀଙ୍କ ଇସ୍ତଫା ଦାବି କରିଛି ବିଜେଡି। ଏହା ସହ ଦଳ ପକ୍ଷରୁ ଘଟଣାର ବିଚାର ବିଭାଗୀୟ ତଦନ୍ତ ଦାବି କରିଛି।

ଶଙ୍ଖ ଭବନ ଠାରେ ଆଜି ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଦଳର ବରିଷ୍ଠ ଉପସଭାପତି ଦେବୀ ପ୍ରସାଦ ମିଶ୍ର, ଉପସଭାପତି ସଞ୍ଜୟ କୁମାର ଦାସବର୍ମା, ଉପସଭାପତି ପ୍ରତାପ ଜେନା ଏଫଏମ କଲେଜ ଛାତ୍ରୀ ମୃତ୍ୟୁ ଘଟଣାରେ ସରକାରୀ ଉଦାସନୀତା ଏବଂ ବିଫଳତାକୁ ନେଇ ପ୍ରବଳ ବର୍ଷିଛନ୍ତି। ଶ୍ରୀ ମିଶ୍ର କହିଛନ୍ତି ଯେ ଏହି ଘଟଣା ସମଗ୍ର ରାଜ୍ୟବାସୀଙ୍କୁ ଆନ୍ଦୋଳିତ କରିଛି । ପୀଡିତା ଛାତ୍ରୀ ଦୀର୍ଘ ୬ ମାସ ଧରି ନ୍ୟାୟ ପାଇଁ ସଂଗ୍ରାମ କରି ବିଫଳ ହେବା ପରେ, ମୁଖ୍ୟମନ୍ତ୍ରୀ ଓ ଉଚ୍ଚଶିକ୍ଷା ମନ୍ତ୍ରୀ ଇତ୍ୟାଦିଙ୍କୁ ସାମାଜିକ ଗଣମାଧ୍ୟମ ଏକ୍ସରେ ଟ୍ୱିଟ୍ କରି ନ୍ୟାୟ ଭିକ୍ଷା କରିଥିଲା । ସମସ୍ତ କ୍ଷେତ୍ରରୁ ନ୍ୟାୟ ପାଇବାରେ ବିଫଳ ହେବା ପରେ, ଛାତ୍ରୀ ଜଣକ ଆତ୍ମାହୂତି ଭଳି ଚରମ ନିଷ୍ପତ୍ତି ନେଇଥିଲା । ସରକାରୀ ବ୍ୟବସ୍ଥାରେ ଥିବା ତ୍ରୁଟି ଓ ସରକାରଙ୍କ ଅପାରଗତାକୁ ବିରୋଧ କରି ଜୁଲାଇ ୧୬ ତାରିଖ (ବୁଧବାର) ବାଲେଶ୍ୱର ବନ୍ଦ ଡାକରା ଦିଆଯାଇଛି ଓ ଆଜିଠାରୁ ଆରମ୍ଭ ହୋଇଥିବା କଲେଜ ଷ୍ଟ୍ରାଇକ ଦାବି ପୂରଣ ହେବା ଯାଏଁ ଜାରି ରହିବ।

ସଞ୍ଜୟ କୁମାର ଦାସବର୍ମା କହିଛନ୍ତି ଯେ ଏହି ଘଟଣାରେ ଅଭିଯୁକ୍ତ ଅଧ୍ୟାପକ, କଲେଜ ଅଧ୍ୟକ୍ଷଙ୍କ ବ୍ୟତୀତ ମୃତ ଛାତ୍ରୀ ଯେଉଁ ଯେଉଁମାନଙ୍କ ନିକଟରେ ଅଭିଯୋଗ କରିଥିଲା



ସେହି ବ୍ୟକ୍ତିମାନଙ୍କୁ ମଧ୍ୟ ତଦନ୍ତ ପରିସରଭୁକ୍ତ କରିବା ଦରକାର। ଏହାଛଡା ଏହି ଘଟଣା ଘଟିବା ବେଳକୁ ଯେଉଁମାନେ ଭିଡିଓ କରୁଥିଲେ, ଯେଉଁମାନେ ତାକୁ ଉସକେଉଥିଲେ ଓ ଯେଉଁମାନେ କଲେଜ ଦ୍ୱାରା ଗଠିତ ହୋଇଥିବା ତଦନ୍ତ କମିଟିରେ ରହି ତଦନ୍ତକୁ ବାଟବଣା କରିଥିଲେ ସେମାନେ ମଧ୍ୟ ଏହି ଘଟଣାରେ ଦାୟୀ । ତେଣୁ ସେମାନେ ମଧ୍ୟ ତଦନ୍ତ ପରିସର ଭୁକ୍ତ ହେବା ଦରକାର ବୋଲି ସେ କହିଛନ୍ତି। ବରିଷ୍ଠ ନେତା ପ୍ରତାପ ଜେନା କହିଛନ୍ତି ଯେ ମୃତ ଛାତ୍ରୀ ନିଜର ଅଭିଯୋଗକୁ ସାଂସଦ, ବିଧାୟକ, ଉଚ୍ଚଶିକ୍ଷା ମନ୍ତ୍ରୀ, ମୁଖ୍ୟମନ୍ତ୍ରୀ, କେନ୍ଦ୍ର ଶିକ୍ଷାମନ୍ତ୍ରୀ ଇତ୍ୟାଦିଙ୍କୁ ଜଣାଇଥିଲେ ମଧ୍ୟ କେହି ଅଭିଯୋଗ ଉପରେ କର୍ଣ୍ଣପାତ କରିନଥିଲେ । ଏହାଛଡ଼ା ସେ ଏସ୍‌ପିଙ୍କ ପାଖରେ ଲିଖିତ ଅଭିଯୋଗ କରିଥିଲେ; କିନ୍ତୁ ତାଙ୍କ ଅଭିଯୋଗକୁ ନ୍ୟାୟ ଦେବା ତ ଦୂରର କଥା, କେସ୍ ପଞ୍ଜୀକୃତ କରାଗଲା ନାହିଁ। ଏହା ହୋଇଥିଲେ ଛାତ୍ରୀ ଜଣକ ହୁଏତ ଏଭଳି ଚରମ ପଦକ୍ଷେପ ନେବାରୁ ନିବୃତ ରହିଥାନ୍ତେ। ଏହାଦ୍ୱାରା ପୁଲିସ ପ୍ରଶାସନ ଓ ନ୍ୟାୟ ବ୍ୟବସ୍ଥା ଉପରେ ସାଧାରଣ ଲୋକଙ୍କ ଭରସା ଉଠିଯାଉଛି। କେବଳ ସରକାରୀ ଅଧିକାରୀ ମାନେ ନୁହେଁ ନିର୍ବାଚିତ ଜନପ୍ରତିନିଧିମାନେ ମଧ୍ୟ ଉତ୍ତରଦାୟୀ ହେବା ଉଚିତ। ତେଣୁ ଯେଉଁମାନେ ଛାତ୍ରୀଙ୍କ ଅଭିଯୋଗକୁ ଅଣଦେଖା କରିଛନ୍ତି ସେମାନେ ସମସ୍ତେ ଏହି ଛାତ୍ରୀର ମୃତ୍ୟୁ ପାଇଁ ଦାୟୀ । ମୁଖ୍ୟମନ୍ତ୍ରୀ, ଉଚ୍ଚଶିକ୍ଷା ମନ୍ତ୍ରୀ ଏହି ଘଟଣାର ନୈତିକ ଦାୟିତ୍ୱ ନେଇ ନିଜ ପଦରୁ ଇସ୍ତଫା ଦେବା ଦରକାର। ଏହି ଘଟଣାର ତଦନ୍ତ ଏକ କାର୍ଯ୍ୟରତ ବିଚାରପତିଙ୍କ ଦ୍ୱାରା ବିଚାର ବିଭାଗୀୟ ତଦନ୍ତ ପାଇଁ ବିଜେଡି ଦାବି କରିଛି।

ସୌମ୍ୟାଶ୍ରୀଙ୍କ ଆତ୍ମାହୁତିଜନିତ ମୃତ୍ୟୁ ଘଟଣାରେ ଗର୍ଜିଲା ବିଜେଡି

# ମୁଖ୍ୟମନ୍ତ୍ରୀ କ୍ଷମା ମାଗନ୍ତୁ, ଉଚ୍ଚଶିକ୍ଷା ମନ୍ତ୍ରୀ ଇସ୍ତଫା ଦିଅନ୍ତୁ




ସମ୍ବଲପୁର, ୧୫।୭ (ସମିସ):

ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ ସମ୍ମୁଖରେ ବିଜୁ ଛାତ୍ର ଜନତା ଦଳ ପକ୍ଷରୁ ଫକୀର ମୋହନ ସ୍ୱୟଂଶାସିତ ବିଶ୍ୱବିଦ୍ୟାଳୟ ଛାତ୍ରୀ ସୋମ୍ୟାଶ୍ରୀ ବିଶିଙ୍କ ଆତ୍ମାହୁତି ଓ ମୃତ୍ୟୁ ଘଟଣାକୁ ନେଇ ଏକ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟମନ୍ତ୍ରୀଙ୍କ କ୍ଷମାପ୍ରାର୍ଥନା ସହ ଉଚ୍ଚଶିକ୍ଷା ମନ୍ତ୍ରୀଙ୍କ ଇସ୍ତଫା ଦାବି କରାଯାଇଛି। ସୋମବାର ରାତିରେ ଏଫ୍‌ଏମ୍ ଛାତ୍ରୀ ସୋମ୍ୟାଶ୍ରୀଙ୍କ ମୃତ୍ୟୁ ଘଟଣା ଏକ ଆତ୍ମହତ୍ୟା ନୁହେଁ ବରଂ ହତ୍ୟା ବୋଲି ଛାତ୍ର ବିଜେଡି ପକ୍ଷରୁ ପ୍ରକାଶ କରାଯାଇଛି। ଜଣେ ଛାତ୍ରୀ ନିଜ ସହିତ ହେଉଥିବା ଅନ୍ୟାୟ ବିରୋଧରେ ପ୍ରତିବାଦ କରିବା ସହ ମୁଖ୍ୟମନ୍ତ୍ରୀ, କେନ୍ଦ୍ର ଶିକ୍ଷାମନ୍ତ୍ରୀ ଓ ରାଜ୍ୟ ସରକାରଙ୍କ ଶିକ୍ଷାମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ ମଧ୍ୟ କରିଥିଲେ। ଡିଜିଟାଲ ଇଣ୍ଡିଆ ନାରା ଦେଉଥିବା ସରକାର ଡିଜିଟାଲ ମାଧ୍ୟମରେ ଅନୁରୋଧକୁ ଅଣଦେଖା କଲେ। ବେଟି ବଚାଓ ବେଟି ପଢ଼ାଓ ନାରା କେବଳ ନାରାରେ ପରିବର୍ତ୍ତିତ ହୋଇଯାଇଥିବା ବକ୍ତାମାନେ ପ୍ରକାଶ କରିଥିଲେ। ରାଷ୍ଟ୍ରପତି, ମୁଖ୍ୟମନ୍ତ୍ରୀ, କେନ୍ଦ୍ରମନ୍ତ୍ରୀ, ରାଜ୍ୟ ମନ୍ତ୍ରୀଗଣଙ୍କ ଗତକାଲି ଏମ୍ସ ଗସ୍ତ ଛାତ୍ରୀର ଜୀବନ ଫେରେଇ ପାରିବନି। ଏହି ଗସ୍ତ ବା ତତ୍ପରତା ପୂର୍ବରୁ ଦେଖେଇଥାନ୍ତେ ହେଲେ ଆଜିର ଦୁଃଖଦ ଘଟଣାକୁ ରୋକା ଯାଇପାରିଥାନ୍ତା। ଛାତ୍ର ବିଜେଡି ମୁଖ୍ୟମନ୍ତ୍ରୀଙ୍କ କ୍ଷମା ପ୍ରାର୍ଥନା ସହ ଉଚ୍ଚଶିକ୍ଷା ମନ୍ତ୍ରୀଙ୍କ ଇସ୍ତଫା ଦାବି କରିଛି। ପ୍ରତିବାଦ ସଭାରେ ଜୋନ ସଭାପତି ମିଲନ ହୋତା ସଭାପତିତ୍ୱ କରିଥିବାବେଳେ ବିଜେଡି ବରିଷ୍ଠ ନେତା ଗୋକୁଳ ମେହେର, ବିଜେଡି ପୂର୍ବତନ ଜିଲ୍ଲା ସମ୍ପାଦକ ମହମ୍ମଦ ସନୱାଲା, ବିଜେଡି ପୂର୍ବତନ ଜିଲ୍ଲା ଉପସଭାପତି ଦୂର୍ଯ୍ୟ ମହାନ୍ତି, ଧିରେନ ଦେବତା, ଜିଲ୍ଲା ପୂର୍ବତନ ସମ୍ପାଦକ ଜୟନ୍ତ ପଟ୍ଟନାୟକ, ଯୁବ ବିଜେଡି ଉପସଭାପତି ସୁମିତ ପଟେଲ, ଯୁବ ବିଜେଡି ସମ୍ପାଦକ ବିକାଶ ସାହୁ, ଛାତ୍ର ବିଜେଡି ଜୋନ ଉପସଭାପତି ଦେବଜ୍ୟୋତି ପଟ୍ଟନାୟକ, ଛାତ୍ର ବିଜେଡି ଜିଲ୍ଲା ସାଧାରଣ ସମ୍ପାଦକ ଚୁମନ ପ୍ରଧାନ, ଆର୍ଯ୍ୟନ ବହିଦାର, ଶୁଭମ ସାହୁ, ସପନ ହୋତା, ଅର୍ଯ୍ୟମାନ ବେହେରା, ଶିବୁ ସେଠ, ଅଭିନବ ଶୁକ୍ଳା, ଆର୍ଯ୍ୟାନ ନାୟକ, ନେହା ରୋହିଦାସ, ନିପନ ମିଶ୍ର, ଅସିତ ସାହୁ, ସ୍ୱାଗତିକା ମହାନ୍ତି, ପ୍ରୀତି ସାହୁ ପ୍ରମୁଖ ନିଜ ବକ୍ତବ୍ୟ ରଖିଥିଲେ।

## 'ମୃତ୍ୟୁ ଆତ୍ମହତ୍ୟା ନୁହେଁ ; ପ୍ରାୟୋଜିତ ହତ୍ୟା'

ବିଜୁ ଯୁବ ଜନତା ଦଳର ପୂର୍ବତନ ରାଜ୍ୟ କାର୍ଯ୍ୟକାରୀ ସଭାପତି ସଂଜିତ ମହାନ୍ତି ଫକୀର ମୋହନ ସ୍ୱୟଂଶାସିତ କଲେଜର ଛାତ୍ରୀ ସୌମ୍ୟାଶ୍ରୀଙ୍କ ଆତ୍ମହତ୍ୟା ଜନିତ ମୃତ୍ୟୁ ଘଟଣାରେ ଗଭୀର ଉଦବେଗ ପ୍ରକାଶ କରିବା ସହିତ ତାଙ୍କ ମୃତ୍ୟୁ ପାଇଁ ସରକାରୀ ବ୍ୟବସ୍ଥାକୁ ସମ୍ପୂର୍ଣ୍ଣ ଭାବରେ ଦାୟୀ କରିଛନ୍ତି। ସ୍ୱର୍ଗୀୟ ସୌମ୍ୟାଶ୍ରୀ ନ୍ୟାୟ ପାଇବା ପାଇଁ ମୁଖ୍ୟମନ୍ତ୍ରୀ, କେନ୍ଦ୍ର ଉଚ୍ଚଶିକ୍ଷା ମନ୍ତ୍ରୀ, ରାଜ୍ୟ ଉଚ୍ଚଶିକ୍ଷା ମନ୍ତ୍ରୀ ତଥା ବିଭାଗୀୟ କର୍ତ୍ତୃପକ୍ଷଙ୍କୁ ଜଣାଇବା ପରେ ନ୍ୟାୟ ନ ପାଇ ହତାଶ ହୋଇ ମୃତ୍ୟୁବରଣ କରିଥିବାରୁ ତାଙ୍କ ମୃତ୍ୟୁ ପାଇଁ ମୁଖ୍ୟମନ୍ତ୍ରୀ ଏବଂ ଉଚ୍ଚଶିକ୍ଷା ମନ୍ତ୍ରୀ ସମ୍ପୂର୍ଣ୍ଣ ଭାବେ ଦାୟୀ। ଏହି ଚରମ ଦାୟିତ୍ୱହୀନତାର ଶ୍ରୀ ମହାନ୍ତି ତୀବ୍ର ନିନ୍ଦା କରିଛନ୍ତି ଏବଂ ଏଥିପାଇଁ ଓଡ଼ିଶାର ମୁଖ୍ୟମନ୍ତ୍ରୀ କ୍ଷମା ମାଗିବା ସହିତ କେନ୍ଦ୍ର ଶିକ୍ଷାମନ୍ତ୍ରୀଙ୍କ ଇସ୍ତଫା ଦାବି କରିଛନ୍ତି।

## 'ସରକାରଙ୍କ ଦାୟିତ୍ୱହୀନତା ଦାୟୀ'

ଫକୀର ମୋହନ କଲେଜ ଛାତ୍ରୀ ସୌମ୍ୟାଶ୍ରୀଙ୍କ ଆତ୍ମହତ୍ୟା ଜନିତ ମୃତ୍ୟୁରେ ସମ୍ବଲପୁର ଉନ୍ନୟନ ପ୍ରାଧିକରଣର ପୂର୍ବତନ ଅଧ୍ୟକ୍ଷ ବିଜୟ କୁମାର ମହାନ୍ତି ଗଭୀର ଶୋକ ପ୍ରକାଶ କରିବା ସହିତ ଉଦବେଗ ପ୍ରକାଶ କରିଛନ୍ତି। ଶ୍ରୀ ମହାନ୍ତି କହିଛନ୍ତି ଯେ, ସୌମ୍ୟାଶ୍ରୀଙ୍କ ଏହି ମୃତ୍ୟୁରେ ଜଣେ ପ୍ରତିଭାବାନ ଛାତ୍ରୀଙ୍କ ଜୀବନର ଅବସାନ ଘଟିଲା। ସେ ତାଙ୍କ ପ୍ରତି ହେଉଥିବା ଅନ୍ୟାୟ ବିରୋଧରେ ସରକାରଙ୍କ ମୁଖ୍ୟମନ୍ତ୍ରୀ, ଉଚ୍ଚ ଶିକ୍ଷାମନ୍ତ୍ରୀଙ୍କ ସମେତ ସମସ୍ତ ସମ୍ପୃକ୍ତ କର୍ତ୍ତୃପକ୍ଷଙ୍କ ଜଣାଇଥିବା ସତ୍ତ୍ୱେ ନ୍ୟାୟ ନ ପାଇ ନିଜ ଜୀବନକୁ ବଳି ଦେଇଦେଲେ। ଏଥିରୁ ସରକାର ତଥା ସଂପୃକ୍ତ କର୍ତ୍ତୃପକ୍ଷଙ୍କ ଦାୟିତ୍ୱହୀନତା ତଥା ପ୍ରଶାସନିକ ସ୍ଥାଣୁତା ସ୍ପଷ୍ଟ ହୋଇଯାଇଛି। ଏହି ଘଟଣା ସମଗ୍ର ରାଜ୍ୟବାସୀଙ୍କୁ ସ୍ତବ୍ଧ କରିବା ସହିତ ଜନସାଧାରଣଙ୍କ ପ୍ରଶାସନ ପ୍ରତି ଆସ୍ଥା ତୁଟି ଯାଉଛି। ଏହି ଦାୟିତ୍ୱହୀନତା ଜନିତ କାରଣରୁ ସୌମ୍ୟାଶ୍ରୀଙ୍କ ମୃତ୍ୟୁ ହୋଇଥିବାରୁ ମୁଖ୍ୟମନ୍ତ୍ରୀ ମୃତ ସୌମ୍ୟାଶ୍ରୀଙ୍କ ପରିବାର ତଥା ଓଡ଼ିଶାବାସୀଙ୍କୁ କ୍ଷମା ମାଗିବା ଏବଂ ସମ୍ପୂର୍ଣ୍ଣ ଭାବରେ ଦାୟୀ ଥିବା ଉଚ୍ଚ ଶିକ୍ଷାମନ୍ତ୍ରୀଙ୍କୁ ମନ୍ତ୍ରୀ ମଣ୍ଡଳରୁ ବହିଷ୍କାର କରିବା ଏବଂ ବିଭାଗୀୟ କର୍ତ୍ତୃପକ୍ଷ ମାନଙ୍କୁ ମଧ୍ୟ ଦାୟୀ କରିବା ସହିତ ଦୃଢ଼ କାର୍ଯ୍ୟାନୁଷ୍ଠାନ କରିବାକୁ ଶ୍ରୀ ମହାନ୍ତି ଦାବୀ ଜଣାଇଛନ୍ତି।

## ମା' ଝାଡ଼େଶ୍ୱରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଶ୍ରଦ୍ଧାଞ୍ଜଳି

ସମ୍ବଲପୁର,୧୫।୭ (ସମିସ): ଧମାସ୍ଥିତ ମା' ଝାଡ଼େଶ୍ୱରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଫକିର ମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟର ଛାତ୍ରୀ ସ୍ୱର୍ଗତା ସୌମ୍ୟାଶ୍ରୀ ବିଶିଙ୍କୁ ଅନୁଷ୍ଠାନର ଅଧ୍ୟାପକ ଅଧ୍ୟାପିକା କର୍ମଚାରୀ ଓ ଛାତ୍ରଛାତ୍ରୀଙ୍କ ପକ୍ଷରୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଛି। ଅଧ୍ୟକ୍ଷ ଅଶୋକ କୁମାର ପୁରୋହିତଙ୍କ ସଭାପତିତ୍ୱ ତଥା ଅଧ୍ୟାପକ ରବିନ୍ଦ୍ର ନାରାୟଣ ଠାକୁରଙ୍କ ସଂଯୋଜନାରେ ଆୟୋଜିତ ଶୋକସଭାରେ ସୌମ୍ୟାଶ୍ରୀଙ୍କ ଆତ୍ମାର ସଦଗତି କାମନାର୍ଥେ ନିରବ ପ୍ରାର୍ଥନା କରାଯାଇଥିଲା। ଶିକ୍ଷାନୁଷ୍ଠାନରେ କୌଣସି ପ୍ରକାର ଶାରିରୀକ ତଥା ମାନସିକ ଅତ୍ୟାଚାରକୁ ସହ୍ୟ ନକରି ଏହାର ମୁକାବିଲା କରିବା ତଥା କୌଣସି ଶିକ୍ଷାର୍ଥୀଙ୍କ ଜୀବନରେ ଅନୁଷ୍ଠାନ ଭିତରେ ଯଦି ସେଭଳି ଘୃଣ୍ୟ ଘଟଣା ଘଟେ ତେବେ ସେଥିରେ ଭାଙ୍ଗି ନଯାଇ ଦୃଢ ମନୋବଳ ନେଇ ଏହାର ବିରୋଧ କରିବା ସହ ନିଜ ଅଭିଭାବକ ଓ ଶିକ୍ଷାନୁଷ୍ଠାନର କର୍ତ୍ତୃପକ୍ଷଙ୍କୁ ଯଥାଶିଘ୍ର ଏହା ସମ୍ପର୍କରେ ଅବଗତ କରାଇବାକୁ ସଭାରେ ଛାତ୍ରଛାତ୍ରୀମାନଙ୍କୁ ପରାମର୍ଶ ଦିଆଯାଇଥିଲା। ଏହି ଦୁଃଖଦ ଘଟଣାର ସମୁଚିତ ତଦନ୍ତ ସହ ଅଭିଯୁକ୍ତଙ୍କ ବିପକ୍ଷରେ ଅବଶ୍ୟ ନ୍ୟାୟୋଚିତ ଦଣ୍ଡ ବିଧାନ କରିବା ନିମନ୍ତେ ସରକାରଙ୍କଠାରୁ ଆଶାପ୍ରକାଶ କରାଯାଇଥିଲା।

## ଜିଲ୍ଲା କଂଗ୍ରେସର ଶ୍ରଦ୍ଧାଞ୍ଜଳି

ସମ୍ବଲପୁର, ୧୫।୭ (ସମିସ):ସମ୍ବଲପୁର ଜିଲ୍ଲା କଂଗ୍ରେସ ପକ୍ଷରୁ ଆଜି କଂଗ୍ରେସ ଭବନଠାରେ ଏକ ଶୋକସଭା କରାଯାଇଥିଲା। ଏଥିରେ ଦୁଇମିନିଟ ନୀରବ ପ୍ରାର୍ଥନା କରାଯାଇ ସୌମ୍ୟାଶ୍ରୀଙ୍କ ଆତ୍ମାର ସଦ୍‌ଗତି କାମନା କରାଯାଇଥିଲା। ପରେ ସାହସୀ ଝିଅ ସୌମ୍ୟାଙ୍କ ପାଇଁ ଜିଲ୍ଲା କଂଗ୍ରେସର ଏକ କ୍ୟାଣ୍ଡେଲ ଶୋଭାଯାତ୍ରା ଆୟୋଜିତ ହୋଇଥିଲା। ସମ୍ବଲପୁର କଂଗ୍ରେସ ଭବନରୁ ଶତାଧିକ କର୍ମୀ ଶୋଭାଯାତ୍ରାରେ ବାହାରି ଗୋଲବଜାର ଛକ ପର୍ଯ୍ୟନ୍ତ ଯାଇଥିଲେ। ସେଠାରେ ସୌମ୍ୟାଶ୍ରୀଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ବରିଷ୍ଠ କଂଗ୍ରେସ ନେତା ଗୋବିନ୍ଦ ମିଶ୍ର, ଦିନବନ୍ଧୁ ପରିଡ଼ା, ପିସିସି ସମ୍ପାଦକ ଦିଲ୍ଲୀପ ଦୁରିଆ, ବୁର୍ଲା ନେତା ଜିଲ୍ଲା ଓବିସି ସଭାପତି ଶିବବ୍ରତ ପ୍ରଧାନ, ସୁଧୀର ପଣ୍ଡା, ଜିତେନ୍ଦ୍ର ପ୍ରଧାନ, ଏମଡି ମୁକତାର, ବୁର୍ଲା ନେତା ଗିରିଜା ନାୟକ, ହୀରାକୁଦ ନେତା ରବି ରାଉତ, ଜିତେନ ପ୍ରଧାନ, ଜିତେନ ମହାନନ୍ଦ, ଆଦେଶ ରାଓ, ସତ୍ୟ ନାରାୟନ ସେନାପତି, ରଶ୍ମି ସ୍ୱାଇଁ, ତିଲୋତ୍ତମା ଚୌଧୁରୀ, ମହମ୍ମଦ ସଲିମ୍, ହରି ମେହେର, ପିଙ୍କୁ ସିଂ, ଗୋବିନ୍ଦ ଷଣ୍ଢ, କିଶୋର ବାଗ, ନକୁଳ ବେହେରା, ଭିକାରୀ ନାୟକ, କହ୍ନେୟାଲାଲ ପ୍ରମୁଖ ବହୁ କର୍ମୀ ସାମିଲ ହୋଇଥିଲେ।



## ଆଜି ସକାଳ ୮ରୁ ଅପରାହ୍ନ ୨ଟା ବିଦ୍ୟୁତ୍ ଯୋଗାଣ ବନ୍ଦ

ସମ୍ବଲପୁର, ୧୫।୭(ସମିସ): ପଶ୍ଚିମ ଓଡ଼ିଶାର ବିଦ୍ୟୁତ୍ ବିତରକ କମ୍ପାନୀ (ଟିପିଡବ୍ଲ୍ୟୁଓଡିଏଲ୍) ପକ୍ଷରୁ ୧୩୨/୩୩ କେ.ଭି. ସମ୍ବଲପୁର ଗ୍ରୀଡ୍ ସବଷ୍ଟେସନରେ ରକ୍ଷଣାବେକ୍ଷଣ କାର୍ଯ୍ୟ ଲାଗି ସମ୍ବଲପୁର ସହରର କେତେକ ଅଞ୍ଚଳରେ ବୁଧବାର ସକାଳ ୮ଟାରୁ ଅପରାହ୍ଣ ୨ଟା ପର୍ଯ୍ୟନ୍ତ ବିଦ୍ୟୁତ୍ ଯୋଗାଣ ବନ୍ଦ ରହିବ। ସମ୍ବଲପୁର ସହର ଅନ୍ତର୍ଗତ ଚେରୁଆପଡ଼ା, ନନ୍ଦପଡ଼ା, ଝାଡୁଆପଡ଼ା, ବଡ଼ବଜାର, ବାଲିବନ୍ଧା, କୁଞ୍ଜେଲପଡ଼ା, ଦୁର୍ଗାପାଲି, ଫାର୍ମ ରୋଡ୍, ମୁଦିପଡ଼ା, ଲକ୍ଷ୍ମୀଟକିଜ୍, ପୋଲିସ୍ ଲାଇନ୍, ଗୁଜରାଟୀ କଲୋନୀ, କାଇଁଶୀର ରୋଡ଼, ସମଲେଶ୍ୱରୀ ମନ୍ଦିର ଅଞ୍ଚଳ, କ୍ଷେତରାଜପୁର ଆଦି ଅଞ୍ଚଳ ଏବଂ ଏହାର ଆଖପାଖ ଅଞ୍ଚଳରେ ଆସନ୍ତାକାଲି ୧୬ ତାରିଖ ବୁଧବାର ସକାଳ ୮ଟା ରୁ ଅପରାହ୍ନ ୨ଟା ପର୍ଯ୍ୟନ୍ତ ବିଦ୍ୟୁତ୍ ଯୋଗାଣ ବନ୍ଦ ରହିବ ବୋଲି ଟିପିଡବ୍ଲ୍ୟୁଓଡିଏଲ ପକ୍ଷରୁ ସୂଚନା ଦିଆଯାଇଛି। ଏହି ରକ୍ଷଣାବେକ୍ଷଣ କାର୍ଯ୍ୟ ସ୍ଥିର, ନିରବଚ୍ଛିନ୍ନ ତଥା ଗୁଣାତ୍ମକ ବିଦ୍ୟୁତ୍ ସେବା ପାଇଁ ଅତ୍ୟନ୍ତ ଜରୁରୀ। ତେଣୁ ସାମୟିକ ସମୟ ପାଇଁ ବିଦ୍ୟୁତ୍ ସେବା ବ୍ୟାହତ ହେବା ଲାଗି ଟିପିଡବ୍ଲ୍ୟୁଓଡିଏଲ୍ କର୍ତ୍ତୃପକ୍ଷ ଦୁଃଖପ୍ରକାଶ କରିବା ସହ ଉକ୍ତ ଅଞ୍ଚଳର ବିଦ୍ୟୁତ୍ ଗ୍ରାହକ ତଥା ଜନସାଧାରଣଙ୍କ ସହଯୋଗ କାମନା କରିଛନ୍ତି।

## କୋର୍ଟ କର୍ମଚାରୀଙ୍କଠାରୁ ନିବେଶ ନାମରେ ୧୦ଲକ୍ଷ ଠକେଇ

ସମ୍ବଲପୁର, ୧୫।୭ (ସମିସ) : ସାଇବର ଠକ ମାନେ ନିୟମିତ ନୂଆ ନୂଆ ତରିକା ଆପଣାଉଛନ୍ତି। ନିବେଶ କରିବା ନାମରେ ଚାଲିଛି ଲକ୍ଷ ଲକ୍ଷ ଟଙ୍କାର ଠକେଇ। ଏଭଳି ଏକ ଘଟଣା ଘଟିଛି ସମ୍ବଲପୁରରେ। ଜଣେ କୋର୍ଟ କର୍ମଚାରୀ ଠକେଇର ଶିକାର ହୋଇଛନ୍ତି। କଟକ ମାହାଙ୍ଗା ଅଞ୍ଚଳର ଦିଲ୍ଲୀପ ନାୟକ (୨୮) ରେଢ଼ାଖୋଲ ଏଡିଜେ କୋର୍ଟରେ କାମ କରନ୍ତି। ଅଧିକ ସୁଧ ଲୋଭ ଦେଖାଇ ତାଙ୍କଠାରୁ ୯ ଲକ୍ଷରୁ ଅଧିକ ଟଙ୍କା ଲୁଟି ନେଇଥିବା ସେ ସମ୍ବଲପୁର ସାଇବର ଥାନାରେ ଅଭିଯୋଗ କରିଛନ୍ତି। ସୂଚନା ଅନୁଯାୟୀ, ସାମାଜିକ ଗଣମାଧ୍ୟମରେ ସାନ୍‌ଭି ଗୁପ୍ତା ନାମରେ ଜଣେ ତାଙ୍କ ସହିତ ସମ୍ପର୍କରେ ଆସିଥିଲେ। ଜେମିନି ଏକ୍ସଚେଞ୍ଜ ନାମକ ଏକ କ୍ରିପ୍ଟୋ କରେନ୍ସି କମ୍ପାନୀ ବିଷୟରେ ତାଙ୍କୁ କହିବାରୁ ଦିଲ୍ଲୀପ ଆଗ୍ରହ ଦେଖାଇଥିଲେ। କମ୍ପାନୀ ତରଫରୁ ତାଙ୍କୁ ଏକ ଆଇଡି ଓ ପାସ୍‌ୱାର୍ଡ ଦିଆଯାଇଥିଲା। ପ୍ରଥମେ ତାଙ୍କୁ ୧ ହଜାର ୧୦ ଟଙ୍କା ନିବେଶ କରିବାକୁ କୁହାଯାଇଥିଲା। ଏହାର ସୁଧ ବାବଦରେ ସେ ୩ ଶହ ଟଙ୍କା ଫେରିପାଇଥିଲେ। ଏହାପରେ ଉକ୍ତ କମ୍ପାନୀ ପ୍ରତି ଯୁବକଙ୍କର ଭରସା ହୋଇଥିଲା। ସେ ସେଥିରେ ଟଙ୍କା ନିବେଶ କରି ଚାଲିଲେ। ପରେ ଯେତେବେଳେ କୌଣସି ଟଙ୍କା ଫେରିପାଇଲେ ନାହି ସେ ସାଇବର ଠକେଇର ଶିକାର ହୋଇଛନ୍ତି ବୋଲି ଜାଣିବାକୁ ପାଇଲେ। ସେତେବେଳକୁ ଦିଲ୍ଲୀପ ୯ ଲକ୍ଷ ୮୨ ହଜାର ୭୫୨ ଟଙ୍କା ନିବେଶ କରିସାରିଥିଲେ। ଏନେଇ ସେ ଥାନାରେ ଅଭିଯୋଗ କରିଛନ୍ତି। ସମ୍ବଲପୁରରେ ଏଭଳି ସାଇବର ଠକେଇ ଘଟଣା ବାରମ୍ବାର ଘଟୁଛି। କିନ୍ତୁ ଲୋକେ ସଚେତନ ହେଉନାହାନ୍ତି। ପୁଲିସ ମଧ୍ୟ ଠକଙ୍କୁ ଧରିବାରେ ସକ୍ଷମ ହେଉନାହାଁ।

## ଚୋରି ଅଭିଯୋଗରେ ୪ ଗିରଫ

କୁଚିଣ୍ଡା,୧୫। ୭(ସମିସ): କୁଚିଣ୍ଡା ଏନ୍‌ଏସି ଅନ୍ତର୍ଗତ ତଲବନ୍ଧପଡାରେ ଏକ ଘର ତାଲା ଭାଙ୍ଗି ସୁନା ଓ ରୂପା ଅଳଙ୍କାର ଚୋରି ଘଟଣାରେ ପୁଲିସ ଅଭିଯୁକ୍ତମାନଙ୍କୁ ଗିରଫ କରି ଚୋରି ସାମଗ୍ରୀ ଉଦ୍ଧାର କରିଛି। ଘଟଣା ଜୁନ ୧୪ ରୁ ୧୬ ତାରିଖ ମଧ୍ୟରେ



ଘଟିଥିଲା। ଯେତେ ବେଳେ ଘର ମାଲିକ ସଞ୍ଜୟ କୁମାର ନାୟକ ତାଙ୍କ ପରିବାର ସହିତ ବରେଇପାଲି, ସମ୍ବଲପୁରରେ ଥିବା ଝିଅ ପାଖକୁ ଯାଇଥିଲେ। ଘରକୁ ଫେରିବା ପରେ ଘରର ତାଲା ଭାଙ୍ଗି ଓ ଶୟନ କକ୍ଷ ଭିତରେ ରଖାଯାଇଥିବା ଲକର ଭିତରୁ ୬୩ ଗ୍ରାମ ସୁନା ଓ ୩୦୦ ଗ୍ରାମ ରୂପା ଅଳଙ୍କାର ଚୋରି ହୋଇଥିବା ଜାଣିବାକୁ ପାଇଥିଲେ। ଏହା ପରେ ଘର ମାଲିକ ସଞ୍ଜୟ କୁମାର ନାଏକ କୁଚିଣ୍ଡା ଥାନାରେ ଅଭିଯୋଗ କରିଥିଲେ। ସମ୍ବଲପୁର ଏସପି ମୁକେଶ କୁମାର ଭାମୁଙ୍କ ନିର୍ଦ୍ଦେଶରେ ଏକ ସ୍ୱତନ୍ତ୍ର ଟିମ୍ ଗଠିତ ହୋଇଥିଲା। ଟିମ୍‌ର ନେତୃତ୍ୱ ବାମଦେବ ସାଙ୍ଖୁଆଲ, କୁଚିଣ୍ଡା ଥାନା ଆଇଆଇସି ନେଇଥିଲେ ଯାହା ଏସ୍‌ଡିପିଓ ପ୍ରଦୀପ କୁମାର ଦାଶଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟ କରୁଥିଲା। ତଦନ୍ତ ପରେ ରାଜଗାଙ୍ଗପୁର ସିନ୍ଧିପଡ଼ା ରୁ କୁନ୍ଦନ ଶା (୨୭) କୁ ଜୁଲାଇ ୧୦ ତାରିଖ ରେ ଗିରଫ କରି ପଚରାଉଚୁରା ପରେ ଝାରଖଣ୍ଡ ରାଞ୍ଚି ଚାତ୍ରାରୁ ମହମ୍ମଦ ଏହେସାନ ଖାନ (୨୩),ଜାମସେଦପୁରରୁ ମନୀଷ କୁମାର ସୋନି (୩୨),ଜାମସେଦପୁର ବାଘବେରା ରୁ ଅମନ କୁମାର (୨୭)କୁ ଗିରଫ କରିଥିଲେ। ଗିରଫ ପରେ କୁନ୍ଦନ ଶାଙ୍କଠାରୁ ୨୭.୭୧ ଗ୍ରାମ ସୁନା ହାର (ରାଣୀ ହାରା) ଓ ୬.୭ ଗ୍ରାମ ସୁନା ଚୁଡ଼ି,ମହମ୍ମଦ। ଏମାନଙ୍କ ଠାରୁ ଗୋଟିଏ ସୁନା ଚେନ୍ ଓ ଗୋଟିଏ ଓପୋ ମୋବାଇଲ୍,ମନୀଷ ସୋନିଙ୍କଠାରୁ ୨୮.୬୭ ଗ୍ରାମ ସୁନା ଅଳଙ୍କାର (ମୁଦି, କାନମୁଦି),ଅମନ କୁମାରଙ୍କଠାରୁ ୩୦୦ ଗ୍ରାମ ରୂପା ଅଳଙ୍କାର ଓ ଅପରାଧରେ ବ୍ୟବହୃତ ଟିଭିଏସ୍ ଜୁପିଟର ସ୍କୁଟି ନଂ ଓଡି୧୪ଜେଡ୍-୨୩୪୫) ମଧ୍ୟ ଜବତ କରାଯାଇଥିବା କୁଚିଣ୍ଡା ପୁଲିସ ପକ୍ଷରୁ ସୂଚନା ମିଳିଛି।

## ଡାକ ବିଭାଗରେ ଅତ୍ୟାଧୁନିକ ସେବା ଆଇଟି ୨.୦ ଆରମ୍ଭ

ସମ୍ବଲପୁର,୧୫।୭(ସମିସ): ଗ୍ରାହକ ମାନଙ୍କୁ ଅଧିକ ସୁବିଧା ଏବଂ ଉତ୍କୃଷ୍ଟ ସେବା ପ୍ରଦାନ କରିବାକୁ ଭାରତୀୟ ଡାକସେବା ପ୍ରତିବଦ୍ଧ। ଏହି କ୍ରମରେ ଆଜି ସମ୍ବଲପୁର ମୁଖ୍ୟ ଡାକଘର ଏବଂ ଏହା ଅଧୀନସ୍ଥ ଉପ ଡାକଘର ଓ ଶାଖା ଡାକଘର ମାନଙ୍କରେ ଆଇଟି ୨.୦ (ଏଡ୍‌ଭାନ୍ସ ପୋଷ୍ଟାଲ ଟେକ୍‌ନୋଲୋଜି) ର ଶୁଭାରମ୍ଭ ସମ୍ବଲପୁର ଡାକ ନିର୍ଦ୍ଦେଶକ ସୁରେଶ କୁମାର ଠାକରେ କରିଛନ୍ତି। ସମ୍ବଲପୁର ଡାକ ଅଧିକ୍ଷକ ବସନ୍ତ କୁମାର ସିଂହଙ୍କ ତତ୍ତ୍ୱାବଧାନରେ ଏବଂ ଡିଭିଜନର କର୍ମଚାରୀଙ୍କ ସହଯୋଗ ଦ୍ୱାରା ଏହା ସମ୍ପୂର୍ଣ୍ଣ ହୋଇପାରିଛି। ଏହି ନୂତନ ଡିଜିଟାଲ ପ୍ଲାଟଫର୍ମରେ ଗ୍ରାହକମାନେ ଦ୍ରୁତ, ସୁରକ୍ଷିତ ଓ ସହଜ ଡାକସେବା ପାଇପାରିବେ। ଭାରତୀୟ ଡାକ ବିଭାଗ ନିଜକୁ ଆଧୁନିକ ଏବଂ ନବୋନ୍ମେଷୀ ପ୍ରଯୁକ୍ତିରେ ଅନୁକୂଳ କରୁଥିବାରୁ ଗ୍ରାହକ ମହଲରେ ଏହାର ସ୍ୱାଗତ କରାଯାଇଛି।




## ଜିଲ୍ଲାସ୍ତରୀୟ ବିଶ୍ୱ ଯୁବ ଦକ୍ଷତା ଦିବସ

ସମ୍ବଲପୁର,୧୫।୭(ସମିସ): ଜିଲ୍ଲା ଦକ୍ଷତା ବିକାଶ ଓ ନିଯୋଜନ କାର୍ଯ୍ୟାଳୟ ପକ୍ଷରୁ ଆଜି କାର୍ଯ୍ୟାଳୟର ସମ୍ମିଳନୀ କକ୍ଷରେ ବିଶ୍ୱ ଯୁବ ଦକ୍ଷତା ଦିବସ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଆଞ୍ଚଳିକ ଶିଳ୍ପ କେନ୍ଦ୍ର ମହାପ୍ରବନ୍ଧକ ସତୀଶ ଚନ୍ଦ୍ର ନାୟକ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ଉଜାଗର ପ୍ରଧାନ, ଯୁଗ୍ମ ସିଇଓ ଓରମାସ ଶ୍ରୀମନ୍ତ ହୋତା, ଜିଲ୍ଲା ସୂଚନା ଓ ପ୍ରସାରଣ ଅଧିକାରୀ ସଂଯୁକ୍ତା କୁଲ୍ଲୁ ପ୍ରମୁଖ ସମ୍ମାନିତ ଅତିଥି ଥିଲେ। ଜିଲ୍ଲା ଦକ୍ଷତା ବିକାଶ ଓ ନିଯୋଜନ ବିଭାଗ ଉପନିର୍ଦ୍ଦେଶକ ଶଙ୍କର ଚରଣ ମୁର୍ମୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସଭାରେ ବିଶ୍ୱ ଯୁବ ଦକ୍ଷତା ଦିବସର ମହତ୍ତ୍ୱ ଏବଂ ରାଷ୍ଟ୍ର ଗଠନରେ ଯୁବ ସମାଜର ଭୂମିକା ବିଷୟରେ ଆଲୋଚନା କରାଯାଇଥିଲା। ଏହି ଅବସରରେ ଆୟୋଜିତ କୁଇଜ, ପ୍ରବନ୍ଧ ଲିଖନ ଆଦି ପ୍ରତିଯୋଗିତାରେ ବିଭିନ୍ନ ସ୍କୁଲ କଲେଜର ଛାତ୍ରଛାତ୍ରୀ ମାନେ ଯୋଗ ଦେଇଥିଲେ। କୃତୀ ପ୍ରତିଯୋଗୀମାନଙ୍କୁ ମୁଖ୍ୟଅତିଥି ପୁରସ୍କୃତ କରିଥିଲେ। ଶେଷରେ ଜିଲ୍ଲା ଦକ୍ଷତା ବିକାଶ ଓ ନିଯୋଜନ କାର୍ଯ୍ୟାଳୟ କନିଷ୍ଠ ନିଯୋଜନ ଅଧିକାରୀ ଲମ୍ବୋଦର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

## ଆତଙ୍କ ସୃଷ୍ଟି କରୁଥିବା ୨ ଯୁବକ ଗିରଫ

ସମ୍ବଲପୁର, ୧୫।୭ (ସମିସ) : ସମ୍ବଲପୁର ଜିଲ୍ଲା ବୁର୍ଲା ଥାନା ପୁଲିସ ସୋମବାର ରାତି ପ୍ରାୟ ୧୧ଟା ୩୯ ମିନିଟ ସମୟରେ ରାତ୍ରିକାଳୀନ ପାଟ୍ରୋଲିଂ କରୁଥିବା ସମୟରେ ଦୁଇଜଣ ଯୁବକ ଏକ ଦେଶୀ ବନ୍ଧୁକ ଓ ମାରଣାସ୍ତ୍ର ଧରି ଲୋକମାନଙ୍କୁ ଭୟଭୀତ କରିବାସହ ଅଞ୍ଚଳରେ ଆତଙ୍କ ଖେଳାଉଥିବା ଖବର ପାଇଥିଲା। ଏସ୍‌ଆଇ ଏ.କେ ନାୟକ ତୁରନ୍ତ ଫୋର୍ସ ସହ ଘଟଣାସ୍ଥଳରେ ପହଞ୍ଚି ଉଭୟ ଯୁବକଙ୍କୁ ଧରିଥିଲା। ସେମାନେ ୱାନ୍‌ଆର୍ କଲୋନୀର ଶ୍ୟାମ ପଞ୍ଚବିହାର (୨୬) ଓ ଅଟାଚକିପଡ଼ାର ରାଜକୁମାର ମହାନନ୍ଦ (୨୦) ବୋଲି ଜଣାପଡ଼ିଲା। ସେମାନଙ୍କଠାରୁ



ଗୋଟିଏ ଦେଶୀ ବନ୍ଧୁକ, ଗୋଟିଏ ଭୁଜାଲି, ଗୋଟିଏ ଲୁହା ଛୁରୀ, ଗୋଟିଏ ସର୍ଜିକାଲ ଛୁରୀ ସହ ଗୋଟିଏ ହିରୋ ସ୍ପେଲଣ୍ଡର ଗାଡ଼ି ଜବତ କରାଯାଇଛି। ବୁର୍ଲା ଥାନା କେସ ନଂ. ୨୮୬/୨୦୨୫ ଦଫା ୩ (୫) ବିଏନ୍‌ଏସ୍, ୨୫(୧)(କ) / ୨୭(୧) ଆର୍ମସ ଆକ୍ଟରେ ମାମଲା ରୁଜୁ କରି ଉଭୟଙ୍କୁ ଗିରଫ କରି କୋର୍ଟଚାଲାଣ କରାଯାଇଛି। ଶ୍ୟାମ ପଞ୍ଚବିହାର ନାମରେ ପୂର୍ବରୁ ବୁର୍ଲା ଥାନାରେ ଅପରାଧିକ ମାମଲା ରହିଥିବା ପୁଲିସ କହିଛି।

## ଲଇଡ଼ା କଲେଜ ଅଧ୍ୟକ୍ଷଙ୍କ ନାଁରେ ଧମକଚମକ ଅଭିଯୋଗ

ସମ୍ବଲପୁର, ୧୫।୭ (ସମିସ) : ସମ୍ବଲପୁର ଜିଲ୍ଲା ରେଙ୍ଗାଲି ବ୍ଲକ୍ ଲଇଡ଼ାସ୍ଥିତ ଦୁତିକା ସାହୁ ମହାବିଦ୍ୟାଳୟର ଭାରପ୍ରାପ୍ତ ଅଧ୍ୟକ୍ଷ ବସନ୍ତ ନାଏକ ଉକ୍ତ ମହାବିଦ୍ୟାଳୟର ଜଣେ ଅଧ୍ୟାପିକା ଓ ଜଣେ କର୍ମଚାରୀଙ୍କୁ ଧମକଚମକ ଦେଇଥିବା ନେଇ ସେମାନେ କତରବଗା ଥାନାରେ ଅଭିଯୋଗ କରିଛନ୍ତି। ଏନେଇ ପୁଲିସ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। କତରବଗା ଥାନା ଅଧିକାରୀ ଅନନ୍ତ ଚରଣ ସାହୁ ଆଜି ଲଇଡ଼ା କଲେଜକୁ ଯାଇ ଅଧ୍ୟାପକ, ଅଧ୍ୟାପିକା ଓ କର୍ମଚାରୀ ମାନଙ୍କୁ ପଚରାଉଚୁରା କରିଛନ୍ତି। ଆଜି ଅପରାହ୍ଣରେ ଅତିରିକ୍ତ ଏସ୍‌ପି ଅଜୟ ମିଶ୍ର ମଧ୍ୟ କଲେଜକୁ ଯାଇ ଘଟଣାର ତଦନ୍ତ କରିଥିବା ଜଣାପଡ଼ିଛି। ଅଭିଯୋଗ ଅନୁଯାୟୀ, ଗତ ୧୪ ତାରିଖ ଅଧ୍ୟକ୍ଷ ମହାବିଦ୍ୟାଳୟର ଅଧ୍ୟାପକ ଏବଂ କର୍ମଚାରୀଙ୍କ ବୈଠକ ଡାକିଥିଲେ। ବୈଠକରେ ବ୍ୟକ୍ତିଗତ ଓ ଅନୁଷ୍ଠାନର ଆର୍ଥିକ କଥାକୁ କେହି ଜଣେ ଦୁଇଜଣ ବାହାରେ ପ୍ରଘଟ କରୁଥିବାର ଆଲୋଚନା କରିଥିଲେ। ଏଥିରେ ସେ ଜଣେ ଦୁଇଜଣଙ୍କୁ ଇଙ୍ଗିତ କରି କହୁଥିଲେ। ମୋର କୋଉପ୍ରକାର ପରିବାରରେ ବାହାଘର ହେଇଛି ଜାଣିଛୁ ମୋ ପାଇଁ ସେମାନେ କୋଟି କୋଟି ଟଙ୍କା ଫିଙ୍ଗିଦେବେ ଓ ସମସ୍ତ କର୍ମଚାରୀଙ୍କୁ ଗିରଫ କରି କୁଆଡ଼େ ଫିଙ୍ଗିଦେବେ କହି ଧମକ ଦେଇଥିବା ଅଭିଯୋଗ ପତ୍ରରେ ଉଲ୍ଲେଖ କରାଯାଇଛି। କର୍ମଚାରୀ ଜଣକ ଧମକପୂର୍ଣ୍ଣ କଥାକୁ ବିରୋଧ କରିବାରୁ ଯୁକ୍ତିତର୍କ ହୋଇ ତୋତେ ଚାକିରୀରୁ ନିଲମ୍ବନ କରିଦେବି ଓ ଦେଖିନେବି କହି ବୈଠକରୁ ଚାଲିଯାଇଥିଲେ। କର୍ମଚାରୀ ଜଣକ ଭୟଭୀତ ଅବସ୍ଥାରେ ଅଛନ୍ତି ଏବଂ ସୁରକ୍ଷା ଦେବାକୁ ଏତଲାରେ ଅନୁରୋଧ କରିଛନ୍ତି। ସେହିପରି ଅଧ୍ୟାପିକା ଜଣକ ଏତଲାରେ ଲେଖିଛନ୍ତି ଯେ, ସେ ଶିକ୍ଷା ବିଭାଗର ଉଚ୍ଚ ପଦାଧିକାରୀଙ୍କୁ ଜଣେ ଅଧ୍ୟକ୍ଷ ଭାବେ ତିନିରୁ ପାଞ୍ଚ ବର୍ଷ ରହିପାରିବ ବୋଲି ଜଣାଇବାପରେ ତାଙ୍କୁ ନିର୍ଯାତନା ଦେଉଛନ୍ତି। ଅଧ୍ୟାପିକା ମଧ୍ୟ ସେହି ବୈଠକ ବିଷୟରେ ଉଲ୍ଲେଖ କରିଛନ୍ତି। ଅଧ୍ୟାପିକା ଜଣକ ଧମକଚମକ ପରେ ତାଙ୍କ ଜୀବନକୁ ବିପଦ ଥିବା ଉଲ୍ଲେଖ କରି ସୁରକ୍ଷା ପାଇଁ ଅନୁରୋଧ କରିଛନ୍ତି। କଲେଜ ଅଧ୍ୟକ୍ଷ ବସନ୍ତ ନାଏକଙ୍କୁ ପଚାରିବାରୁ ଅଭିଯୋଗ ମିଥ୍ୟା ଏବଂ ଉଦ୍ଦେଶ୍ୟ ପ୍ରଣୋଦିତ ବୋଲି କହିବାସହ ମୁଁ କାହାରିକୁ କୌଣସି ପ୍ରକାର ଧମକ ଦେଇନାହିଁ ବୋଲି କହିଛନ୍ତି।

# ଗଙ୍ଗାଧର ମେହେର ସମ୍ମାନକୁ ନେଇ ବିବାଦ

ସମ୍ବଲପୁର, ୧୫।୭(ସମିସ) :

ସମ୍ବଲପୁର ବିଶ୍ୱବିଦ୍ୟାଳୟର 'ଗଙ୍ଗାଧର ମେହେର ଜାତୀୟ ସମ୍ମାନ - କବିତା'ରେ ଓଡ଼ିଶା ବାହାରର ବହୁସଂଖ୍ୟାରେ ବିଶିଷ୍ଟ କବି ସମ୍ବର୍ଦ୍ଧିତ ହୋଇଛନ୍ତି। ତେବେ ଗତ ଜୁନ ୨୫ ତାରିଖ ଅନୁଷ୍ଠିତ ବିଶ୍ୱବିଦ୍ୟାଳୟ ସିଣ୍ଡିକେଟ୍ ବୈଠକରେ ଏହି ସମ୍ମାନକୁ 'ଗଙ୍ଗାଧର ସାହିତ୍ୟ ସମ୍ମାନ' କରିବାକୁ ନିଷ୍ପତ୍ତି ନିଆଯାଇଛି। ଏହା କେବଳ କବିତା ନୁହେଁ ସାହିତ୍ୟର ସମସ୍ତ ଦିଗ ପ୍ରତି ଉନ୍ମୁକ୍ତ ରହିବ। ଏହାକୁ ନେଇ ବିଭିନ୍ନ ମହଲରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ସମ୍ବଲପୁର ବିଶ୍ୱବିଦ୍ୟାଳୟର ସିଣ୍ଡିକେଟ୍ ନିଷ୍ପତ୍ତି ଆର୍ନ୍ତଜାତିକ ଖ୍ୟାତିସମ୍ପନ୍ନ ସ୍ୱଭାବ କବି ଗଙ୍ଗାଧରଙ୍କ ପ୍ରତି ସମ୍ମାନ ନା ଅପମାନ ବୋଲି ପ୍ରଶ୍ନ କରାଯାଇଛି।

କବି ଗଙ୍ଗାଧର ମେହେର ଓଡିଆ ଜାତିର ଗର୍ବ ଓ ଗୌରବ ତଥା ଆମ ସଂସ୍କୃତି ର ଆଧାର ଓ ପ୍ରତୀକ। ଏହି ପ୍ରାତଃ ସ୍ମରଣୀୟ ବିଭୂତି, ତାଙ୍କର ବିସ୍ମୟକର ମୌଳିକ ପ୍ରତିଭା ତଥା କୃତି ଏବଂ କିଭିରେ ସମଗ୍ର ବିଶ୍ୱକୁ ଉଦ୍‌ଭାସିତ କରିଥିବା ବେଳେ ସମ୍ବଲପୁର ବିଶ୍ୱବିଦ୍ୟାଳୟ ତାଙ୍କୁ ଏକ ଆଦର୍ଶ ରୂପେ ଗ୍ରହଣ କରିଛି। ଏହି ଅମର କାବ୍ୟ ଶିଳ୍ପୀ, ପ୍ରକୃତିର ରଂଗାଜୀବ ଗଙ୍ଗାଧରଙ୍କ ସମ୍ମାନରେ ତାଙ୍କର ପୂଜ୍ୟ ପୂଜା, ଜୀବନୀ, ଆଦର୍ଶ ତଥା ତାଙ୍କରି ସାରସ୍ୱତ ସମ୍ଭାର ପ୍ରଚାରପ୍ରସାର ସକାଶେ ସମ୍ବଲପୁର ବିଶ୍ୱବିଦ୍ୟାଳୟ ଦ୍ୱାରା ୧୯୮୯ ମସିହାରେ 'ଗଙ୍ଗାଧର ଜାତୀୟ ସମ୍ମାନ-କବିତା' (ଗଙ୍ଗାଧର ନେସ୍‌ନାଲ ଆୱାର୍ଡ ଫର୍ ପଏଟ୍ରୀ) ପ୍ରତିଷ୍ଠା କରାଯାଇଛି। ସମ୍ବଲପୁର ବିଶ୍ୱବିଦ୍ୟାଳୟର ତତ୍‌କାଳୀନ ପ୍ରଶାସକ ରାଜେନ୍ଦ୍ର କିଶୋର ପଣ୍ଡା ଏହି ସମ୍ମାନର ପରିକଳ୍ପନା କରିବା ସଙ୍ଗେ ସଙ୍ଗେ ତାକୁ ପୂର୍ଣ୍ଣାଙ୍ଗ ରୂପ ଦେଇଥିଲେ ଏବଂ ଏହି ସମ୍ମାନ ପାଇଁ ଓଡ଼ିଶା ତଥା ଓଡ଼ିଶା ବାହାରର ସାହିତ୍ୟିକ ଓ କବିଙ୍କ ବିଚାର ବିମର୍ଶରେ ଏହାର ଅନୁମୋଦନ କରିଥିଲେ। ଏହି ଆଇନ ଚନ୍‌ଫର୍‌ମେଣ୍ଟ ଅଫ୍ ଆୱାର୍ଡ ରୁଲ୍‌ସ' ନାମରେ ନାମିତ। ଉକ୍ତ ନିୟମ ଅନୁସାରେ ସମ୍ମାନର ନାମ "ଗଙ୍ଗାଧର ଜାତୀୟ ସମ୍ମାନ' କବିତା ରଖାଯାଇଥିଲା। ନିୟମ ଅନୁସାରେ ଏହି ସମ୍ମାନର ଚୟନ ନିମନ୍ତେ ଏକ 'ବିଚାରକ ପରିଷଦ' ରହିଛି। ଭାରତବର୍ଷର ବିଭିନ୍ନ ଭାଷାରେ କେନ୍ଦ୍ରୀୟ ସାହିତ୍ୟ ଏକାଡେମି ଦ୍ୱାରା ପୁରସ୍କୃତ କବି ସମୂହ ଏହି ପରିଷଦର ସଭ୍ୟ ରହିଛନ୍ତି। ନିୟମାବଳୀ ଅନୁସାରେ ଏହାର ଚୟନ କେବଳ କବିତା ପାଇଁ ଉଦ୍ଦିଷ୍ଟ। ରୁଲ୍ ନଂ.୪.୧ରେ ଜଣେ ଭାରତୀୟ କବିଙ୍କୁ ଚୟନ କରିବାକୁ ଏଥିରେ ଉଲ୍ଲେଖ ରହିଛି। ତେବେ ଗତ ଜୁନ ୨୫ ତାରିଖ ସମ୍ବଲପୁର ବିଶ୍ୱବିଦ୍ୟାଳୟ ସିଣ୍ଡିକେଟ ସଭା ଦ୍ୱାରା ଏଜେଣ୍ଡା ନଂ.୨୬ରେ ଉକ୍ତ ଜାତୀୟ କବିତା ସମ୍ମାନକୁ ରଦ୍ଦ କରାଯାଇ 'ଗଙ୍ଗାଧର ମେହେର ସାହିତ୍ୟ ସମ୍ମାନ' କରାଯାଇଛି। ଏହା ଫଳରେ ଭବିଷ୍ୟତରେ କାବ୍ୟ, କବିତା ସହିତ ପ୍ରବନ୍ଧ, ଗଳ୍ପ, ଉପନ୍ୟାସ, ଶିଶୁସାହିତ୍ୟ, ରମ୍ୟରଚନା, ଅନୁବାଦ ପାଇଁ ଉକ୍ତ ପୁରସ୍କାର ପ୍ରଦାନ କରାଯାଇପାରିବ। ଏହି ନିୟମାବଳୀ ଗୁଡିକ କୋହଳ କରିବା ପାଇଁ ଏକ କମିଟି ଗଠନ କରାଯାଇଛି। ଏହି ସମ୍ମାନର ମୂଳ ନିୟମାବଳୀ ଅନୁସାରେ ଭାରତୀୟ କାବ୍ୟଧାରାର ବିଭିନ୍ନ ଭାଷାର ପ୍ରାୟ ୩୦ରୁ ଉର୍ଦ୍ଧ୍ୱ କବି 'ଗଙ୍ଗାଧର ଜାତୀୟ ସମ୍ମାନ - କବିତା'ରେ ସମ୍ମାନିତ ହୋଇଛନ୍ତି, ଯାହା ବିଶ୍ୱବିଦ୍ୟାଳୟକୁ ଜାତୀୟସ୍ତରରେ ଗୌରବ ଆଣିଛି। କିନ୍ତୁ କେଉଁ ପରିସ୍ଥିତିରେ ଉକ୍ତ ନିୟମାବଳୀକୁ ବଦଳାଇବାର ଆବଶ୍ୟକ ପଡ଼ିଲାବୋଲି ବୁଦ୍ଧିଜୀବୀ, ସାହିତ୍ୟିକ ତଥା ସଚେତନ ମହଲରେ ପ୍ରଶ୍ନ କରିଛନ୍ତି। ଏହା ଅମୃତର କବି, ମଧୁମୟ ଚେତନାର କବି ଗଙ୍ଗାଧର ସମ୍ମାନ ପ୍ରତି ଏକ ପ୍ରଚଣ୍ଡ ଧକ୍କା ଏବଂ ମୂଳ ଚୟନ ନିୟମ ବ୍ୟବସ୍ଥାର ପୁନଃସ୍ଥାପନ ପାଇଁ ଦାବି ଜଣାଇଛନ୍ତି। ସମ୍ବଲପୁର ବିଶ୍ୱବିଶ୍ୱବିଦ୍ୟାଳୟ ପ୍ରଫେସର ବିଧୁଭୂଷଣ ମିଶ୍ର କହିଛନ୍ତି, ଏହି ସମ୍ମାନର ପୁରୁଣା ନିୟମକୁ ବଦଳାଇବା ପାଇଁ ଏକ କମିଟି ଗଠନ ହୋଇଥିଲା। ଏହି କମିଟିର ସୁପାରିଶ କ୍ରମେ 'ଗଙ୍ଗାଧର ଜାତୀୟ ସମ୍ମାନ - କବିତା'କୁ 'ଗଙ୍ଗାଧର ମେହେର ସାହିତ୍ୟ ସମ୍ମାନ' କରାଯାଇଛି। ସାହିତ୍ୟ ସମ୍ମାନ ହେଲେ ତାହା କବିତାକୁ ମଧ୍ୟ ଅନ୍ତର୍ଭୁକ୍ତ କରିବ ଏବଂ ଏହି ସମ୍ମାନଟି ସାହିତ୍ୟରେ ବିସ୍ତାର ରୂପ ନେବ। ଜାତୀୟସ୍ତରରେ ଯେଭଳି ରହିଥିଲା ସେଭଳି ସମ୍ମାନଟି ବ୍ୟାପକ ହୋଇ ରହିବ ବୋଲି ପ୍ରଫେସର ମିଶ୍ର ସୂଚନା ଦେଇଛନ୍ତି।

# ରାସ୍ତା ମରାମତି ଦାବିରେ ରାସ୍ତାରୋକ





**ଝାରସୁଗୁଡ଼ା/କିର୍ମିରା, ୧୫।୭ (ସମିସ)**

ଝାରସୁଗୁଡ଼ା ଜିଲ୍ଲା କିର୍ମିରା ବ୍ଲକ ଅର୍ଡା ପଞ୍ଚାୟତ ଅଧୀନ ଧୂତୁରା-ଅର୍ଡା ରାସ୍ତା ନିର୍ମାଣ ଦାବିରେ ଲୋକେ ରାସ୍ତାରୋକ କରିଛନ୍ତି। ଝାରସୁଗୁଡ଼ା ଜିଲ୍ଲା ଆଇଓସିଏଲ ଛକରୁ ଧୂତୁରା ପର୍ଯ୍ୟନ୍ତ ରାସ୍ତା ମରଣଯନ୍ତା ପାଲଟିଛି। ବର୍ଷା ଦିନେ ଏହି ରାସ୍ତା ଆହୁରି ବିପଦଜନକ ହୋଇପଡୁଛି। ଶିଳ୍ପ ସମୃଦ୍ଧ ଝାରସୁଗୁଡ଼ା ଜିଲ୍ଲାରେ ଖରାପ ରାସ୍ତା ଯୋଗୁଁ ବହୁ ସମସ୍ୟା ଭୋଗୁଛନ୍ତି ଲୋକେ।

ଆଇଓସିସିଏଲ ଛକରୁ ଧୂତୁରା ପର୍ଯ୍ୟନ୍ତ ରାସ୍ତା ବହୁ ଦିନରୁ ଖରାପ ଥିବାରୁ ଅର୍ଡା ଧୂତୁରା ଏବଂ ଆଖପାଖ ଅଞ୍ଚଳବାସୀ ସମସ୍ୟା ଭୋଗୁଛନ୍ତି। ୧୯୯୬ ମସିହାରେ ନିର୍ମିତ ଏହି ରାସ୍ତା ଏବେ ସମ୍ପୂର୍ଣ୍ଣ ଜର୍ଜରିତ। ରାସ୍ତା ନିର୍ମାଣ ପାଇଁ ଅଞ୍ଚଳବାସୀ ବହୁ ଦିନରୁ ଦାବି କରି ଆସୁଥିଲେ ହେଁ କୌଣସି ସୁଫଳ ମିଳୁନାହିଁ। ରାସ୍ତାଟି କିର୍ମିରା ବ୍ଲକରୁ ଝାରସୁଗୁଡ଼ା ଜିଲ୍ଲା ହେଡକ୍ୱାର୍ଟରକୁ ସଂଯୋଗ କରିଛି। ପ୍ରତିଦିନ ଏହି ରାସ୍ତାରେ ଶତାଧିକ ଲୋକ ଯାତାୟାତ କରୁଛନ୍ତି। ଛାତ୍ରଛାତ୍ରୀ ସ୍କୁଲ, କଲେଜ ଯାଉଥିବା ବେଳେ ରୋଗୀ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ଏବଂ ଜନସାଧାରଣ ନିଜ ନିଜ କାର୍ଯ୍ୟକ୍ଷେତ୍ରକୁ ଏହି ରାସ୍ତା ଦେଇ ଯାଉଛନ୍ତି। ଅନେକ ସମୟରେ ଦୁର୍ଘଟଣା ଘଟି ଧନଜୀବନ ହାନି ମଧ୍ୟ ହେଉଛି। ଏଣୁ ଗତ ୨ ତାରିଖରେ ପ୍ରବଳ ବର୍ଷା ସତ୍ତ୍ୱେ ସ୍ଥାନୀୟ ସରପଞ୍ଚଙ୍କ ତତ୍ତ୍ୱାବଧାନରେ ଅଞ୍ଚଳବାସୀ କାଦୁଅରେ ବସି ରାସ୍ତାରୋକ କରିଥିଲେ। ପରେ ମରାମତିର ପ୍ରତିଶ୍ରୁତି ପାଇ ଆନ୍ଦୋଳନରୁ ଓହରି ଯାଇଥିଲେ। ଏହାପରେ ରାସ୍ତାର ଅବସ୍ଥା ନେଇ ୭ ତାରିଖ ଜିଲ୍ଲା କାର୍ଯ୍ୟାଳୟର ଜନ ଅଭିଯୋଗ ଶୁଣାଣିରେ ଗ୍ରାମବାସୀ ଅଭିଯୋଗ କରି ମଧ୍ୟ ନିରାଶ ହୋଇଥିଲେ। ଜିଲ୍ଲା ପ୍ରଶାସନ, ବିଧାୟକଙ୍କୁ ବାରମ୍ବାର ଗୁହାରି କରି ବିଫଳ ହେବା ପରେ ଶେଷରେ ଅନୋନ୍ୟପାୟ ହୋଇ ଆଜି ଅଞ୍ଚଳବାସୀ ରାସ୍ତାରୋକ କରଛନ୍ତି। ଅନ୍ୟପଟେ ବିଭାଗୀୟ ଅଧିକାରୀ ଏସଡିଓ ଆଶିଷ ଲେଙ୍କା ରାସ୍ତାର ଅସ୍ଥାୟୀ ମରାମତି ପାଇଁ ତୁରନ୍ତ ପଦକ୍ଷେପ ନିଆଯିବା ସହ ଆଗାମୀ ଦିନରେ ଜମି ଅଧିଗ୍ରହଣ କରି ରାସ୍ତା ନିର୍ମାଣ ପାଇଁ ପଦକ୍ଷେପ ନିଆଯିବ ବୋଲି ପ୍ରକାଶ କରିଛନ୍ତି।

# ଲଖନପୁରରେ ଜନ ଅଭିଯୋଗ ଶୁଣାଣି



**ଝାରସୁଗୁଡ଼ା, ୧୫।୭ (ସମିସ):** ଲଖନପୁରର ବ୍ଲକ ଅଧୀନ ଏମ୍‌ସିଏଲ୍ କଲ୍ୟାଣ ମଣ୍ଡପରେ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲ୍ଲାପାଳ ଅବୋଲୀ ସୁନିଲ ନରୱଣେ ଅଧ୍ୟକ୍ଷତା କରିଥିଲେ। ଶିବିରରେ ଆରକ୍ଷୀ ଅଧିକ୍ଷକ ସ୍ମିତ ପି.ପରମାର, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ବିଶ୍ୱରଞ୍ଜନ ନାଏକ, ଉପଜିଲ୍ଲାପାଳ ସବ୍ୟସାଚୀ ପଣ୍ଡା, ପଞ୍ଚାୟତ ସମିତି ଅଧ୍ୟକ୍ଷା ହୁତେଶ୍ୱରୀ ତିହିରିଆ, ଗୋଷ୍ଠୀ ଉନ୍ନୟନ ଅଧିକାରୀ ବିନୟ ପଟେଲ, ତହସିଲଦାର ପ୍ରସନ୍ନ ପଟେଲ, ବ୍ଲକ ଅଧ୍ୟକ୍ଷା ହୁତେଶ୍ୱରୀ ତିହିରିଆ, ଜିଲ୍ଲା ପରିଷଦ ସଦସ୍ୟ ସନତ ସିଂହ, ଅତାବିରା ସରପଞ୍ଚ ସଞ୍ଜୀବ ପ୍ରଧାନଙ୍କ ସମେତ ଜିଲ୍ଲା ଓ ବ୍ଲକସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ। ଶିବିରରେ ମୋଟ ୪୫ଟି ଅଭିଯୋଗ ଆଗତ ହୋଇଥିବା ବେଳେ ତନ୍ମଧ୍ୟରୁ ୧୫ଟି ସାମୂହିକ ଓ ୩୦ଟି ବ୍ୟକ୍ତିଗତ ଅଭିଯୋଗ ରହିଥିଲା। ରେଙ୍ଗୁଲିରେ ବୃହତ ଉଠା ଜଳସେଚନ ପ୍ରକଳ୍ପର ସମସ୍ୟାର ସମାଧାନ, ତେଲିପଡ଼ା ରାସ୍ତା ମରାମତି, ସୁନାଖାଏନ ମୌଜାରେ ଆଦିବାସୀଙ୍କ ଚାଷଜମିକୁ ସୁରକ୍ଷା ସହ ସ୍ଥାୟୀ ଜମି ପଟ୍ଟା ପ୍ରଦାନ, ଆରଏମ୍‌ସି କର୍ତ୍ତୃପକ୍ଷଙ୍କ ଦ୍ୱାରା ବିଭିନ୍ନ ପଞ୍ଚାୟତର ଅଟକ ଥିବା ଧାନ ରିଲିଜ କରାଯିବା, ପଞ୍ଚ ଗ୍ରାମ ବସଷ୍ଟାଣ୍ଡରୁ ରେଙ୍ଗାଲି ଥାନା ପର୍ଯ୍ୟନ୍ତ ୧୧କେଭି ଇଲେକ୍ଟ୍ରି ତାର ସ୍ଥାନାନ୍ତର, ହୀରାକୁଦ ଜମି ବିସ୍ଥାପିତଙ୍କୁ ଜମି ଚିହ୍ନଟ, ଡୁମେରଢ଼ିପାକୁ ରାଜସ୍ୱ ଗ୍ରାମ ଭାବରେ ଗ୍ରହଣ କରାଯିବା ସମ୍ପର୍କିତ ସଂଶୋଧନ, ଅତାବିରା ପଞ୍ଚାୟତ ଅଧୀନ ପଡ଼ାକୁ ବିଦ୍ୟୁତ୍ ସଂଯୋଗ ଆଦି ବିଭିନ୍ନ ସାମୂହିକ ଅଭିଯୋଗ ସମ୍ପର୍କରେ ଶୁଣାଣି କରାଯାଇଥିଲା। ସେହିପରି ବିଭିନ୍ନ ବ୍ୟକ୍ତିଗତ ଅଭିଯୋଗ ସମ୍ପର୍କରେ ଶୁଣାଣି କରାଯାଇଥିଲା। ସମ୍ପୃକ୍ତ ଅଧିକାରୀମାନଙ୍କୁ ତର୍ଜମା ପୂର୍ବକ ଅଭିଯୋଗ ସମାଧାନ ଦିଗରେ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦିଆଯାଇଛି।

### କଂଗ୍ରେସ ପକ୍ଷରୁ ସୌମ୍ୟାଶ୍ରୀଙ୍କୁ ଶ୍ରଦ୍ଧାଞ୍ଜଳି

# ମୁଖ୍ୟମନ୍ତ୍ରୀ, ଶିକ୍ଷାମନ୍ତ୍ରୀଙ୍କ ଫୋଟୋଚିତ୍ର ଦାହ



**ଝାରସୁଗୁଡ଼ା, ୧୫।୭ (ସମିସ):** ଝାରସୁଗୁଡ଼ା ପୁରୁଣା ବସଷ୍ଟାଣ୍ଡ ନିକଟ ଗାନ୍ଧୀ ପ୍ରତିମୂର୍ତ୍ତି ସମ୍ମୁଖରେ ସୌମ୍ୟାଶ୍ରୀ ବିଶିଙ୍କ ଅମର ଆତ୍ମାର ସଦ୍‌ଗତି ପାଇଁ ଜିଲ୍ଲା କଂଗ୍ରେସ ପକ୍ଷରୁ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଛି। ସଭାରେ କଂଗ୍ରେସ ସହ ଝାରସୁଗୁଡ଼ା ଜିଲ୍ଲାର ବିଭିନ୍ନ ସଂଗଠନ ଯୋଗ ଦେଇଥିଲେ। ଏଥିରେ ସମସ୍ତେ ସୌମ୍ୟାଶ୍ରୀଙ୍କୁ ଶ୍ରଦ୍ଧାଞ୍ଜଳି ଦେବା ସହ ତାଙ୍କ ଆତ୍ମାର ସଦ୍‌ଗତି କାମନା କରା ହୋଇଥିଲା। ଏହାସହ ତାଙ୍କ ମୃତ୍ୟୁ ପାଇଁ ଦାୟୀ ଥିବା ଅଭିଯୁକ୍ତଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି ହୋଇଥିଲା। ସୌମ୍ୟାଶ୍ରୀଙ୍କ ମୃତ୍ୟୁ ପାଇଁ ବିଜେପିକୁ ଦାୟୀ କରିବା ସହ ବିଜେପି ବିରୋଧରେ କଂଗ୍ରେସ ପକ୍ଷରୁ ନାରାବାଜି କରାଯାଇଥିଲା। ସରକାର ଏନେଇ ଉଚିତ ସମୟରେ ଠିକ୍ ପଦକ୍ଷେପ ନେଇଥିଲେ ଆଜି ସୌ ମ୍ୟାଶ୍ରୀଜୀବନ ହାରି ନଥାନ୍ତେ ବୋଲି କଂଗ୍ରେସ ପକ୍ଷରୁ କୁହାଯାଇଛି। ଶେଷରେ ମୁଖ୍ୟମନ୍ତ୍ରୀ ମୋହନ ମାଝୀ, ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ ଏବଂ ବାଲେଶ୍ୱର ସାଂସଦ ପ୍ରତାପ ଷଡ଼ଙ୍ଗୀଙ୍କ ଫଟୋ ଚିତ୍ର ଜଳାଯାଇଥିଲା।

# ମନରେଗା ପାଇଁ ସାମାଜିକ ସଚେତନତା କାର୍ଯ୍ୟକ୍ରମ



**ଝାରସୁଗୁଡ଼ା, ୧୫।୭ (ସମିସ):** ଝାରସୁଗଡ଼ା ଜିଲ୍ଲା ଲଇକେରା ବ୍ଲକ ଅଧୀନ ନିକ୍ତିମାଲ ପଞ୍ଚାୟତରେ ମନରେଗା ଯୋଜନା ଉପରେ ମଙ୍ଗଳବାର ସାମାଜିକ ସଚେତନତା ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ନିକ୍ତିମାଲ୍ ପଞ୍ଚାୟତରେ ସାମାଜିକ ସମୀକ୍ଷକଙ୍କ ଦ୍ୱାରା ଜନ ଜାଗରଣ ସଚେତନତା ଅଭିଯାନ ମଧ୍ୟ କରାଯାଇଥିଲା। ବ୍ଲକ ସାମାଜିକ ସମୀକ୍ଷକ ମଧୁସୂଦନ ପଟ୍ଟନାୟକଙ୍କ ନେତୃତ୍ୱରେ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏଥିରେ ପ୍ରତ୍ୟେକ ପଞ୍ଚାୟତ ସ୍ତରରେ କାର୍ଯ୍ୟ କରୁଥିବା ସାମାଜିକ ସମୀକ୍ଷକ ଓ ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାମାନେ ବ୍ୟାନର, ପ୍ଲାକାର୍ଡ ଧରି ବିଭିନ୍ନ ସ୍ଲୋଗାନ ଦେଇ ଗାଁ ପରିକ୍ରମା କରିବା ପେର ପଞ୍ଚାୟତ କାର୍ଯ୍ୟାଳୟରେ ପହଞ୍ଚିଥିଲେ। ଶ୍ରମିକଙ୍କ ଅଧିକାର ଦାବି ବିଷୟରେ ସମସ୍ତଙ୍କୁ ସଚେତନ କରାଯାଇଥିଲା। ଏହି ସଚେତନତା ଅଭିଯାନରେ ନିକ୍ତିମାଲ ସରପଞ୍ଚ ସାବିତ୍ରୀ ସିଂ ବରିହା, ନାଏବ ସରପଞ୍ଚ ଅକ୍ଷୟ ଖର୍ସେଲ, ଏଡିଇଓ ଶିବରାମ ପ୍ରଧାନ, ଯୋଗାଣ ସହାୟିକା ସୁନିତା ବେହେରା, ଜିଲ୍ଲା ସାମାଜିକ ସମୀକ୍ଷକ ତୋଫାନ ନାଏକ, ଲଇକେରା ବ୍ଲକ ସମସ୍ତ ଭିଆରପିଏସ, ମନରେଗା ହିତାଧିକାରୀ, ମେଟ୍, ୱାର୍ଡ ସଭ୍ୟସଭ୍ୟା, ସିଆରପି, ସ୍ୱୟଂ ସହାୟକ ଗୋଷ୍ଠୀ ଓ ଗ୍ରାମବାସୀ ଉପସ୍ଥିତ ଥିଲେ।

# ଆଇନ ସେବା ପ୍ରାଧିକରଣ ପକ୍ଷରୁ ଆଇନ ସଚେତନତା




**ଝାରସୁଗୁଡ଼ା, ୧୫।୭ (ସମିସ):** ଜିଲ୍ଲା ଆଇନ୍ ସେବା ପ୍ରାଧିକରଣ ପକ୍ଷରୁ କିଶୋର ନ୍ୟାୟ (ଯତ୍ନ ଓ ସୁରକ୍ଷା) ନିୟମ, ପିଲାମାନଙ୍କର ମାଗଣା ଓ ବାଧ୍ୟତାମୂଳକ ଶିକ୍ଷାର ଅଧିକାର ଆଦି ନେଇ ଆଇନ୍ ସଚେତନତା କାର୍ଯ୍ୟକ୍ରମ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ଓ ଦୌରାଜଜ୍ ତଥା ଜିଲ୍ଲା ଆଇନ୍ ସେବା ପ୍ରାଧିକରଣର ଅଧ୍ୟକ୍ଷ ପ୍ରଶାନ୍ତ ନାୟକଙ୍କ ନିର୍ଦ୍ଦେଶ କ୍ରମେ ସ୍ଥାନୀୟ ସରକାରୀ ଉଚ୍ଚ ବିଦ୍ୟାଳୟ ଅର୍ଡା କାର୍ଯ୍ୟକ୍ରମ ହୋଇଥିଲା। ଏଥିର ଆଇନ୍ ସେବା ପ୍ରାଧିକରଣ ସଚିବ ଆଲୋକମୟୀ ପ୍ରଧାନ, ଶିଶୁ ମଙ୍ଗଳ କମିଟିର ଅଧ୍ୟକ୍ଷ ଆଶିଷ ପଣ୍ଡା, କିଶୋର ନ୍ୟାୟ ବୋର୍ଡର ସଦସ୍ୟା ସଂଯୁକ୍ତା ମହାପାତ୍ର, ଅତିରିକ୍ତ ଜିଲ୍ଲା ମଙ୍ଗଳ ଅଧିକାରୀ ବିବେକାନନ୍ଦ ସାମଲ, ବିଦ୍ୟାଳୟର ପ୍ରଧାନଶିକ୍ଷକ ପ୍ରଦୀପ ପଧାନ, ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟର ସୁରକ୍ଷା ଅଧିକାରୀ ଚୂଡ଼ାମଣି ପଣ୍ଡା, ଆଇୟୁସିଏଡବ୍ଲୁ ଝାରସୁଗୁଡ଼ାର ଇନ୍ସପେକ୍ଟର ପାର୍ବତୀ ହେମ୍ବ୍ରମ ପ୍ରମୁଖ ଯୋଗ ଦେଇଥିଲେ। ପ୍ରାଧିକରଣ ସଚିବ ରାଷ୍ଟ୍ରୀୟ ହେଲ୍ପଲାଇନ ନମ୍ବର ୧୫୧୦୦, ମାଗଣା ଆଇନ୍ ସେବା ଓ ପରାମର୍ଶ, ମାଗଣା ଓକିଲ ଯୋଗାଇବା ଇତ୍ୟାଦି ବିଷୟରେ ସୂଚନା ପ୍ରଦାନ କରିଥିଲେ। ପାରା ଲେଗାଲ ସ୍ୱେଚ୍ଛାସେବୀ ଓ ପ୍ୟାନେଲ ଓକିଲ ମାନେ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

# ଏଏଲ୍‌ପିଏସ୍ କମ୍ପାନୀ ସମ୍ମୁଖରେ ଡମପଡ଼ାବାସୀଙ୍କ ବିକ୍ଷୋଭ




**ଝାରସୁଗୁଡ଼ା, ୧୫।୭ (ସମିସ):** ଝାରସୁଗୁଡ଼ା ଜିଲ୍ଲା ଛୁଆଲିବେର୍ଣ୍ଣା ସ୍ଥିତ ଏଏଲ୍‌ପିଏସ୍ କମ୍ପାନୀ ସମ୍ମୁଖରେ ମଙ୍ଗଳବାର ଛୁଆଲିବେର୍ଣ୍ଣା ଡମପଡ଼ାବାସୀ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ଗତ କିଛିଦିନ ତଳେ ହୋଇଥିବା ଲଗାଣ ବର୍ଷାରେ ଏଏଲ୍‌ପିଏସ୍ କୋଲ ୱାସରୀରୁ ପାଣି ମାଡ଼ି ଆସି ଡମପଡ଼ାରେ ଘରଦ୍ୱାର ଭାଙ୍ଗିବା ସହ ସେମାନେ ବ୍ୟବହାର କରୁଥିବା କୂଅରେ କୋଇଲା ପାଣି ମିଶି ଯାଇଥିଲା। ତେଣୁ କ୍ଷତିପୂରଣ ଏବଂ କୂଅର ମରାମତି ଦାବି କରି ସ୍ଥାନୀୟ ଲୋକେ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। କୋଲ ୱାସରୀ ଯୋଗୁଁ ସେମାନେ ପୂର୍ବରୁ ମଧ୍ୟ ଅନେକ ସମସ୍ୟା ଭୋଗି ଆସୁଛନ୍ତି। କିଛି ଦିନ ପୂର୍ବରୁ ହୋଇଥିବା ଲଗାଣ ବର୍ଷାରେ କୋଲ ୱାସରୀର କୋଇଲା ପାଣି ସେମାନଙ୍କ ଘରଦ୍ୱାରା, ପାନୀୟ ଜଳ ପାଇଁ ବ୍ୟବହାର କରୁଥିବା କୂଅ ଏବଂ ଚାଷ ଜମିରେ ମାଡ଼ିଯାଇ ବ୍ୟାପକ କ୍ଷୟକ୍ଷତି କରିଥିବା ଡମପଡ଼ାବାସୀ ପ୍ରକାଶ କରିଛନ୍ତି। ସେମାନଙ୍କ ହୋଇଥିବା କ୍ଷୟକ୍ଷତି ଆକଳନ କରି କ୍ଷତିପୂରଣ ପ୍ରଦାନ କରାଯାଉ ବୋଲି ଦାବି କରିଛନ୍ତି। କୋଲ ୱାସରୀ କର୍ତ୍ତୃପକ୍ଷ ବିକ୍ଷୋଭକାରୀଙ୍କୁ ବୁଝାସୁଝା କରିବା ସହ ସେମାନଙ୍କ ସମସ୍ୟା ସମାଧାନ ଦିଗରେ ପଦକ୍ଷେପ ନେବା ପାଇଁ ପ୍ରତିଶ୍ରୁତି ଦେବାପରେ ବିକ୍ଷୋଭ ପ୍ରତ୍ୟାହୃତ ହୋଇଥିଲା।

# ଇବ୍ ଖାଦାନ ମଜଦୂର ସଂଘର ସାଧାରଣ ବୈଠକ



**ଝାରସୁଗୁଡ଼ା, ୧୫।୭ (ସମିସ):** ଝାରସୁଗୁଡ଼ା ଜିଲ୍ଲା ବ୍ରଜରାଜନଗର ଇବ ଭ୍ୟାଲି ଜିଏମ୍ ଅଫିସ ରବୀନ୍ଦ୍ର ଭବନ ଠାରେ ବ୍ରଜରାଜନଗର ଇବ୍ ଖାଦାନ ମଜଦୂର ସଂଘର ସାଧାରଣ ବୈଠକ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଶତାଧିକ ସଦସ୍ୟ ବିଶାଳ ମୋଟର ସାଇକେଲ ରାଲି କରି ଇବ୍ ଭ୍ୟାଲି ଗେଷ୍ଟ ହାଉସ୍‌ରୁ ରବୀନ୍ଦ୍ର ଭବନକୁ ପହଞ୍ଚିଥିଲେ। ମୁଖ୍ୟ ଅତିଥି ଭାବେ ବିଏମ୍‌ଏମ୍‌ର କୋଲ ଇଣ୍ଡିଆ ପ୍ରଭାରୀ ଓ ଏପକ୍ସ ଜେସିସି ମେମ୍ବର୍ କେ ଲକ୍ଷ୍ମାରେଡ୍ଡୀ ମଞ୍ଚାସୀନ ଥିଲେ। ଅଖିଳ ଭାରତୀୟ ଖାଦାନ ମଜଦୂର ସଂଘର କାର୍ଯ୍ୟକାରୀ ସଭାପତି ରଞ୍ଜନ ବେହେରା, ଭାରତୀୟ ଖାଦାନ ମଜଦୂର ସଂଘର ସମ୍ପାଦିକା ସସ୍ମିତା ପଟେଲ, ତାଳଚେର କୋଇଲା ଖଣି ସଂଘର ସାଧାରଣ ସମ୍ପାଦକ ବୀରେନ ଖିଲାର୍, ବ୍ରଜରାଜନଗର ଇବ୍ ଖାଦାନ ସଂଘ ସଭାପତି ଗୋବିନ୍ଦ ସିଂ ମଞ୍ଚାସୀନ ଥିଲେ। ବ୍ରଜରାଜନଗର ଇବ୍ ଖାଦାନ ମଜଦୂର ସଂଘର ସାଧାରଣ ସମ୍ପାଦକ ମହେଶ୍ୱର ମହନ୍ତ ମଞ୍ଚ ପରିଚାଳନା କରିଥିବା ବେଳେ ସଭାପତି ଗୋବିନ୍ଦ ସିଂହ ଧନ୍ୟବାଦ ଅର୍ପଣ ସହ କାର୍ଯ୍ୟକ୍ରମର ସମାପ୍ତି କରିଥିଲେ। କାର୍ଯ୍ୟକ୍ରମରେ ସୁଜିତ ଝା, ସଞ୍ଜୀବ ସିଂହ, କେସି ପ୍ରଧାନ, ସଞ୍ଜିତ ବଣ୍ଛୋର୍, ଅବନୀ ଦାସ, ପ୍ରଦୀପ ମିତ୍ର, ମିଥିଲେଶ ସିଂ, ପ୍ରଭାକର ସିଂ, ଋଶଭ ଖାରେ, ରବି ରୋହିଦାସ, ପ୍ରଫୁଲ୍ଲ ସାହୁ, ଶିବରାମ ପ୍ରଧାନ, କିରଣ ରାୟକର୍, ଅଂଶୁମାନ ସାହୁ, ଅରିନ୍ଦମ୍ ମଲ୍ଲିକ, ଏକଲବ୍ୟ ସାହୁ, ମନୋଜ ଧୁରୁଆ ପ୍ରମୁଖ ଉପସ୍ଥିତ ଥିଲେ।

# ମାସିକ ଜିଲ୍ଲାସ୍ତରୀୟ ରାଜସ୍ୱ ସମୀକ୍ଷା ବୈଠକ



**ଦେବଗଡ଼, ୧୫।୭ (ସମିସ):** ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଜିଲ୍ଲାପାଳ କବିନ୍ଦ୍ର ସାହୁଙ୍କ ଅଧ୍ୟକ୍ଷତାରେ ମଙ୍ଗଳବାର ଜିଲ୍ଲାସ୍ତରୀୟ ରାଜସ୍ୱ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଧାର୍ଯ୍ୟ ଥିବା ଭୂ-ରାଜସ୍ୱ, ରୟାଲିଟି, ଜଳକର, ବସୁନ୍ଧରା, ସ୍କୁଲ କଲେଜ ପଟ୍ଟା ଓ ଅନ୍ୟାନ କର ଆଦାୟ କରିବା ନେଇ ଜିଲ୍ଲାସ୍ତରୀୟ ଅଧିକାରୀମାନଙ୍କ ସହ ଆଲୋଚନା କରିଥିଲେ। ବୈଠକରେ ଅତିରିକ୍ତ ଜିଲ୍ଲାପାଳ ରେବେକା ବିଲୁଙ୍ଗ, ଡେପୁଟି କଲେକ୍ଟର (ରାଜସ୍ୱ) ଲକ୍ଷ୍ମଣ ଅମାତ, ଏସିଏଫ ଅରୁଣ ବେହେରା, ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ବିଶ୍ୱ ମୋହନ ମିଶ୍ର, ସହକାରୀ ଜିଲ୍ଲାପାଳ ସୁଶ୍ରୀରେଖା ମହନ୍ତ, ଦେବଗଡ଼ ତହସିଲଦାର କର୍ଣ୍ଣ ମଲିକ, ବାରକୋଟ ଭାରପ୍ରାପ୍ତ ତହସିଲଦାର ଶିବବ୍ରତ ନାୟକ, ରିଆମାଳ ଭାରପ୍ରାପ୍ତ ତହସିଲଦାର ପ୍ରେମ ପ୍ରକାଶ ହରୋ, ସହକାରୀ ଜିଲ୍ଲାପାଳ ହେମନ୍ତ ସିଂ, ଆଞ୍ଚଳିକ ପରିବହନ ଅଧିକାରୀ କେଶବ ଚନ୍ଦ୍ର ନାଏକ, ଜିଲ୍ଲା ମଙ୍ଗଳ ଅଧିକାରୀ ଶିଶିର ପୁହାଣ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ମନୋରଞ୍ଜନ ସୂତାର ଓ ବିଭିନ୍ନ ଜିଲ୍ଲାସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।

# ଶିଶୁଙ୍କୁ ୟୁନିଫର୍ମ ବଣ୍ଟନ କାର୍ଯ୍ୟାଦେଶରେ ପକ୍ଷପାତିତା ଅଭିଯୋଗ

**ରିଆମାଳ, ୧୫।୭ (ସମିସ):** ରିଆମାଳ ସିଡିପିଓ ଅଫିସ ପକ୍ଷରୁ ଅଙ୍ଗନବାଡ଼ି କେନ୍ଦ୍ରର ଶିଶୁ ମାନଙ୍କୁ ୟୁନିଫର୍ମ ବଣ୍ଟନ ପ୍ରକ୍ରିୟା କାର୍ଯ୍ୟାଦେଶରେ ପକ୍ଷପାତିତା କରାଯାଇ ଥିବା ନେଇ ରିଆମାଳ ସ୍ୱୟଂ ସହାୟିକା ଗୋଷ୍ଠୀ ପକ୍ଷରୁ ଦେବଗଡ଼ ଜିଲ୍ଲାପାଳଙ୍କ ଠାରେ ଅଭିଯୋଗ କରାଯାଇଛି। ଦୀର୍ଘ ବର୍ଷ ହେଲା ସ୍ୱୟଂ ସହାୟିକା ଗୋଷ୍ଠୀର ମହିଳା ମାନେ ରିଆମାଳ ବ୍ଲକରେ ଥିବା ୨୬ ପଞ୍ଚାୟତର ସମସ୍ତ ଅଙ୍ଗନବାଡ଼ି କେନ୍ଦ୍ରର ଶିଶୁ ମାନଙ୍କୁ ୟୁନିଫର୍ମ ଯୋଗାଇ ପରିବାର ଭରଣ ପୋଷଣ କରି ଆସୁଥିଲେ। ମାତ୍ର ଚଳିତ ବର୍ଷ ସିଡିପିଓ କାର୍ଯ୍ୟାଳୟ ପକ୍ଷରୁ ପ୍ରକାଶିତ କରାଯାଇ ଥିବା ବିଜ୍ଞାପନରେ ପକ୍ଷପାତିତା କରାଯାଇ ଥିବା ଅଭିଯୋଗ କରାଯାଇଛି। ବ୍ଲକର ୨୬ ପଞ୍ଚାୟତର ଶିଶୁ ମାନଙ୍କୁ ୟୁନିଫର୍ମ ଯୋଗାଇବା ପାଇଁ ୮ ଟି ପଞ୍ଚାୟତର ଅଙ୍ଗନବାଡ଼ି କେନ୍ଦ୍ରର ସ୍ୱୟଂ ସହାୟିକା ଗୋଷ୍ଠୀ ମହିଳାଙ୍କୁ କାର୍ଯ୍ୟାଦେଶ ଦିଆଯାଇଛି। ବାକି ୧୮ ଟି ପଞ୍ଚାୟତ ପାଇଁ ବ୍ଲକ ବାହାରର ଏକ ସଂସ୍ଥା କଳାମାଟି ଗୁଗୁଲି ଏଣ୍ଟରପ୍ରାଇଜେସ୍‌କୁ କେଉଁ ଆଧାରରେ କାର୍ଯ୍ୟାଦେଶ ପ୍ରଦାନ କରାଯାଇଛି ବୋଲି ପ୍ରଶ୍ନ କରାଯାଇଛି। ସରକାର ମହିଳା ମାନଙ୍କୁ ଆତ୍ମନିର୍ଭରଶୀଳ କରିବା ପାଇଁ ବିଭିନ୍ନ ଯୋଜନା କାର୍ଯ୍ୟକାରୀ କରୁଥିଲେ ସୁଦ୍ଧା ରିଆମାଳରେ ଥିବା ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀଙ୍କୁ ଏଥିରୁ ବଞ୍ଚିତ କରିଛନ୍ତି। ଫଳରେ ସେମାନେ ହାତ ବାନ୍ଧି ବସିବାକୁ ବାଧ୍ୟ ହେବା କଥା ଅତ୍ୟନ୍ତ ଦୁଃଖ ପ୍ରକାଶ କରି ଜିଲ୍ଲାପାଳଙ୍କ ନିକଟରେ ଲିଖିତ ଅଭିଯୋଗ କରିଛନ୍ତି। ଜିଲ୍ଲାପାଳ ଏହା ଉପରେ ଆବଶ୍ୟକ ତଦନ୍ତ କରି ପଦକ୍ଷେପ ଗ୍ରହଣ କରିବାକୁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

# ବିଶ୍ୱ ଯୁବ ଦକ୍ଷତା ଦିବସ ପାଳିତ




**ଦେବଗଡ଼, ୧୫।୭ (ସମିସ):** ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଜିଲ୍ଲା ଦକ୍ଷତା ବିକାଶ ତଥା ଜିଲ୍ଲା ନିଯୋଜନ ଅଧିକାରୀ କେ. ରୋଜାଡୋରାଙ୍କ ତତ୍ତ୍ୱାବଧାନରେ ବିଶ୍ୱ ଯୁବ ଦକ୍ଷତା ଦିବସ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ରେବକା ବିଲୁଙ୍ଗ, ସମ୍ମାନିତ ଅତିଥି ଭାବେ ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ରାଜେନ୍ଦ୍ର ମିଞ୍ଜ, ଜିଲ୍ଲା ଶ୍ରମ ଅଧିକାରିଣୀ ପଦ୍ମାବତୀ ମାରାଣ୍ଡି, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଶ୍ରୀନିବାସ ଜାନି, ଡିପିସି ମିଶନ ଶକ୍ତି ଶିଶିର ଷଡ଼ଙ୍ଗୀ, ପଲିଟେକନିକ ଅଧ୍ୟକ୍ଷ ବସନ୍ତ ସନ୍ୟାସୀ ଯୋଗ ଦେଇଥିଲେ। ଅଧିକାରୀ କେ.ରୋଜାଦୋରା କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ଜିଲ୍ଲାପାଳ ଭବିଷ୍ୟତ ଯୁବପିଢ଼ି ପାଇଁ ଦକ୍ଷତା ବିକାଶର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ। କାର୍ଯ୍ୟକ୍ରମରେ କ୍ୱିଭାନ ସ୍କିଲ୍ ଏମ୍ପାୱରମେଣ୍ଟ ଦ୍ୱାରା ଜେନେରାଲ ଡ୍ୟୁଟି ଆସିଷ୍ଟାଣ୍ଟଏବଂ ସ୍ୱୋର୍ଡ ସଂସ୍ଥା ଦ୍ୱାରା ୱେର ହାଉସ୍ ପ୍ୟାକର ତାଲିମ୍ ପାଇଥିବା ଦିବ୍ୟାଙ୍ଗ ଯୁବତୀ, ଯୁବକ ସାମିଲ ହୋଇଥିଲେ। ସେମାନଙ୍କୁ ମଞ୍ଚାସୀନ ଅତିଥି ମାନଙ୍କ ଦ୍ୱାରା ୩୨ଟି ପ୍ରମାଣପତ୍ର ଏବଂ ନିଯୁକ୍ତି ପତ୍ର ପ୍ରଦାନ କରାଯାଇଥିଲା। ଏହି ଅବସରରେ ପୂର୍ବରୁ ଆୟୋଜିତ ହୋଇଥିବା ଚିତ୍ରାଙ୍କନ ପ୍ରତିଯୋଗିତାରେ କୃତୀ ଛାତ୍ରୀଛାତ୍ରଙ୍କୁ ଟ୍ରଫି ଓ ମାନପତ୍ର ଦେଇ ସମ୍ମାନିତ କରାଯାଇଥିଲା। କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ଦକ୍ଷତା ବିକାଶ ସାଥୀ ଅବିନାଶ ପୁରୀ, ଜିଲ୍ଲା ଦକ୍ଷତା ବିକାଶ ଓ ନିଯୋଜନ କାର୍ଯ୍ୟଳୟର କର୍ମଚାରୀ ମୃତ୍ୟୁଞ୍ଜୟ ବେହେରା, ବିକାଶ ମେହେର ପ୍ରମୁଖ ଯୋଗ ଦେଇଥିଲେ। ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ମନୋରଞ୍ଜନ ସୂତାର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ସାର ପାଇଁ ଚାଷୀ କଲବଲ

# ସେବା ସମବାୟ ସମିତି କାର୍ଯ୍ୟାଳୟ ସମ୍ପାଦକଙ୍କୁ ଦାବିପତ୍ର

**ଦେବଗଡ଼/କୁଣ୍ଢେଇଗୋଲା, ୧୫।୭ (ସମିସ)**



ଦେବଗଡ଼ ଜିଲ୍ଲା ରିଆମାଳ ବ୍ଲକ ଅଧୀନ କୁଣ୍ଢେଇଗୋଲା ସେବା ସମବାୟ ସମିତିରେ ପଞ୍ଜୀକୃତ ଚାଷୀ ସାର ପାଇଁ କଲବଲ ହେବା ପରେ ମଙ୍ଗଳବାର ସେବା ସମବାୟ କାର୍ଯ୍ୟାଳୟରେ ପହଞ୍ଚି ହୋହାଲ୍ଲା କରିଥିବା ଜଣାପଡ଼ିଛି। ଆଜି ଧାନ ଚାଷ ପାଇଁ ସାର ନମିଳିବାରୁ ବହୁ ଚାଷୀ ସମିତି କାର୍ଯ୍ୟାଳୟରେ ଏକତ୍ରିତ ହୋଇଥିଲେ। ସାତ ଦିନ ମଧ୍ୟରେ ଚାଷୀଙ୍କୁ ସାର ନମିଳିଲେ କାର୍ଯ୍ୟାଳୟକୁ ତାଲା ପକାଇ ଦିଆଯିବ ବୋଲି ସମବାୟ ସମିତି ସମ୍ପାଦକ ତ୍ରିଭୁବନ ପ୍ରଧାନଙ୍କୁ ଲିଖିତ ଚେତାବନୀ ଦେଇଥିବା ଜଣାପଡ଼ିଛି। ଅଞ୍ଚଳରେ ଧାନ ଚାଷର ବେଉଷଣ ଓ ଧାନରୋପଣ ଜାରି ରହିଥିବା ବେଳେ ସାରର ଆବଶ୍ୟକତା ପଡୁଛି। କିନ୍ତୁ ସେବା ସମବାୟ ସମିତି କାର୍ଯ୍ୟାଳୟରେ ସାର ମିଳୁ ନଥିବାରୁ କୁଣ୍ଢେଇଗୋଲା, କୁରଡ଼ପଶି, କମାରପାଲ, ପଞ୍ଚମହଲା, ରତନପୁର, ଖଣ୍ଡାଧୂଆଁ, ଅରଖପାଲ, ଢୋଲପଥର ଆଦି ଗ୍ରାମର ଚାଷୀ ସମ୍ପାଦକଙ୍କ ଆଗରେ ନିଜର ଅସନ୍ତୋଷ ଜାହିର କରିଥିଲେ। ସମିତି ସଭ୍ୟ ଲିଙ୍ଗରାଜ ସାହୁଙ୍କ ନେତୃତ୍ୱରେ ଶ୍ରୀକର ସାହୁ, ହେମନ୍ତ ସାହୁ, ବୈକୁଣ୍ଠ ପାଇକରାୟ, ରମେଶ ସାହୁ, ସମେତ ଶତାଧିକ ଚାଷୀ ତୁରନ୍ତ ସାର ଯୋଗାଇବା ପାଇଁ ଦାବିପତ୍ର ପ୍ରଦାନ କରିଥିଲେ।

# ବିଶ୍ୱ ଜନସଂଖ୍ୟା ଦିବସ ପାଳିତ

**ଦେବଗଡ଼, ୧୫।୭ (ସମିସ):** ଦେବଗଡ଼ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ସଭାଗୃହରେ ବିଶ୍ୱ ଜନସଂଖ୍ୟା ଦିବସ ପାଳିତ ହୋଇଯାଇଛି। ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡ.ପୂର୍ଣ୍ଣଚନ୍ଦ୍ର ପ୍ରଧାନ ଏଥିରେ ଅଧ୍ୟକ୍ଷତା କରିଥିଲେ। ଜନ୍ମର ବ୍ୟବଧାନ, ପରିବାର ନିୟନ୍ତ୍ରଣ କରିବା ପାଇଁ ଆଲୋକପାତ କରିଥିଲେ। ପରିବାର ନିଯୋଜନ ଓ ବିଭିନ୍ନ ପଦ୍ଧତି, ପୁରୁଷ ଓ ନାରୀ ସ୍ଥାୟୀ ବନ୍ଧ୍ୟାକରଣ, ଅସ୍ଥାୟୀ ଗର୍ଭ ନିରୋଧକ, ଅନ୍ତରା ସେବା ଗୁଡିକ ମାଗଣାରେ ଜିଲ୍ଲା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଓ ମୁଖ୍ୟ ଚିକିତ୍ସାଳୟରେ ଉପଲବ୍ଧ କରାଯାଉଛି ବୋଲି କହିଥିଲେ। ମହିଳା ବନ୍ଧ୍ୟାକରଣ ଅପରେସନ କରାଇଥିବାରୁ ଆଶା ଗୀତାଞ୍ଜଳି ନାଏକ ଓ ଛତାବର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ପୁରୁଷ ବନ୍ଧ୍ୟାକରଣ ଅପରେସନ ପାଇଁ ବାରକୋଟ, ତିଲେଇବଣି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ଅନ୍ତରାରେ ବାରକୋଟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, କାଦପଡ଼ା ଆୟୁଷ୍ମାନ ଆରୋଗ୍ୟ ମନ୍ଦିରକୁ ଅତିଥିମାନଙ୍କ ଦ୍ୱାରା ମାନପତ୍ର ଓ ଟ୍ରଫି ଦେଇ ପୁରସ୍କାର ପ୍ରଦାନ କରାହୋଇଥିଲା। ବୈଠକରେ ଅତିରିକ୍ତ ଜନସ୍ୱାସ୍ଥ୍ୟ ଅଧିକାରୀ ଡ.ଧନଞ୍ଜୟ ମହନ୍ତ, ଡ.ବଂଶୀଧର ପାତ୍ର, ଡ.ବାବୁ ସିଂ, ଡିପିଏମ ସୁଶାନ୍ତ ପ୍ରହରାଜ, ସମସ୍ତ ସ୍ୱାସ୍ଥ୍ୟ ବିଭାଗର ଅଧିକାରୀ, ଆଶା, ଏଏନ୍‌ଏମ୍, ଷ୍ଟାଫ୍ ନର୍ସଉପସ୍ଥିତ ଥିଲେ। ଜିଲ୍ଲା ଜନସ୍ୱାସ୍ଥ୍ୟ ଯୋଗାଯୋଗ ଅଧିକାରୀ ଅମରେଶ ଶତପଥୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



ବନ୍ଧୁକ ଠାରୁ ବୁଦ୍ଧି ଅଧିକ ଶକ୍ତିଶାଳୀ।
-ଷ୍ଟାଲିନ୍

ସକାଳ
THE SAKALA

# କ୍ଷମତାର ବ୍ୟଥା ଓ କଥା

ଆମେରିକା ପରେ ଚୀନ ବିଶ୍ୱର ଦ୍ୱିତୀୟ କ୍ଷମତାକେନ୍ଦ୍ର। ଡୋନାଲ୍ଡ ଟ୍ରମ୍ପ ଆମେରିକାର ରାଷ୍ଟ୍ରପତି ଦାୟିତ୍ୱ ଗ୍ରହଣ କରିବା ପରେ ବାଣିଜ୍ୟ ଶୁଳ୍କ ନିର୍ଦ୍ଧାରଣକୁ ନେଇ ସେ ଯେଉଁ ଅଘୋଷିତ ଯୁଦ୍ଧ ପରିବେଶ ସୃଷ୍ଟି କରିଛନ୍ତି ତାହାର ଖୋଲା ମୁକାବିଲା କେବଳ ଚୀନ କରିଛି। ଆମେରିକାର ଯେକୌଣସି ଆହ୍ୱାନର ସମ୍ମୁଖୀନ ହେବା ସକାଶେ ଚୀନ ପ୍ରସ୍ତୁତ ଅଛି କହିବା ପଛରେ ରାଷ୍ଟ୍ରପତି ସି ଜିନପିଙ୍ଗଙ୍କ ପ୍ରଭାବୀ ଭୂମିକାକୁ ଅସ୍ୱୀକାର କରି ହେବନି। ଏପରିକି ଆମେରିକୀୟ ଡଲାରର ଥିବା ବିଶ୍ୱବ୍ୟାପୀ ପ୍ରଧାନ୍ୟକୁ ଖର୍ବ କରିବା ସକାଶେ ବ୍ରିକ୍ସ ସମ୍ମିଳନୀ ମାଧ୍ୟମରେ ଜିନପିଙ୍ଗଙ୍କ ସମାନ୍ତରାଳ ମୁଦ୍ରା. ପ୍ରଚଳନ ପ୍ରସ୍ତାବ ଟ୍ରମ୍ପଙ୍କୁ ବିବ୍ରତ କରିଛି। ଏଥିରୁ ସ୍ୱଷ୍ଟ ଅନୁମେୟ ଯେ ଆମେରିକାର ନାଟୋ ସାମରିକ ମେଣ୍ଟ ଭଳି ଚୀନ ମଧ୍ୟ ନିଜର ଆର୍ଥିକ ଦମ୍ଭ ଓ ସାମରିକ ଶକ୍ତି ବଳରେ ଆହ୍ୱାନ ଦେଲା ଭଳି ସାମର୍ଥ୍ୟ ଏକଜୁଟ କରିବାକୁ ସମର୍ଥ ହୋଇଛି। ବ୍ରିକ୍ସ ସଂଗଠନର ପ୍ରମୁଖ ପୁରୋଧା ହେଉଛି ଚୀନ। ତେବେ ନିକଟରେ ବ୍ରାଜିଲରେ ଅନୁଷ୍ଠିତ ସମ୍ମିଳନୀରେ ଚୀନ ରାଷ୍ଟ୍ରପତି ସି. ଜିନପିଙ୍ଗଙ୍କ ଅନୁପସ୍ଥିତି ସମସ୍ତଙ୍କୁ ଚକିତ କରିଥିଲା। ଗତ ୧୨ ବର୍ଷ ମଧ୍ୟରେ ଏହା ହିଁ ଥିଲା ସବୁଠାରୁ ବିରଳ ଘଟଣା। ଏହି ଅନୁପସ୍ଥିତି ବିଭିନ୍ନ ମହଲକୁ ଚର୍ଚ୍ଚାର ଖୋରାକ୍ ଯୋଗାଇଛି।

ଗତ ମେ' ମାସର ଦ୍ୱିତୀୟ ଭାଗରୁ ସାଧାରଣ ଜୀବନରେ ତାଙ୍କର ଅନୁପସ୍ଥିତି ପରିଲକ୍ଷିତ ହୋଇଛି। ଏମିତିରେ ଚୀନର ଆଭ୍ୟନ୍ତରୀଣ ପରିସ୍ଥିତି, ଏପରିକି କୌଣସି ବଡ଼ ଘଟଣା ଖୁବ୍ କ୍ୱଚିତ ସାଧାରଣରେ ପ୍ରକାଶ ପାଇଥାଏ। ସମସ୍ତ ତଥ୍ୟ ସରକାରୀ କଟକଣାକୁ ଅତିକ୍ରମ କରି ପ୍ରକାଶ ପାଇବା ସମ୍ଭବ ନୁହେଁ। ଯାଞ୍ଚ ଓ ସରକାରୀ ସ୍ୱୀକୃତି ପରେ ଯାହା ପ୍ରକାଶ ପାଏ ତାହା ଯେ ପ୍ରକୃତ ଚିତ୍ର ଏକଥା ଜୋରଦେଇ କହିହେବନି। ତେଣୁ ଜିନପିଙ୍ଗ ଏବେ କେଉଁ ଅବସ୍ଥାରେ ଅଛନ୍ତି ତାହାର ସ୍ୱଷ୍ଟଚିତ୍ର ଏଯାବତ ମିଳିନାହିଁ। ସେ ଗୁରୁତର ଅସୁସ୍ଥ ନା ଗୃହବନ୍ଦୀ ଅବସ୍ଥାରେ ତାହା ମଧ୍ୟ ଜୋର ଦେଇ କହିହେବନି। ସବୁଠାରୁ ଉଲ୍ଲେଖଯୋଗ୍ୟ ହେଲା, ଚୀନର ସରକାରୀ ଗଣମାଧ୍ୟମରେ ଯେଉଁଳି ପ୍ରାଧାନ୍ୟ ଦେଇ ପ୍ରକାଶ ପାଉଥିଲା, ଏବେ ତାହା ମଧ୍ୟ ଦୃଶ୍ୟମାନ ହେଉନାହିଁ। ତେଣୁ ଏହା ପଛରେ କିଛି ନା କିଛି ରହସ୍ୟ ତ ନିଶ୍ଚୟ ଅଛି। ଏକଦଳୀୟ ଶାସନ ବ୍ୟବସ୍ଥାରେ କ୍ଷମତା କେନ୍ଦ୍ର ଯିଏ ହେଉନା କାହିଁକି ଯେତେବେଳେ ନେତୃତ୍ୱ ପରିବର୍ତ୍ତନର ଝଡ଼ ସୃଷ୍ଟି ହୁଏ ସେଥିରେ କେତେ କିଏ ଧରାଶାୟୀ ହୁଅନ୍ତି ତାହା ସାଧାରଣରେ ପ୍ରକାଶ ନ ପାଇଲେ ମଧ୍ୟ ତାହାରି ମଧ୍ୟରୁ ହଠାତ୍ ନୂଆ ନେତାଙ୍କ ଆବିର୍ଭାବ ହୁଏ। ଯେତେଦୂର ମନେହୁଏ ସେହି ପ୍ରକ୍ରିୟା ସଂପ୍ରତି ଚୀନରେ ଜାରି ରହିଛି।

ଏଥିମଧ୍ୟରେ ଦୁଇଟି ଖବର ସାମ୍ନାକୁ ଆସିଛି। ହାଠତ୍ ରବିବାର ଜିନପିଙ୍ଗଙ୍କ ଚୀନ ଡିଜିଟାଲ ମିଡିଆରେ ଆବିର୍ଭାବ ଘଟିଛି। ସେ ତାଙ୍କର ସଂକ୍ଷିପ୍ତ ବକ୍ତବ୍ୟ ରଖିଛନ୍ତି। ଅନ୍ୟ ଖବରଟି ହେଲା, ଜିନପିଙ୍ଗ ଓ ପ୍ରଧାନମନ୍ତ୍ରୀ ଲି କ୍ୱାଙ୍ଗଙ୍କୁ ଭେଟି ଆଲୋଚନା କରିବା ସକାଶେ ଅଷ୍ଟ୍ରେଲିଆର ପ୍ରଧାନମନ୍ତ୍ରୀ ଅନ୍ଥୋନୀ ଆଲବାନିସ୍ ୬ ଦିନିଆ ଚୀନ୍‌ଗସ୍ତରେ ଆସିଛନ୍ତି। ସେ ନିବେଶ, ପର୍ଯ୍ୟଟନ ଓ ବାଣିଜ୍ୟ କାରବାର ସଂପର୍କରେ ଚୀନ ନେତୃତ୍ୱ ସହ ଆଲୋଚନା କରିବାର କାର୍ଯ୍ୟକ୍ରମ ରହିଛି। ଚୀନର ଆଭ୍ୟନ୍ତରୀଣ ରାଜନୈତିକ ପରିସ୍ଥିତି ଯାହା ହେଉନା କାହିଁକି ଏ ସଂପର୍କରେ କୂଟନୈତିକ ମହଲରେ ଯେଉଁଳି କୌଣସି ଭୁଲ ବାର୍ତ୍ତା ନଯିବ ସେ ନେଇ କମ୍ୟୁନିଷ୍ଟ ପାର୍ଟି ଆବଶ୍ୟକତାଠାରୁ ଅଧିକ ସତର୍କ। ତେଣୁ ଆଲ୍‌ବାନିସ୍ ଓ ଜିନପିଙ୍ଗଙ୍କ ମଧ୍ୟରେ ଆଲୋଚନାର ଗତି ଓ ପ୍ରକୃତିରେ ନିଶ୍ଚୟ ସ୍ୱାଭାବିକତା ରହିବ। କାରଣ ନେତୃତ୍ୱ ବଦଳିଲେ ମଧ୍ୟ ନୀତି ଓ ଆଦର୍ଶ ପୂର୍ବ ଭଳି ଅତୁଟ ରହିବ। କାରଣ ଏଥିସହ ଚୀନର ବିପୁଳ ନିବେଶ ଓ ସାମରିକ ସହଯୋଗିତା ସଂଶ୍ଳିଷ୍ଟ ରହିଛି। ଅଷ୍ଟ୍ରେଲିଆ ଓ ଚୀନ ମଧ୍ୟରେ ଦ୍ୱିପାକ୍ଷିକ ସଂପର୍କ ତଥା ବୁଝାମଣା ଏହି ଗସ୍ତକ୍ରମ ଉପରେ କୌଣସି ପ୍ରତିକୂଳ ପ୍ରଭାବ ପକାଇବ ନାହିଁ। ଭାରତର ବୈଦେଶିକ ମନ୍ତ୍ରୀ ଜୟଶଙ୍କରଙ୍କୁ ମଧ୍ୟ ଜିନ୍‌ପିଙ୍ଗ ଭେଟିଛନ୍ତି, ଯାହା ବିରଳ ପଦବାଚ୍ୟ ହୋଇପାରେ। କାରଣ ଜିନ୍‌ପିଙ୍ଗଙ୍କ ସ୍ୱଭାବ ଓ ମାନସିକତା ଯାହା ସେ ସବୁବେଳେ ତାଙ୍କ ପ୍ରତିପକ୍ଷଙ୍କୁ ହିଁ ସାକ୍ଷାତ କରନ୍ତି। କୌଣସି ଦେଶର ବୈଦେଶିକ ମନ୍ତ୍ରୀଙ୍କ ସହିତ ସାକ୍ଷାତ ଆଲୋଚନା କରିବାକୁ ଜିନ୍‌ପିଙ୍ଗ ଅନୁମତି ଦେବା ପଛରେ ଚୀନ୍ ବୋଧହୁଏ ଏହା ପ୍ରମାଣିତ କରିବାକୁ ଚାହୁଁଛି ଯେ ସବୁକିଛି ଠିକ୍‌ଠାକ୍ ଅଛି।

ଚୀନ ସାମରିକ ବାହିନୀ ଜିନପିଙ୍ଗଙ୍କ ପୂର୍ଣ୍ଣ ନିୟନ୍ତ୍ରଣରେ ରହିଛି। ତିନି ବାହିନୀର ପ୍ରମୁଖଙ୍କ ବିରୋଧରେ ଗୁରୁତର ଅଭିଯୋଗ ଆସିଥିବାରୁ ସେ ଦାୟିତ୍ୱ ଓ ନେତୃତ୍ୱ ପରିବର୍ତ୍ତନ କରିଥିବାର କୁହାଯାଉଛି। ଦୁର୍ନୀତି ଓ ଭ୍ରଷ୍ଟାଚାର ଅଭିଯୁକ୍ତଙ୍କୁ ଫାଶୀ ଦଣ୍ଡ ତ ଚୀନର ଏକ ସ୍ୱାଭାବିକ ବ୍ୟାପାର। ଖବରରୁ ପ୍ରକାଶ ଯେ ନୌବାହିନୀ ପ୍ରମୁଖ ଓ ଜଣେ ବରିଷ୍ଠ ପରମାଣୁ ବୈଜ୍ଞାନିକଙ୍କୁ ମଧ୍ୟ ଦାୟିତ୍ୱର ଅନ୍ତର କରାଯାଇଛି। ଗୁରୁତ୍ୱପୂର୍ଣ୍ଣ ତଥ୍ୟ ପ୍ରଘଟ ଅଭିଯୋଗ ସେମାନଙ୍କ ବିରୋଧରେ ରହିଛି। ଏବେ କମ୍ୟୁନିଷ୍ଟ ପାର୍ଟିର କ୍ଷମତା କେନ୍ଦ୍ର ପକ୍ଷରୁ ଦୁର୍ନୀତି ଓ ଭ୍ରଷ୍ଟାଚାର ରୋକିବା ପାଇଁ ଦଣ୍ଡବିଧାନ ଶେଷ କଥା ନୁହେଁ ବରଂ ବ୍ୟବସ୍ଥାରେ ପରିବର୍ତ୍ତନ ଆଣିବାକୁ ପରାମର୍ଶ ଦିଆଯାଇଛି। ପରିସ୍ଥିତି କ୍ରମେ ଭିନ୍ନ ମୋଡ଼ ନେଉଥିବାରୁ ଜିନପିଙ୍ଗ ଦଳର ପ୍ରମୁଖ ସଂଗଠନ ସହ ଆଲୋଚନା କରି କ୍ଷମତା ଆବଣ୍ଟନ କରିଥିବାରୁ ଶୁଣାଯାଉଛି। ଯଦିବା ଏହି ସତ ହୋଇଥାଏ ତେବେ ଚୀନରେ ନେତୃତ୍ୱ ପରିବର୍ତ୍ତନ ଅବଶ୍ୟାମ୍ଭାବୀ। ଫାଶୀଦଣ୍ଡ ବିରୋଧରେ ବିଶ୍ୱବ୍ୟାପୀ ଜନମତ ପ୍ରକାଶ ପାଇଥିବାବେଳେ ଚୀନରେ ଏପ୍ରକାର ଦଣ୍ଡବିଧାନ ସର୍ବାଧିକ। ଏକ ରିପୋର୍ଟରୁ ପ୍ରକାଶ ଯେ ୨୦୨୩ ରେ କେବଳ ଚୀନରେ ୧୦୦୦ ଲୋକଙ୍କୁ ଫାଶୀ ଦିଆଯାଇଛି।

ଚୀନରେ ନେତୃତ୍ୱ ପରିବର୍ତ୍ତନ ହେଉ ବା ନହେଉ ପାକିସ୍ତାନ ପ୍ରତି ବେଜିଂର ସଂପର୍କ ପୂର୍ବଭଳି ଅତୁଟ ରହିବ। କାରଣ ଚୀନର ମହତାକାଂକ୍ଷୀ ନିବେଶର ଭବିଷ୍ୟତ ପ୍ରତି କୌଣସି ପରିସ୍ଥିତିରେ ଆଖିବୁଜି ଦିଆଯାଇପାରିବ ନାହିଁ। ଦକ୍ଷିଣ ଏସିଆ କୂଟନୀତିରେ ପାକିସ୍ତାନ ଏକ ପ୍ରମୁଖ ଅଙ୍ଗର ମର୍ଯ୍ୟାଦା ହାସଲ କରିସାରିଛି। ପହଲଗାମ ଆତଙ୍କବାଦୀ ଘଟଣାରେ ନିନ୍ଦା ପ୍ରସ୍ତାବ ଗ୍ରହଣ କରାଯାଇଥିଲେ ମଧ୍ୟ ଏଥିରେ ପାକିସ୍ତାନର ସମ୍ପୃକ୍ତିକୁ ଉଦ୍ଦେଶ୍ୟମୂଳକ ଭାବେ ବାଦ ଦିଆଯାଇଛି। ତେଣୁ ଜିନପିଙ୍ଗ କ୍ଷମତାରେ ରହନ୍ତୁ ନରହନ୍ତୁ ଭାରତ ପାଇଁ କିଛି ଫରକ ପଡ଼ିବ ନାହିଁ।

# ବାସ୍ତୁହରା ଗ୍ରାମବାସୀ

ବୈକୁଣ୍ଠନାଥ ମିଶ୍ର

ପୂର୍ବ କାଳରେ ରାଜା ମହାରାଜାମାନେ ଯୁଦ୍ଧ ଅଭିଯାନରେ ଯାଇ ରାଜ୍ୟ ଜୟ କରି ବିଜିତ ରାଜ୍ୟକୁ ନିଜ ମୂଳ ଭୂଖଣ୍ଡ ସହ ମିଶାଇ ରାଜ୍ୟର ସୀମା ବୃଦ୍ଧି କରୁଥିଲେ। ଜୋର ଯା'ର ମୂଲକ ତା'ର ନ୍ୟାୟରେ ପରାଜିତ ରାଜାମାନେ ବିଜେତାଙ୍କ ବଶତା ସ୍ୱୀକାର କରୁଥିଲେ। ପରାଜିତ ରାଜ୍ୟର ପ୍ରଜାକୁଳ ପୁରାତନ ଶାସନ ପରିବର୍ତ୍ତେ ଏକ ନୂତନ ଶାସନ ପଦ୍ଧତିକୁ ଆପଣେଇ ନେଉଥିଲେ। ସେମାନଙ୍କୁ ନାନା ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଥିଲେ ମଧ୍ୟ ଅନନ୍ୟୋପାୟ ହୋଇ ନୂତନତାକୁ ଆଦରିବାକୁ ପଡୁଥିଲା। ପ୍ରଜାମାନଙ୍କୁ ମାନିନେବାକୁ ହେଉଥିଲା ନୂତନ କର ନୀତି। ତାହା ଯେତେ କଷ୍ଟକର ହେଲେ ମଧ୍ୟ ବିନା ପ୍ରତିବାଦରେ ତାକୁ ଗ୍ରହଣ କରିବାକୁ ପଡୁଥିଲା।

ଏକବିଂଶ ଶତାବ୍ଦୀର ଏକ-ଚତୁର୍ଥାଂଶ ପୃଥିବୀ ଭୋଗ କରି ସାରିଲାଣି। ଏକଛତ୍ର ଶାସନ ପ୍ରାୟତଃ ସତ୍ତା ହରାଇଛି। ଗଣତନ୍ତ୍ରର ମହନୀୟତାକୁ ପୃଥିବୀବାସୀ ଆଦରି ନେଇଛନ୍ତି। ବଂଶାନୁକ୍ରମିକ ଶାସନ ପ୍ରାୟତଃ ଲୋପ ପାଇଛି। ନିର୍ବାଚନ ମାଧ୍ୟମରେ ଜନସାଧାରଣ ନିର୍ଣ୍ଣୟ କରୁଛନ୍ତି ତାଙ୍କ ଶାସକ ଗୋଷ୍ଠୀକୁ। ଶାସନ ଜନସାଧାରଣଙ୍କର ପ୍ରିୟଭାଜନ ହେଲେ ସରକାର ଦୀର୍ଘସ୍ଥାୟୀ ହେବ। ନଚେତ ପରବର୍ତ୍ତୀ ନିର୍ବାଚନରେ ନୂଆ ସରକାର ଆବିର୍ଭାବ ହେବ। ଭାରତ ଭଳି ସଂଘୀୟ ବ୍ୟବସ୍ଥାରେ ଜନସାଧାରଣ ରାଜ୍ୟ ଓ କେନ୍ଦ୍ର ପାଇଁ ପୃଥକ ସରକାର ବାଛନ୍ତି। ଉଭୟଙ୍କର କ୍ଷମତା ପରିସର ସମ୍ବିଧାନ ଅନୁଯାୟୀ ସ୍ଥିତୀକୃତ ହୋଇଛି। ଗୋଟିଏ ରାଜ୍ୟ ଚାହିଁଲେ ବି ଅନ୍ୟ ରାଜ୍ୟ ଦଖଲ କରି ପାରିବ ନାହିଁ। କିନ୍ତୁ ସଂପ୍ରତି ଦେଖିବାକୁ ମିଳୁଛି ଯେ ନିଜ ରାଜ୍ୟର ସୀମା ଡେଇଁ ପଡ଼ୋଶୀ ରାଜ୍ୟର କିଛି ଅଂଶ ଦଖଲ କରିବାକୁ ଅନୌପଚାରିକ ପ୍ରୟାସ ଜାରି ରହିଛି।

ଓଡ଼ିଶାର କୋରାପୁଟ ଜିଲ୍ଲାର ଆନ୍ଧ୍ର ସଂଲଗ୍ନ କୋଟିଆ ପଞ୍ଚାୟତ ଉପରେ ଆନ୍ଧ୍ରର ଶ୍ୟେନ ଦୃଷ୍ଟି ପଡ଼ିଛି, ଯାହା ଓଡ଼ିଶାବାସୀଙ୍କୁ ବିବ୍ରତ କରିଛି। ଓଡ଼ିଶାରେ ପ୍ରଚଳିତ ସମସ୍ତ ଜନକଲ୍ୟାଣ ଯୋଜନାକୁ ପ୍ରତିହତ କରି ଆନ୍ଧ୍ର ଆକର୍ଷଣୀୟ ଯୋଜନାମାନ ପ୍ରଚଳନ କରୁଛି। ଓଡ଼ିଶାଠାରୁ ଅଧିକ ଭତ୍ତା, ବିଦ୍ୟାଳୟ ଛାତ୍ରଛାତ୍ରୀଙ୍କ ପାଇଁ ଲୋଭନୀୟ ଅନୁଦାନ, ସ୍କୁଲ ଓ ଚିକିତ୍ସାଳୟ ସୁବିଧା ସହ ସଡ଼କ ସେତୁ ନିର୍ମାଣ କରି କୋଟିଆବାସୀଙ୍କ ମନ କିଣିବାକୁ ସକ୍ଷମ ହୋଇଛି। କୋଟିଆ ଅଞ୍ଚଳରେ ଥିବା ମୂଲ୍ୟବାନ ଧାତୁପଥର ଗଚ୍ଛିତ ପାହାଡ଼ ପର୍ବତ ଓ ମୂଲ୍ୟବାନ ଅରଣ୍ୟସମ୍ପଦକୁ ହାତେଇବା ଆନ୍ଧ୍ରର ଲକ୍ଷ୍ୟ। ପଡ଼ୋଶୀ ପଶ୍ଚିମବଙ୍ଗ ମଧ୍ୟ ଉତ୍ତର ବାଲେଶ୍ୱରର କିଛି ଅଞ୍ଚଳ ଉପରେ ଲୋଲୁପ ଦୃଷ୍ଟି ରଖିଛି। ସେହିପରି ଝାରସୁଗୁଡ଼ା ଜିଲ୍ଲାର ଲଖନପୁର ବ୍ଲକର କିଛି ଅଂଶ ଓ ନୂଆପଡ଼ା ଜିଲ୍ଲାର ଖଡ଼ିଆଳ ଅଞ୍ଚଳର କିଛିଅଂଶ ଉପରେ ଛତିଶଗଡ଼ର ଲୋଭନୀୟ ଦୃଷ୍ଟି ପଡ଼ିଛି। ଜାତୀୟସ୍ତରରେ ମଧ୍ୟ ଉତ୍ତର-ପୂର୍ବାଞ୍ଚଳ ରାଜ୍ୟ ଅରୁଣାଚଳ ପ୍ରଦେଶକୁ ଦଖଲ କରିବା ପାଇଁ ଚୀନ ସଦସର୍ବଦା ପ୍ରୟାସ ଜାରି ରଖିଛି। ନିଜ ଦେଶ ସଂଲଗ୍ନ ପଡ଼ୋଶୀ ଭାରତର କିଛିଅଂଶ ନିଜର ବୋଲି ଦାବିକରି ଚୀନ ମାନଚିତ୍ର ମଧ୍ୟ ପ୍ରକାଶ କରିଛି, ଯାହାକୁ ଭାରତ ଦୃଢ଼ତାର ସହ ବିରୋଧ କରିଛି।

ଆମ ଆଲୋଚନାର ଅନ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ବିଷୟ ହେଲାଯେ ଦେଶ ବା ରାଜ୍ୟ କଥା ଦୂରେ ଥାଉ, ଜଣେ ବ୍ୟକ୍ତି ଇଚ୍ଛା କଲେ ସମ୍ପୂର୍ଣ୍ଣ ଏକ ଜନବସତିପୂର୍ଣ୍ଣ ଗ୍ରାମକୁ କ୍ରୟ କରିପାରିବ କି? ଆଶ୍ଚର୍ଯ୍ୟ ଲାଗିଲେ ମଧ୍ୟ ଘଟଣାଟି ସତ୍ୟ। ଗଜପତି ଜିଲ୍ଲା ଗୋଷାଣି ବ୍ଲକର ଗ୍ରାମଟିଏ। ନାଁ ତା'ର ଡାକ୍ତରବାଞ୍ଜେରି। ଏହି ଗ୍ରାମର ମୋଟ ଚାଷ ଜମିର ପରିମାଣ ୪୭ ଏକର। ଗ୍ରାମବାସୀ କହନ୍ତି ଏହି ଗାଁ ଥିଲା ପାରଳା ମହାରାଜାଙ୍କର। ରାଙ୍ଗାରାଓ ନାମକ ଜଣେ ଡାକ୍ତରଙ୍କ ସେବାକାର୍ଯ୍ୟରେ ପ୍ରୀତ ହୋଇ ରାଜା ତାଙ୍କୁ ଏହି ଗ୍ରାମ ଦାନ କରିଥିଲେ। ପରେ ଡାକ୍ତର ଏଇ ଗାଁ ଛାଡ଼ି କେଉଁ ଆଡ଼େ ଚାଲିଗଲା ପରେ ୧୦୦ଟି ଆଦିବାସୀ ପରିବାର ବଂଶାନୁକ୍ରମିକ ଭାବେ ଉକ୍ତ ଗାଁରେ ବାସ କରି ଆସୁଛନ୍ତି। ବିସ୍ମୟର କଥା ଯେ ବ୍ରହ୍ମପୁରର ଜଣେ ମହିଳା ୧କୋଟି ୫୦ଲକ୍ଷ ଟଙ୍କାରେ ଉକ୍ତ ଗ୍ରାମଟିକୁ କିଣି ନେଇଛନ୍ତି। ବିଡ଼ମ୍ବନାର କଥା ଏଇଆ ଯେ ଗ୍ରାମରେ ଥିବା ସରକାରୀ ଓ ବେସରକାରୀ ଅର୍ଥରେ ଗଢ଼ି ଉଠିଥିବା ସମସ୍ତ ନିର୍ମାଣକୁ କେବଳ ଜମି ଦର୍ଶାଯାଇ ଯୋଜନାବଦ୍ଧ ଭାବେ ବିକ୍ରିକରି ଦିଆଯାଇଥିବା ଗଣମାଧ୍ୟମ ସୂତ୍ରରୁ ପ୍ରକାଶ।

ଆଗେ ରାଜାରାଜୁଡ଼ା ଶାସନ ବେଳେ ଜମିଦାରମାନେ ଜମିମାଲିକ ଥାଇ ପ୍ରଜାଙ୍କୁ କିଛି ଜମିଦାନ କରୁଥିଲେ। ସେହି ପ୍ରଜାମାନେ ଜମିଦାରଙ୍କ ଘରେ ବିନା ପାରିଶ୍ରମିକରେ ବା ସ୍ୱଳ୍ପ ପାରିଶ୍ରମିକରେ କାମ କରୁଥିଲେ। ପରେ ଉକ୍ତ ଜମିକୁ ସଂପୃକ୍ତ ପ୍ରଜାମାନଙ୍କୁ ହସ୍ତାନ୍ତର କରାଯାଉଥିଲା। କିନ୍ତୁ ଗଣତନ୍ତ୍ର ପ୍ରତିଷ୍ଠାର ଏତେବର୍ଷ ପରେ ଜଣେ ବ୍ୟକ୍ତି ଗୋଟିଏ ଗ୍ରାମକୁ ନିଜ ମାଲିକାନା ଦର୍ଶାଇ ଅନ୍ୟଜଣକୁ ବିକ୍ରି କରିଦେବା କେତେଦୂର ସମୀଚୀନ ତାହା ବିଚାରଯୋଗ୍ୟ। ଗ୍ରାମବାସୀ କେତେକଷ୍ଟରେ ବାସଗୃହ ଖଣ୍ଡେ କରି ପିଢ଼ି ପରେ ପିଢ଼ି ବଂଶାନୁକ୍ରମିକ ଭାବେ ଉକ୍ତ ଗ୍ରାମରେ ବସତି ସ୍ଥାପନ କରିଆସୁଛନ୍ତି। ଗାଁଟିରେ କେତେ ଗୋସମ୍ପଦ, ମୂଲ୍ୟବାନ ବୃକ୍ଷସମ୍ଭାର, ଲୋକଙ୍କର ଜୀବିକା ପାଇଁ ଚାଷ ଜମି ବ୍ୟତୀତ ସରକାରୀ ଅନୁଦାନରେ ବିଦ୍ୟାଳୟ, ଅଙ୍ଗନବାଡ଼ି କେନ୍ଦ୍ର, ପାନୀୟ ଜଳ ବ୍ୟବସ୍ଥା ଓ ସଡ଼କସେତୁ ପରି ଜନକଲ୍ୟାଣକାରୀ ଯୋଜନା ମଧ୍ୟ କାର୍ଯ୍ୟକାରୀ ହୋଇଛି। ଯଦି ଏହି ଗ୍ରାମଟି କୌଣସି ବ୍ୟକ୍ତିଙ୍କର ନିଜସ୍ୱ ବ୍ୟକ୍ତିଗତ ମାଲିକାନରେ ଅଛି, ତେବେ ବିଦ୍ୟାଳୟ, ଅଙ୍ଗନବାଡ଼ି କେନ୍ଦ୍ର, ସଡ଼କ ପରି ସୁବିଧାମାନ ନିର୍ମାଣ କଲା ବେଳେ ଏକଥା ସରକାରଙ୍କ ନଜରକୁ ଆସିଲା ନାହିଁ କିପରି? ଆହୁରି ଆଶ୍ଚର୍ଯ୍ୟର କଥା ଯେ ନିଜକୁ ଜମି ମାଲିକ ଦର୍ଶାଉଥିବା ବ୍ୟକ୍ତି ଜଣକ ଏଠାରେ ସରକାରୀ ନିର୍ମାଣକୁ ବିରୋଧ କଲେ ନାହିଁ କାହିଁକି? ଏସବୁ ବାବଦରେ ସରକାରୀ ଅଧିକାରୀ କ'ଣ ଅଜ୍ଞ ଥିଲେ ନା ଏଥିରେ ତଞ୍ଚକତା ଭରି ରହିଛି? ଗ୍ରାମବାସୀ ସମୂହ ଭାବେ ଜିଲ୍ଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ମଧ୍ୟ କର୍ତ୍ତୃପକ୍ଷ ସେପରି ସମ୍ବେଦନ ଥିବା ପରି କୌଣସି ସୂଚନା ପରିଲକ୍ଷିତ ହେଉନାହିଁ। ଅବଶ୍ୟ ଗ୍ରାମବାସୀଙ୍କ ଆକୁଳ ପ୍ରାର୍ଥନା ପରେ ଜିଲ୍ଲାପାଳ ଏ ବିଷୟରେ ଅନୁଧ୍ୟାନ କରିବେ ବୋଲି ଆଶ୍ୱାସନା ଦେଇଛନ୍ତି।

ଶୁଣାଯାଏ ଗ୍ରାମଟିକୁ ନିଜ ନାମରେ ପଞ୍ଜିକରଣ କଲା ପରେ ନୂତନ ମାଲିକ ଗ୍ରାମବାସୀଙ୍କୁ ବିତାଡ଼ିତ କରି ସେଠାରେ କିଛି ପ୍ରକଳ୍ପ କରିବାର ଯୋଜନା ରଖିଛନ୍ତି। ଗ୍ରାମଟି ଯଦି ଗ୍ରାମବାସୀଙ୍କର ନଥିଲା ତେବେ ସେମାନେ ଏତେକାଳ ଧରି ସେଠାରେ ସପରିବାର ରହିଆସୁଛନ୍ତି କିପରି? ପ୍ରଥମରୁ ଆପତ୍ତି ଉଠାଇଥିଲେ ସେଠାରେ ଜନବସତି ଗଢ଼ିଉଠି ନଥା'ନ୍ତା କି ସରକାର ମଧ୍ୟ ମୌଳିକ ସୁବିଧାମାନ ଯୋଗାଇ ଆସୁ ନ ଥା'ନ୍ତେ। ପ୍ରଶ୍ନ ଉଠେ ସେଠାରେ ଗଢ଼ି ଉଠିଥିବା ସରକାରୀ ପ୍ରକଳ୍ପଗୁଡ଼ିକ କ'ଣ ଘରୋଇ ମାଲିକାନାକୁ ଚାଲିଯିବ? ଏହା କୌଣସି ଦୁଇଟି ରାଜ୍ୟ ମଧ୍ୟରେ ଘଟିଥିବା ଘଟଣା ନୁହେଁ କିମ୍ବା ଦେଶଦେଶ ମଧ୍ୟରେ ଘଟିଥିବା ଘଟଣା ନୁହେଁ, ଯାହାର ସମାଧାନ ପାଇଁ ଆନ୍ତର୍ଜାତିକ ନ୍ୟାୟାଳୟ ପର୍ଯ୍ୟନ୍ତ କଥାଯିବ। ଏହା ଗୋଟିଏ ଜିଲ୍ଲାର ଏକ ନିର୍ଦ୍ଦିଷ୍ଟ ଗ୍ରାମାଞ୍ଚଳର କଥା। ପଞ୍ଜିକରଣ ସମୟରେ ଉକ୍ତ ଜମିରେ କେତେ ବୃକ୍ଷ, କେତେ ଜଳଉତ୍ସ, କେତେ ନିର୍ମାଣ ସବୁକଥା ସରକାରୀ ଅଧିକାରୀ ଯାଞ୍ଚ କରି ପଞ୍ଜିକରଣ କାର୍ଯ୍ୟ ସମ୍ପାଦନ କରିଥିବେ। ସେତେବେଳେ ଏସବୁ ନିର୍ମାଣକୁ ସେ ଅଣଦେଖା କଲେ କିପରି? ଖବରକାଗଜରେ ଏଭଳି ଏକ ଘଟଣା ପ୍ରକାଶ ପାଇ ଜନମାନସକୁ ଆନ୍ଦୋଳିତ କରୁଛି। ଆଶା କରାଯାଏ ସରକାର ସୁବିଚାର କରି ଉକ୍ତ ୧୦୦ଟି ଆଦିବାସୀ ପରିବାରଙ୍କୁ ନ୍ୟାୟ ପ୍ରଦାନ କରିବେ।

ସିଦ୍ଧଳ(ଜଗତସିଂହପୁର), ମୋ: ୯୯୩୭୪୫୦୫୪୦

# ନ୍ୟାୟ ଦେବ କିଏ?

ଡ. ସ୍ୱାଧୀନ କୁମାର ଦାଶ

ଓଡ଼ିଶାର ମୁଖ୍ୟମନ୍ତ୍ରୀ ନିକଟରେ ଦିଲ୍ଲୀଗସ୍ତ କାଳରେ ଦେଶର ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀ ଓ ମାନ୍ୟଗଣ୍ୟ ବ୍ୟକ୍ତିଙ୍କୁ ଓଡ଼ିଶାର ଭବିଷ୍ୟତ କାର୍ଯ୍ୟ ସମ୍ବଳିତ ଏକ ପୁସ୍ତକ- 'ଓଡ଼ିଶା ଭିଜନ୍-୨୦୩୬' ପ୍ରଦାନ କରିଛନ୍ତି। ଏହି ସମୟରେ ବାଲେଶ୍ୱରରେ ଏକ ସ୍ପର୍ଶକାତର, ନିନ୍ଦନୀୟ ଘଟଣା ଘଟିଛି, ଯାହା ସାରା ଦେଶରେ ଚର୍ଚ୍ଚା ଓ ସମାଲୋଚନାର ଶିରୋନାମା ହୋଇ ଆମ ରାଜ୍ୟକୁ ନିନ୍ଦିତ କରିଛି। ରାଜ୍ୟର ଲବ୍ଧପ୍ରତିଷ୍ଠିତ ଶିକ୍ଷାନୁଷ୍ଠାନ ଫକୀର ମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟରେ ଅଧ୍ୟକ୍ଷଙ୍କ ପ୍ରକୋଷ୍ଠ ସମ୍ମୁଖରେ ଆତ୍ମାହୁତି ଉଦ୍ୟମ କରିଥିବା ଇଣ୍ଟିଗ୍ରେଟେଡ୍ ବି.ଇଡି ଦ୍ୱିତୀୟ ବର୍ଷର ଛାତ୍ରୀ ସୌମ୍ୟାଶ୍ରୀ ବିଶି ଜୀବନଯୁଦ୍ଧରେ ହାରିଯାଇ ଭୁବନେଶ୍ୱରରେ ଏମ୍ସରେ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁବରଣ କରିଛନ୍ତି। ଏପରି ଲୋମହର୍ଷଣକାରୀ ଘଟଣା ଛାତ୍ରଛାତ୍ରୀ, ଜନତା ଓ ବୁଦ୍ଧିଜୀବୀ ମହଲରେ ରାଜ୍ୟର ଆଇନ ଶୃଙ୍ଖଳା ପରିସ୍ଥିତି ଏବଂ ଶିକ୍ଷାନୁଷ୍ଠାନଗୁଡ଼ିକରେ ଘଟୁଥିବା ପରଦା ଆଢୁଆଳର ଚିତ୍ରକୁ ପ୍ରଦର୍ଶିତ କରୁଛି। ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ଏହି ପ୍ରସଙ୍ଗରେ ରାଜ୍ୟପାଳଙ୍କ ହସ୍ତକ୍ଷେପ ଲୋଡ଼ିଛନ୍ତି। ବିରୋଧୀଦଳ ମୁଖ୍ୟ ସଚେତକ ତଥା ବିଧାୟିକା ଶ୍ରୀମତୀ ପ୍ରମିଳା ମଲ୍ଲିକଙ୍କ ନେତୃତ୍ୱରେ ବିଜେଡିର ତିନିଜଣିଆ ମହିଳା ଟିମ୍ ରାଷ୍ଟ୍ରପତିଙ୍କୁ ଭେଟି ଉଦ୍‌ବେଗ ପ୍ରକାଶ କରିବା ସହିତ ନ୍ୟାୟ ଦାବି କରିଛନ୍ତି। ରାଜ୍ୟର ଏକ ଉଜ୍ଜ୍ୱଳ ଭବିଷ୍ୟତ ଆତ୍ମାହୁତି କରି କ'ଣ ପ୍ରମାଣିତ କରିବାକୁ ଚାହୁଁଛି? ଏହି କଳୁଷିତ ନିନ୍ଦନୀୟ ଘଟଣା ପାଇଁ ଦାୟୀ ଯିଏ? ତା' ପ୍ରତି କି ଦୃଷ୍ଟାନ୍ତମୂଳକ ପଦକ୍ଷେପ ଗ୍ରହଣ କରାଯିବ? ତାହାର ଉତ୍ତର ସମୟ କହିବ।

ମଣିଷ ଯେତେବେଳେ ପାରିପାର୍ଶ୍ୱିକ ଅବ୍ୟବସ୍ଥା ଏବଂ ନିଜେ ଭୋଗୁଥିବା କିଛି ସମସ୍ୟାର ସମାଧାନ ନିମନ୍ତେ ଉଚ୍ଚ କର୍ତ୍ତୃପକ୍ଷ, ପ୍ରଶାସନ ଓ ଶାସନ ବ୍ୟବସ୍ଥା ନିକଟରେ ଆବେଦନ, ନିବେଦନ ଓ ଗୁହାରି କରି ପ୍ରତିକାର ପାଏ ନାହିଁ, ସେତେବେଳେ ସେ ନିଜର ବିଚାର ବ୍ୟବସ୍ଥାକୁ ଗ୍ରହଣ କରି ଭଗ୍ନ ମାନସିକତାରେ ନିଷ୍ପତ୍ତି ନିଏ। ତାହା ସୌମ୍ୟାଶ୍ରୀଙ୍କ କ୍ଷେତ୍ରରେ ପରିଲକ୍ଷିତ ହୋଇଛି। ଉଚ୍ଚଶିକ୍ଷା ନିମନ୍ତେ ଆସିଥିବା ଏହି ଛାତ୍ରୀଜଣଙ୍କ ସମ୍ମୁଖୀନ ହେଉଥିବା ନିର୍ଯାତନାର ପ୍ରତିକାର ପାଇଁ ଜୁଲାଇ ୧ରେ ରାଜ୍ୟର ମୁଖ୍ୟମନ୍ତ୍ରୀ, ବିଭାଗୀୟ ମନ୍ତ୍ରୀ, ଜିଲ୍ଲାପାଳ, ବିଧାୟକ, କେନ୍ଦ୍ର ଶିକ୍ଷାମନ୍ତ୍ରୀ ପ୍ରମୁଖଙ୍କୁ ସାମାଜିକ ଗଣମାଧ୍ୟମ (ଏକ୍ସ)ରେ ନିବେଦନ କଲା ପରେ ମଧ୍ୟ ଫଳଶୂନ ଥିଲା। ଏଣୁ ସେ ଏପରି ଚରମ ନିଷ୍ପତ୍ତି ନେବାକୁ ବାଧ ହୋଇଥିଲେ। ଉଚ୍ଚଶିକ୍ଷା ନିର୍ଦ୍ଦେଶକ୍ରମେ ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟମାନଙ୍କରେ ଗଠିତ ଆଭ୍ୟନ୍ତରୀଣ ଅଭିଯୋଗ କମିଟି ସୌମ୍ୟାଶ୍ରୀଙ୍କ କ୍ଷେତ୍ରରେ ଧର୍ମକୁ ଆଖିଠାର ପରି ମନେ ହେଲା। ମହିଳାମାନଙ୍କୁ ସୁରକ୍ଷା ପ୍ରଦାନ କରି ସୁସ୍ଥ ସମାଜ ସ୍ଥାପନା ସରକାରଙ୍କର ମୁଖ୍ୟ ଦାୟିତ୍ୱ। କିନ୍ତୁ ରାଜ୍ୟ ସରକାରଙ୍କର ଆନ୍ତରିକତାହୀନ ଶାସନ ବ୍ୟବସ୍ଥା ସାରା ରାଜ୍ୟକୁ ନିନ୍ଦିତ କରିଛି।

ସମ୍ପ୍ରତି ନାରୀ ନିର୍ଯାତନା, ଶୋଷଣ, ଯୌନ ଉତ୍ପୀଡ଼ନ ଆଦି ଘଟଣା ଦିନକୁ ଦିନ ବଢ଼ିବାରେ ଲାଗିଛି। ଏପରିକି ଯୁକ୍ତରାଷ୍ଟ୍ର ଆମେରିକା ତା' ଦେଶର ନାଗରିକଙ୍କ ଉଦ୍ଦେଶ୍ୟରେ ଏକ ନିର୍ଦ୍ଦେଶନାମା ଜାରି କରି ଭାରତର କିଛି ରାଜ୍ୟକୁ ଯିବାକୁ ବାରଣ କରିଛି। ସେହି ରାଜ୍ୟମାନଙ୍କ ମଧ୍ୟରେ ଓଡ଼ିଶାର ନାମ ସ୍ଥାନିତ ହେବା ନିଶ୍ଚିତ ଭାବେ ଆମ ଜିଲା ଶାସନ ବ୍ୟବସ୍ଥା ଏବଂ ଆଇନ ଶୃଙ୍ଖଳାର ଅପାରଦର୍ଶିତାକୁ ପଦାରେ ପକାଇ ଦେଇଛି।

ବର୍ତ୍ତମାନ ରାଜ୍ୟ ସରକାର ନିର୍ବାଚନ ସମୟରେ ପୂର୍ବ ସରକାରଙ୍କର ଶାସନ ପରିଚାଳନାରେ ଅବ୍ୟବସ୍ଥା, ଓ ଅସ୍ମିତାର ଦ୍ୱାହି ଦେଇ କ୍ଷମତାକୁ ଆସିଥିଲେ। ମୁଖ୍ୟମନ୍ତ୍ରୀ ମଧ୍ୟ ଅନେକ ଥର ଆମ ସରକାର, ଲୋକଙ୍କର ସରକାର ଓ ଜନସାଧାରଣଙ୍କର ମୌଳିକ ସୁବିଧାକୁ ଅଗ୍ରାଧିକାର ଦେଇ ସୁଶାସନ ପ୍ରତିଶ୍ରୁତି ଦେଇଆସିଛନ୍ତି। କିନ୍ତୁ ସୌମ୍ୟାଶ୍ରୀଙ୍କ ଆତ୍ମାହୁତି ଘଟଣା, ଗୋପାଳପୁର ଦୁଷ୍କର୍ମ ଘଟଣା ଆଦି ସୂଚାଉଛି ଯେ ରାଜ୍ୟରେ ଆପରାଧିକ କାର୍ଯ୍ୟକଳାପ ଦିନକୁ ଦିନ ବଢ଼ିବାରେ ଲାଗିଛି। ମହାତ୍ମା ଗାନ୍ଧୀଙ୍କର 'ୟଙ୍ଗ୍ ଇଣ୍ଡିଆ'ରେ ୧୯୨୦ ମସିହାରେ ଲିଖିତ ଉକ୍ତି ଆଜି ୧୦୫ ବର୍ଷ ପରେ ମଧ୍ୟ ସେହି ସମାନ ପ୍ରଶ୍ନକୁ ଟେକି ଧରୁଛି। ସେହି ଉକ୍ତିରେ ମହିଳାମାନଙ୍କର ସ୍ୱାବଲମ୍ବନଶୀଳତା, ଉଚ୍ଚଶିକ୍ଷିତା ଓ ନାରୀମାନଙ୍କର ଘରୁ ବାହାରି ବିଭିନ୍ନ ଦାୟିତ୍ୱ ନିର୍ବାହ କରିବାର କ୍ଷମତା ଆସିଲେ ହିଁ ଏକ ପ୍ରଗତିଶୀଳ ସମାଜ ଗଠନ କରିହେବ ବୋଲି ଯାହା ଉଲ୍ଲେଖ ହୋଇଥିଲା ତାହା ଆଜି ମଧ୍ୟ ପ୍ରଶ୍ନ ଘେରରେ। ଏହାଦ୍ୱାରା ଏକ ସୁ-ରାଷ୍ଟ୍ର ନିର୍ମାଣ ଏବଂ ସମାଜର ଭିତ୍ତିଭୂମି ସୁଦୃଢ଼ ହୋଇପାରିବ ନାହିଁ ଏହା ନିଶ୍ଚିତ।

ସୌମ୍ୟାଶ୍ରୀଙ୍କର ଘଟଣା ପରେ ଗାଁଗହଳିରୁ କୌଣସି ମହାବିଦ୍ୟାଳୟ, ବିଶ୍ୱବିଦ୍ୟାଳୟ କିମ୍ବା ଯେକୌଣସି ଶିକ୍ଷାନୁଷ୍ଠାନକୁ ଉଚ୍ଚଶିକ୍ଷା ନିମନ୍ତେ ଯାଉଥିବା ଝିଅଟିର ସୁରକ୍ଷା ସମ୍ବଳିତ ଅନେକ ପ୍ରଶ୍ନ ଓ ଭୟ ମନ ଭିତରେ ଉଠୁଛି। ଛାତ୍ରୀଟିର ଶିକ୍ଷା ଶେଷ ହେବା ଯାଏଁ ଅଭିଭାବକଟିଏ ମଧ୍ୟ ନିଶ୍ଚିନ୍ତ ହୋଇପାରୁନାହିଁ। ୧୯୬୪ ମସିହାରେ ଡ. ଡି ଏସ୍ କୋଠାରିଙ୍କ ଅଧ୍ୟକ୍ଷତାରେ ଗଠିତ ଜାତୀୟ ଶିକ୍ଷାନୀତି କମିଶନ୍ ଜୁନ୍ ୨୯, ୧୯୬୬ରେ ଯେଉଁ ରିପୋର୍ଟ ପ୍ରଦାନ କରିଥିଲେ, ସେଥିରେ ଶିକ୍ଷକଙ୍କ ଚଳଣି ଓ ଚରିତ୍ର ସଠିକ୍ ହେଲେ ହିଁ ଶିକ୍ଷା ବ୍ୟବସ୍ଥାରେ ସଂସ୍କାର ଆସିବ ଏବଂ ଅନେକ କୃତୀ ଛାତ୍ରଛାତ୍ରୀ ସୃଷ୍ଟି ହୋଇ ରାଷ୍ଟ୍ର ନିର୍ମାଣରେ ସହାୟକ ହେବେ ବୋଲି ଉଲ୍ଲେଖ ଥିଲା। ସରକାର ନିଜକୁ ରାଜନୀତିରୁ ଊର୍ଦ୍ଧ୍ୱରେ ରଖି ନିରପେକ୍ଷ ଭାବେ ଆଇନର ବ୍ୟବସ୍ଥା ଶୃଙ୍ଖଳିତ ଭାବେ କାର୍ଯ୍ୟକାରୀ କଲେ ଯାଇ ଏହା ସମ୍ଭବ ହୋଇପାରିବ।

ସୌମ୍ୟାଶ୍ରୀଙ୍କ ହୃଦୟ ବିଦାରକ ଘଟଣା ଉଚ୍ଚଶିକ୍ଷା କ୍ଷେତ୍ରରେ ଚାଲିଆସୁଥିବା ବହୁଦିନର ସମସ୍ୟାକୁ ଲୋକଲୋଚନକୁ ଆଣିପାରିଛି। ଅନେକ ଛାତ୍ରଛାତ୍ରୀ ଏପରି ପିଶାଚରୂପୀ ଶିକ୍ଷକଙ୍କ ଦ୍ୱାରା ନିର୍ଯାତିତ ହୋଇ ଶିକ୍ଷାରେ ଡୋରି ବାନ୍ଧି ଦେଉଛନ୍ତି ତ କେହି କେହି ପାରିବାରିକ ସମସ୍ୟାକୁ ଦୃଷ୍ଟିରେ ରଖି ସବୁକିଛି ନିରବରେ ସହି ଯାଉଛନ୍ତି। ଉଚ୍ଚ ପଦାଧିକାରୀଙ୍କୁ ଜଣାଇଲେ ଲାଭ କିଛି ହେଉନାହିଁ, ବରଂ ଆହୁରି ଆକ୍ରୋଶର ଶିକାର ହେବାକୁ ପଡୁଛି। ତେଣୁ କହିବେ କାହାକୁ, ଶୁଣିବ କିଏ?

ସରକାର ଏହି ସ୍ପର୍ଶକାତର ଘଟଣାକୁ ଗୁରୁତ୍ୱର ସହିତ ନେଇ ଶାସନ ବ୍ୟବସ୍ଥାକୁ ଶୃଙ୍ଖଳିତ କରିବାର ବେଳ ଆସିଛି। ସଂସ୍କାର ଓ ଦୃଷ୍ଟାନ୍ତମୂଳକ ପଦକ୍ଷେପ ଗ୍ରହଣ କରି ସୌମ୍ୟାଶ୍ରୀଙ୍କ ପରିବାରକୁ ଉପଯୁକ୍ତ ନ୍ୟାୟ ପ୍ରଦାନ କରିବା ଜରୁରୀ। ଏହି ଘଟଣା ପଛରେ ଥିବା କୁତ୍ସିତ ମାନସିକତାଧାରୀମାନଙ୍କୁ ଉଚିତ୍ ଦଣ୍ଡବିଧାନ କରାଯାଇ ପାରିଲେ ଆଗାମୀ ଦିନରେ ଶିକ୍ଷା ଭଳି ଏକ ପବିତ୍ର ଧର୍ମର ଗରିମା ବଜାୟ ରହିବ। ନ ହେଲେ ଦିନକୁ ଦିନ ଏଭଳି ଅଘଟଣମାନ ବଢ଼ି ବଢ଼ି ଶିକ୍ଷା ବ୍ୟବସ୍ଥାକୁ ଭିତରୁ ନଷ୍ଟଭ୍ରଷ୍ଟ କରିଦେବ। ଦିନ ଆସିବ ମଣିଷ ଗଢ଼ୁ ଗଢ଼ୁ ମାଙ୍କଡ଼ ଗଢ଼ିବା ସାର ହେବ। ଆଗାମୀ ଦିନମାନଙ୍କରେ ଛାତ୍ରଛାତ୍ରୀଙ୍କର ଅଭିଯୋଗକୁ ଗୁରୁତ୍ୱର ସହିତ ନେଇ ଏହା ତ୍ୱରିତ ସମାଧାନ କରିବା ନିହାତି ଆବଶ୍ୟକ। ନ ହେଲେ ଆଗାମୀ ଦିନରେ ସୌମ୍ୟାଶ୍ରୀଙ୍କ ପରି ଅନେକ ଛାତ୍ରଛାତ୍ରୀଙ୍କର ଭବିଷ୍ୟତ ମଉଳିଯିବା ସାର ହେବ। କିନ୍ତୁ ସବୁରି ଊର୍ଦ୍ଧ୍ୱରେ ଏବେ ପ୍ରଶ୍ନ ଉଠୁଛି ନ୍ୟାୟ ଦେବ କିଏ?

ଭୁବନେଶ୍ୱର, ମୋ: ୯୯୩୭୬୮୧୦୧୨

# ଭିତର ବେଢ଼ାରେ ଗୋପେଶ୍ୱର

ସ୍ୱପ୍ନେଶ୍ୱର

## ଲୋକକଥାରେ ଲୋକଦେବତା

ଦ୍ୱାପର ଯୁଗରେ ବୃନ୍ଦାବନରେ ଗୋପାଳକୃଷ୍ଣଙ୍କର ରାସଲୀଳା ଦିବ୍ୟଦର୍ଶନରୁ ଦେବତାମାନେ ମଧ୍ୟ ବଞ୍ଚିତ ହେଉଥିଲେ। କାରଣ ଲୀଳାସ୍ଥଳକୁ ଅନ୍ୟ ପୁରୁଷମାନଙ୍କର ପ୍ରବେଶ ନିଷେଧ ଥିଲା। ଦିନେ ଶ୍ରୀକୃଷ୍ଣଙ୍କର ଏହି ଦିବ୍ୟଲୀଳାର ପ୍ରତ୍ୟକ୍ଷ ଅନୁଭବ ପାଇଁ ଦେବ ଦେବ ମହାଦେବ ବୃନ୍ଦାବନରେ ପହଞ୍ଚିଲେ। ସେତେବେଳେ ଗୋପାଳକୃଷ୍ଣ ଗୋପୀମାନଙ୍କ ସହ ରାସଲୀଳାରେ ମଗ୍ନ ଥିଲେ। କେତେକ ଗୋପୀ ହାତରେ ବେତ ଧରି ଚାରିପଟେ ଜଗି ରହିଥିଲେ। ଶିବ ନିଜର ପରିଚୟ ଦେଇ ଭିତରକୁ ଯିବା ପାଇଁ ଅନୁରୋଧ କରିବା ପରେ ସେମାନେ କହିଲେ, 'ଏହି ଗୁପ୍ତ ରାସଲୀଳାରେ ଶ୍ରୀକୃଷ୍ଣ ଏକମାତ୍ର ପୁରୁଷ ଏବଂ ଅନ୍ୟ ସମସ୍ତେ ନାରୀ। ଆପଣ ଯଦି ଏହି ଲୀଳା ସଂଦର୍ଶନ କରିବା ପାଇଁ ଚାହୁଛନ୍ତି, ତା' ହେଲେ ଆପଣଙ୍କୁ ଏହି ମାନସ ସରୋବରରେ ସ୍ନାନ କରି ଗୋପୀରେ ରୂପାନ୍ତରିତ ହେବାକୁ ପଡ଼ିବ। ତା' ପରେ ଆପଣ ଭିତରକୁ ଯାଇ ରାସ ଲୀଳା ଦର୍ଶନର ସୌଭାଗ୍ୟ ପ୍ରାପ୍ତ ହେବେ।'

ଦେବ ଦେବ ମହାଦେବ ସେହି ଲୀଳା ଦର୍ଶନ କରିବା ପାଇଁ ଏତେମାତ୍ରାରେ ଆଗ୍ରହୀ ଥିଲେ ଯେ ସେ ସଙ୍ଗେସଙ୍ଗେ ସରୋବରରେ ସ୍ନାନ କରି ଗୋପୀସ୍ୱରୂପ ପ୍ରାପ୍ତ ହେଲେ। ତା' ପରେ ଗୋପୀମାନେ ତାଙ୍କୁ ରାସମଣ୍ଡଳରେ ପ୍ରବେଶ କରିବାର ଅନୁମତି ଦେଲେ। ସେଠାରେ ସେ ଗୋପୀଜନମୋହନ ଶ୍ରୀକୃଷ୍ଣଙ୍କର ଭୁବନମୋହନ ରୂପ ଲାବଣ୍ୟ ଦର୍ଶନ କରି ବିମୋହିତ ହେଲେ ଏବଂ ସେ ଦର୍ଶନର ସୌଭାଗ୍ୟ ଅର୍ଜନ କରିଥିବାରୁ ତାଙ୍କ ପଦ୍ମପାଦରେ ପ୍ରଣିପାତ କଲେ। ନାରୀ ସ୍ୱରୂପ ଧାରଣ କରିଥିଲେ ମଧ୍ୟ ଶ୍ରୀକୃଷ୍ଣ ତାଙ୍କୁ ପ୍ରଥମ ଦର୍ଶନରେ ଚିହ୍ନି ପାରିଲେ ଏବଂ ତଳୁ ଉଠାଇ ନେଇ ଆଲିଙ୍ଗନ କଲେ। ଶିବ ବୃନ୍ଦାବନର ସୌନ୍ଦର୍ଯ୍ୟ, ରାସଲୀଳାର ମାଧୁର୍ଯ୍ୟ ଓ ଶ୍ରୀକୃଷ୍ଣଙ୍କ ସାନିଧ୍ୟରେ ଏତେ ପରିମାଣରେ ପ୍ରଭାବିତ ହୋଇଥିଲେ ଯେ ଗୋପରେ ସେମାନଙ୍କ ସହ ବାସ କରିବା ପାଇଁ ଶ୍ରୀକୃଷ୍ଣଙ୍କର ଅନୁମତି ପ୍ରାର୍ଥନା କଲେ। ଶ୍ରୀକୃଷ୍ଣ ତଥାସ୍ତୁ କହି ଶିବଙ୍କ ଇଚ୍ଛା ପୂରଣ କଲେ। ଶିବ ଗୋପେଶ୍ୱର ମହାଦେବ ନାମ ଧାରଣ କରି ବୃନ୍ଦାବନରେ ବିରାଜମାନ କଲେ।

ଦ୍ୱାପର ଯୁଗପରେ ଶ୍ରୀକୃଷ୍ଣ କଳିଯୁଗରେ ଶ୍ରୀଜଗନ୍ନାଥ ନାମ ଗ୍ରହଣ କରି ନୀଳାଚଳରେ ଦାରୁବ୍ରହ୍ମରୂପେ ଆରାଧିତ ହେଲେ। ତେଣୁ ଗୋପେଶ୍ୱର ମହାଦେବ ମଧ୍ୟ ମହାପ୍ରଭୁଙ୍କ ସାନିଧ୍ୟରେ ନୀଳାଚଳରେ ବାସ କରିବା ପାଇଁ ତାଙ୍କୁ ପ୍ରାର୍ଥନା କଲେ। ମହାପ୍ରଭୁଙ୍କ ଅନୁମତି ପ୍ରାପ୍ତ ହୋଇ ସେ ଭିତର ବେଢ଼ାର ପଶ୍ଚିମ ପାର୍ଶ୍ୱରେ ଏକ ମନ୍ଦିରରେ ବିରାଜମାନ କଲେ। ଶ୍ରୀକୃଷ୍ଣ ଅପ୍ରକଟ ହେବା ପରେ ତାଙ୍କର ଜନ୍ମିତ ପିତାମାତା ବସୁଦେବ ଓ ଦେବକୀ ଏବଂ ପାଳିତ ପିତାମାତା ନନ୍ଦ ଓ ଯଶୋଦା ଦୁଃଖରେ ମ୍ରିୟମାଣ ହୋଇ ପଡ଼ିଥିଲେ। ତେଣୁ ଗୋପେଶ୍ୱର ମହାଦେବ ସେମାନଙ୍କୁ ସାଙ୍ଗରେ ଆଣିବା ସହ ମାତା ରୋହିଣୀ, ଭାଇ ବଳରାମ, ଉପନନ୍ଦ, ଉଗ୍ରସେନ, ଦାମ ଓ ସୁଦାମଙ୍କୁ ମଧ୍ୟ ସାଙ୍ଗରେ ନେଇ ଆସିଲେ। ସେମାନେ ସମସ୍ତେ ଗୋପେଶ୍ୱରଙ୍କ ସହ ତାଙ୍କ ମନ୍ଦିରରେ ବିରାଜମାନ କଲେ।

ଦେବ ଦେବ ମହାଦେବ ସଚରାଚର ଲିଙ୍ଗ ସ୍ୱରୂପରେ ଆରାଧିତ ହେଉଥିବା ବେଳେ ଏହି ମନ୍ଦିରରେ ପୂର୍ଣ୍ଣାବୟବ ଧାରଣ କରି ବିଜେ କରିଛନ୍ତି। ଚତୁର୍ଭୁଜ ଶିବଙ୍କ ମସ୍ତକରେ ଅର୍ଦ୍ଧଚନ୍ଦ୍ର ଶୋଭା ପାଉଛନ୍ତି ଏବଂ ଗଳା ଓ ବାହୁରେ ସର୍ପ ଭୂଷଣ ଧାରଣ କରିଛନ୍ତି। ସିଂହାସନରେ ତାଙ୍କ ସହ ଦେବୀ ପାର୍ବତୀ, ବଳରାମ, ବସୁଦେବ, ଦେବକୀ, ନନ୍ଦ, ଯଶୋଦା, ଉଗ୍ରସେନ, ଦାମ ଓ ସୁଦାମ ବିଗ୍ରହ ଆରାଧିତ ହେଉଛନ୍ତି। ଏଠାରେ ଶ୍ରୀକୃଷ୍ଣଙ୍କ ଜନ୍ମିତ ଓ ପାଳିତ ପିତାମାତା ବିରାଜମାନ କରୁଥିବାରୁ ସେମାନଙ୍କ ତତ୍ତ୍ୱାବଧାନରେ କୃଷ୍ଣ ଜନ୍ମୋତ୍ସବ ମହାସମାରୋହରେ ପାଳନ କରାଯାଏ। ଏହି ମନ୍ଦିରକୁ ସେବକମାନେ 'ମଣ୍ଡଣୀ ଘର' ବୋଲି କହନ୍ତି। ଅନବସର ପରେ ପଟି ଦିଅଁ ଏହି ମନ୍ଦିରରେ ଅବସ୍ଥାନ କରନ୍ତି। ଏହି ମନ୍ଦିରର ସେବକମାନଙ୍କୁ 'ମଣ୍ଡଣୀ ସେବକ' କୁହାଯାଏ। ସେମାନେ ଏହି ମନ୍ଦିରର ପୂଜାର୍ଚ୍ଚନା କରିବା ସହ ଚଳନ୍ତି ପ୍ରତିମାମାନେ ବିଜେ କରୁଥିବା ପାଲିଙ୍କି ବା ବିମାନର ମଣ୍ଡଣୀ କରନ୍ତି। ଦେବତାମାନଙ୍କ ମସ୍ତକ ଉପରେ ଚାନ୍ଦୁଆ ବାନ୍ଧନ୍ତି। ଗୁରୁବାର ଦିନ ମାଜଣା ମଣ୍ଡପରେ ଏବଂ ଜଳକ୍ରୀଡ଼ା ସମୟରେ ଜଳକ୍ରୀଡ଼ା ମଣ୍ଡପରେ ଚାନ୍ଦୁଆ ବାନ୍ଧନ୍ତି। ଦୁର୍ଗାମାଧବଙ୍କ ରଥ ଓ ରୁକ୍ମିଣୀ ହରଣ ବେଳେ ମଦନମୋହନଙ୍କ ରଥ ମଣ୍ଡଣୀ କରନ୍ତି। ଚନ୍ଦନ ଯାତ୍ରାରେ ଚନ୍ଦନ ଚକଡ଼ାରେ ପାଣିକୁଣ୍ଡରେ ପାଣି ଭର୍ତ୍ତି କରିବା କାମ ମଧ୍ୟ ସେହି ସେବକମାନେ କରିଥା'ନ୍ତି।

ମୋ: ୯୯୦୦୦୮୩୪୩୩

ସକାଳ
THE SAKALA
ଯୋଗାଯୋଗ ଠିକଣା
NEWS & INFO
news@thesakala.com
CIRCULATION
circulation@thesakala.com
ADVERTISEMENT
advt@thesakala.com
THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

## ରାଜ୍ୟ ବିଜେପି କାର୍ଯ୍ୟାଳୟରେ ଉଚ୍ଚସ୍ତରୀୟ ବୈଠକ

**ଭୁବନେଶ୍ୱର,୧୫।୭(ସମିସ):** ଫକୀର ମୋହନ ମହାବିଦ୍ୟାଳୟ ଛାତ୍ରୀ ସୌମ୍ୟାଶ୍ରୀ ବିଶିଙ୍କ ମୃତ୍ୟୁ ଘଟଣାରେ ଷଣ୍ଢୁଆସୀ ଆକ୍ରମଣର ସମ୍ମୁଖୀନ ହେଉଛନ୍ତି ରାଜ୍ୟ ସରକାର। ପରିସ୍ଥିତିର କିପରି ମୁକାବିଲା କରାଯିବ ସେନେଇ ମଙ୍ଗଳବାର ସନ୍ଧ୍ୟାରେ ରାଜ୍ୟ ବିଜେପି କାର୍ଯ୍ୟାଳୟରେ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଛି। ବୈଠକରେ ବିଜେପି ରାଜ୍ୟ ସଭାପତି ମନମୋହନ ସାମଲ, ଦୁଇ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ

### ଆତ୍ମାର ସଦଗତି ପାଇଁ ଲିଙ୍ଗରାଜ ମନ୍ଦିର ନିକଟରେ ଦୀପଦାନ

ସିଂହଦେଓ ଓ ପ୍ରଭାତୀ ପରିଡ଼ା, ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ, ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନା ଓ କିଛି ବିଧାୟକ ଉପସ୍ଥିତ ଥିବା ଜଣାପଡ଼ିଛି। ଶେଷ ଖବର ଅନୁଯାୟୀ ବୈଠକଟି ଜାରି ରହିଛି। ଆଜି ଦିନ ବେଳା ମଧ୍ୟ ଲୋକସେବା ଭବନରେ ଏନେଇ ଏକ ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକ ପରେ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ସୌମ୍ୟାଶ୍ରୀ ମୃତ୍ୟୁ ଘଟଣାରେ ତଦନ୍ତ ପ୍ରକ୍ରିୟାକୁ ଆହୁରି ବ୍ୟାପକ କରାଯିବ ବୋଲି ସୂଚନା ଦେଇଥିଲେ। ଏହାସହ ରାଷ୍ଟ୍ରପତିଙ୍କ କାର୍ଯ୍ୟକ୍ରମରୁ ମୁଖ୍ୟମନ୍ତ୍ରୀ ଫେରିବା ପରେ ସନ୍ଧ୍ୟା ପରେ କୌଣସି ବଡ଼ ନିଷ୍ପତ୍ତି ନିଆଯାଇପାରେ ବୋଲି ସେ ସଙ୍କେତ ପ୍ରଦାନ କରିଥିଲେ। ଅପରପକ୍ଷେ ସୌମ୍ୟାଶ୍ରୀଙ୍କ ଆତ୍ମାର ସଦଗତି ପାଇଁ ମଙ୍ଗଳବାର ସନ୍ଧ୍ୟାରେ ବିଜେପି ପକ୍ଷରୁ ଲିଙ୍ଗରାଜ ମନ୍ଦିର ପାଖରେ ଦୀପଦାନ କରାଯାଇଛି।

# ଓଡ଼ିଶାରେ ପଶି ଆନ୍ଧ୍ର ଅଧିକାରୀଙ୍କ ଦାଦାଗିରି

**ପାରଳାଖେମୁଣ୍ଡି/ରାୟଗଡ଼, ୧୫।୭ (ସମିସ):** ଗଜପତି ଜିଲ୍ଲା ସୀମାନ୍ତରେ ଆନ୍ଧ୍ର ଦାଦାଗିରି ଦେଖାଉଛି। ଏପରି ଥରେ କି ଦୁଇଥର ନୁହେଁ ପ୍ରତି ବର୍ଷ ବିଭିନ୍ନ ସମୟରେ କ'ଣ ନା କ'ଣ ଗୋଟାଏ କାରସାରି ଚଳାଉଛି। ଓଡ଼ିଶା ସୀମାନ୍ତବର୍ତ୍ତୀ ଅଞ୍ଚଳ ଉପରେ ଲୋଲୁପ ଦୃଷ୍ଟି ପକାଇ ବାଲି, ମାଟି, ଗୋଡ଼ି ଭଳି ଖଣିଜ ସମ୍ପଦ ଠାରୁ ଆରମ୍ଭ କରି ପାଣି, କ୍ଷୀର ଆଦି ଲୁଟି ନେଇ ଚାଲିଛି। ସୀମାନ୍ତରେ ନିଜର କାୟା ବିସ୍ତାର ପାଇଁ କେତେବେଳେ ଆନ୍ଧ୍ର ମନ୍ତ୍ରୀ ଗୁଣ୍ଡା ସାଜି ଓଡ଼ିଶାର ପ୍ରଶାସନିକ ଅଧିକାରୀଙ୍କୁ ଧମକଚମକ ଦେଉଛନ୍ତି ତ ଆଉ କେତେବେଳେ ଓଡ଼ିଶା ତଥା ଗଜପତି ଜିଲ୍ଲାରେ ଥିବା ଗ୍ରାମାଞ୍ଚଳ ଲୋକଙ୍କୁ ହାତେଇବାକୁ ବିଭିନ୍ନ ଆଳ ଦେଖାଉଥିବା ଓ ଆଉ କେତେବେଳେ ଆନ୍ଧ୍ରର ନିର୍ବାଚନରେ ଭାଗ ନେବାକୁ ସୀମାନ୍ତବର୍ତ୍ତୀ ଗ୍ରାମରେ ଲୋକଙ୍କୁ ଉସୁକାଇବା ଭଳି କାମ କରୁଥିବାର ବହୁ ଦୃଷ୍ଟାନ୍ତ ରହିଛି। ଏପରି ସ୍ଥିତିରେ ଓଡ଼ିଶା ସରକାରଙ୍କ ତରଫରୁ ସ୍ଥାୟୀ ସୀମା ନିର୍ଦ୍ଧାରଣ କରାନଯିବା ଏବଂ ବିବାଦୀୟ ସ୍ଥାନରେ ସରକାରୀ କର୍ମଚାରୀଙ୍କ ଅନୁପସ୍ଥିତି ଆଦିର ଭରପୁର ଫାଇଦା ଉଠାଉଛି ଆନ୍ଧ୍ର।



ଏବେ ଆନ୍ଧ୍ରର ଏପରି ଆଉଏକ ଦାଦାଗିରି ଘଟଣା ସାମ୍ନାକୁ ଆସିଛି। ରାୟଗଡ଼ ବ୍ଲକ ଗଙ୍ଗାବାଡ଼ ପଞ୍ଚାୟତର ଅମରିଙ୍ଗି, ମାଣିକପାଟଣା, ବୁରୁସିଂ ଆଦି ଗ୍ରାମାଞ୍ଚଳରେ ଏହି ଘଟଣା ଘଟିଛି। ଗତ କିଛିଦିନ ହେଲା ଓଡ଼ିଶା ତଥା ଗଜପତି ଜିଲ୍ଲାର ଉକ୍ତ ଗ୍ରାମକୁ ଆନ୍ଧ୍ରର ତହସିଲଦାର, ଆର୍ଆଇ. ଏବଂ କିଛି ଅଜଣା ବ୍ୟକ୍ତି ବିଶେଷ ଆସି ଆନ୍ଧ୍ରରେ ମିଶିବା ଏବଂ ଏଠାରେ ଥିବା ଓଡ଼ିଶାର ସମସ୍ତ ଭିତ୍ତିଭୂମୀ ଗୁଡ଼ିକ ଆନ୍ଧ୍ରର ବୋଲି ଦାବି କରି ପ୍ରଚାର ପ୍ରସାର କରିଥିଲେ। ଏ ସମ୍ପର୍କରେ ଅଭିଯୋଗ ହେବା ପରେ ଜିଲ୍ଲା ପ୍ରଶାସନ ପକ୍ଷରୁ ଆଜି ପାରଳାଖେମୁଣ୍ଡି ଉପଜିଲ୍ଲାପାଳ ଅନୁପ ପଣ୍ଡାଙ୍କ ସମେତ ଅଧିକାରୀ ଓ ଗାରାବନ୍ଧ ଥାନା ଅଧିକାରୀ ପ୍ରଶାନ୍ତ କୁମାର ନିଶିକାଙ୍କ ସହ ପୁଲିସ ସଦଳବଳ ପହଞ୍ଚି ନିରୀକ୍ଷଣ କରିଥିଲେ। ଏନେଇ ବିବାଦୀୟ ଗ୍ରାମାଞ୍ଚଳକୁ ଯାଇ ସେଠାକାର ଅଧିବାସୀଙ୍କ ସହ ଆଲୋଚନା କରି ଘଟଣା ସମ୍ପର୍କରେ ପଚାରି ବୁଝିଥିଲେ। ଏନେଇ ପାରଳାଖେମୁଣ୍ଡି ଉପଜିଲ୍ଲାପାଳ ଶ୍ରୀ ପଣ୍ଡା କହିଛନ୍ତି ଯେ, ଗତ କିଛିଦିନ ହେଲା ଆନ୍ଧ୍ରର ଅଧିକାରୀ ଓ ବ୍ୟକ୍ତି ବିଶେଷ ଆସି ଓଡ଼ିଶାର ଗ୍ରାମାଞ୍ଚଳରେ ପଶି ଧମକ ଚମକ ଦେବା ସହ ଏହି ଗ୍ରାମ ଗୁଡ଼ିକ ନିଜର ବୋଲି ଦାବି କରିଥିଲେ। ସେମାନେ ଯେଉଁ ଗ୍ରାମକୁ ଯାଇଛନ୍ତି ସେଗୁଡ଼ିକ ସମ୍ପୂର୍ଣ୍ଣ ଭାବେ ଓଡ଼ିଶା ତଥା ଗଜପତି ଜିଲ୍ଲାରେ ରହିଛି। ଏହି ଗ୍ରାମରେ ପ୍ରଶାସନ ପକ୍ଷରୁ ସମସ୍ତ ଭିତ୍ତିଭୂମୀ କରାଯାଇଛି। କୋଠଘର ଠାରୁ ଆରମ୍ଭ କରି ସିସିରୋଡ୍, ଫରେଷ୍ଟ ଅଫିସ, ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଠାରୁ ଆରମ୍ଭ କରି ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନା ଉପଲବ୍ଧ କରାଯାଇଛି। ଏପରିକି ଏହି ଗ୍ରାମ ଗୁଡ଼ିକ ରାଜସ୍ୱ ସର୍କଲରେ ରହିଥିବାର ସମସ୍ତ ଦସ୍ତାବିଜ ଅଛି। ସେମାନେ ଆସି ଏଠାକୁ ଅଯଥାରେ ଲୋକଙ୍କୁ ବିଭ୍ରାନ୍ତ କରୁଛନ୍ତି। ଆନ୍ଧ୍ରରୁ କେହି ପ୍ରଶାସନିକ ଅଧିକାରୀ କିମ୍ବା କୌଣସି ବ୍ୟକ୍ତିବିଶେଷ ଆସି ଅପପ୍ରଚାର କଲେ ସେମାନଙ୍କୁ ଅଟକ ରଖି ପୁଲିସ କିମ୍ବା ପ୍ରଶାସନକୁ ଜଣାଇବାକୁ ଶ୍ରୀ ପଣ୍ଡା ପରାମର୍ଶ ଦେଇଛନ୍ତି। ଏହି ସମସ୍ୟା ଦୀର୍ଘ ବର୍ଷ ଧରି ଏହି ଅଞ୍ଚଳରେ ଲାଗି ରହିଛି। ୧୯୮୦-୧୯୯୦ ଓଡିଶା-ଆନ୍ଧ୍ର ମଧ୍ୟରେ ରହିଥିବା ଯୁଗ୍ମ ସେଟେଲମେଣ୍ଟ ମ୍ୟାପକୁ ଧରି ଦୁଇ ରାଜ୍ୟ ପ୍ରଶାସନ ପକ୍ଷରୁ ଆଲୋଚନା ହେଲେ ସମସ୍ୟାର ସ୍ଥାୟୀ ସମାଧାନ ହୋଇପାରିବ ବୋଲି ଉପଜିଲ୍ଲାପାଳ ଶ୍ରୀ ପଣ୍ଡା କହିଛନ୍ତି।

# ଅବଶିଷ୍ଟାଂଶ

## କ୍ରୋଧରେ ଜଳୁଛି...

ନାଗରିକ ସମାଜ ନିଜର କ୍ରୋଧ ଏବଂ ଅସନ୍ତୋଷ ଜାହିର କରିଛନ୍ତି। ଘଟଣାର ପ୍ରତିବାଦରେ ଆସନ୍ତାକାଲି ବିଜେଡି ବାଲେଶ୍ୱର ବନ୍ଦ ଡ଼ାକରା ଦେଇଛି, ୧୭ ତାରିଖରେ କଂଗ୍ରେସ ଓଡ଼ିଶା ବନ୍ଦ କରିବାକୁ ଘୋଷଣା କରିଛି ।

ସୋମବାର ବିଳମ୍ବିତ ରାତିରେ ସୌମ୍ୟାଶ୍ରୀଙ୍କ ମୃତ୍ୟୁ ସଂକ୍ରାନ୍ତ ବୁଲେଟିନ୍ ଏମ୍ସ କର୍ତ୍ତୃପକ୍ଷ ଜାରି କରିବା ପରଠାରୁ ଗୋଟିଏ ପରେ ଗୋଟିଏ ସନ୍ଦେହ ଦାନା ବାନ୍ଧିବାରେ ଲାଗିଛି। ସୌମ୍ୟାଶ୍ରୀଙ୍କ ପ୍ରତି ହୋଇଥିବା ଅବିଚାର, ଏହାକୁ ଲୁଚାଇବାକୁ ବିଫଳ ସରକାରୀ ପ୍ରଚେଷ୍ଟା, ତରବରିଆ ଭାବରେ ରାତିରେ ଶବ ବ୍ୟବଚ୍ଛେଦ, ପୁଲିସକୁ ବ୍ୟବହାର କରି ରାତାରାତି ସୌମ୍ୟାଶ୍ରୀଙ୍କ ମର ଶରୀରକୁ ତା'ଙ୍କ ଗାଁକୁ ପଠାଇବା ଘଟଣା ବିଫଳ ସରକାରୀ ବ୍ୟବସ୍ଥାକୁ ଖିନ୍‌ଭିନ୍ କରିଦେଇଛି ।ସରକାରଙ୍କ କାର୍ଯ୍ୟକଳାପ ଏବଂ ପଦକ୍ଷେପ ସାଧାରଣରେ ଅସମାହିତ ପ୍ରଶ୍ନକୁ ଜନ୍ମ ଦେଇଛି। ସୌମ୍ୟାଶ୍ରୀଙ୍କ ଆତ୍ମଦାହ ପରଠାରୁ ରାଜ୍ୟବାସୀଙ୍କ ରୋଷ ଆହୁରି ତୀବ୍ର ହୋଇଛି । ଦିଲ୍ଲୀରୁ ଭୁବନେଶ୍ୱର ଯାଏଁ ଏପରି ସ୍ପର୍ଶକାତର ଘଟଣାକୁ ନେଇ ଉଦବେଗ ପ୍ରକାଶ ପାଇବା ସହ ସମ୍ବେଦନହୀନ ସରକାର ଏବଂ ପ୍ରଶାସନକୁ କଡ଼ା ସମାଲୋଚନା କରାଯାଉଛି। ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ, ପ୍ରିୟଙ୍କା ଗାନ୍ଧୀ ପର୍ଯ୍ୟନ୍ତ ଘଟଣାକୁ ନେଇ ସାମାଜିକ ଗଣମାଧ୍ୟମରେ ସରକାରଙ୍କ ବିରୋଧରେ ବର୍ଷିଥିବା ବେଳେ ବିରୋଧୀ ବିଜେଡି ପକ୍ଷରୁ ରାଜ୍ୟବ୍ୟାପୀ ବିକ୍ଷୋଭ, ପ୍ରତିବାଦ କରାଯାଇଛି। ଦଳ ପକ୍ଷରୁ ହାଇକୋର୍ଟ ବିଚାରପତିଙ୍କୁ ତଦନ୍ତ ଦାୟିତ୍ୱ ଦେବାକୁ ଦାବି ଉଠିଛି ।

ସୋମବାର ବିଳମ୍ବିତ ରାତିରେ ଲୁଚାଛପା ଭାବେ ସୌମ୍ୟାଶ୍ରୀଙ୍କ ଶବ ବ୍ୟବଚ୍ଛେଦ କରି ଶବ ସଂସ୍କାର କରିବାକୁ ଉଦ୍ୟମ କରୁଥିବା ରାଜ୍ୟ ସରକାରଙ୍କ ଉଦ୍ୟମକୁ ବିଭିନ୍ନ ଛାତ୍ର ସଂଗଠନର ନେତା ପଣ୍ଡ କରି ଦେଇଥିଲେ। ଏମ୍ସ ପରିସରରେ ଛାତ୍ରନେତାଙ୍କ ଦୁର୍ବାର ବିରୋଧ କାରଣରୁ ଶେଷରେ ସରକାର ସୌମ୍ୟାଶ୍ରୀଙ୍କୁ ତାଙ୍କ ଗାଁକୁ ନେଇ ଶବ ସଂସ୍କାର କରିବାକୁ ଏକ ପ୍ରକାର ବାଧ ହୋଇଛନ୍ତି। ରାଜ୍ୟବ୍ୟାପୀ ଛାତ୍ର ସଂଗଠନ, ସାମାଜିକ ସଂଗଠନ, ନାଗରିକ ସଂଗଠନ, ରାଜନୈତିକ ଦଳ ରାଜରାସ୍ତାକୁ ଓହ୍ଲାଇଛନ୍ତି। ସରକାରଙ୍କ ବେପରୁଆ ମନୋଭାବ, ଦାୟିତ୍ୱହୀନତା ସର୍ବୋପରି କାପୁରୁଷତାକୁ ନେଇ ମାଳ ମାଳ ପ୍ରଶ୍ନ କରିବା ସହ ମୁଖ୍ୟମନ୍ତ୍ରୀ, ଉଚ୍ଚଶିକ୍ଷାମନ୍ତ୍ରୀଙ୍କ କୁଶ ପୁତ୍ତଳିକା ଦାହ କରିଛନ୍ତି। ଶାସକ ଦଳର ଛାତ୍ର ସଙ୍ଗଠନ ସରକାର ନିଜ ଛାତ୍ର ସଂଗଠନର ଜଣେ ନେତରୀଙ୍କ ସୁରକ୍ଷା ଦେଇପାରିଲେ ନାହିଁ। ତାହେଲେ ଏ ସରକାର କାହାକୁ ସୁରକ୍ଷା ଦେବେ ବୋଲି ସାଧାରଣ ଲୋକେ ପ୍ରଶ୍ନ କରୁଛନ୍ତି। ରାଜ୍ୟରେ ଦୈନିକ ୧୫ଟି ଦୁଷ୍କର୍ମ ଘଟୁଛି। ପର୍ଯ୍ୟଟନସ୍ଥଳୀଠାରୁ ଶିକ୍ଷାନୁଷ୍ଠାନ ପର୍ଯ୍ୟନ୍ତ କେଉଁଠି ବି ମହିଳା, ଛାତ୍ରୀ ସୁରକ୍ଷିତ ନୁହନ୍ତି। ସରକାର କୋଉଠି ବୋଲି ରାଜ୍ୟବାସୀଙ୍କ ମଧ୍ୟରେ ପ୍ରତିକ୍ରିୟା ପ୍ରକାଶ ପାଇଛି।

## ବ୍ୟବସ୍ଥା ଦ୍ୱାରା...

କି ମଣିପୁର, ଦେଶର ଝିଅମାନେ ଜଳୁଛନ୍ତି, ଭାଙ୍ଗି ପଡୁଛନ୍ତି, ମରୁଛନ୍ତି; କିନ୍ତୁ ପ୍ରଧାନମନ୍ତ୍ରୀ ଚୁପ୍ ବସିଛନ୍ତି। ଦେଶ ପ୍ରଧାନମନ୍ତ୍ରୀଙ୍କ ନୀରବତା ଚାହେଁ ନାହିଁ, ଏହା ଉତ୍ତର ଚାହେଁ ଓ ଭାରତର ଝିଅମାନେ ସୁରକ୍ଷା ଏବଂ ନ୍ୟାୟ ଚାହାଁନ୍ତି ବୋଲି ରାହୁଲ୍ କହିଛନ୍ତି।

ସେହିପରି କଂଗ୍ରେସ ମହାସଚିବ ପ୍ରିୟଙ୍କା ଗାନ୍ଧୀ ଏହି ପ୍ରଧାନମନ୍ତ୍ରୀଙ୍କୁ ଟାର୍ଗେଟ୍ କରିଛନ୍ତି। ସେ ଏକ୍ସରେ ଉଲ୍ଲେଖ କରିଛନ୍ତି ଯେ ନ୍ୟାୟ ପାଇଁ ଲଢ଼ିବା ସମୟରେ ଓଡ଼ିଶାର ଆଉ ଏକ ଝିଅ ପ୍ରାଣ ହରାଇଲା। ସେ ତାଙ୍କ ଉପରେ ହୋଇଥିବା ଅତ୍ୟାଚାର ବିରୋଧରେ ସ୍ୱର ଉଠାଇଥିଲେ। ନ୍ୟାୟ ପାଇବା ପରିବର୍ତ୍ତେ ତାଙ୍କୁ ଅପମାନ ଏବଂ ହଇରାଣ କରାଗଲା। ଫଳରେ ସେ ଆତ୍ମାହୁତି ଦେବାକୁ ବାଧ ହେଲେ। ଦିଲ୍ଲୀରୁ ୟୁପି, ମଣିପୁରରୁ ଓଡ଼ିଶା, ବିଜେପି କେବଳ ଅଭିଯୁକ୍ତଙ୍କ ସହିତ ଠିଆ ହେବା ଏବଂ ପୀଡିତାଙ୍କୁ ହଇରାଣ କରିବା ଏବଂ ନ୍ୟାୟରେ ବାଧା ସୃଷ୍ଟି କରିବା ପାଇଁ ରହିଛି କି ବୋଲି ପ୍ରିୟଙ୍କା ପ୍ରଶ୍ନ କରିଛନ୍ତି।

କଂଗ୍ରେସ ନେତା ଜୟରାମ ରମେଶ ମଧ୍ୟ ସରକାରଙ୍କ ଉପରେ ବର୍ଷିବା ସହ ବିଜେପିର ପଚାସଢ଼ା ବ୍ୟବସ୍ଥା ତାଙ୍କୁ ଆତ୍ମାହୁତି ଦେବାକୁ ବାଧ କରିଛି ବୋଲି କହିଛନ୍ତି। ବିଜେପି ସରକାରରେ ଅପରାଧର ଶିକାର ହୋଇଥିବା ମହିଳାମାନଙ୍କୁ ଶୁଣିବା ପାଇଁ କେହି ନାହାନ୍ତି। ଏହା ବ୍ୟତୀତ ଯେଉଁମାନଙ୍କ କାନ୍ଧରେ ସୁରକ୍ଷାର ଦାୟିତ୍ୱ ଥିଲା ସେମାନେ ଆଜି ଅତ୍ୟାଚାରୀଙ୍କ ସହିତ ହାତ ମିଳାଇ ଠିଆ ହୋଇଛନ୍ତି ବୋଲି ଜୟରାମ କହିଛନ୍ତି। ଏହି ନେତାମାନଙ୍କ ସହ ଏଆଇସିସି ସଂଗଠନ ସମ୍ପାଦକ କେସି ବେଣୁଗୋପାଳ ଓଡ଼ିଶା ପିସିସି ପ୍ରଭାରୀ ଅଜୟ କୁମାର ଲଲ୍ଲୁ ମଧ୍ୟ ଏକ୍ସ ଯୋଗେ ନିଜର ପ୍ରତିକ୍ରିୟା ଦେଇ ଡବଲ ଇଂଜିନ ସରକାର ଉପରେ ବର୍ଷିଛନ୍ତି।

## ଯୋଜନାବଦ୍ଧ ଅନ୍ୟାୟ...

ମର୍ମାହତ। ଏପରି ସମୟକୁ ସାମ୍ନା କରିବା ପାଇଁ ମହାପ୍ରଭୁ ପରିବାର ଲୋକଙ୍କୁ ଅସୀମ ଧୈର୍ଯ୍ୟ ଦିଅନ୍ତୁ। ମନକୁ ଏହା ଅଧିକ ବିଚଳିତ କରୁଛି ଯେ, କିପରି ଗୋଟେ ବିଫଳ ବ୍ୟବସ୍ଥା ଜଣଙ୍କ ଜୀବନ ନେଇଯାଇପାରେ। ସବୁଠୁ କଷ୍ଟଦାୟକ ହେଉଛି, ଏହା କୌଣସି ଦୁର୍ଘଟଣା ନୁହେଁ, ବରଂ ଏପରି ଏକ ବ୍ୟବସ୍ଥାର ଫଳ; ଯାହା ସାହାଯ୍ୟ କରିବା ବଦଳରେ ଚୁପ୍ ରହିଲା। ନ୍ୟାୟ ପାଇବାକୁ ସଂଗ୍ରାମ କରି କରି ଶେଷରେ ଝିଅଟି ଆଖି ବୁଜିଦେଲା। ସେ ଅତି ସାହସିକତାର ସହ ତା' ସହିତ ଘଟିଥିବା ଯୌନ ନିର୍ଯାତନା ବିଷୟରେ କଲେଜ ଅଧ୍ୟକ୍ଷଙ୍କୁ ଚିଠି ଲେଖି ଅବଗତ କରିଥିଲା। କଲେଜ ପଦାଧିକାରୀଙ୍କ ଦ୍ୱାରା ଅଣଦେଖା ହେବା ପରେ ସେ ଅଟକି ଯାଇ ନଥିଲା। ନ୍ୟାୟ ପାଇବାକୁ ସେ ଉଚ୍ଚଶିକ୍ଷା ମନ୍ତ୍ରୀ, ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ଓ ଜଣେ କେନ୍ଦ୍ରମନ୍ତ୍ରୀଙ୍କୁ ଜଣାଇଥିଲା। ଏପରି କି ବାଲେଶ୍ୱର ସାଂସଦଙ୍କୁ ମଧ୍ୟ ବ୍ୟକ୍ତିଗତ ଭାବେ ଭେଟି ନିଜ ଦୁଃଖ ବିଷୟରେ କହିଥିଲା। ଜଣେ କେହି ବି ଯଦି ଉତ୍ତରଦାୟିତ୍ୱ ନେଇ ବ୍ୟକ୍ତିଗତ ଭାବେ ଏଥିରେ ହସ୍ତକ୍ଷେପ କରିଥାନ୍ତେ; ତେବେ ହୁଏତ ଝିଅଟିର ଜୀବନ ବଞ୍ଚିଯାଇଥାନ୍ତା। ସେ କେବଳ ଶାରୀରିକ ଆଘାତ ପାଇ ପ୍ରାଣ ହରାଇ ନାହିଁ, ବରଂ ରାଜ୍ୟ ସରକାରଙ୍କ ଅଣଦେଖା ପାଇଁ; ଯାହା ତାଙ୍କୁ ନିଜ ସଂଗ୍ରାମରେ ଏକାକୀ ଛାଡ଼ି ଦେଇଥିଲା। ପୁରା ଘଟଣାକ୍ରମରୁ ଜଣାପଡୁଛି, ଏହା ଆନୁଷ୍ଠାନିକ ବିଶ୍ୱାସଘାତକତାରୁ କିଛି କମ୍ ନୁହେଁ; ଯାହା ଏକ ଯୋଜନାବଦ୍ଧ ଅନ୍ୟାୟ। ମୁଁ ପୁଣିଥରେ ରାଜ୍ୟପାଳଙ୍କୁ ଅନୁରୋଧ କରୁଛି, ସେ ଏହା ସୁନିଶ୍ଚିତ କରନ୍ତୁ ଯେ, ନା କେବଳ କଲେଜ କର୍ତ୍ତୃପକ୍ଷ ବରଂ କ୍ଷମତାରେ ଥିବା ବ୍ୟକ୍ତିମାନେ ମଧ୍ୟ ଉତ୍ତରଦାୟୀ ହୁଅନ୍ତୁ; ଯେଉଁମାନେ ପୀଡ଼ିତାଙ୍କ ଆକୁଳ ଗୁହାରି ପରେ ବି କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କଲେ ନାହିଁ। ପୀଡ଼ିତାଙ୍କ ଆତ୍ମାର ଆତ୍ମାର ସଦଗତି ହେଉ। ପ୍ରଭୁ ଜଗନ୍ନାଥଙ୍କ ନିକଟରେ ମୁଁ ପୁଣିଥରେ ପ୍ରାର୍ଥନା କରୁଛି, ଏହି ଦାରୁଣ ଦୁଃଖକୁ ସାମ୍ନା କରିବା ପାଇଁ ସେ ପରିବାର ସଦସ୍ୟମାନଙ୍କୁ ଶକ୍ତି ଏବଂ ସାହସ ଦିଅନ୍ତୁ ବୋଲି ନବୀନ କହିଛନ୍ତି।

## ମହାକାଶରୁ ଫେରିଲେ...

ପରିବାରରେ ଖୁସିର ଲହରୀ ଖେଳି ଯାଇଛି। ମାଆ ଆଶା ଶୁକ୍ଳା ଖୁସିରେ କାନ୍ଦି ପକାଇଛନ୍ତି। ପୁଅର ସକୁଶଳ ଯାତ୍ରା ପାଇଁ ସେ ଈଶ୍ୱରଙ୍କୁ ଧନ୍ୟବାଦ ଦେଇଛନ୍ତି।

ଦିନକ ତଳେ ସୋମବାର ସନ୍ଧ୍ୟା ୪ଟା ୪୫ରେ ଏହି ଚାରି ମହାକାଶଚାରୀ ଆଇଏସଏସ ଛାଡ଼ି ପୃଥିବୀ ଅଭିମୁଖେ ବାହାରି ଥିଲେ। ଏଠାରେ ରହଣୀ କାଳରେ ଶୁଭାଂଶୁ ୬୦ରୁ ଅଧିକ ବୈଜ୍ଞାନିକ ପରୀକ୍ଷଣରେ ସାମିଲ ହୋଇଥିଲେ। ଏଥିରେ ଭାରତର ୭ଟି ପରୀକ୍ଷଣ ସାମିଲ ଥିଲା। ସେ ମେଥି ଏବଂ ମୁଗ ଚାରା ଅଙ୍କୁରିତ କରିବାରେ ସଫଳ ହୋଇଥିଲେ। ମହାକାଶରେ ହାଡ଼ ଯତ୍ନ ଉପରେ ମଧ୍ୟ ପରୀକ୍ଷଣ କରିଥିଲେ। ସେ ଗତ ୨୮ ତାରିଖରେ ମୋଦୀଙ୍କ ସହ ମଧ୍ୟ କଥା ହୋଇଥିଲେ। ଆଜି ୩ଟା ୨ରେ ସ୍ପେସ୍‌ଏକ୍ସ ଯାନ ପ୍ରଶାନ୍ତ ମହାସାଗରରେ ଅବତରଣ କରିଥିଲା। ଏହା ପରେ ସ୍ପେସ୍ ଏକ୍ସ ଏବଂ ଅକ୍ସିଅମ ସ୍ପେସ ରିକଭରି କ୍ରୁଙ୍କ ବୋଟ୍ ଅବତରଣ ସ୍ଥଳରେ ପହଞ୍ଚି ଥିଲେ। ଏହି ଟିମ୍ ପ୍ରଥମେ ଗ୍ରେସ ଆଖପାଖରୁ ବିଷାକ୍ତ ଗ୍ୟାସ୍ ନିର୍ଗତ ହେଉଛି କି ନାହିଁ ଅନୁଧାନ କରିଥିଲେ। ପିପିପି କିଟ୍ ପିନ୍ଧି ଏହି ଦଳ ୩ଟା ୧୫ରେ କ୍ୟାପ୍‌ସୁଲକୁ ଟାଣି ଟାଣି ବୋଟ୍‌କୁ ଆଣିଥିଲେ। ସୁରକ୍ଷା ଯାଞ୍ଚ କରିବା ପରେ ୩ଟା ୪୧ ମହାକାଶଚାରୀଙ୍କୁ ବାହାରକୁ ବାହାର କରିବା ପାଇଁ ପ୍ରସ୍ତୁତି କରିଥିଲେ। ୩ଟା ୪୯ରେ ମିଶନ କମାଣ୍ଡର ପେଗି ହ୍ୱିଟ୍‌ସନ୍ ହସି ହସି ପ୍ରଥମେ କ୍ୟାପ୍‌ସୁଲ ବାହାରକୁ ଆସିଥିଲେ। ଆଉ କିଛି ମିନିଟ ମଧ୍ୟରେ ୩ଟା ୫୨ରେ ଶୁଭାଂଶୁ, ବିଶେଷଜ୍ଞ ସ୍ଲାଓସ୍‌ଜ ଉଜନାନସ୍କି ଏବଂ ଟିବୋର କାପୁ ବାହାରକୁ ଆସିଥିଲେ। ସମସ୍ତେ ଏବେ ସୁରକ୍ଷିତ ଅଛନ୍ତି।

ଏହି ଅକ୍ସିଅମ-୪ ଅଭିଯାନ ପାଇଁ ଭାରତ ୭୦ ମିଲିୟନ ଡଲାର ଖର୍ଚ୍ଚ କରିଛି। ୪୩୩ ଘଣ୍ଟା, ୧୮ ଦିନ ଏବଂ ପୃଥିବୀ ଚାରିପଟେ ୨୮୮ ଥର ପରିକ୍ରମାରେ ୧୨.୨ ନିୟୁତ କିମି ଅତିକ୍ରମ କରି ମହାକାଶଚାରୀ ପୃଥିବୀ ଫେରିଛନ୍ତି। ଏହି ଅଭିଯାନରେ ମହାକାଶରୁ ବିଭିନ୍ନ ପରୀକ୍ଷଣ ତଥ୍ୟ ଧରି ଯାନ ଫେରିଛି। ଏହା କେବଳ ବୈଜ୍ଞାନିକ ସଫଳତା ନୁହେଁ, ବରଂ ଭାରତ, ପୋଲାଣ୍ଡ ଏବଂ ହଙ୍ଗେରୀ ଲାଗି ଏକ ଐତିହାସିକ ମାଇଲ ଖୁଣ୍ଟ ସାବ୍ୟସ୍ତ ହୋଇଛି।

## ପଞ୍ଚଭୂତରେ ଲୀନ...

ଜନ୍ମମାଟିରେ ପହଞ୍ଚି ରାଜ୍ୟ ସରକାରଙ୍କ ପକ୍ଷରୁ ଘୋଷଣା କରିଥିବା ୨୦ ଲକ୍ଷର ସହାୟତା ରାଶି ଘୋଷଣା କରିଥିବା ସୂଚନା ଦେଇଥିଲେ।

ଅନ୍ୟପଟେ, ସୌମ୍ୟାଶ୍ରୀଙ୍କ ଜନ୍ମମାଟି ପଳାସିଆ ଗ୍ରାମରେ ବିଜୁ ଜନତା ଦଳ ପ୍ରତିନିଧିମଣ୍ଡଳୀରେ ଭୋଗରାଇ ବିଧାୟକ ଗୌତମବୁଦ୍ଧ ଦାସ, ପୂର୍ବତନ ସାଂସଦ ରବୀନ୍ଦ୍ର କୁମାର ଜେନା, ପୂର୍ବତନ ବିଧାୟକ ସ୍ୱରୂପ ଦାସ, ଜ୍ୟୋତିପ୍ରକାଶ ପାଣିଗ୍ରାହୀ, ସୁଧାଂଶୁ ଶେଖର ପରିଡ଼ା, ଜିଲ୍ଲା ପରିଷଦ ସଭାପତି ନାରାୟଣ ଚନ୍ଦ୍ର ପ୍ରଧାନ ପ୍ରମୁଖ ପହଞ୍ଚି ପୀଡ଼ିତାଙ୍କ ପରିବାରକୁ ସମବେଦନା ଜଣାଇଥିଲେ। ସୌମ୍ୟାଶ୍ରୀଙ୍କ ବାପା ବଳରାମ ବିଶିଙ୍କୁ ଭେଟି ଏଭଳି ଦୁର୍ଭାଗ୍ୟପୂର୍ଣ୍ଣ ଘଟଣାକୁ ନେଇ ସମବେଦନା ଜଣାଇଥିଲେ। ପରିବାରର ଦୁଃଖ ସମୟରେ ବିଜୁ ଜନତା ଦଳ ବଳିଷ୍ଠ ଭାବେ ଛିଡ଼ା ହେବା ସହିତ ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ଉକ୍ତ ଦୁଃଖଦ ଘଟଣା ପାଇଁ ତାଙ୍କ ପରିବାରକୁ ସମବେଦନା ଜଣାଇବା ସହ ଉପଯୁକ୍ତ ନ୍ୟାୟ କେମିତି ମିଳିବ ସେ ନେଇ ଦୃଢ଼ତାର ସହ ଛିଡ଼ା ହେବେ। ପରେ ବିଜେଡି ପ୍ରତିନିଧିମଣ୍ଡଳୀ ଏହି ଘଟଣାର ନିରପେକ୍ଷ ନ୍ୟାୟିକ ତଦନ୍ତ କରାଯିବା ସହ ଦୋଷୀଙ୍କୁ କଠୋରରୁ କଠୋର୍ କାର୍ଯ୍ୟାନୁଷ୍ଠାନ ଦିଆଯିବା ପାଇଁ ଦାବି କରିଥିଲେ। ସୂଚନାଯୋଗ୍ୟ, ପୀଡ଼ିତା ସୌମ୍ୟାଶ୍ରୀ ଗତ ୬ ମାସ ଧରି କଲେଜରେ ମିଳିଥିବା ନିର୍ଯାତନାକୁ କଲେଜ କର୍ତ୍ତୃପକ୍ଷଙ୍କୁ ଅବଗତ କରିବା ସହ ବାଲେଶ୍ୱର ସାଂସଦ ଶ୍ରୀ ଷଡ଼ଙ୍ଗୀଙ୍କୁ ଅବଗତ କରିଥିଲେ। ଏଥିସହିତ ଉଚ୍ଚ ଶିକ୍ଷା ବିଭାଗୀୟ ମନ୍ତ୍ରୀ, ମୁଖ୍ୟମନ୍ତ୍ରୀ, କେନ୍ଦ୍ର ଶିକ୍ଷାମନ୍ତ୍ରୀ ପ୍ରମୁଖଙ୍କୁ ଏକ୍ସ ମାଧ୍ୟରେ ଜଣାଇଥିଲେ। ଉଚ୍ଚ ଶିକ୍ଷା ବିଭାଗ ଓ ପୁଲିସ୍ ବିଭାଗ ଏହି ସମ୍ବେଦନଶୀଳ ଘଟଣା ସଂପର୍କରେ ଅବଗତ ଥାଇ ତାଙ୍କୁ ନ୍ୟାୟ ଦେବାରେ ଟାଳଟୁଳ ନୀତି ଅବଲମ୍ବନ କରି ଆସିଥିଲେ। କଲେଜ କର୍ତ୍ତୃପକ୍ଷଙ୍କ ନିକଟରୁ ନ୍ୟାୟ ଆଶା କରି ନିରାଶ ହେବା ପରେ ଆତ୍ମାହୁତି କରିବାକୁ ସୌମ୍ୟାଶ୍ରୀ ବାଧ ହୋଇଥିଲେ। ଏଭଳି ଏକ ସମ୍ବେଦନଶୀଳ ଘଟଣା ପଛରେ ସଂପୃକ୍ତ ଥିବା ପ୍ରତିଟି ଦିଗ ଉପରେ ନ୍ୟାୟିକ ତଦନ୍ତ ହେଲେ ଘଟଣା ପଛର ଘଟଣା ଉପରୁ ପରଦା ହଟିବ ବୋଲି ବିଜେଡି ପ୍ରତିନିଧିମଣ୍ଡଳ ଦାବି କରିଛି।

## ଆଜି ପ୍ରବଳ...

ସତର୍କ ସୂଚନା ଜାରି କରାଯାଇଛି। ଆଗାମୀ ୧୮ କିମ୍ବା ୧୯ ବେଳକୁ ଆନ୍ଧ୍ର ନିକଟସ୍ଥ ସମୁଦ୍ର ମଧ୍ୟରେ ଆଉ ଏକ ଘୂର୍ଣ୍ଣିବଳୟ ସୃଷ୍ଟି ହେବାର ସମ୍ଭାବନା ରହିଥିବା ବେଳେ ପରବର୍ତ୍ତୀ ସମୟରେ ଏହା ଉତ୍ତର ବଙ୍ଗୋପସାଗରରେ ମିଆଁମାର ଦେଇ ଆସୁଥିବା ଏକ ଲଘୁଚାପ ସହ ୨୪-୨୫ ବେଳକୁ ମିଶିବ। ପରବର୍ତ୍ତୀ ସମୟରେ ଏହା ଲଘୁଚାପ କିମ୍ବା ସୁଦୃଶ ଲଘୁଚାପ ରୂପେ ଓଡ଼ିଶା/ପଶ୍ଚିମବଙ୍ଗ ଦେଇ ଗତି କରିବାର ସମ୍ଭାବନା ରହିଛି।

## ୨୦ ଲକ୍ଷ ଲୋକଙ୍କ...

ସାରା ରାଜ୍ୟରେ କାର୍ଯ୍ୟକାରୀ ହୋଇପାରୁନି। ଗାଁ ଗହଳିରୁ ଆସି ରାଜଧାନୀରେ ରହି କାମ ଧନ୍ଦା କରି ଚଳୁଥିବା ଲୋକମାନଙ୍କୁ ଏଠିକାର ରାସନ ଡିଲର୍‌ମାନେ ରାସନ ଦେବାକୁ ସିଧାସଳଖ ମନା କରି ଦେଉଛନ୍ତି। ଯେଉଁମାନେ ବି ଦେଉଛନ୍ତି, ଦୂର୍‌ଦୂର୍ ମାର୍‌ମାର୍ କରୁଛନ୍ତି। ଫଳରେ ଲୋକମାନେ ଶେଷରେ ଖର୍ଚ୍ଚାନ୍ତ ହୋଇ ନିଜ ଗାଁକୁ ଆଣିବାକୁ ଯାଉଛନ୍ତି। ସେହିଭଳି ମଞ୍ଚେଶ୍ୱର ପ୍ରଥମ ଚାଉଳ ଏଟିଏମ୍ ସରକାର ଉଦ୍‌ଘାଟନ କରିଥିଲେ। ହେଲେ ଏହା ଅଧା ଦିନ ଚାଲିଲେ, ଅଧା ଦିନ ବନ୍ଦ ରହୁଛି। ଏହାର ସୁଫଳ ସାଧାରଣ ଲୋକ ପାଇପାରୁନାହାନ୍ତି। ବରଂ ଚାଉଳ ଏଟିଏମ୍ କଥା ଶୁଣି ବହୁ ଦୂରଦୂରାନ୍ତରୁ ଲୋକମାନେ ଆସି ଫେରି ଯାଉଛନ୍ତି। ଏହି ସବୁ ସମସ୍ୟା ଉପରେ ଦୃଷ୍ଟି ଦେଇ ଏହାର ସମାଧାନ କରିବା ପାଇଁ ଦାବି ହେଉଛି।


**DISTRICT WELFARE OFFICE, BARGARH** g-64

Applications are invited from eligible candidates of Bargarh District for engagement of 24 no. of Lady Matrons in the SSD Hostels of Bargarh District.

The detailed advertisement and selection criteria may be obtained from the office notice Board of District Welfare Office, Bargarh and District website **http://bargarh.odisha.gov.in.**

The last date to apply is **04.08.2025.**

Sd/- District Welfare Officer, Bargarh

OIPR-26025/11/0001/2526

**DISTRICT PROJECT OFFICE**
**SAMAGRA SHISHA {S.S}**
**MALKANGIRI - 764048**

Contact: 06861–231481 (Off)

Emails: dpcmalkanssa.opepa@nic.in, stc.malkangiri@gmail.com

**Letter No. 2759/Civil/2025 / Date: 11.07.2025**

**TENDER CALL NOTICE**

Sealed tender in the prescribed form to be eventually drawn-up in PWD Form P-1 (Percentage Rate Bids) in conformity with detailed Tender Call Notice are invited by the District Project Coordinator, Samagra Shiksha, Malkangiri, on behalf of Government of Odisha for tenders for construction of building works as mentioned below from eligible Contractors registered with the State Government and contractor of equivalent grade/class registered with Central Government / MES / Railways, having registration for Civil works on production of definite proof from the appropriate authority.
The detailed list of works is available on the website **https://malkangiri.odisha.gov.in** and Office Notice Board.

| | | |
|---|---|---|
| Name of Work | : | Construction of Additional Class Room Building in different area of Malkangiri District under SETU 2024-25 |
| No. Of Works | : | 30 Nos (Thirty) Nos |
| Estimated Cost | : | As laid down in the DTCN |
| Amount put to Tender | : | As laid down in the DTCN |
| Tender Paper cost | : | As laid down in the DTCN |
| E.M.D Amount Required | : | 1% of the Amount put to tender (As laid down in the DTCN) |
| Period of completion | : | As laid down in the DTCN for each work |
| Date of sale of Tender papers | : | The Bid documents can be downloaded from the Govt. Web site https://malkangiri.odisha.gov.in only from 17.07.2025 to 30.07.2025 |
| Date of receipt of Tender paper | : | From 17.07.2025 to 30.07.2025 up to 5.00 PM (in working days) through Registered Post/Speed Post only. No tender paper will receive by hand or Courier services |
| Date of opening of Tender papers | : | At 11.00 A.M on 31.07.2025 in the Office Chamber of Collector, Malkangiri in presence of Tender finalisation Committee member, tenderer or their authorised representatives. |

**N.B- If the last date of sale/receipt of tender paper turns out be a holiday, it will automatically be extended to next working day.** The amendment in safe of corrigendum / addendum will be notified on website https://malkangiri.odisha.gov.in only & the prospective bidders are request to take cognizance of such notification while submitting their tender proposal.

District Project Coordinator
Samagra Shiksha, Malkangiri

OIPR-27141/11/0016/2526 n-102

**AFFIDAVIT**

By virtue of an affidavit, sl. no. 2, dtd.15.07.2025 before the Notary, Purushottampur, Ganjam, I, Santosh Maharana, At/Po- Chatamundali, Po- Purushottampur, Dist- Ganjam have changed my son's name from Sujit Maharana to Sujita Maharana. Henceforth he will be known as **Sujita Maharana** for all purposes.

Sd/- Santosh Maharana

**AFFIDAVIT**

I, Sukant Swain, aged about 57 years, S/o.: Dhruba Charan Swain, resident of Village/PO.: Korua, P.S.: Naugaon, Dist.: Jagatsinghpur, Odisha, declare by this affidavit No.: 1049, dated-14.07.2025, that now onwards I shall be known as **Sukant Kumar Swain** for all future purposes.

**AFFIDAVIT**

By virtue of an affidavit before the Executive Magistrate, Bhawanipatna, Kalahandi, I, Jagdeesh Nag have changed my name and date of birth from Jagasdisha Nag, date of Birth as 19.09.2001 to Jagdeesh Nag, date of birth as 24.01.2001. Hencefroth I shall be known as Jagdeesh Nag and my date of birth as 24.01.2001 for all purposes.

Sd/- Jagdeesh Nag

**AFFIDAVIT**

By virtue of an affidavit before Exicutive Magistrate, Rasgovindpur, Mayurbhanj dtd 07.07.2025. I, Padmabati Jati, residing At- Nakichua, P.o.- Chinchalgadia, P.s- Rasgovindpur, Dist- Mayurbhanj - 756030 declare that I have changed my name from Srimati Padmamnani Jyoti to Padmabati Jati. Henceforth, I shall be known as **Padmabati Jati** for all purposes.

Padmabati Jati

**AFFIDAVIT**

By virtue of an affidavit Sl No 1863, dtd.14.07.2025 before the Executive Magistrate, Kandhamal, Phulbani. I, Sushant Kanhar, resident of At: Talatamtingia, PO: Sripalla, Dist.: Kandhamal have changed my minor daughter's name from Prangya Kanhar to Pragnyasini Kanhar. Henceforth, she shall be known as **Pragnyasini Kanhar** for all purposes.

Sd/- Sushant Kanhar

**AFFIDAVIT**

By virtue of an affidavit sworn before The Executive Magistrate, Gaisilet vide affidavit no.62 dated 11/07/2025 I, Debashish Purohit, S/o - Manabhanjan Purohit resident of At/Po./Ps.- Gaisilet, Dist.- Bargarh, Odisha, Pin- 768037 state that, I have changed my son's name from **Swapnil Purohit** to **Pragyan Purohit**. Henceforth, my son shall be known as **Pragyan Purohit** for all purposes.

**AFFIDAVIT**

By virtue of an affidavit sworn before Executive Magistrate, Banpur, vide no-2799, dated 15/07/2025 I, Rabindra Panda, S/o- Late Panchanan Panda, of At- Chiankasahi, Po/Ps- Banpur, Dist- Khordha, declare that in my adhar card my name is wrongly mentioned as **Rabindra Nath Panda** instead of Rabindra Panda. Henceforth, I shall be known as **Rabindra Panda** for all purposes.

**AFFIDAVIT**

I, SK Namul Haque, aged about 61 years, S/O- Sk Azizul Haque, resident of At/Po- Olaver, Ps- Rajkanika, Dist- Kendrapara, Odisha, Pin- 754227 declare by this affidavit No. 1373, dtd. 12/07/2025, that now onwards I shall be known as **SK NAIMUL HAQUE** for all future purposes.

**AFFIDAVIT**

By virtue of an affidavit sworn before the Executive Magistrate Bissam Cuttack, Dist-Rayagada, Odisha, vide affidavit sl.no.1728/2025, dated-19/06/2025, that Smt Sadai Miniaka, W/o- Late Kirti Miniaka of village - Sana Gotiguda, Po- Badda Gotiguda, P.s-Bissam Cuttack, which is wrongly recorded in Aadhaar Card. Hence for the changed the name of his minor Daughter Sanju Miniaka instead of Sanjukta Miniyaka. Henceforth the minor Daughter shall be known as **Sanju Miniaka** In her Aadhar and for all purposes.

Sd/- Deponent

**AFFIDAVIT**

By virtue of an affidavit before The Notary Public, Titilagarh, on dated-15/07/2025. I, **Sunita Jyotisha** (Applicant name), Wife of Preamraj Jyotisha, Permanent resident of At- Goudtula, P.O. Kursud, P.S. Sindhekela, Dist- Balangir, (Odisha), PIN- 767035 now residing at the same place affirm that I have changed my minor son's name from **Premraj Jyotish** (old name) to **Sunil Jyotisha** (new name). Henceforth in all records, deeds and writing in all proceeding, dealing and transaction private as well as public and upon all occasion he will be known as **Sunil Jyotisha** (new name).

**Sunita Jyotisha**

**AFFIDAVIT**

By virtue of an affidavit before the Notary Public, Titilagarh, on dated-14/07/2025. I, **Rama Sahu** (new name), formerly called as Rambha Sahu (old name), W/o Dambarudhara Sahu, permanent resident of AT- Bandepadar, P.O.- Dhandamunda, P.S. Khaprakhol, Dist- Balangir, (Odisha), PIN- 767028 now residing at the same place affirm that I have changed my name from **Rambha Sahu** (old name) to **Rama Sahu** (new name). Henceforth in all records, deeds and writing in all proceeding, dealing and transaction private as well as public and upon all occasion I will be known as **Rama Sahu** (new name).

**Rama Sahu**

**AFFIDAVIT**

By virtue of an affidavit no 3807 before the Executive Magistrate, Champua on dated- 29/05/2025. I, **Rohit Rajak** (new name), S/o- Dola Rajak, resident of At- Panchapokhoria, PS- Champua, Dist- Keonjhar, PIN- 758041, Odisha have changed my name from **Lipun Rajak** (old name) to **Rohit Rajak** (new name). Henceforth, I shall be known as **Rohit Rajak** (new name) for all future purposes.

**Rohit Rajak**

**AFFIDAVIT**

By virtue of an affidavit sworn before Executive Magistrate, PURI, dated 02/04/2025. I, OSAPILI CHITAMA, Address: VTC-PENTHAKATA, P.S.–SEA BEACH, PURI declare that I have changed my name from **VASIPILLI RAJILU** to **OSAPILI CHITAMA** Henceforth, I shall be known as **OSAPILI CHITAMA** for all purposes.

Sd/- OSAPILI CHITAMA

**AFFIDAVIT**

I, Pranab Bhusan Pattanaik, aged about 61 years, S/o- Late Anirudha Pattanaik, resident of Flat No-J/212, Trident Galaxy Apartment, Kalinga nagar, Ps- Chandaka, Bhubaneswar, Dist-Khurda, PIN- 751003, Odisha declared by this affidavit No- 77AA306781, dtd- 30/06/2025 that now onwards I shall be known as **PRANAB BHUSAN PATTNAIK** for all future purposes.

**AFFIDAVIT**

By virtue of an affidavit sworn before The Executive Magistrate, champua cf no4532 dated-7/07/2025. I, **Priyanka Priyadarshini Sarangi,** W/o- Shasibhusan Sarangi, resident of AT- Nakasara, PO- Naksara, PS- Ghagarbeda, Dist- Mayurbhanj, PIN-757035, Odisha declare that I have changed my name from **Priyanka Priyadarshini Behera To Priyanka Priyadarshini Sarangi** (new name). Henceforth, I shall be known as **Priyanka Priyadarshini Sarangi,** W/o- Shasibhusan Sarangi for all future purposes.

**Priyanka Priyadarshini Sarangi**

**COLLECTORATE, RAYAGADA** F-42
**(NIZARAT SECTION)**
**TENDER/QUOTATION CALL NOTICE**

Sealed Tender/quotation is invited from the interested reputed Travel Agencies / Tour Operators or private individuals for providing of vehicle on hire charges on or before **06.08.2025 by 1.00 P.M.**

For specification details please visit our official website: **www.rayagada.odisha.gov.in**

Sd/- COLLECTOR, RAYAGADA

OIPR-24365/11/0008/2526

# ସୌମ୍ୟାଶ୍ରୀଙ୍କ ପାଇଁ ନ୍ୟାୟ ଦାବି କଲା ବିଜେଡି



**ସମ୍ବଲପୁର, ୧୫।୭ (ସମିସ) :** ରାଜ୍ୟ ବିଜୁ ଯୁବ ଛାତ୍ର ଜନତା ଦଳର ଆହ୍ୱାନକ୍ରମେ ଏବଂ ପୂର୍ବତନ ମନ୍ତ୍ରୀ ତଥା ଜିଲ୍ଲା ବିଜେଡି ସଭାପତି ଇଂ ରୋହିତ ପୂଜାରୀଙ୍କ ତତ୍ତ୍ୱାବଧାନରେ ଆଜି ସକାଳେ ଏନ୍‌ଏସ୍‌ସିବି କଲେଜ ଏବଂ ଅପରାହ୍ଣରେ ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ ମୁଖ୍ୟଫାଟକ ସମ୍ମୁଖରେ ବାଲେଶ୍ୱର ଫକୀର ମୋହନ ସେନାପତି ମହାବିଦ୍ୟାଳୟର ବିଏଡ୍ ଦ୍ୱିତୀୟ ବର୍ଷର ପୀଡ଼ିତା ଛାତ୍ରୀଙ୍କ ପ୍ରତି ସମବେଦନା ଜଣାଇବା ପାଇଁ କ୍ୟାଣ୍ଡେଲ ଜଳାଇ ଏବଂ ସରକାର ବିରୋଧି ନାରା ଦେଇ ଏକ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଯାଇଛି । ଏନ୍‌ଏସ୍‌ସିବି କଲେଜ ପ୍ରତିବାଦ ସଭାରେ ଛାତ୍ରନେତା ଅନମୋଲ ଦାସଙ୍କ ନେତୃତ୍ୱରେ ଛାତ୍ର ନେତା ସୋମ ପ୍ରକାଶ ବେହେରା, ରୋହନ ନାଏକ, ଗୋକୁଳ ବାରିକ, ଅବିନାଶ ବେହେରା, ଉଦିତ ଶର୍ମା, ଓମ୍ ପ୍ରଧାନ, ମାସୁଦ ଆଲମ୍‌ଙ୍କ ସମେତ ବହୁ ସଂଖ୍ୟାରେ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ । ଗଙ୍ଗାଧର ମେହେର ବିଶ୍ୱଦ୍ୟାଳୟରେ ଛାତ୍ରନେତା ସତ୍ୟମ୍ ସାହୁ, ହରିଶ୍ ସାହୁ, ପ୍ରତ୍ୟୁଷ ତାଣ୍ଡିଆ, ସୁଭାଶିଷ ପ୍ରଧାନ, ବିକି କୁମାର ସାହା, ଅଙ୍କିତ ଯାଦବ୍, ସନ୍ଧ୍ୟା ପାଢ଼ୀ, ଜ୍ୟୋତିରାଣୀ ପଟ୍ଟନାୟକ, ସ୍ୱପ୍ନାରାଣୀ ବୋହିଦାର, ଲକ୍ଷ୍ମୀପ୍ରିୟା ଦାସ, ଜିଲ୍ଲା ଛାତ୍ର ସଭାପତି ଶୁଭ୍ରାଂଶୁ ଶେଖର ପାଢ଼ୀ, ଦିପ୍ତିରଞ୍ଜନ ମଲ୍ଲିକ, ସଦାନନ୍ଦ ଦାସ, ଗୌତମ ବେହେରା ପ୍ରମୁଖ ଉପସ୍ଥିତ ଥିଲେ । ସମ୍ବଲପୁର ଜୋନ ଯୁବ ସଭାପତି ଦେବାଶିଷ ପରିଡ଼ାଙ୍କ ନେତୃତ୍ୱରେ ସୁକେଶ ସିଂ, ବିକ୍ରମାଦିତ୍ୟ ପଣ୍ଡା, ପ୍ରଭଞ୍ଜନ ପୂଜାରୀ, ଲୋକନାଥ ଖମାରୀ, ରବି ସେନାପତି, ବିକାଶ ତରିଆ, ମଞ୍ଜୁ ଓରାମ, ବିକାଶ ଖେତି, ଉତ୍ତମ ବାଗ, ହିତେଶ ଶର୍ମା, ଗଣେଶ କରାଲି, ଓଁକାର ପ୍ରସାଦ ନାୟକ, କାଳିଆ କୁସୁମ, ରାଜେଶ ପଣ୍ଡା ପ୍ରମୁଖଙ୍କ ସହ ବରିଷ୍ଠ ନେତୃମଣ୍ଡଳୀ ସୁରୁବାବୁ ମେହେର, ଆନନ୍ଦ ବଡ଼ଗୟାଁ, ଏମଡି ସନାଉଲା, ବେଣୁଧର ଦାସ, ଏମଡି ଇଶାକ, ସତ୍ୟେନ୍ଦ୍ର ଦାସ, ଭାବେଶ ଚାନ୍ଦ, ରବୀନ୍ଦ୍ର ସିଂ, ହରଦିପ ସିଂ ଭୂର୍ଜି, ପ୍ରଶାନ୍ତ ଥାପା, ଶିବ ସାହୁ, ସୁଦାମ ବାଗ, ଦୁଲାଲ ଚନ୍ଦ୍ର ରାୟ, ରାଜେଶ ମିଶ୍ର, ହିମାଂଶୁ ପ୍ରଧାନ, ପ୍ରଦୋଷ ମହାନ୍ତି, ପ୍ରହଲ୍ଲାଦ ଗୁରୁ, ନନ୍ଦ ବାବୁ, ରୁଦ୍ର ଷଡ଼ଙ୍ଗୀ, ତପନ ମେହେର, ପ୍ରଶାନ୍ତ ନାୟକ ଙ୍କ ସମେତ ଅନେକ ନେତୃମଣ୍ଡଳୀ ଉପସ୍ଥିତ ଥିଲେ । ଏଥିସହିତ ମହିଳା ବିଜୁ ଜନତା ଦଳର ଜିଲ୍ଲା କାର୍ଯ୍ୟକାରୀ ସଭାନେତ୍ରୀ ଉଷା ପ୍ରଧାନ, ଜୋନ ସଭାନେତ୍ରୀ ସିପ୍ରା ମହାନ୍ତି, ଜିଲ୍ଲା ଉପ ସଭାନେତ୍ରୀ ସଂଗୀତା ସ୍ୱାଇଁ, ମହାନଗର ସଭାନେତ୍ରୀ ଡ ସଂଯୁକ୍ତା ମେହେର, ନନ୍ଦିନୀ ପ୍ରଧାନ, ରଶ୍ମି ରେଖା ତ୍ରିପାଠୀ, ସ୍ୱେତା ନାୟକ, ଖତିଯା ବେଗମ୍, ପାର୍ବତୀ ସାହା, ପୂଜା ଦେବୀ, ସରିତା ଦାସ, ରୁପାଞ୍ଜଳି ରଣବିଡା, ଅନିତା ଓରାମ, ସଂଯୁକ୍ତା ବାବୁ, କଲ୍ୟାଣୀ ପ୍ରମୁଖଙ୍କ ସମେତ ବହୁ ମହିଳା ଉପସ୍ଥିତ ରହି ନିଜ ବକ୍ତବ୍ୟ ରଖିଥିଲେ ।

## ପଞ୍ଚାୟତ ମହାବିଦ୍ୟାଳୟରେ ଆଭ୍ୟନ୍ତରୀଣ ଅଭିଯୋଗ କମିଟି ବୈଠକ



**ବରଗଡ଼,୧୫।୭ (ସମିସ):** ବରଗଡ଼ ପଞ୍ଚାୟତ ମହାବିଦ୍ୟାଳୟରେ ଅଧ୍ୟକ୍ଷ ପ୍ରଫେସର ଡ.ନକୁଳ ସେଠ୍‌ଙ୍କ ଅଧ୍ୟକ୍ଷତାରେ ଆଭ୍ୟନ୍ତରୀଣ ଅଭିଯୋଗ କମିଟିର ବୈଠକ ଅନୁଷ୍ଠିତ ହୋଇଯାଇଛି । ମହାବିଦ୍ୟାଳୟର ଛାତ୍ରଛାତ୍ରୀ ଯେପରି କୌଣସି ପ୍ରକାର ନିର୍ଯ୍ୟାତନାର ସମ୍ମୁଖୀନ ହେବେ ନାହିଁ ସେ ସମ୍ପର୍କରେ ଅଧ୍ୟକ୍ଷ ଗୁରୁତ୍ୱାରୋପ କରିଥିଲେ । ମହାବିଦ୍ୟାଳୟ ପ୍ରଶାସନିକ ଅଧିକାରୀ ଡ.ଉମେଶ ଚନ୍ଦ୍ର ମହାପାତ୍ର ଏବଂ ଏକାଡେମିକ୍ ମୁଖ୍ୟ ଡ.ବିଦ୍ୟୁତ୍ ପ୍ରଭା ମହାନ୍ତି ଶିକ୍ଷାନୁଷ୍ଠାନରେ ମହିଳା ଏବଂ ଝିଅମାନଙ୍କ ସୁରକ୍ଷାକୁ ପ୍ରାଥମିକତା ଦିଆଯିବା ଉଚିତ୍ ବୋଲି ମତ ରଖିଥିଲେ । ଅଭିଯୋଗ କମିଟିର ସଂଯୋଜିକା ସହକାରୀ ପ୍ରଫେସର ରାଜଶ୍ରୀ ଭଞ୍ଜ ଶିକ୍ଷାନୁଷ୍ଠାନର ଛାତ୍ରଛାତ୍ରୀ ଚାପମୁକ୍ତ, ଭୟମୁକ୍ତ ରହିବା ସହିତ ମହିଳା ନିର୍ଯ୍ୟାତନା ସମ୍ପର୍କୀତ ସଚେତନତା କାର୍ଯ୍ୟକ୍ରମ ନିୟମିତ ପର୍ଯ୍ୟାୟରେ ଆୟୋଜନ କରିବାକୁ ପ୍ରସ୍ତାବ ଦେଇଥିଲେ । ଆଡଭୋକେଟ୍ ବିମଳ ଦେବତା ନିର୍ଯ୍ୟାତନା ସମ୍ବନ୍ଧୀୟ ବିଭିନ୍ନ ପ୍ରକାରର କଠୋର ଆଇନଗତ ବ୍ୟବସ୍ଥା ଉପରେ ବିସ୍ତୃତ ଆଲୋକପାତ କରିଥିଲେ । ବୈଠକରେ ତିନି ଜଣ ଛାତ୍ରୀଙ୍କ ପ୍ରତିନିଧି ମଧ୍ୟ ଅଂଶଗ୍ରହଣ କରି ସେମାନଙ୍କ ମତାମତ ପ୍ରଦାନ କରିଥିଲେ । ଆଭ୍ୟନ୍ତରୀଣ ଅଭିଯୋଗ କମିଟିର ଅନ୍ୟ ଅଧିକାରୀ ଡିଲେଶ୍ୱରୀ ବରିହା, ବାସନ୍ତୀ ଓରାମ, ପଙ୍କଜିନୀ ରାଏ ପ୍ରମୁଖ ଉପସ୍ଥିତ ଥିଲେ । ଶେଷରେ ଅତିରିକ୍ତ ପ୍ରଶାସନିକ ଅଧିକାରୀ ଡ.ସୂର୍ଯ୍ୟକାନ୍ତୀ ସିକନ୍ଦର ଧନ୍ୟବାଦ ଅର୍ପଣ କରିଥିଲେ ।

## ଲାୟନ୍ସ କ୍ଲବ୍‌ର ଶପଥ ଗ୍ରହଣ

**ପାଇକମାଲ,୧୫।୭ (ସମିସ):** ନୃସିଂହନାଥ ଲାୟନ୍ସ କ୍ଲବ୍‌ର ନୂତନ ଭାବେ ମନୋନୀତ କମିଟିର ଶପଥ ଗ୍ରହଣ ସମାରୋହ ଦାଦିଜୀ ହୋଟେଲରେ ଗୋବର୍ଦ୍ଧନ ଅଗ୍ରୱାଲଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ଏହି ସମାରୋହକୁ ଶ୍ୟାମଲାଲ ପ୍ରଧାନ ସଂଯୋଜନା କରିଥିବା ବେଳେ ନନ୍ଦଲାଲ ନାୟକ ବିବରଣୀ ପଠନ କରିଥିଲେ । ସୁନ୍ଦରମଣି ନାଏକ ଅତିଥି ପରିଚୟ ପ୍ରଦାନ କରିଥିଲେ । ମୁଖ୍ୟ ଅତିଥି ଭାବେ ଚରନ ଜିତ କୌର ହୋରା ଯୋଗ ଦେଇ ନବ ନିଯୁକ୍ତ ସଭାପତି ଡ.ଲମ୍ବୋଦର ପଣ୍ଡା, ସଂପାଦକ କିଶୋର ବାରିକ, କୋଷାଧ୍ୟକ୍ଷ ଅଶୋକ ତାୟଲଙ୍କୁ ଶପଥ ପାଠ କରାଇଥିଲେ । ମେଜର ଚିତ୍ତରଞ୍ଜନ ଦାସ, ସନ୍ତୋଷିନୀ ରଥ, ବିନୋଦ ବିହାରୀ ମିଶ୍ର, ବୀରେନ୍ଦ୍ର ପାତ୍ର, ଜନାର୍ଦ୍ଦନ ପଣ୍ଡା, ଆନନ୍ଦ ଅଗ୍ରୱାଲ ପ୍ରମୁଖ ନେତୃମଣ୍ଡଳୀ ଯୋଗ ଦେଇଥିଲେ । ଶେଷରେ ମୁଖ୍ୟ ଅତିଥି ଚରନଜିତଙ୍କ ଦ୍ୱାରା ସିଲେଇ ତାଲିମ କେନ୍ଦ୍ର ଉଦ୍‌ଘାଟନ କରାଯାଇଥିଲା । ଶେଷରେ ମୀନକେତନ ବେହେରା ଧନ୍ୟବାଦ ଦେଇଥିଲେ ।

## ବସ୍ ଧକ୍କାରେ ଗୋଡ଼ ଭାଙ୍ଗିଲା

**କୁଚିଣ୍ଡା,୧୫।୭ (ସମିସ):** ସୋମବାର ଅପରାହ୍ନରେ ନିଜ ଘର ସିରିଡକୁ ଯିବାପାଇଁ କୁଚିଣ୍ଡା କୁସୁମୀରୋଡ଼ ପେଟ୍ରୋଲ ପମ୍ପ ଛକରେ ବିବେକ ରକସା କୌଣସି ଗାଡିକୁ ଅପେକ୍ଷା କରିଥିଲେ । ଏହି ସମୟରେ କୁଚିଣ୍ଡାରୁ ସମ୍ବଲପୁର ଅଭିମୁଖେ ଆସୁଥିବା ଏକ ଘରୋଇ ବସ୍‌କୁ ରାସ୍ତା କଡ଼ରେ ଠିଆ ହୋଇ ହାତ ମାରିଥିଲେ । ବସ୍ ଯାତ୍ରୀକୁ ଉଠାଇବ କଣ ତାଙ୍କ ଉପରେ ଚଢାଇ ଦ୍ରୁତ ଗତିରେ ଭୋଜପୁର ପଟକୁ ପଳେଇ ଥିଲା । ରାସ୍ତା ଉପରେ ପଡି ବ୍ୟକ୍ତି ଜଣକ ଛଟପଟ ହେଉଥିବା ବେଳେ କୌଣସି ବ୍ୟକ୍ତି କୁଚିଣ୍ଡା ପୁଲିସକୁ ଖବର ଦେଇଥିଲା । କୁଚିଣ୍ଡା ପୁଲିସ ପହଁଞ୍ଚି ଆହତ ବ୍ୟକ୍ତିଙ୍କୁ ଉଦ୍ଧାର କରି କୁଚିଣ୍ଡା ଡାକ୍ତରଖାନାକୁ ଆଣିଥିଲା ।

## ମାଁ ବିନ୍ଧ୍ୟବାସିନୀ ବଣିକ ସଂଘର ବନ ମହୋତ୍ସବ

**ରେଢ଼ାଖୋଲ,୧୫।୭ (ସମିସ):** ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ସହରର ସ୍ଥାନୀୟ ଭୀମଭୋଇ ମହାବିଦ୍ୟାଳୟ ନିକଟରେ ଥିବା ମହିମା ଆଶ୍ରମରେ ମାଁ ବିନ୍ଧ୍ୟବାସିନୀ ବଣିକ ସଂଘ ପକ୍ଷରୁ ବନ ମହୋତ୍ସବ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ରେଢ଼ାଖୋଲ ଅଞ୍ଚଳରେ ପ୍ରତିଦିନ ଡେଲି ମାର୍କେଟ ବସୁଥିବା କଦମ୍ବ ପଡିଆରେ ରେଢ଼ାଖୋଲ ମାଁ ବିନ୍ଧ୍ୟବାସିନୀ ବଣିକ ସଂଘ ପକ୍ଷରୁ ସମସ୍ତ ସଦସ୍ୟମାନେ ମହିମା ଆଶ୍ରମରେ ବିଭିନ୍ନ ପ୍ରକାରର ବୃକ୍ଷରୋପଣ କରିଥିଲେ । ଏଥିରେ ମହିମା ଆଶ୍ରମର ବ୍ରହ୍ମ ଅବଧୂତ ଆନନ୍ଦ ଚନ୍ଦ୍ର ଦାସ ଉପସ୍ଥିତିରେ ବୃକ୍ଷରୋପଣ କାର୍ଯ୍ୟକ୍ରମରେ ସଂଘର ସଭାପତି ପଦ୍ମନାଭ ଜେନା, ସମ୍ପାଦକ ସଚ୍ଚିଦାନନ୍ଦ ମାଝୀ, କୋଷାଧ୍ୟକ୍ଷ ଅରୁନ୍ ରାଉତ, ସଦସ୍ୟ ସୁମନ୍ତ ମାଝୀ, ନୀଳମଣି ସାହୁ, ପ୍ରହଲ୍ଲାଦ ଜେନା, ବାସନ ଦିପ, ସୁମନ୍ତ ଦାସ, ବିଜୟ ଦେହୁରୀ, ସରଣ ନାଏକ, ବାବୁଲା ମେହେର, କୁନାଲ୍ ମେହେର, କାହ୍ନା କଅଁର, ହରିହର ସାହୁ, ରାଜା ମହାପାତ୍ର, ମନୋଜ୍ ବିଶ୍ୱାଳ, ବିଶି ସାହୁ, ଅନିଲ ନାଏକ, ଟୁଲୁ ମହାନ୍ତି, ସାନେ ବେହେରା, ଲିଜୁ ମହାପାତ୍ର, ପ୍ରହଲ୍ଲାଦ ଜେନା, ବାବୁ ମହାନ୍ତି, ପପୁ ସାହୁ ପ୍ରମୁଖ ସମେତ ଅନ୍ୟ ସଦସ୍ୟମାନେ ଉପସ୍ଥିତ ଥିଲେ ।

## ଓଏସ୍‌ଓୟୁରେ ଚାରାରୋପଣ

**ସମ୍ବଲପୁର, ୧୫।୭ (ସମିସ):** ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ (ଓଏସ୍‌ଓୟୁ) ପରିବେଶ ସୁରକ୍ଷା ସକାଶେ 'ଇକୋ କ୍ୟାସ୍ ଫରେଷ୍ଟ' ଅଭିଯାନ ଆରମ୍ଭ କରିଛି । ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଶ୍ୟାମ ସୁନ୍ଦର ପଟ୍ଟନାୟକ ଏହାକୁ ଉଦ୍‌ଘାଟନ କରିଥିବାବେଳେ କୁଳସଚିବ ଡଃ ଚିତ୍ତରଞ୍ଜନ ସାହୁ, ବିତ୍ତ ନିୟନ୍ତ୍ରକ ନଳିନୀ ରଞ୍ଜନ ଷଡ଼ଙ୍ଗୀ, ହିଣ୍ଡାଲକୋର ଅବସରପ୍ରାପ୍ତ କର୍ମଚାରୀ ଇଂ.ରାକେଶ ଗୋୟଲ ଓ ତାଙ୍କ ପତ୍ନୀ ତଥା ଫାକଲ୍‌ଟି ମେମ୍ବର ରଶ୍ମିରଞ୍ଜନ ମହାପାତ୍ର, ଦେବାଶିଷ ରାୟଗୁରୁ, ସଙ୍ଗୀତା ଚାନ୍ଦ ପ୍ରମୁଖ ଉପସ୍ଥିତ ଥିଲେ । ଏହି ଚାରାରୋପଣ ଅଭିଯାନରେ ଓଏସ୍‌ଓୟୁ କ୍ୟାମ୍ପସ୍‌ରେ ୧୦୦ଟି ନଡ଼ିଆ ଚାରାରୋପଣ କରାଯାଇଥିଲା । କୁଳପତି ପ୍ରଫେସର ପଟ୍ଟନାୟକ ଏହି ଚାରାରୋପଣ ପ୍ରକଳ୍ପ ଜଳବାୟୁ ସନ୍ତୁଳନ ରକ୍ଷା ପାଇଁ ବିଶ୍ୱବିଦ୍ୟାଳୟର ଦାୟିତ୍ୱବୋଧ ସହ ଆର୍ଥିକ ଭାବେ ମଧ୍ୟ ଲାଭଜନକ ହେବ ବୋଲି କହିଛନ୍ତି ।

## ସାହାଣୀ କପ୍ ଫୁଟବଲ୍ ପ୍ରତିଯୋଗିତା: ବରଗଡ଼ ଦଳର ବୌଦ୍ଧ ଗସ୍ତ



**ବରଗଡ଼,୧୫।୭ (ସମିସ):** ଆନ୍ତଃ ଜିଲ୍ଲା ସାହାଣୀ କପ୍ ଫୁଟବଲ୍ ପ୍ରତିଯୋଗିତାରେ ଗତବର୍ଷ ରାଜ୍ୟରେ ଚାମ୍ପିଅନ ହୋଇଥିବା ବରଗଡ଼ ଜିଲ୍ଲାର ଦଳ ମଙ୍ଗଳବାର ବୌଦ୍ଧ ଗସ୍ତ କରିଛି । ଚଳିତ ବର୍ଷ ବୌଦ୍ଧ ଠାରେ ଆନ୍ତଃ ଜିଲ୍ଲା ସାହାଣୀ କପ୍ ଅନୁଷ୍ଠିତ ହେବ । ଏଥିପାଇଁ ବରଗଡ଼ ଦଳରେ ସାମିଲ ଥିବା ଖେଳାଳି ମାନେ ହେଲେ ସିଦ୍ଧାନ୍ତ ପ୍ରଧାନ (ଅଧିନାୟକ), ରୁଦ୍ର ପ୍ରସାଦ ପ୍ରଧାନ, ସିରାଜ୍ ଖାଁ, ସଞ୍ଜୀବ ଦଂଶନା, ଚନ୍ଦ୍ର ମୋହନ ମୁର୍ମୁ, ସଞ୍ଜୀବ ଓରାମ, ଜନସନ ବାନ୍ଦ୍ରା, ଉମାଶଙ୍କର ମୃତକିଆ, ଟିଙ୍କୁ ମଲ୍ଲିକ, ବୀରେନ ମହାକୁଡ, ସୁମିତ ମାଝୀ, ଅଭିଳାଷ ସୁନା, ଅଙ୍କିତ ବେହେରା, ସଂଜିତ ଖୋରା, ଜିତେନ୍ଦ୍ର ମେହେର, ଲିପନ କଠାର, ଅଂଶ ଛତ୍ରିଆ, ଶଙ୍କର ବରିହା, ପ୍ରଶାନ୍ତ ବାଗ, ରମ୍ୟରଞ୍ଜନ ପେଡା, ଆନନ୍ଦ ଓରାମ ଓ ଶୁଭ ବାଗ । ଦଳର କୋଚ ଭାବେ ରମାକାନ୍ତ ଦାଶ ଏବଂ ଅନିଲ ଦୀପ ମ୍ୟାନେଜର ରହିଛନ୍ତି । ଦଳରେ ସନ୍ତୋଷ ଟ୍ରଫି ଓ କଟକ ଲିଗ୍ ତଥା ରାଜ୍ୟରେ ଅନେକ ଗୁଡାଏ ପ୍ରତିଯୋଗିତାରେ ନିଜର କ୍ରୀଡା ପରାକାଷ୍ଠା ପ୍ରଦର୍ଶନ କରିଥିବା ବହୁ ପ୍ରତିଭାବାନ ଖେଳାଳି ରହିଥିବାରୁ ଚଳିତ ବର୍ଷ ମଧ୍ୟ ଦଳ ଭଲ ପ୍ରଦର୍ଶନ କରିବ ବୋଲି କ୍ରୀଡା ସଂସଦର କର୍ମକର୍ତ୍ତା ଆଶା ପୋଷଣ କରିଛନ୍ତି । ଜିଲ୍ଲା କ୍ରୀଡା ସଂସଦ ଉପସଭାପତି ଯୁଗଳ ପ୍ରସାଦ ସିଂ, ସାଧାରଣ ସମ୍ପାଦକ କିଶୋର ମିଶ୍ର, ପ୍ରାକ୍ତନ ସାଧାରଣ ସମ୍ପାଦକ ଅରୁଣ ମହାନ୍ତି ଓ ପ୍ରଭତାଦିତ୍ୟ ମିଶ୍ର, ଫାଓ ଉପସଭାପତି ରବି ପଣ୍ଡା, କ୍ରୀଡା ସଂସଦ କ୍ରୀଡା ସମ୍ପାଦକ ହରଦିପ ସିଂ, ଫୁଟବଲ୍ ସମ୍ପାଦକ ସେକ ସବଦର୍, କୋଷାଧ୍ୟକ୍ଷ ଡ.ଶୁଭ୍ରାଂଶୁ ଶେଖର ମହାପାତ୍ର, କ୍ରିକେଟ ସମ୍ପାଦକ ଅମିୟ ଭୂଷଣ ସାହୁ, ଆଉଟ୍‌ଡୋର ଗେମ୍ସ ସମ୍ପାଦକ ସୁରେଶ ଦାଶ, କାଉନସିଲ ସଦସ୍ୟ ପ୍ରଦୀପ ସାହୁ, ମହେନ୍ଦ୍ର ଦାଶ, ବିଷ୍ଣୁ ପ୍ରସାଦ ଧାନୁକା, ଦିଲୀପ ସାୱଡିଆ, ରଜତ ଦାଶ, ପ୍ରାକ୍ତନ ଖେଳାଳି ଜ୍ଞାନରଞ୍ଜନ ପୂଜାରୀ, ସଚ୍ଚିଦାନନ୍ଦ ପଣ୍ଡା, ପ୍ରେମାନାଥ ଗିରି, ଅତିଶ ପଣ୍ଡା, ନିରୋଜ ପ୍ରଧାନ, ବିକାଶ ବିଶ୍ୱାଳ ପ୍ରମୁଖ ଦଳକୁ ଶୁଭେଚ୍ଛା ଜଣାଇଛନ୍ତି ।

## ପ୍ରାକୃତିକ ଚାଷ ପାଇଁ ସିଆରପିଙ୍କୁ ସ୍ୱତନ୍ତ୍ର ତାଲିମ

**ବରଗଡ଼,୧୫।୭ (ସମିସ):** ରାସାୟନିକ ପଦ୍ଧତିରେ ହେଉଥିବା ଚାଷରୁ ଉତ୍ପନ୍ନ ଶସ୍ୟ ଦ୍ୱାରା ଜନସାଧାରଣ ବିଭିନ୍ନ ରୋଗର ଶିକାର ହେଉଥିବା ବେଳେ ସରକାର ପ୍ରାକୃତିକ ପଦ୍ଧତିରେ ଚାଷ କରିବା ନିମନ୍ତେ ଯୋଜନା



କରିଛନ୍ତି । ଚାଷୀ ଏବଂ ଜନସାଧାରଣଙ୍କ ପାଇଁ ଏହା ଏକ ଯୁଗାନ୍ତକାରୀ ପଦକ୍ଷେପ ହୋଇଛି । ଏହି ପରିପ୍ରେକ୍ଷୀରେ ପ୍ରାକୃତିକ ଚାଷ କରିବା ପାଇଁ ଝାରବନ୍ଧ ବ୍ଲକ୍‌ର ଚଣ୍ଡୀଭଟା ସତର୍କ ଅନୁଷ୍ଠାନ ଦ୍ୱାରା ପ୍ରାକୃତିକ ଚାଷ ବିଷୟରେ ସ୍ୱତନ୍ତ୍ର ତାଲିମ ଶିବିର ଆରମ୍ଭ ହୋଇଛି । କାର୍ଯ୍ୟକ୍ରମକୁ ଜିଲ୍ଲା ପ୍ରାକୃତିକ କୃଷି ଯୋଜନା ଅଧିକାରୀ ରାଜୀବ ଲୋଚନ ମିଶ୍ର ଉଦ୍‌ଘାଟନ କରିଥିଲେ । ଝାରବନ୍ଧ ବ୍ଲକ୍‌ରେ ଚଳିତ ବର୍ଷ ଦୁଇ ହଜାର ହେକ୍ଟର ପ୍ରାକୃତିକ ଚାଷ କରିବାର ଲକ୍ଷ୍ୟ ଥିବା ବେଳେ ଶିବିରରେ ୪୦ ଜଣ ସିଆରପିଙ୍କୁ ଏକ ହଜାର ହେକ୍ଟର ପ୍ରାକୃତିକ ଚାଷ ପାଇଁ ତାଲିମ ପ୍ରଦାନ କରାଯାଉଛି । ଜିଲ୍ଲା ପ୍ରାକୃତିକ କୃଷି ଯୋଜନା ଅଧିକାରୀ ରାଜୀବ ଲୋଚନ ମିଶ୍ର ପ୍ରାକୃତିକ ପଦ୍ଧତିରେ କଳାଧାନକୁ ବହୁ ମାତ୍ରାରେ ଚାଷ କରି ଉତ୍ପାଦନ କରିବା ପାଇଁ କହିଥିଲେ । ଚଣ୍ଡୀଭଟାର କଳାଧାନର ବିଦେଶରେ ମଧ୍ୟ ବେଶ୍ ଚାହିଦା ଥିବା ଦେଖିବାକୁ ମିଳିଛି । ତାଲିମ ଶିବିରରେ ବ୍ଲକ୍ କୃଷି ଅଧିକାରୀ ନୀତା ଶବର, ଏଏଓ ପୁଷ୍ପକ ନାଏକ, ମାଷ୍ଟର ଟ୍ରେନର ଶାନ୍ତନୁ ପ୍ରଧାନ, ବସନ୍ତ ନାୟକ, ମୁଖ୍ୟ ସମ୍ପାଦକ ବକାଶ ନାୟକ ପ୍ରମୁଖ ଉପସ୍ଥିତ ଥିଲେ । ବିଷ ମୁକ୍ତ ଖାଦ୍ୟ, ମାଟି ପରୀକ୍ଷା, ଜୈବିକ ଏବଂ ସବୁଜ ଖତ ପ୍ରୟୋଗ ବିଷୟରେ ଆଲୋଚନା ହୋଇ ତାଲିମ ପ୍ରଦାନ କରାଯାଇଥିଲା । ଏହି ତାଲିମ ଶିବିର ୫ ଦିନ ପର୍ଯ୍ୟନ୍ତ ଚାଲିବ ବୋଲି ସୂଚନା ରହିଛି ।

## ନିଷ୍ଠା ପରିବାର ପକ୍ଷରୁ ନିଃଶୁଳ୍କ କ୍ୟାନସର ପରୀକ୍ଷା ଶିବିର

**ବରଗଡ଼,୧୫।୭ (ସମିସ):** ବରଗଡ଼ ସ୍ୱୟଂସିଦ୍ଧା ଭବନରେ ନିଷ୍ଠା ପରିବାର ଓ ବାଲକୋ ମେଡିକାଲ ସେଣ୍ଟର ନୂଆଁରାୟପୁରର ମିଳିତ ଆନୁକୂଲ୍ୟରେ ନିଃଶୁଳ୍କ କ୍ୟାନସର ପରୀକ୍ଷା ଶିବିର ମଙ୍ଗଳବାର ଅନୁଷ୍ଠିତ ହୋଇଛି । ଜିଲ୍ଲାର ମୁଖ୍ୟ ଚିକିତ୍ସାଧିକାରୀ କୁବେର ଚନ୍ଦ୍ର ମହାନ୍ତ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଫିତା କାଟି ଶିବିରର ଶୁଭାରମ୍ଭ କରିଥିଲେ । ମ୍ୟାମୋଗ୍ରାଫି




ଭ୍ୟାନରେ ମାଗଣା ମ୍ୟାମୋଗ୍ରାଫି ସହ ପ୍ୟାପସିମିୟର ପରୀକ୍ଷା କରାଯାଇଥିଲା । ଶିବିରରେ ବାଲକୋ ମେଡିକାଲ ସେଣ୍ଟର ରାୟପୁରର ଡ.ଶ୍ରବଣ ନାଦକର୍ଣୀ, ଡ.ହେମଲତା ସିଂ, ସତ୍ୟପ୍ରକାଶ ଆଚାର୍ଯ୍ୟ, ରାମେଶ୍ୱର ତ୍ରିପାଠୀ ଏବଂ ବାଲକୋ ମେଡିକାଲ ସେଣ୍ଟର, ନୂଆରାୟପୁରର ମେଡିକାଲ କର୍ମଚାରୀଙ୍କ ସମେତ ନିଷ୍ଠା ପରିବାରର ଉପଦେଷ୍ଟା ଆଶିଷ କର, ସଭାପତି ଅଶ୍ୱିନୀ ତ୍ରିପାଠୀ, ଉପସଭାପତି ସଚି ପଣ୍ଡା, ସମ୍ପାଦକ ଲୋକନାଥ ସାହୁ, କୋଷାଧ୍ୟକ୍ଷ ଶ୍ୟାମ ସୁନ୍ଦର ସାହୁ ଏବଂ ଅନ୍ୟ ସଦସ୍ୟ ମାନେ ଉପସ୍ଥିତ ରହି ସହଯୋଗ କରିଥିଲେ । ଶିବିରରେ ମୋଟ ୫୩ ଜଣ ରୋଗୀଙ୍କର ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା । ଶିବିର ଆୟୋଜନ କରିଥିବାରୁ ନିଷ୍ଠା ପରିବାର ତରଫରୁ ସ୍ମୃତିଫଳକ ବାଲକୋ ମେଡିକାଲ ସେଣ୍ଟରଙ୍କୁ ପ୍ରଦାନ କରି ସମ୍ବର୍ଦ୍ଧିତ କରାଯାଇଥିଲା ।

## ମାସିକ ଧର୍ମ ସଚେତନତା କାର୍ଯ୍ୟକ୍ରମ

**ପାଇକମାଲ,୧୫।୭ (ସମିସ):** ପାଇକମାଳ ସରକାରୀ ଉଚ୍ଚ ବିଦ୍ୟାଳୟ ପ୍ରେକ୍ଷାଳୟରେ ମହାଶକ୍ତି ଫାଉଣ୍ଡେସନ ତରଫରୁ ପ୍ରଧାନଶିକ୍ଷକ ଡ.ଦ୍ୱାଦଶ ପ୍ରଧାନଙ୍କ ଅଧ୍ୟକ୍ଷତାରେ ମାସିକ ଧର୍ମ ସଚେତନତା ଓ ଶିକ୍ଷଣ କାର୍ଯକ୍ରମ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି । ଏଥିରେ ହାଇସ୍କୁଲ ଏବଂ ଟିଓୟୁପି ସ୍କୁଲର ୯୧ ଛାତ୍ରୀ ଅଂଶଗ୍ରହଣ କରିଥିଲେ । ମୁଖ୍ୟ ଅତିଥି ଭାବେ ଓଡ଼ିଶା ପେଡ୍ ଗାଲ୍‌ର୍ ପାୟଲ ପଟେଲ ଯୋଗ ଦେଇ ମାସିକ ଧର୍ମ ସମ୍ପର୍କରେ ଥିବା ଅନ୍ଧବିଶ୍ୱାସ ଦୂର କରି, ସେ ସମୟରେ ସ୍ୱାସ୍ଥ୍ୟର ଯତ୍ନ ସହ ଅନେକ ବିଷୟରେ ସଚେତନତା ସୃଷ୍ଟି କରିଥିଲେ । ସ୍ୱାସ୍ଥ୍ୟ ଅଧିକାରୀ ପ୍ରଜ୍ଞା ବାରିକ ଛାତ୍ରୀ ମାନଙ୍କୁ ସମାଜର ଅନ୍ୟ ମାନଙ୍କ ପାଇଁ ଏଥିପାଇଁ ବାର୍ତ୍ତାବହ ହେବା ପାଇଁ ଆହ୍ୱାନ ଦେଇଥିଲେ । ବ୍ଲକ୍ ସଂଯୋଜକ ମିତ୍ରଭାନୁ ସାହୁ ଏହାକୁ ପରିଚାଳନା କରିଥିବା ବେଳେ ତ୍ରିଲୋଚନ ନାୟକ ଅତିଥି ପରିଚୟ ଓ ଧନ୍ୟବାଦ ଅର୍ପଣ କରିଥିଲେ ।

## ବିଶ୍ୱ ଯୁବ ଦକ୍ଷତା ଦିବସ




**ହିରାକୁଦ,୧୫।୭ (ସମିସ):** ବରାଇପାଲି ସ୍ଥିତ ହିଣ୍ଡାଲକୋ, ଦକ୍ଷତା ବିକାଶ କେନ୍ଦ୍ରରେ ବିଶ୍ୱ ଯୁବ ଦକ୍ଷତା ଦିବସ ପାଳିତ ହୋଇଯାଇଛି । କାର୍ଯ୍ୟକ୍ରମରେ ସମ୍ବଲପୁରର ଡେପୁଟି କଲେକ୍ଟର ବିକାଶ ରଞ୍ଜନ ସବର ମୁଖ୍ୟ ଅତିଥି ଏବଂ ହିଣ୍ଡାଲକୋ ହୀରାକୁଦର ମାନବସମ୍ବଳ ମୁଖ୍ୟ ବିଶ୍ୱାସ ସିନ୍ଦେ ସମ୍ମାନିୟ ଅତିଥି ଭାବରେ ଯୋଗ ଦେଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ । ଡେପୁଟି କଲେକ୍ଟର ବିକାଶ ରଞ୍ଜନ ସବର ହିଣ୍ଡାଲକୋର ଦକ୍ଷତା ବିକାଶ କେନ୍ଦ୍ରରେ ଯୁବଶକ୍ତିର ଦକ୍ଷତା ବିକାଶ ପାଇଁ କରିଥିବା ପ୍ରାୟସକୁ ସାଧୁବାଦ ଜଣାଇବା ସହ ଯୁବସମାଜ ସୁଯୋଗ ନେବାକୁ ଆହ୍ୱାନ କରିଥିଲେ । ଆଦିତ୍ୟ ବିର୍ଲା ସ୍କିଲସ ସେଣ୍ଟର ମୁଖ୍ୟ ମନୋରଂଜନ ମାହାକୁଡ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ । ଅନ୍ୟଅତିଥିଙ୍କ ମଧ୍ୟରେ ଲ୍ୟାଣ୍ଡ ଏବଂ କର୍ପୋରେଟ ବ୍ୟାପାର ମୁଖ୍ୟ ବିଘ୍ନେଶ୍ୱର ପଣ୍ଡା, ହୀରାକୁଦର ପାରିପାର୍ଶ୍ୱିକ ଉନ୍ନୟନ ବିଭାଗର ମୁଖ୍ୟ ଶୁକାନ୍ତ କୁମାର ମହାପାତ୍ର, ଆନନ୍ଦ ଚକ୍ରବର୍ତ୍ତି, ଆଦିତ୍ୟ ଏଲୁମିନିୟମର ପାରିପାର୍ଶ୍ୱିକ ଉନ୍ନୟନ ବିଭାଗର ମୁଖ୍ୟ ରବି ନିବାସ ଓ ମନୋରଂଜନ ବେହେରା ଉପସ୍ଥିତ ଥିଲେ । ଆଦିତ୍ୟ ବିର୍ଲା ସ୍କିଲ୍ସ ସେଣ୍ଟର ସ୍ଥାନୀୟ ଯୁବ ପ୍ରତିଭାମାନେ ବିଶ୍ୱ ଯୁବ ଦକ୍ଷତା ଦିବସକୁ ଅତ୍ୟନ୍ତ ଉତ୍ସାହର ସହିତ ପାଳନ କରିଛନ୍ତି । ମିନି ଏସି ଏବଂ ପବନ ଶକ୍ତି ଉତ୍ପାଦନର ଉପରେ ମଡେଲ ପ୍ରଦର୍ଶନ କରିଥିଲେ । କାର୍ଯ୍ୟକ୍ରମରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ଦୁଇଟି ସମ୍ବଲପୁରୀ ନୃତ୍ୟ ଦର୍ଶକ ଓ ଅତିଥିମାନଙ୍କର ମନମୁଗ୍ଧ କରିଥିଲା । କାର୍ଯ୍ୟକ୍ରମ ଗୁଡିକ ମଧ୍ୟରେ ଫ୍ୟାଶନ୍ ଶୋ, ବିଶେଷ ଆକର୍ଷଣୀୟ ହୋଇଥିଲା । ଶୋ'କୁ ଫ୍ୟାଶନ୍ ଟେକ୍ନିସିଆନ୍ ଟ୍ରେଡର ଛାତ୍ରୀମାନେ ବେଶ ସତର୍କତାର ସହିତ ଡିଜାଇନ୍ ଓ ସିଲେଇ କରିଥିବା ସହ ପୋଷାକଗୁଡ଼ିକୁ ଉପସ୍ଥାପନ କରିଥିଲେ । କାର୍ଯ୍ୟକ୍ରମକୁ ସଫଳ କରିବାରେ ଆଦିତ୍ୟ ବିର୍ଲା ସ୍କିଲସ ସେଣ୍ଟର ସମସ୍ତ କର୍ମଚାରୀ ସହଯୋଗ କରିଥିଲେ ।

# ଏବିଭିପି ପକ୍ଷରୁ ଭୀମଭୋଇ କଲେଜ ସମ୍ମୁଖରେ ବିକ୍ଷୋଭ






**ରେଢ଼ାଖୋଲ,୧୫।୭ (ସମିସ):** ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ଭୀମଭୋଇ ମହାବିଦ୍ୟାଳୟ ସମ୍ମୁଖରେ ମଙ୍ଗଳବାର ଦିନ ରେଢ଼ାଖୋଲ ନଗର ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ ପକ୍ଷରୁ ବାଲେଶ୍ୱର ଫକିର ମୋହନ ସଙ୍ଘ ଶାସିତ ମହାବିଦ୍ୟାଳୟର ଅଧ୍ୟାପକ ଦ୍?ାରା ଜଣେ ନିରୀହ ଛାତ୍ରୀ ସୌମ୍ୟାଶ୍ରୀ ଯୌନ ନିର୍ଯାତନାର ଶିକାର ହୋଇ ୩ ଦିନ ଧରି ମୃତ୍ୟୁ ସହିତ ସଂଗ୍ରାମ କରି ଜୀବନ ଯୁଦ୍ଧରେ ହାରି ଯାଇଛନ୍ତି । ଏହାକୁ ବିରୋଧ କରି ନଗର ଏବିଭିପି ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରିଥିଲେ । ତା ସହିତ ଆଗାମୀ ଦିନରେ କୌଣସି କଲେଜ ପରିସରରେ ଏଭଳି ଜଘନ୍ୟ ଅପରାଧ ନ ହେଉ । ଆଇସିସି କମିଟି ଉପରେ ସିବିଆଇ ଯାଞ୍ଚ କରାଯାଉ ବୋଲି ସଂଗଠନର ଛାତ୍ରଛାତ୍ରୀମାନେ ଦାବି ରଖିଛନ୍ତି । ତା ସହିତ ଅଧ୍ୟାପକର ଅକଥନୀୟ ଅତ୍ୟାଚାର ପରେ ପ୍ରାଣ ଆତ୍ମାହୁତି ଦେଇଥିବା ସୌମ୍ୟାଶ୍ରୀଙ୍କ ଆତ୍ମାର ସଦ୍‌ଗତି ଲାଗି ରଘୁନାଥ ମନ୍ଦିରରେ ଦୀପ ପ୍ରଜ୍ୱଳନ କରି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଛି । ସମ୍ବଲପୁର ଜିଲ୍ଲା ସଂଯୋଜକ ରାଜା ପ୍ରଧାନ, ରେଢ଼ାଖୋଲ ନଗର ସହ ସମ୍ପାଦିକା ଅର୍ଚ୍ଚିତା ଦେହୁରୀ , ରାକେଶ ଦେହୁରୀ, ବାଦଲ ପ୍ରଧାନ, ସିଲକନ ପ୍ରଧାନ ,ଶିବାନୀ ମୁଣ୍ଡା , ରାଜାରାମ ରଣା, ଅଙ୍କିତ ପ୍ରଧାନ ପ୍ରମୁଖ ସମେତ ଅନ୍ୟ ସଦସ୍ୟମାନେ ସାମିଲ ଥିଲେ ।

### ସୌମ୍ୟାଶ୍ରୀଙ୍କୁ ନ୍ୟାୟ ଦାବି

**କୁଚିଣ୍ଡା:** ବାଲେଶ୍ୱର ଏଫ୍‌ଏମ୍ କଲେଜ ଛାତ୍ରୀ ସୌମ୍ୟାଶ୍ରୀଙ୍କୁ ନ୍ୟାୟ ଦାବିରେ ମୁଖ୍ୟମନ୍ତ୍ରୀ ଉପମୁଖ୍ୟମନ୍ତ୍ରୀ ଏବଂ ଉଚ୍ଚଶିକ୍ଷାମନ୍ତ୍ରୀଙ୍କ ଇସ୍ତଫା ଦାବି କରାଯାଇଛି । ପ୍ରଶାସନିକ ଅବହେଳା ପାଇଁ ନିରୀହ କଲେଜ ଛାତ୍ରୀ ସୌମ୍ୟାଶ୍ରୀଙ୍କ ଆତ୍ମାହୁତି ଉଦ୍ୟମ ଏବଂ ଶେଷରେ ମୃତ୍ୟୁ ହୋଇଥିବା ଘଟଣା ସମଗ୍ର ରାଜ୍ୟବାସୀଙ୍କୁ ବ୍ୟଥିତ କରିଛି । ଏହା ପ୍ରତିବାଦରେ କୁଚିଣ୍ଡା କଂଗ୍ରେସ ଭବନ ଠାରେ ପୂର୍ବ ନଗରପାଳ ଅଖିଳ ପ୍ରତାପ ସିଂଙ୍କ ସଭାପତିତ୍ୱରେ ଆଗାମୀ ୧୭ ତାରିଖ ଦିନ ଓଡିଶା ବନ୍ଦ ଡାକରାରେ ସାମିଲ ହେବା ସହିତ ବନ୍ଦକୁ ସଫଳ କରିବା ପାଇଁ ସଭା ହୋଇଥିଲା । ସଭାରେ ସୌମ୍ୟାଶ୍ରୀଙ୍କ ମୃତ୍ୟୁକୁ ନେଇ ନିରବ ପ୍ରାର୍ଥନା ମାଧ୍ୟମରେ ଶୋକ ବ୍ୟକ୍ତ କରିଥିଲେ । ସଭାରେ ଦୁର୍ଗା ମାଧବ ସାହୁ, ସଞ୍ଜିତ କୁମାର ଶର୍ମା, ଟୁନା ମହାନନ୍ଦ, ଡଃ ଶରତ ଗୈନ୍ତିଆ, ଆଶିଷ ସିଂ, ଜିତେନ୍ଦ୍ର ସାହୁଙ୍କ ସମେତ ବହୁ କଂଗ୍ରେସ କର୍ମୀ ଓ ନେତୃ ମଣ୍ଡଳୀ ଉପସ୍ଥିତ ଥିଲେ ।

## ସବୁଠି ପ୍ରତିବାଦର ସ୍ୱର

# କିଏ ଫେରାଇବ ସୌମ୍ୟାଶ୍ରୀଙ୍କ ଜୀବନ

ବରଗଡ଼,୧୫।୭ (ସମିସ)

ବହୁ ଚର୍ଚ୍ଚିତ ବାଲେଶ୍ୱର ଏଫ୍‌ଏମ୍ କଲେଜ ଛାତ୍ରୀ ସୌମ୍ୟାଶ୍ରୀଙ୍କ ମୃତ୍ୟୁ ମାମଲା ସାରା ରାଜ୍ୟରେ ଆଲୋଡନ ସୃଷ୍ଟି କରଛି। ସେପଟେ ଆମ୍ ଘୋଷିତ ଲୋକଙ୍କ ସରକାର ବୋଲାଉଥିବା ରାଜ୍ୟ ବିଜେପି ସରକାର ସାଧାରଣ ଜନତାଙ୍କୁ କିପରି ସୁରକ୍ଷା ଦେଉଛନ୍ତି ତାର ନଗ୍ନ ଚିତ୍ର ଆଜି ସାରା ଭାରତ ବର୍ଷରେ ଓଡ଼ିଶାକୁ ଲଜ୍ଜିତ କରିଛି। ଏହି ଘଟଣା ରାଜ୍ୟ ସରକାରଙ୍କ ଅପାରଗ ପଣିଆକୁ ପଦାରେ ପକାଇ ଦେଇଛି। ମହିଳାଙ୍କୁ ସୁରକ୍ଷା ଦେବାରେ ରାଜ୍ୟ ସରକାର ବିଫଳ ହୋଇଥିବା ବେଳେ ଦିନକୁ ଦିନ ରାଜ୍ୟରେ ମହିଳାଙ୍କ ଜୀବନ ବିପନ୍ନ ହେବାରେ ଲାଗିଛି। ସ୍ଥାନୀୟ ବିଜେପି ବିଧାୟକ, ସାଂସଦ ପ୍ରତାପ ଷଡଙ୍ଗୀ ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ, କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ମୁଖ୍ୟମନ୍ତ୍ରୀ ମୋହନ ମାଝୀଙ୍କ ଭଳି ପ୍ରମୁଖ ବିଜେପି ନେତାଙ୍କୁ ଏଫ୍‌ଏମ୍ କଲେଜର ପୀଡ଼ିତା ଛାତ୍ରୀ ସୌମ୍ୟାଶ୍ରୀ ଜଣେ ଅଧ୍ୟାପକଙ୍କ ଦ୍ୱାରା ଯୌନ ଶୋଷଣର ଶିକାର ହେଉଥିବା ଉଲ୍ଲେଖ କରି ନ୍ୟାୟ ଭିକ୍ଷା କରିଥିଲେ। କିନ୍ତୁ ତାଙ୍କ ଆକୁଳ ନିବେଦନ ପ୍ରତି ରାଜ୍ୟ ସରକାର ନିଦାବିଷ୍ଟୁ ସାଜି ଅଣଦେଖା କରିଥିଲା। ଶେଷରେ ସେ ଆତ୍ମାହୁତି ଦେବା ଘଟଣା ସମଗ୍ର ରାଜ୍ୟ ଓ ଦେଶବାସୀଙ୍କୁ ସ୍ତବ୍ଧ କରିଦେଇଛି ବୋଲି ବରଗଡ଼ ବିଜୁ ଯୁବ ଛାତ୍ର ଜନତା ଦଳ ପକ୍ଷରୁ ଅଭିଯୋଗ କରାଯାଇଛି। ଗାନ୍ଧୀ ଛକ ଠାରେ ବିଜେଡି ପକ୍ଷରୁ ରାଜ୍ୟ ସରକାରଙ୍କ ବିରୋଧରେ ବିକ୍ଷୋଭ ପ୍ରଦର୍ଶନ ସମୟରେ ଅପାରଗ ମୁଖ୍ୟମନ୍ତ୍ରୀ ଓ ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜଙ୍କ କୁଶପୁତ୍ତଳିକା ଦାହ କରାଯାଇଛି। ଏହି ଅବସରରେ ଜିଲ୍ଲା ବିଜେଡି ସଭାପତି ସୁଶାନ୍ତ ମହାପାତ୍ର, ପୂର୍ବତନ ବରଗଡ଼ ବିଧାୟକ ଦେବେଶ ଆଚାର୍ଯ୍ୟ, ପୌରାଧ୍ୟକ୍ଷ କଳ୍ପନା ମାଝୀ, ଉପାଧ୍ୟକ୍ଷ ରାଜେଶ ଅଗ୍ରୱାଲ, ଟାଉନ ବିଜେଡି ସଭାପତି କିଶୋର ମିଶ୍ର, ବ୍ଲକ୍ ବିଜେଡି ସଭାପତି ପ୍ରଫୁଲ୍ଲ ନାଏକ, ଛାତ୍ର ନେତା କରନ ସିକନ୍ଦର, ଉମା ଚରଣରାଉତ, ପିକୁନ ମହାନ୍ତି, ଅକ୍ରୁର ବାରିକ, ସୁନିତି ପଣ୍ଡା, ଜ୍ୟୋତ୍ସ୍ନା ପାଇକ, ରାଜୁ ଦାଶ, ରୋଷନ୍ ପ୍ରଧାନ, ବେଦମତି ସେଟ୍, ତୁଷାର ସ୍ୱାଇଁ, ଅନିଲ ଦଳାଇ, ରବି ସାହୁ, ରୋହିତ ବାରିକ ଅବିନାଶ ମଲ୍ଲିକ, ଅନୁପ ଶତପଥୀ, କବିତା ବେହେରା, ବେଲାର ମେହେର, ସୁରୁ ପ୍ରଧାନ ଅବିନାଶ ମଲ୍ଲିକ, ଅଶ୍ୱିନୀ ସରାଫ ପ୍ରମୁଖ ଉପସ୍ଥିତ ଥିଲେ। ରାଜ୍ୟ ବିଜେପି ସରକାରର ଶାସନ ବ୍ୟବସ୍ଥାକୁ କଟୁ ସମାଲୋଚନା କରିବା ସହ ସାଧାରଣ ଜନତାଙ୍କୁ ଏ ସରକାର ସୁରକ୍ଷା ଦେବାରେ ବିଫଳ ହୋଇଥିବାରୁ ଶାସନରେ ରହିବାର ନୈତିକ ଅଧିକାର ନାହିଁ ବୋଲି ଉଲ୍ଲେଖ କରିଥିଲେ। ଯେଉଁ ଶାସନ ବ୍ୟବସ୍ଥାର ଉଦାସୀନତା ଓ ଅପାରଗତା ପାଇଁ ଛାତ୍ରୀଟ ଜଣକର ଜୀବନ ଚାଲିଗଲା; ସେହି ବ୍ୟବସ୍ଥାରେ ମୃତ ସୌମ୍ୟାଶ୍ରୀର ଜୀବନ ଫେରାଇବ କିଏ ବୋଲି ରାଜ୍ୟ ବିଜେପି ସରକାରଙ୍କୁ ବିଜେଡି ନେତୃ ମଣ୍ଡଳୀ ପ୍ରଶ୍ନ କରିଛି।




### ବିକ୍ଷୋଭ ପ୍ରଦର୍ଶନ କରି ରାଜ୍ୟ ସରକାରଙ୍କୁ ଜବାବ ମାଗିଲା ବିଜେଡି

## ବିଜେଡି ତରଫରୁ ମୁଖ୍ୟମନ୍ତ୍ରୀଙ୍କ କୁଶପୁତ୍ତଳିକା ଦାହ



ପଦ୍ମପୁର,୧୫।୭ (ସମିସ): ପଦ୍ମପୁର ଭେଁଡରିଆ ଛକରେ ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟର ଛାତ୍ରୀ ସୌମ୍ୟାଶ୍ରୀ ବିଶିଙ୍କ ମୃତ୍ୟୁର ନ୍ୟାୟ ଦାବିରେ ବିକ୍ଷୋଭ ପ୍ରଦର୍ଶନ କରି ବିଜୁ ଯୁବ ଓ ଛାତ୍ର ଜନତା ଦଳ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜଙ୍କ କୁଶପୁତ୍ତଳିକା ଦାହ କରିଛି। ସୌମ୍ୟାଶ୍ରୀଙ୍କ ପାଇଁ ବିଜୁ ଜନତା ଦଳ କାର୍ଯ୍ୟାଳୟ ଠାରେ ଶୋକସଭା ଅନୁଷ୍ଠିତ ହୋଇଥିଲା। ପରେ ଶୋଭାଯାତ୍ରାରେ ବାହାରି ଯୁବନେତା ଭୋଜରାଜ ସିଂ ବରିହାଙ୍କ ନେତୃତ୍ୱରେ ବରିଷ୍ଠ ନେତା ପ୍ରଶାନ୍ତ ମହାନ୍ତି, ଟାଉନ ସଭାପତି ନବ କିଶୋର ସାହୁ, ଭରତ ପଣ୍ଡା, ସରଜୁ ପଟ୍ଟନାୟକ, ସୌମ୍ୟ ହୋତା, ନବୁ ଅଗ୍ରୱାଲ, ଅଚ୍ୟୁତାନନ୍ଦ ସେଠ୍, ଠାକୁର ପଣ୍ଡା, ବୀର୍ ଶର୍ମା ପ୍ରମୁଖଙ୍କ ସହ ଛାତ୍ରମାନେ ଓ ବିଜେଡି କର୍ମୀ ରାଜ୍ୟରେ ନାରୀ ଅସୁରକ୍ଷା ସମ୍ପର୍କରେ ରାଜ୍ୟ ସରକାରଙ୍କ ବିରୋଧରେ ନାରାବାଜି କରିବା ସହିତ ଇସ୍ତଫା ଦାବି କରିଥିଲେ।

## ଛାତ୍ରୀ ମୃତ୍ୟୁକୁ ନେଇ ଗର୍ଜିଲା ଛାତ୍ର କଂଗ୍ରେସ

ବରଗଡ଼,୧୫।୭ (ସମିସ): ଏଫ୍‌ଏମ୍ କଲେଜ ଛାତ୍ରୀଙ୍କ ମୃତ୍ୟୁ ଘଟଣାକୁ ନେଇ ଗାନ୍ଧୀଛକରେ ବିଜେପି ବିରୋଧରେ ବରଗଡ଼ ଛାତ୍ର କଂଗ୍ରେସ ଗର୍ଜିଛି। ମଙ୍ଗଳବାର ଏଫ୍‌ଏମ୍ କଲେଜ ଛାତ୍ରୀଙ୍କ ମୃତ୍ୟୁ ଘଟଣାରେ କଂଗ୍ରେସ ପକ୍ଷରୁ ସମ୍ପୃକ୍ତ ଦୋଷୀକୁ ଫାଶୀ ଦଣ୍ଡ ସହ ମୁଖ୍ୟମନ୍ତ୍ରୀ ଓ ଶିକ୍ଷାମନ୍ତ୍ରୀଙ୍କ ଇସ୍ତଫା ଦାବି କରାହୋଇଛି। ଛାତ୍ରୀ ଜଣକ କଲେଜ କର୍ତ୍ତୃପକ୍ଷ, ଜିଲ୍ଲା ପ୍ରଶାସନ



ଓ ସ୍ଥାନୀୟ ପ୍ରତିନିଧି ମାନଙ୍କୁ ନିଜ ସମସ୍ୟା ଜଣାଇଥିଲେ ମଧ୍ୟ କେହି ସମସ୍ୟା ପ୍ରତି ଧ୍ୟାନ ଦେଇ ନ ଥିଲେ। ତାଙ୍କ ଅବହେଳା ଯୋଗୁଁ ଆଜି ଜଣେ ନିରୀହ ଛାତ୍ରୀଙ୍କ ଜୀବନ ଯାଇଥିବା ବେଳେ ନ୍ୟାୟ ଦାବିରେ ଛାତ୍ର କଂଗ୍ରେସ ରାଜରାସ୍ତାକୁ ଓହ୍ଲାଇଛି। ରାଜ୍ୟ ଛାତ୍ର କଂଗ୍ରେସର ଉପସଭାପତି ଗୌରବ ପତି ଆଜାଦଙ୍କ ସହ ବହୁ ସଂଖ୍ୟାରେ ଛାତ୍ର କଂଗ୍ରେସର ସଦସ୍ୟ ସାମିଲ ହୋଇ ନ୍ୟାୟ ଦାବି କରିଛନ୍ତି। ଦାବି ପୂରଣ ନ ହେଲେ ଆଗାମୀ ଦିନରେ ଭୟାଭୟ ଆନ୍ଦୋଳନ ହେବ ବୋଲି ଚେତାବନୀ ଦେଇଛନ୍ତି।

## ସୌମ୍ୟାଶ୍ରୀଙ୍କ ମୃତ୍ୟୁ ଘଟଣାର ବିଚାର ବିଭାଗୀୟ ତଦନ୍ତ ଦାବି

ବରଗଡ଼,୧୫।୭ (ସମିସ): ବାଲେଶ୍ୱର ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟର ଛାତ୍ରୀ ସୌମ୍ୟାଶ୍ରୀ ବିଶିଙ୍କ ମୃତ୍ୟୁ ଏକ ହତ୍ୟା ପର୍ଯ୍ୟାୟ ଜଘନ୍ୟ ଘଟଣା ଏବଂ ହାଇକୋର୍ଟର ସିଟିଂ ଜର୍ଜଙ୍କ ଦ୍ୱାରା ବିଚାର ବିଭାଗୀୟ ତଦନ୍ତ କରାଯିବାକୁ ବରଗଡ଼ ମହିଳା ସମିତି ସରକାରଙ୍କ ଠାରେ ଦାବି ଜଣାଇଛି। ଆଜି ସମିତିର ସଦସ୍ୟା ଗୀତା ମିଶ୍ରଙ୍କ ସଭାପତିତ୍ୱ ଏବଂ ସମ୍ପାଦିକା ଶୁଧାଂଶୁବାଳା ଦାଶଙ୍କ ପରିଚାଳନାରେ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ସୌମ୍ୟାଶ୍ରୀ ବିଶି ଏବଂ ସାମ୍ବାଦିକା ସୀମନ୍ତିକା ନନ୍ଦଙ୍କ ବିୟୋଗରେ ସମିତି ସଭ୍ୟା ମମତା ମିଶ୍ର ଓ ବିନୋଦିନୀ ପଧାନ ଶୋକ ପ୍ରସ୍ତାବ ଆଗତ କରିଥିଲେ। ନିଜ ଅଧ୍ୟାପକ ଗୁରୁଙ୍କ ଦ୍ୱାରା ଯୌନ ଉତ୍ପୀଡନର ଶିକାର ସୌମ୍ୟାଶ୍ରୀ ନ୍ୟାୟ ଆଶାରେ ଦୀର୍ଘ ୬ ମାସ ଧରି ଲଢ଼େଇ କରି, ସୁରକ୍ଷା ଆଶାରେ ବାର ଦୁଆର ହେବାପରେ ହତାଶ ହୋଇପଡିଥିଲେ। ଶେଷରେ ଆତ୍ମାହୁତି ଦେବା ପାଇଁ ଚରମ ପଦକ୍ଷେପ ନେଲେ। ତାଙ୍କ ଗୁହାରୀ କେହି ଜଣେ ହେଲେ ଶୁଣିଥିଲେ, ଛାତ୍ରୀ ନିଜ ଦେହରେ ନିଆଁ ଲଗାଇ ମୃତ୍ୟୁକୁ ଶ୍ରେୟମଣି ନଥାନ୍ତେ। ଶୋକସଭାରେ ସୌମ୍ୟାଶ୍ରୀଙ୍କ ମୃତ୍ୟୁକୁ ଏକ ଜଘନ୍ୟ ହତ୍ୟା ଭାବେ ସମିତି ବିଚାର କରେ ବୋଲି କୁହାଯାଇଥିଲା। ଏହାସହ ଘଟଣାର ତଦନ୍ତ ହାଇକୋର୍ଟର ସିଟିଂ ଜର୍ଜଙ୍କ ଦ୍ୱାରା କରାଯାଇ ଏଥିପାଇଁ ଦାୟୀ ସମସ୍ତଙ୍କ ବିରୁଦ୍ଧରେ କଠୋର କାର୍ଯ୍ୟାନୁଷ୍ଠାନ ପାଇଁ ସରକାରଙ୍କ ଠାରେ ସମିତି ଦୃଢ଼ ଦାବି ଜଣାଇଛି। ଏହା ସାଙ୍ଗକୁ ସୌମ୍ୟାଶ୍ରୀଙ୍କ ପରିବାର ବର୍ଗଙ୍କୁ ସମିତି ପକ୍ଷରୁ ଗଭୀର ସମବେଦନା ଜ୍ଞାପନ କରାଯାଇଛି। ଅନ୍ୟ ଏକ ଶୋକ ପ୍ରସ୍ତାବରେ ଦୈନିକ ସମ୍ବାଦପତ୍ରର ପୂର୍ବତନ ବରଗଡ଼ ଜିଲ୍ଲା ପ୍ରତିନିଧି ସୀମନ୍ତିକା ନନ୍ଦଙ୍କ ଆକାଳ ବିୟୋଗ ଯୋଗୁଁ ସମିତି ପକ୍ଷରୁ ଗଭୀର ଶୋକ ପ୍ରକାଶ କରାଯାଇଥିଲା। ସଦସ୍ୟାଗଣ ଡ.କମଳିନୀ ଶତପଥୀ, କନକ ପଧାନ, ସୁନିତା କର, ସ୍ୱାଧିନୀ ଦାଶ, ମାମୀ ମିଶ୍ର, ବାସନ୍ତୀ ଗଡତିଆ, ପ୍ରଣତି ପଣ୍ଡା, ଜୟଗୀତା ପଣ୍ଡା, ଜୟନ୍ତୀ ପ୍ରଧାନ, ଅନିମା ଚକ୍ରବର୍ତ୍ତୀ, ଭାଗ୍ୟଲକ୍ଷ୍ମୀ ଦୋରା, ଭାରତୀ ମିଶ୍ର, ତନିମା ଦାଶ, ସୁଜାତା ପଣ୍ଡା, ପଦ୍ମିନୀ ସାହୁ, ରାଧାରାଣୀ ପଟ୍ଟନାୟକ, ମୀନା ପଣ୍ଡା, ଦିବ୍ୟକାନ୍ତି ଭୋଇ, ପ୍ରତିମା ପାତ୍ର, ସୌଭାଗ୍ୟଲକ୍ଷ୍ମୀ ମିଶ୍ର, ସଂଘମିତ୍ରା ପଟେଲ, ମଞ୍ଜୁଳା ସାହୁ, ସୁଷମା ପଣ୍ଡା ପ୍ରମୁଖ ଉଭୟ ଦିବଙ୍ଗତଙ୍କ ଫଟୋ ଚିତ୍ରରେ ପୁଷ୍ପ ଦେଇ, ମହମବତୀ ଜଳାଇ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ପ୍ରାରମ୍ଭରେ ଦୁଇ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା।




## ନୂଆଁଖାଇ ପାଇଁ ଜର୍ଣ୍ଣାଲିଷ୍ଟ ଆସୋସିଏସନର ପ୍ରସ୍ତୁତି

ବରଗଡ଼,୧୫।୭ (ସମିସ): ଝାରବନ୍ଧ ଜର୍ଣ୍ଣାଲିଷ୍ଟ ଆସୋସିଏସନର ନୂଆଁଖାଇ ଭେଟଘାଟ ତଥା ଦ୍ୱିତୀୟ ବାର୍ଷିକ ଉତ୍ସବ ପାଳନ ପାଇଁ ଝାରବନ୍ଧ ବନଦୁର୍ଗା ମନ୍ଦିର ପ୍ରାଙ୍ଗଣରେ ଆସୋସିଏସନର ସଭାପତି ସାମ୍ବାଦିକ ମୋତିଲାଲ ବାଗଙ୍କ ସଭାପତିତ୍ୱରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ଚଳିତ ବର୍ଷ ନିଆରା ଢଙ୍ଗରେ ନୂଆଁଖାଇ ଭେଟଘାଟ ପାଳନ ଏବଂ ଅଞ୍ଚଳର କଳା ସଂସ୍କୃତି ଭାଷା ସାହିତ୍ୟ ପରମ୍ପରାକୁ ସ୍ୱତନ୍ତ୍ର ପରିଚୟ ଦେବା ପାଇଁ ମତ ପ୍ରକାଶ ପାଇଥିଲା। ଗତବର୍ଷ ପରି ପ୍ରତ୍ୟେକ କ୍ଷେତ୍ରରେ ବ୍ଲକ୍‌ର ଗର୍ବ ଓ ଗୌରବକୁ ଆଗକୁ ନେଇ ସଫଳତା ହାସଲ କରିଥିବା ବ୍ୟକ୍ତିଙ୍କୁ ସମ୍ମାନିତ କରିବା, କାର୍ଯ୍ୟକ୍ରମରେ ଯୋଗଦାନ ପାଇଁ ଅତିଥିଙ୍କୁ ନିମନ୍ତ୍ରଣ କରିବା ଏବଂ ଅନ୍ୟାନ୍ୟ ବିଷୟରେ ଆଲୋଚନା ହୋଇଥିଲା। ସେପ୍ଟେମ୍ବର ମାସ ପ୍ରଥମ ସପ୍ତାହରେ କାର୍ଯ୍ୟକ୍ରମ କରିବାକୁ ସ୍ଥିର ହୋଇଥିଲା। ବୈଠକରେ ଜର୍ଣ୍ଣାଲିଷ୍ଟ ଆସୋସିଏସନର ସମ୍ପାଦକ ସୋମନାଥ ବାଗ ଗତ ବର୍ଷର ଆୟୋଜନର ସମ୍ପର୍କରେ ବିବରଣୀ ପ୍ରଦାନ କରିଥିଲେ। କୋଷାଧ୍ୟକ୍ଷ ସୌଦାଗର ବରିହା, ମିଡିଆ ପ୍ରଭାରୀ ନାରାୟଣ ଶତନାମୀ, ସଦସ୍ୟ ବାସନ୍ତୀ ପାଇକ ପ୍ରମୁଖ ପ୍ରସ୍ତୁତି ବୈଠକରେ ସାମିଲ ଥିଲେ।



## ସର୍ଗୀଜୁରୀରୁ ସାପଲହର ରାସ୍ତା ଶୋଚନୀୟ

ପଦ୍ମପୁର,୧୫।୭ (ସମିସ): ପଦ୍ମପୁର ଉପଖଣ୍ଡ ସର୍ଗୀଜୁରୀ, ଲୋହାରପାଲି ଚାରିଛକ ଠାରୁ ସାପଲହର ପର୍ଯ୍ୟନ୍ତ ରାସ୍ତାର ଶୋଚନୀୟ ଅବସ୍ଥା ହୋଇଛି। ଛାତ୍ରଛାତ୍ରୀ ପାଠପଢ଼ି ଯାଉଥିବା ବେଳେ ଦୁର୍ଘଟଣା ଶିକାର ହେଉଛନ୍ତି। ପଥିକ, ମହିଳା, ରୋଗୀ, ବୃଦ୍ଧବୃଦ୍ଧାଙ୍କ ପାଇଁ ଯାତାୟାତ କରିବା ଜଟିଳ ହୋଇଛି। ଏ ସମ୍ପର୍କରେ ଅନେକ ଥର ପ୍ରଶାସନର ନଜରକୁ ଆଣିଥିଲେ ମଧ୍ୟ କୌଣସି ସୁଫଳ ମିଳୁନାହିଁ। ବିଭାଗୀୟ ଅଧିକାରୀ ସାମୂହିକ ସ୍ୱାର୍ଥ ଦୃଷ୍ଟିରୁ ତୁରନ୍ତ ରାସ୍ତାର ମରାମତି କରିବାକୁ ମତ ପ୍ରକାଶ ପାଇଛି।

## ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଘେରଉ



ବରଗଡ଼,୧୫।୭ (ସମିସ): ବରଗଡ଼ ବରପାଲି ଫାର୍ମାସିଷ୍ଟ କଲେଜର ପରିଚାଳନା କମିଟି କର୍ତ୍ତୃପକ୍ଷ ଏବଂ ସଦସ୍ୟଙ୍କ ଦ୍ୱାରା କଲେଜ କର୍ମଚାରୀ ଓ ଛାତ୍ରୀମାନଙ୍କ ଉପରେ ଯୌନ ଉତ୍ପୀଡ଼ନ, ଅନ୍ୟାୟ, ଅତ୍ୟାଚାର, ମାନସିକ ନିର୍ଯାତନା ଏବଂ ଦୁର୍ନୀତି ହେଉଥିବା ଅଭିଯୋଗ କରାଯାଇଛି। ଏହା ବିରୋଧରେ ମଙ୍ଗଳବାର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଘେରଉ କରାଯାଇଥିଲା। ବରଗଡ଼ ନିଶାମଣି ହାଇସ୍କୁଲ ପଡିଆରୁ ଶୋଭାଯାତ୍ରା ବାହାରି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚିଥିଲା। ଏଦିଗରେ ଜିଲ୍ଲା ପ୍ରଶାସନ ଚୁପ ଥିବା ବେଳେ ପୀଡିତାଙ୍କ ପାଇଁ ନ୍ୟାୟ ଦାବି କରାଯାଇଛି। ଦୋଷୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି ହୋଇଛି। ଦାବି ପୂରଣ ନ ହେଲେ ଜିଲ୍ଲାପାଳ ଓ ଏସପିଙ୍କ କାର୍ଯ୍ୟାଳୟରେ ତାଲା ମରାଯିବ ବୋଲି ଲବ ସୁନା ଚେତାବନୀ ଦେଇଛନ୍ତି।

## ରାଧାକୃଷ୍ଣ ମୂର୍ତ୍ତି ଚୋରି ଅଭିଯୁକ୍ତ ଦୋଷୀ ସାବ୍ୟସ୍ତ

ଅମ୍ବାଭୋନା,୧୫।୭ (ସମିସ): ବରଗଡ଼ ଜିଲ୍ଲା ଅମ୍ବାଭୋନା ବ୍ଲକ୍ ଅଧୀନ ବିର୍ଜୁପାଲି ଗାଁର ବଲ୍ଲଭ ଭୁଏ ମଙ୍ଗଳବାର ଏସଡିଜେଏମ କୋର୍ଟରେ ଦୋଷୀ ସାବ୍ୟସ୍ତ ହୋଇଛି। ୨୦୨୨ ମସିହାରେ ବିର୍ଜୁପାଲି ଗାଁର ମନ୍ଦିରରେ ପୂଜା ପାଉଥିବା ରାଧାକୃଷ୍ଣଙ୍କ ମୂର୍ତ୍ତି ଚୋରୀ ହୋଇଥିଲା। ଏ ବାବଦରେ ଅମ୍ବାଭୋନା ଥାନାରେ ମାମଲା ରୁଜୁ ହୋଇଥିଲା। ମୂର୍ତ୍ତି ଚୋରି କରିଥିବା କାଶୀପାଲି ଗାଁର ବଲ୍ଲଭ ଭୁଏକୁ ଅମ୍ବାଭୋନା ପୁଲିସ ଗିରଫ କରିଥିଲା। ଚୋରି ହୋଇଥିବା ରାଧାକୃଷ୍ଣ ମୂର୍ତ୍ତି ସମ୍ବଲପୁର ଜିଲ୍ଲା ବରେଇପାଲି ଥାନା ନୂଆପଡା ସ୍ଥିତ ଲକ୍ଷ୍ମୀ ଓରାମଙ୍କ ପାଖରୁ ପୁଲିସ ଜବତ କରିଥିଲା। ଏସଡିଜେଏମ କୋର୍ଟରେ ମକଦ୍ଦମାର ବିଚାର ଚାଲିଥିଲା। କୋର୍ଟ ମାମଲାର ଶୁଣାଣି କରି ଅଭିଯୁକ୍ତ ବଲ୍ଲଭ ଭୁଏକୁ ଦୋଷୀ ସାବ୍ୟସ୍ତ କରି ଦୁଇ ବର୍ଷ ଛଅ ମାସ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ତା ସହିତ



୮୦୦୦ ଟଙ୍କା ଅର୍ଥ ଦଣ୍ଡରେ ଦଣ୍ଡିତ କରିଛନ୍ତି। ଟଙ୍କା ନ ଦେଲେ ଅଭିଯୁକ୍ତକୁ ଆହୁରି ତିନି ମାସ ସଶ୍ରମ କାରାଦଣ୍ଡ ଭୋଗିବାକୁ ପଡିବ ବୋଲି କୋର୍ଟ ଶୁଣାଇଛନ୍ତି।

# ବୃକ୍ଷ ବିନା ସୃଷ୍ଟି ଅସମ୍ଭବ

## ବନ ମହୋତ୍ସବ ଉପଲକ୍ଷେ ଚାରାରୋପଣ

ବରଗଡ଼,୧୫।୭ (ସମିସ)

ବୃକ୍ଷ ହିଁ ଜୀବନ, ବୃକ୍ଷ ବିନା ପୃଥିବୀର ଜୀବନରେଖା ଅଧୁରା ଅଟେ। ବର୍ତ୍ତମାନ ସାରା ରାଜ୍ୟରେ ସୁସ୍ଥ ପରିବେଶ ଗଠନ ପାଇଁ ବୃକ୍ଷରୋପଣ କାର୍ଯ୍ୟକ୍ରମ ହେଉଛି। ଏହି ପରିପ୍ରେକ୍ଷୀରେ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ବଲିଢ଼ିପା ଝାରବନ୍ଧ ପରିସରରେ ଇକୋ କ୍ଲବ୍ ଆନୁକୂଲ୍ୟରେ 'ବୃକ୍ଷ ଅଟେ ବଳ, ବୃକ୍ଷ ଦିଏ ଫଳ, ବୃକ୍ଷ ଦିଏ ଅମ୍ଳଜାନ, ବୃକ୍ଷ ବିନା ପରା ସୃଷ୍ଟି ଅସମ୍ଭବ ଗଢ଼ିଛନ୍ତି ଭଗବାନ' ଉକ୍ତି ଆଧାରରେ ଅଧ୍ୟକ୍ଷ ଜିତେନ୍ଦ୍ର ପ୍ରଧାନଙ୍କ ଅଧ୍ୟକ୍ଷତାରେ ବନ ମହୋତ୍ସବ ପାଳନ କରାଯାଇଛି। ମୁଖ୍ୟ ଅତିଥି ଭାବେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଭୁବନେଶ୍ୱର ପ୍ରଧାନ ଯୋଗ ଦେଇଥିଲେ। ବିପିନ ମଲ୍ଲିକ ସ୍ୱାଗତ ଭାଷଣ ଦେଇଥିବା ବେଳେ ସାମାଜିକ ବିଜ୍ଞାନ ଶିକ୍ଷକ ଧନ୍ୟବାଦ ଜ୍ଞାପନ କରିଥିଲେ। ଏହି ଅବସରରେ ଛାତ୍ରଛାତ୍ରୀଙ୍କୁ ବିଭିନ୍ନ ପ୍ରକାରର ଚାରା ବଣ୍ଟନ କରାଯାଇ ଥିଲା।




### ଲଖମରା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ

ପଦ୍ମପୁର: ପଦ୍ମପୁର ଉପଖଣ୍ଡ ଲଖମରା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଓ ଯୁବ ରେଡକ୍ରସ ଆନୁକୂଲ୍ୟରେ ବନ ମହୋତ୍ସବ ପାଳନ ହୋଇଛି। ଅଧ୍ୟକ୍ଷ ବିଜୟ ମିଶ୍ରଙ୍କ ସଭାପତିତ୍ୱରେ ପରିବେଶ, ଜଙ୍ଗଲ ସୁରକ୍ଷା ସମ୍ପର୍କିତ ସଚେତନ ସଭା ଅନୁଷ୍ଠିତ ହୋଇଥିଲା। ଓଡ଼ିଶା ପ୍ରଶାସନ ଅଧିକାରୀ ତଥା ପରିବେଶ ପ୍ରେମୀ ଲିଙ୍ଗରାଜ ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଅତିଥି ବୃନ୍ଦ, ଛାତ୍ରଛାତ୍ରୀ ବୃକ୍ଷରୋପଣ କରିଥିଲେ। ଛାତ୍ରଛାତ୍ରୀଙ୍କୁ ଚାରା ବଣ୍ଟନ କରାଯାଇଥିଲା।



### ବାଜେନମୁଣ୍ଡା ବିଦ୍ୟାଳୟ



ଦହିତା: ପଦ୍ମପୁର ଉପଖଣ୍ଡ ବାଜେନମୁଣ୍ଡା ଗାଁର ସରକାରୀ ୟୁପି ବିଦ୍ୟାଳୟ ପରିସରରେ ବନ ମହୋତ୍ସବ ପାଳିତ ହୋଇଛି। ପ୍ରଧାନଶିକ୍ଷକ ପ୍ରଦୀପ ସାହୁ ସଭାପତିତ୍ୱ କରି 'ମାଁ ପାଇଁ ଗଛଟିଏ'ର ତାତ୍ପର୍ଯ୍ୟ କହିଥିଲେ। ଶିକ୍ଷକ ମନୋଜ ପଣ୍ଡା ସଭା ପରିଚାଳନା କରିଥିଲେ। ମୁଖ୍ୟ ଅତିଥି କେଆରପି ଉଚ୍ଚ ବିଦ୍ୟାଳୟର ହିନ୍ଦୀ ଶିକ୍ଷକ ପ୍ରସନ୍ନ ମେହେର ଓ ସମ୍ମାନିତ ଅତିଥି ଭାବେ କଳା ଶିକ୍ଷକ ଚନ୍ଦ୍ର ଶେଖର ବାରିକ ମଞ୍ଚାସୀନ ଥିଲେ। ରାଜେନ୍ଦ୍ର ସାହା, ଲକ୍ଷ୍ମଣ ମେହେର, ମହେନ୍ଦ୍ରୀ ସେଠ, ଅଶୋକ ସାହୁ, ନଳିନୀକାନ୍ତ ବିଶ୍ୱାଳ ସହଯୋଗ କରିଥିଲେ। ଖେଳ ଶିକ୍ଷକ ଅଶୋକ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ପ୍ରସନ୍ନ ମେହେର ୧୦୦ଟି ଚାରାକୁ ଛାତ୍ରଛାତ୍ରୀଙ୍କ ମଧ୍ୟରେ ବଣ୍ଟନ କରିଥିଲେ।

### ଅତାବିରା ବରିଷ୍ଠ ନାଗରିକ ସଂଘ

ଅତାବିରା: ଅତାବିରା ବ୍ଲକ୍ ବରିଷ୍ଠ ନାଗରିକ ସଂଘ ପକ୍ଷରୁ 'ଗ୍ରୀନ ଅତାବିରା ବ୍ଲକ୍, କ୍ଲିନ ଅତାବିରା ବ୍ଲକ୍' ଅଭିଯାନରେ ଅତାବିରା ଉଚ୍ଚ ବିଦ୍ୟାଳୟ ପରିସରରେ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏଥିରେ ସଂଘର ବହୁ ସଦସ୍ୟ, ବିଦ୍ୟାଳୟର ଇକୋ କ୍ଲବ୍ ଛାତ୍ର, ପ୍ରଧାନଶିକ୍ଷକ, ଶିକ୍ଷକ ଶିକ୍ଷୟିତ୍ରୀ ଯୋଗ ଦେଇଥିଲେ। ବରିଷ୍ଠ ନାଗରିକ ସଂଘର ସଭାପତି ଭାରତ ଚନ୍ଦ୍ର ପ୍ରଧାନ, ନିତ୍ୟାନନ୍ଦ ପ୍ରଧାନ, ରଘୁନାଥ ବିଶ୍ୱାଳ, ନବୀନ ଦାଶ, ମଙ୍ଗୁଳୁ ବିଶ୍ୱାଳ, ବେଣୁଧର ମିଶ୍ର, ସୁବୋଧ ବାରିକ, ଲବ ସାହୁ, ବଳିରାଜ ଭୋଇ, ଗୁଣନିଧି ପ୍ରଧାନ, ପ୍ରଫୁଲ୍ଲ ଦର୍ଜୀ ପ୍ରମୁଖ ଉପସ୍ଥିତ ଥିଲେ।



## ୧୬ରେ ସହଯୋଗର ଦ୍ୱିତୀୟ ବାର୍ଷିକ ଉତ୍ସବ

ପଦ୍ମପୁର,୧୫।୭ (ସମିସ): ପଦ୍ମପୁର ଉପଖଣ୍ଡର ଅଗ୍ରଣୀ ଅନୁଷ୍ଠାନ 'ସହଯୋଗ' ଦ୍ୱିତୀୟ ବର୍ଷରେ ପାଦ ଥାପିବାକୁ ଯାଉଛି। ଏ ନେଇ ସୋମବାର ଏକ ବୈଠକ ହୋଇଯାଇଛି। ଦ୍ୱିତୀୟ ବର୍ଷ ପୂର୍ତ୍ତି ଅବସରରେ ବୁଧବାର ଝାଙ୍କରପାଲି ଠାରେ ବୃକ୍ଷରୋପଣ କାର୍ଯ୍ୟକ୍ରମ ଆୟୋଜନ ହୋଇଛି। ଆସନ୍ତା ୧୬ ତାରିଖ ପଦ୍ମପୁର କଲେଜ ରୋଡ ସ୍ଥିତ ସିଦ୍ଧି ବିନାୟକ କଲ୍ୟାଣ ମଣ୍ଡପରେ ଦ୍ୱିତୀୟ ସ୍ୱନକ୍ଷତ୍ର ଉତ୍ସବ ପାଳନ କରାଯିବ। ଏହି ଅବସରରେ ପଦ୍ମପୁର ହସ୍ପିଟାଲରେ ଦେଖା ଦେଉଥିବା ରକ୍ତ ଅଭାବ ସମସ୍ୟାକୁ ନେଇ ରକ୍ତଦାନ ଶିବିର ଆୟୋଜିତ କରାଯିବ। ଶିବିରରେ ରକ୍ତଦାତା ଯୋଗଦେଇ ରକ୍ତଦାନ କରିବା ପାଇଁ କାର୍ଯ୍ୟାଳୟ ପକ୍ଷରୁ ସମ୍ପାଦକ ତାପସ ନାୟକ ଅନୁରୋଧ କରିଛନ୍ତି। ବାର୍ଷିକ ଉତ୍ସବରେ ଅତିରିକ୍ତ ଜିଲ୍ଲାପାଳ କୁନାଲ ମୋତିରାମ ଚଭନ, ପଦ୍ମପୁର ବିଧାୟିକା ବର୍ଷା ସିଂ ବରିହା ଓ ଉପଖଣ୍ଡ ଚିକିତ୍ସାଧିକାରୀ ଡ.ଆଶୁତୋଷ ହୋତା ଅତିଥି ଭାବେ ଯୋଗଦେବା ପାଇଁ ନିମନ୍ତ୍ରଣ କରାଯାଇଛି। ବୈଠକରେ ସଭାପତି ମୌସମ ପାଗଡା, କୋଷାଧ୍ୟକ୍ଷ ପ୍ରଭୁ ଦତ୍ତ ପଣ୍ଡାଙ୍କ ସମେତ ଅନ୍ୟ ସଦସ୍ୟମାନେ ଉପସ୍ଥିତ ଥିଲେ।

## ସାର ସଙ୍କଟ ଓ କଳାବଜାର ରୋକିବାକୁ କୃଷକ ସଙ୍ଗଠନର ଦାବିପତ୍ର

ବରଗଡ଼,୧୫।୭ (ସମିସ): ସାର ସଙ୍କଟ ଓ କଳାବଜାରୀ ରୋକିବାକୁ କୃଷକ ସଙ୍ଗଠନ ପକ୍ଷରୁ ମଙ୍ଗଳବାର ଜିଲ୍ଲା ମୁଖ୍ୟ କୃଷି ଅଧିକାରୀଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ସଂଯୁକ୍ତ କୃଷକ ସଙ୍ଗଠନ ବରଗଡ଼ ଜିଲ୍ଲାର ୧୨ଟି ବ୍ଲକ୍‌ର ୧୫ଟି ପ୍ରଗତିଶୀଳ ସଂଗଠନର ସମନ୍ୱୟ ଅଟେ। ବରଗଡ଼ ଜିଲ୍ଲା ଓଡ଼ିଶାର ଭାତ ହାଣ୍ଡି ହୋଇଥିବାରୁ କୃଷି ଏବଂ କୃଷକଙ୍କ ସମସ୍ୟା ପ୍ରାୟତଃ ଲାଗି ରହିଥାଏ। ଏଣୁ ଅତି ସମ୍ବେଦନଶୀଳ ହୋଇ ଚାଷୀଙ୍କର ସମସ୍ୟା ବୁଝି ସମାଧାନ କରିବା ଅଧିକାରୀ ମାନଙ୍କ ପ୍ରଥମ କର୍ତ୍ତବ୍ୟ ଅଟେ।



ଜିଲ୍ଲାରେ ଧାନ ଚାଷ ୨ ଲକ୍ଷ ୩୦ ହଜାର ହେକ୍ଟର ଏବଂ ଅନ୍ୟ ଚାଷ ୧ ଲକ୍ଷ ୨୦ ହଜାର ହେକ୍ଟର ଅର୍ଥ ୨ ଲକ୍ଷ ୫୦ ହଜାର ହେକ୍ଟର ଜମିରେ ଚାଷ ହୋଇଥାଏ। ଏଣୁ ରାସାୟନିକ ସାରର ବହୁଳ ପରିମାଣରେ ଆବଶ୍ୟକ ଥିବା ବେଳେ ସାମାନ୍ୟ ଅଭାବରେ କଳାବଜାରୀ ଆରମ୍ଭ ହୋଇଯାଏ। ଚଳିତ ଖରିଫ ଋତୁରେ ଆବଶ୍ୟକ ଦାନାଦାର ସାର ଅର୍ଥାତ ଗ୍ରୋମର ଏବଂ ଡିଏପି ବଜାରରେ ସଙ୍କଟ ଦେଖାଦେଇଛି। ସୋସାଇଟି ମାନଙ୍କରେ ମଧ୍ୟ ଡିଏପି ସାର ନାହିଁ। ଯେଉଁ ଡିଲରଙ୍କ ପାଖରେ ଦାନାଦାର ସାର ଅଛି ସେଠାରେ ସାର ସହିତ ଆଉ ଗୋଟିଏ ଭିଟାମିନ ବା ନାନୋ ସାର ନେବା ପାଇଁ ଚାଷୀଙ୍କୁ ବାଧ୍ୟ କରାଯାଉଛି। ଚାଷୀ ତାହାକୁ ମନାକଲେ ସାର ମିଳୁନାହିଁ। ଡିଏପିର ମୂଲ୍ୟ ୧୩୫୦/- ଥିବା ବେଳେ ୧୬ ରୁ ୧୭ଶହ ଟଙ୍କାରେ ବିକ୍ରି କରୁଛନ୍ତି। ଚାଷ ଆରମ୍ଭରୁ ହିଁ ଏପରି ଅବସ୍ଥା ହୋଇଥିବାରୁ ତୁରନ୍ତ ତଦନ୍ତ କମିଟି ଗଠନ କରି କଳାବଜାରୀ ବନ୍ଦ କରାଯାଉ ଏବଂ ଡିଲର ମାନଙ୍କ ଦୋକାନ ସମ୍ମୁଖରେ ଷ୍ଟକ ଏବଂ ମୂଲ୍ୟ ତାଲିକା ସାର୍ବଜନୀନ କରିବା ପାଇଁ ନିର୍ଦ୍ଦେଶ ଦିଆଯାଉ ବୋଲି ଦାବି କରାଯାଇଛି। କୌଣସି ଡିଲର କଳାବଜାରୀ କଲେ ବା ଅନ୍ୟ ସାମଗ୍ରୀ ନେବା ପାଇଁ ବାଧ୍ୟ କଲେ ସେମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ବୋଲି ଦାବିପତ୍ର ମାଧ୍ୟମରେ ସଂଗଠନ ଅନୁରୋଧ କରିଛି।

**ମନ୍ତ୍ରୀଙ୍କ ଘୋଷଣାକୁ ବର୍ଷେ ପୂରିବ**

# ମାଗଣା ମହାପ୍ରସାଦ ବଣ୍ଟନ କେବେ?

ପୁରୀ,୧୫।୭(ସମିସ): କେବେ ଭକ୍ତଙ୍କୁ ମିଳିବ ମାଗଣା ମହାପ୍ରସାଦ? ଗତବର୍ଷ ଅଗଷ୍ଟ ମାସରେ ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଶ୍ରଦ୍ଧାଳୁଙ୍କୁ ମାଗଣାରେ ମହାପ୍ରସାଦ ବଣ୍ଟନ କରାଯିବ ବୋଲି ଘୋଷଣା କରିଥିଲେ। ହେଲେ ମନ୍ତ୍ରୀଙ୍କ ଘୋଷଣାକୁ ଏବେ ବର୍ଷେ ପୂରିବାକୁ ଯାଉଛି। ହେଲେ ଏଯାଏଁ ଭକ୍ତଙ୍କୁ ମାଗଣା ମହାପ୍ରସାଦ ବଣ୍ଟନ ନେଇ କିଛି ସ୍ପଷ୍ଟ ହେଲାନି। କେବେଠୁ ଏବଂ କେମିତି ଶ୍ରଦ୍ଧାଳୁ ମହାପ୍ରସାଦ ପାଇବେ, ସେନେଇ ସ୍ୱତନ୍ତ୍ର ଭାବେ ବୈଠକ ବସିନାହିଁ କିମ୍ବା ଏ ସଂକ୍ରାନ୍ତରେ କୌଣସି ଆଲୋଚନା ହୋଇନଥିବା ଜଣାପଡ଼ିଛି।

ଶ୍ରୀମନ୍ଦିରକୁ ଦୈନିକ ହଜାରହଜାର ଶ୍ରଦ୍ଧାଳୁ ଆସିଥା'ନ୍ତି। ଚତୁର୍ଦ୍ଧାବିଗ୍ରହଙ୍କୁ ଦର୍ଶନ କରିସାରିବା ପରେ ପ୍ରାୟ ପ୍ରତ୍ୟେକଙ୍କ ମହାପ୍ରଭୁଙ୍କ ମହାପ୍ରସାଦ ପାଇବାକୁ ଇଚ୍ଛା ଥାଏ। ହେଲେ ସମସ୍ତେ ଆନନ୍ଦ ବଜାରରୁ ଅବଢ଼ା କିଣି ଖାଇବାକୁ ସମର୍ଥ ହୋଇନଥା'ନ୍ତି। କିଏ ଆର୍ଥିକ ଦୃଷ୍ଟିକୋଣରୁ ତ ଆଉ କେହି ସମୟ ଅଭାବରୁ ଦର୍ଶନ ସାରି ଫେରିଯାଆନ୍ତି। ତେଣୁ ମହାପ୍ରସାଦ ପାଇବା ପାଇଁ ଆଶା ରଖିଥିବା ଶ୍ରଦ୍ଧାଳୁଙ୍କୁ ମାଗଣାରେ କଣିକାଏ ଅବଢ଼ା ଦେବା ପାଇଁ ଶ୍ରୀମନ୍ଦିର



ପ୍ରଶାସନ ବ୍ୟବସ୍ଥା କରିଥିଲା। ୨୦୧୬ ମସିହା ଅକ୍ଷୟ ତୃତୀୟାରୁ ଆରମ୍ଭ ହୋଇଥିଲା ଭକ୍ତଙ୍କୁ ମାଗଣା ମହାପ୍ରସାଦ ବଣ୍ଟନ। ଶ୍ରୀମନ୍ଦିର ପ୍ରଶାସନ ଏବଂ ସୁଆର ମହାସୁଆର ନିଯୋଗ ମିଳିତ ସହଯୋଗରେ ବାଇଶି ପାହାଚରେ ଦୁଇ ବଡ଼ ଆଟିକାରେ ପ୍ରତ୍ୟହ ଏହି ମହାପ୍ରସାଦ ବଣ୍ଟନ କରାଯାଉଥିଲା। ଆନନ୍ଦ ବଜାରରୁ ଅବଢ଼ା କିଣି ନପାରିଲେ ମଧ୍ୟ ଭକ୍ତମାନେ କଣିକାଏ ଲେଖାଏଁ ମହାପ୍ରସାଦ ପାଇ ଆନନ୍ଦ ମନରେ ଫେରୁଥିଲେ। ପ୍ରାୟ ୮ ବର୍ଷ ହେବ ବନ୍ଦ ରହିଛି ଏହି ମାଗଣା ମହାପ୍ରସାଦ ବଣ୍ଟନ। ପୁଣି ଏହି ବ୍ୟବସ୍ଥା ଆରମ୍ଭ କରାଯିବ ବୋଲି ଗତବର୍ଷ ଘୋଷଣା କରିଥିଲେ ଆଇନ ମନ୍ତ୍ରୀ।

ଗତବର୍ଷ ଅଗଷ୍ଟରେ ପୁରୀରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ଯୋଗଦେବା ଅବସରରେ ମହାପ୍ରଭୁଙ୍କ ଦର୍ଶନ ପାଇଁ ଆସୁଥିବା ଶ୍ରଦ୍ଧାଳୁଙ୍କୁ ମାଗଣା ମହାପ୍ରସାଦ ମିଳିବ ବୋଲି କହିଥିଲେ। ପରବର୍ତ୍ତୀ ସମୟରେ ଏହା ଉପରେ ମନ୍ତବ୍ୟ ଦେଇ ସେ କହିଥିଲେ ଯେ ମହାପ୍ରଭୁଙ୍କ ଦର୍ଶନ ପାଇଁ ଆସୁଥିବା ଭକ୍ତଙ୍କୁ ମାଗଣାରେ ମହାପ୍ରସାଦ ମିଳିବ। ଶ୍ରଦ୍ଧାଳୁଙ୍କୁ ମହାପ୍ରସାଦ କୁଡୁଆ ଦେବାକୁ ଯୋଜନା କରାଯାଉଛି। ଶ୍ରୀମନ୍ଦିରକୁ ଆସୁଥିବା ଭକ୍ତଙ୍କ ସଂଖ୍ୟା ଦୃଷ୍ଟିରୁ ବର୍ଷକୁ ଏ ବାବଦରେ ୧୪ରୁ ୧୫କୋଟି ଟଙ୍କା ଖର୍ଚ୍ଚ ହେବ। ଏଥିପାଇଁ ବଦାନ୍ୟ ବ୍ୟକ୍ତିଙ୍କ ସହଯୋଗ ନିଆଯିବ। ସେମାନେ ମଧ୍ୟ ପୁଣ୍ୟ ଅର୍ଜନ କରିବେ। ଏଥିଲାଗି ଭକ୍ତ ସମାଜକୁ ଅନୁରୋଧ କରିଛୁ, ଅନେକ ଭକ୍ତ ଆସି ସହଯୋଗର ହାତ ବି ବଢ଼ାଇଛନ୍ତି। କାର୍ତ୍ତିକ ମାସ ପରେ ଏହି ପ୍ରକ୍ରିୟା ଆରମ୍ଭ କରାଯିବ ବୋଲି କହିଥିଲେ ଆଇନ ମନ୍ତ୍ରୀ। ହେଲେ ମନ୍ତ୍ରୀ କଥା ଦେଇଥିବା କାର୍ତ୍ତିକ ଯାଇ ଆଉ ଗୋଟିଏ କାର୍ତ୍ତିକ ମାସ ଆସିବାକୁ ବସିଛି। ଏପର୍ଯ୍ୟନ୍ତ ମାଗଣା ମହାପ୍ରସାଦ ବଣ୍ଟନର ରୂପରେଖ କିଛି ସ୍ପଷ୍ଟ ହୋଇନି।

ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ଏପର୍ଯ୍ୟନ୍ତ ଶ୍ରୀମନ୍ଦିର ପରିଚାଳନା କମିଟି ଗଠନ ହୋଇନାହିଁ। ପୁରୁଣା କମିଟିର କାର୍ଯ୍ୟକାଳ ପ୍ରାୟ ୧୦ମାସ ହେଲା ପୂରିଗଲାଣି। ନୂଆ କମିଟି କେବେ ଗଠନ କରାଯିବ ସେନେଇ କୌଣସି ସ୍ପଷ୍ଟତା ନାହିଁ। ଏଭଳି ସ୍ଥିତିରେ ମନ୍ତ୍ରୀଙ୍କ ଘୋଷଣା କେବେଠାରୁ କାର୍ଯ୍ୟକାରୀ ହେବ, ତାକୁ ନେଇ ସନ୍ଦେହ ଦେଖାଦେଇଛି। ଅନ୍ୟପକ୍ଷରେ ଶ୍ରଦ୍ଧାଳୁମାନେ ମଧ୍ୟ ଏହି ପ୍ରସଙ୍ଗକୁ ନେଇ ମନ୍ତ୍ରୀଙ୍କୁ ପ୍ରଶ୍ନ କରିଛନ୍ତି।

ଭକ୍ତ ବାବୁଲି ମହାନ୍ତି କହିଛନ୍ତି, ମନ୍ତ୍ରୀ ଯେଉଁ ଢଙ୍ଗରେ ଘୋଷଣା କରିଥିଲେ, ଏହି ବ୍ୟବସ୍ଥା ଆରମ୍ଭ କରିବାକୁ ସେହିପରି ଭାବେ ଉଦ୍ୟମ କରିନାହାନ୍ତି। କେବଳ ଘୋଷଣା କରିଦେଲେ ହେବ ନାହିଁ, ଏହା କିପରି ବାସ୍ତବତାର ରୂପ ନେବ ସେ ଦିଗରେ ପଦକ୍ଷେପ ନେବା ଦରକାର।

## ଜଙ୍ଗଲରୁ ମାଓ ଡମ୍ପ୍ ଠାବ

ମାଲକାନଗିରି, ୧୫।୭(ସମିସ): ମାଲକାନଗିରି ଜିଲ୍ଲା ସୀମାନ୍ତ ଛତିଶଗଡ଼ର ସୁକୁମା ଜିଲ୍ଲା ପୁଲିସ୍ ଏବଂ ସିଆରପିଏଫ୍‌ର ମିଳିତ ମାଓ ଦମନ ଅଭିଯାନକୁ ପୁଣି ଏକ ସଫଳତା ମିଳିଛି। ଯବାନମାନେ ସୁକୁମା ଜିଲ୍ଲା ଜାଗରଗୁଣ୍ଡା ଥାନା ଅନ୍ତର୍ଗତ ଟେକେଗୁଡେମ ଅଞ୍ଚଳରୁ



ଏକ ମାଓ ଡମ୍ପ ଠାବ କରିଛନ୍ତି। ସେଠାରୁ ୪ଟି ବନ୍ଧୁକ ମିଳିଛି। ସୁକୁମା ଜିଲ୍ଲା ଜାଗରଗୁଣ୍ଡା ଥାନା ଅନ୍ତର୍ଗତ ଟେକେଗୁଡେମ ଅଞ୍ଚଳର ପୁରସମ୍ପାରା ଜଙ୍ଗଲରେ ମାଓବାଦୀ ଉପସ୍ଥିତି ସମ୍ପର୍କରେ ସୂଚନା ମିଳିବା ପରେ ଅଞ୍ଚଳରେ ତଲାସି ଅଭିଯାନ କରଯାଇଥିଲା।

■ ମାଓବାଦୀଙ୍କ ବର୍ବର କାଣ୍ଡ

## ଗଳାକାଟି ଦୁଇ ଶିକ୍ଷକଙ୍କୁ ହତ୍ୟା

ମାଲକାନଗିରି, ୧୫।୭(ସମିସ): ସହିଦ ସପ୍ତାହ ପୂର୍ବରୁ ମାତିଛନ୍ତି ମାଓବାଦୀ। ମାଲକାନଗିରି ଜିଲ୍ଲା ସୀମାନ୍ତ ଛତିଶଗଡ଼ ବିଜାପୁର ଜିଲ୍ଲାରେ ଦୁଇ ଜଣ ପାରା ଶିକ୍ଷକଙ୍କୁ ଗଳାକାଟି ହତ୍ୟା କରିଛନ୍ତି ଲାଲ୍ ବାହିନୀ। ସୂଚନାନୁଯାୟୀ, ବିଜାପୁର ଜିଲ୍ଲାର ପିଲୁର ଗାଁ ନିକଟସ୍ଥ ଜଙ୍ଗଲରେ ମାଓବାଦୀମାନେ



ଜଣଙ୍କୁ ହତ୍ୟା କରିଥିବା ବେଳେ ଟେକାମେଟା ଗାଁ ନିକଟରେ ଅନ୍ୟ ଜଣଙ୍କୁ ହତ୍ୟା କରିଛନ୍ତି। ଏହି ଦୁଇ ମୃତକ ପାରା ଶିକ୍ଷକ ଭାବେ କାର୍ଯ୍ୟ କରୁଥିବା ବେଳେ ଜଣଙ୍କ ପରିଚୟ ମିଳିପାରିଛି। ପରିଚୟ ମିଳିଥିବା ମୃତକଙ୍କ ନାମ ବିନୋଦ ମାଡେ। ପୁଲିସ ଇନ୍‌ଫର୍ମର୍ ସନ୍ଦେହରେ ଦୁଇଜଣଙ୍କୁ ହତ୍ୟା କରାଯାଇଥିବା ଏକ ହାତଲେଖା ପୋଷ୍ଟରରେ ଉଲ୍ଲେଖ ରହିଛି। ଏହି ଘଟଣା ପରେ ପୁଲିସ୍ ପହଞ୍ଚି ତଦନ୍ତ ଆରମ୍ଭ କରିବା ସହ ଅଞ୍ଚଳରେ ତଲାସି ଅଭିଯାନକୁ ବଢ଼ାଇ ଦିଆଯାଇଛି।

## ମୋବାଇଲ ଟାୱାରରେ ନିଆଁ ଲଗାଇ ଦେଲେ ଲାଲ୍ ବାହିନୀ

ମାଲକାନଗିରି, ୧୫।୭(ସମିସ): ମାଲକାନଗିରି ସୀମାନ୍ତ ଛତିଶଗଡ଼ର ନାରାୟଣପୁର ଜିଲ୍ଲାରେ ପୁଣି ମାଓ ହିଂସା ଦେଖିବାକୁ ମିଳିଛି। ଜିଲ୍ଲାର ଛୋଟେଡଙ୍ଗର ଥାନା ଅନ୍ତର୍ଗତ ମାଧେନାର ଗାଁର ଏକ ମୋବାଇଲ ଟାୱାରକୁ ପୋଡ଼ି ଦେଇଛନ୍ତି ଲାଲ୍ ବାହିନୀ। ଛୋଟେଡଙ୍ଗର ଥାନାଠାରୁ ମାତ୍ର ୬ କିଲୋମିଟର ଦୂରରେ ଥିବା ମାଧେନାର ଗାଁରେ ୫୦ରୁ ୬୦ଜଣ ମାଓବାଦୀ ଆସି ନୂତନ ଭାବେ ସ୍ଥାପନ



ହୋଇଥିବା ଜିଓ ଟାୱାରକୁ ନିଆଁ ଲଗାଇ ସଂପୂର୍ଣ୍ଣ ଭାବେ ଧ୍ୱଂସ କରିଛନ୍ତି। ପୁଲିସ ଘଟଣାସ୍ଥଳରେ ସର୍ଚ୍ଚ ଅପରେସନ ଆରମ୍ଭ କରିଛି। ସହିଦ ସପ୍ତାହ ପୂର୍ବରୁ ହିଂସାକାଣ୍ଡ ଘଟାଇ ମାଓବାଦୀ ମାନେ ପୁଣିଥରେ ନିଜର ସ୍ଥିତି ଜାହିର କରିଛନ୍ତି।

## ନିଖୋଜ ଯୁବତୀଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

ନବରଙ୍ଗପୁର, ୧୫।୭(ସମିସ): ନବରଙ୍ଗପୁର ଜାନକୀନଗର ଅଞ୍ଚଳରୁ ନିଖୋଜ ହୋଇଯାଇଥିବା ଜଣେ ଯୁବତୀଙ୍କ ଆଜି ଝୁଲନ୍ତା ମୃତଦେହ ଉଦ୍ଧାର ହୋଇଛି। ମୃତ ଯୁବତୀଜଣଙ୍କ ହେଲେ, ସୁମନ ହରିଜନ। ଗତ ୧୧ ତାରିଖରୁ ସେ ନିଖୋଜ ଥିଲେ। ପରିବାରଲୋକେ ବହୁ ଖୋଜାଖୋଜି କରି ନିରାଶ ହେବା ପରେ ଗତକାଲି ଟାଉନ୍ ଥାନାରେ ଏତଲା ଦେଇଥିଲେ। ଆଜି ସକାଳେ ଜାନକୀନଗର ନିକଟସ୍ଥ ତୋଟାର ଏକ ଗଛରେ ତାଙ୍କର ଶବ ଝୁଲୁଥିବା କିଛି ସ୍ଥାନୀୟ ଲୋକ ଦେଖି ନବରଙ୍ଗପୁର ଆଦର୍ଶ ଥାନା ପୁଲିସକୁ ଖବର ଦେଇଥିଲେ। ପୁଲିସ ପହଞ୍ଚି ଶବକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ସାଇଣ୍ଟିଫିକ ଟିମ ସାହାଯ୍ୟରେ ତଦନ୍ତ ଆରମ୍ଭ କରିଛି। ଶବ ନିକଟରୁ ମୃତ ଯୁବତୀଙ୍କ ଫୋନକୁ ଉଦ୍ଧାର କରିଛି ପୁଲିସ। ମୁଖ୍ୟ ଚିକିତ୍ସାଳୟରେ ବ୍ୟବଚ୍ଛେଦ ପରେ ଶବକୁ ପରିବାରବର୍ଗଙ୍କୁ ହସ୍ତାନ୍ତର କରାଯାଇଥିବା ଥାନା ଅଧିକାରୀ ସମ୍ବିତ କୁମାର ବେହେରା ସୂଚନା ଦେଇଛନ୍ତି।

## ହୀରାକୁଦର ୨ ଗେଟ୍ ଖୋଲା

ସମ୍ବଲପୁର, ୧୫।୭(ସମିସ): ଜଳସ୍ତର କ୍ରମଶଃ ଖସିବାରୁ ହୀରାକୁଦ ଜଳଭଣ୍ଡାର କର୍ତ୍ତୃପକ୍ଷ ଏବେ ମାତ୍ର ୨ଟି ଗେଟ୍ ଦେଇ ବନ୍ୟାଜଳ ନିଷ୍କାସନ କରୁଛନ୍ତି। ଆଜି ଜଳଭଣ୍ଡାରର ଜଳସ୍ତର ୬୦୭.୮୫ ଫୁଟ୍ ରହିଛି। ଗତ ୬ ତାରିଖ ଜଳଭଣ୍ଡାରର ଜଳସ୍ତର ୬୧୦ ଫୁଟ୍ ଅତିକ୍ରମ କରିଥିବାବେଳେ ଚଳିତବର୍ଷର ପ୍ରଥମ ବନ୍ୟାଜଳ ନିଷ୍କାସନ ଆରମ୍ଭ ହୋଇଥିଲା। ନିଷ୍କାସନ ସମୟରେ ୨୦ଟି ପର୍ଯ୍ୟନ୍ତ ଗେଟ୍ ଖୋଲାଯାଇଥିବା ବେଳେ ଜଳସ୍ତର ହ୍ରାସ ପାଇବାରୁ ପର୍ଯ୍ୟାୟକ୍ରମେ ଗେଟ୍‌ଗୁଡ଼ିକ ବନ୍ଦ କରିଦିଆଯାଇଛି। ଉଲ୍ଲେଖଯୋଗ୍ୟ ଯେ ହୀରାକୁଦ ନଦୀବନ୍ଧର କର୍ଭରୁଲ୍ ଅନୁଯାୟୀ ଜୁଲାଇ ୩୧ ତାରିଖ ସୁଦ୍ଧା ଜଳସ୍ତର ୬୦୫ ଫୁଟ୍ ରହିବା ଆବଶ୍ୟକ।

## ହୋଟେଲ ପଙ୍ଖାରେ ଝୁଲିପଡ଼ିଲେ ଯୁବକ

ସମ୍ବଲପୁର, ୧୫।୭ (ସମିସ): ସମ୍ବଲପୁରର କ୍ଷେତରାଜପୁର ଥାନା ଅଞ୍ଚଳରେ ଏକ ହୋଟେଲରେ ଜଣେ ଯୁବକ ପଙ୍ଖାରେ ଝୁଲି ଆତ୍ମହତ୍ୟା କରିଛନ୍ତି। ମୃତକ ହେଲେ, ଜଗତସିଂହପୁର ଜିଲ୍ଲା ପାରାଦୀପ ନିବାସୀ କୃଷ୍ଣପ୍ରସାଦ ନନ୍ଦି (୨୯)। ସୂଚନାନୁଯାୟୀ, କୃଷ୍ଣପ୍ରସାଦ ଗତ ୩ ଦିନ ହେଲା ହୋଟେଲରେ ରହୁଥିଲେ। ଆଜି ସକାଳେ ହୋଟେଲ କର୍ମଚାରୀ ତାଙ୍କ କୋଠାରିକୁ ଯାଇ କବାଟ ବାଡ଼େଇବାରୁ ସେ ଖୋଲି ନଥିଲେ। ଭିତରପଟୁ କବାଟ ବନ୍ଦ ଥିଲା। ତୁରନ୍ତ ହୋଟେଲ କର୍ତ୍ତୃପକ୍ଷ କ୍ଷେତରାଜପୁର ଥାନା ପୁଲିସକୁ ଖବର ଦେଇଥିଲେ। ପୁଲିସ୍ କବାଟ ଭାଙ୍ଗି ଦେଖିଲା ବେଳକୁ ତାଙ୍କ ଶବ ପଙ୍ଖାରେ ଝୁଲୁଥିଲା। ପୁଲିସ୍ ଶବକୁ ବ୍ୟବଚ୍ଛେଦ ପାଇ ପଠାଇବା ସହ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି। ପୁଲିସ ସୂଚନାନୁଯାୟୀ, ଗତକାଲି ଦିନତମାମ ତାଙ୍କୁ ହୋଟେଲରୁ ବାହାରକୁ ବାହାରିଥିବା କେହି ଦେଖିନଥିଲେ। ଆଜି ମଧ୍ୟ ତାଙ୍କ କୋଠରି ଭିତରପଟୁ ବନ୍ଦ ରହିଥିବା ଦେଖି ହୋଟେଲ କର୍ମଚାରୀମାନେ କବାଟ ବାଡ଼େଇ ତାଙ୍କୁ ଡାକିଥିଲେ। ମାତ୍ର ଭିତରୁ କୌଣସି ଉତ୍ତର ନ ମିଳିବାରୁ କର୍ମଚାରୀମାନେ ପୁଲିସକୁ ଖବର ଦେଇଥିଲେ। ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ପୁଲିସ୍ କବାଟ ଭାଙ୍ଗିଥିଲା।

## ଆଖି ବୁଜିଲା ଅସୁସ୍ଥ ହାତୀ

ନରସିଂହପୁର,୧୫।୭(ସମିସ): ନରସିଂହପୁର ବନାଞ୍ଚଳ ଅନ୍ତର୍ଗତ ପଶ୍ଚିମାଞ୍ଚଳ ଜୟପୁର ଅନନ୍ତ ପ୍ରସାଦ ଗ୍ରାମ ନିକଟରେ ଥିବା ପଡ଼ିଆରେ ବାର୍ଦ୍ଧକ୍ୟ ଅବସ୍ଥାରେ ମୃତ୍ୟୁ ସହ ସଂଗ୍ରାମ କରୁଥିବା ହାତୀଟି ଶେଷରେ ଆଖି ବୁଜିଛି। ହାତୀଟିର ବୟସ ପାଖାପାଖି ପ୍ରାୟ ୫୬ ବର୍ଷରୁ ଊର୍ଦ୍ଧ୍ୱ ହେବ ବୋଲି ବନବିଭାଗ ପକ୍ଷରୁ କୁହାଯାଇଛି। ସୋମବାର ଏହି ହାତୀଟିର ଶରୀର ଅସୁସ୍ଥ ସମ୍ପର୍କରେ ସ୍ଥାନୀୟ ରେଞ୍ଜର ପ୍ରଦୀପ କୁମାର ନାୟକ ଜାଣିବା ପରେ ଘଟଣାସ୍ଥଳରେ ପହଞ୍ଚିଥିଲେ। ସେଠାରେ ଡିଭିଜନ ପ୍ରାଣୀ ଚିକିତ୍ସକ ଡାକ୍ତର ଭାର୍ଗବ, ସ୍ଥାନୀୟ ବିଭିଓ ନିହାର ରଞ୍ଜନ ମିଶ୍ର, ପ୍ରାଣୀ ଚିକିତ୍ସକ ସୌରଭ ଦାସ, ଏସିଏଫ୍ ମନୋଜ ପାତ୍ରଙ୍କ ସହଯୋଗରେ ହାତୀଟିର ଚିକିତ୍ସା ଆରମ୍ଭ କରିଥିଲେ। ମାତ୍ର ମଙ୍ଗଳବାର ରାତି ୮ଟା ୩୦ମିନିଟରେ ହାତୀର ମୃତ୍ୟୁ ହୋଇଥବା ପ୍ରାଣୀ ଚିକିତ୍ସକ ସୂଚନା ଦେଇଛନ୍ତି। ହେଲେ ଆଜି ରାତି ହୋଇଯାଇଥିବାରୁ ହାତୀଟିର ମୃତଦେହ ବ୍ୟବଚ୍ଛେଦ ହୋଇପାରି ନାହିଁ। ଆସନ୍ତାକାଲି ହାତୀର ଶବ ବ୍ୟବଚ୍ଛେଦ କରାଯିବ ବୋଲି ରେଞ୍ଜର ଶ୍ରୀ ନାୟକ କହିଛନ୍ତି। ମୃତ ହାତୀଟିକୁ ବନ କର୍ମଚାରୀମାନେ ଜଗି ରହିଛନ୍ତି।

## ଗର୍ଭବତୀଙ୍କୁ କାନ୍ଧରେ ବୋହି ନଦୀ ପାର କଲେ

ଛେଣ୍ଡିପଦା, ୧୫।୭ (ସମିସ): ରାସ୍ତା ସମସ୍ୟା ଯୋଗୁଁ ଆମ୍ବୁଲାନ୍ସ ଆସିପାରିଲାନି। ତେଣୁ, ଉପାୟଶୂନ୍ୟ ପରିବାରଲୋକ ଭାରରେ ଗର୍ଭବତୀଙ୍କୁ ବିପଦସଂକୁଳ ଅବସ୍ଥାରେ ଉଚ୍ଛୁଳା ନଦୀ ପାର୍ କରାଇଲେ। ଅନୁଗୋଳ ଜିଲ୍ଲା ଛେଣ୍ଡିପଦା ବ୍ଲକ୍ ନୂଆଗାଁ ପଞ୍ଚାୟତ ଅଧୀନ ଭାଲିଆସର ଗ୍ରାମରେ ଆଜି ଏଭଳି ଏକ ଅଭାବନୀୟ ଦୃଶ୍ୟ ଦେଖିବାକୁ ମିଳିଛି। ପରେ ଏକ ବଲେରୋରେ ମହିଳାଙ୍କୁ ବାଗଡ଼ିଆ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି। ସୂଚନାନୁଯାୟୀ, ଭାଲିଆସର ଗ୍ରାମର ରାଜେନ୍ଦ୍ରଙ୍କ ପତ୍ନୀ ମାମି ପ୍ରଧାନ ଗର୍ଭବତୀ ଥିଲେ। ଆଜି ତାଙ୍କର ପ୍ରସବ ଯନ୍ତ୍ରଣା ହେବାରୁ ପରିବାରଲୋକ ଆମ୍ବୁଲାନ୍ସକୁ ଯୋଗାଯୋଗ କରିଥିଲେ। କିନ୍ତୁ ରାସ୍ତା ସମସ୍ୟା ଯୋଗୁଁ ଆମ୍ବୁଲାନ୍ସ ଆସିପାରିଲା ନାହିଁ। ଏପଟେ ମାମିଙ୍କ ପ୍ରସବ ଯନ୍ତ୍ରଣା ବଢ଼ିବାରେ ଲାଗିଥିଲା। ତେଣୁ ସ୍ୱାସ୍ଥ୍ୟକେନ୍ଦ୍ରକୁ ଯିବା ପାଇଁ ବାଧକ ସାଜିଥିବା ଆଉଁଳି ନଦୀ ପାର୍ ହେବାକୁ ପରିବାରଲୋକ ମନସ୍ଥ କରିଥିଲେ। ମାମିଙ୍କୁ ଖଟିଆରେ ବସାଇ କାନ୍ଧରେ ବୋହି ବିପଦପୂର୍ଣ୍ଣ ଭାବେ ଉଚ୍ଛୁଳା ନଦୀ ପାର କରି ଆରପାଖରେ ପହଞ୍ଚିଥିଲେ। ପରେ ମାମିଙ୍କୁ ଏକ ବଲେରୋରେ ନେଇ ବାଗଡ଼ିଆ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା।



## ତୃତୀୟ ଗେଟ୍ ଖୋଲିଲା ରେଙ୍ଗାଲି

କଣିହାଁ, ୧୫।୭(ସମିସ): ଉପରମୁଣ୍ଡରେ ଲଗାଣ ବର୍ଷା ଯୋଗୁଁ ରେଙ୍ଗାଲି ଜଳଭଣ୍ଡାରରେ ବ୍ରାହ୍ମଣୀର ଜଳସ୍ତର ବୃଦ୍ଧି ପାଇବାରେ ଲାଗିଛି। ଜଳଭଣ୍ଡାରର ପୂର୍ଣ୍ଣ ଜଳଧାରଣ କ୍ଷମତା ୧୨୩.୫୦ ମିଟର ରହିଥିବା ବେଳେ ଆଜି ଦିନ ୧୧ଟା ସୁଦ୍ଧା ଜଳ ଭଣ୍ଡାରର ଜଳସ୍ତର ୧୨୦.୯୮ ମିଟର ପହଞ୍ଚିଥିଲା। ଫଳରେ, ଡ୍ୟାମ୍ କର୍ତ୍ତୃପକ୍ଷ ପୂର୍ବରୁ ୨ଟି ଗେଟ୍ ଖୋଲିଥିବା ବେଳେ ଆଜି ତୃତୀୟ ଗେଟ୍ (ଗେଟ୍ ନମ୍ବର ୧୦) ଖୋଲି ବନ୍ୟା ଜଳ



ନିଷ୍କାସନ କରିଛନ୍ତି। ପ୍ରତି ସେକେଣ୍ଡରେ ଜଳଭଣ୍ଡାରକୁ ୫୬୪୧.୭୫ ଘନମିଟର ଜଳ ପ୍ରବେଶ କରୁଥିବା ବେଳେ ପାୱାର ହାଉସ ଓ ତିନୋଟି ଖୋଲାଯାଇଥିବା ଗେଟ୍ ମାଧ୍ୟମରେ ମୋଟ ୪୨୦୦.୦୦ ଘନମିଟର ଜଳ ପ୍ରତି ସେକେଣ୍ଡରେ ନିଷ୍କାସିତ ହେଉଛି ବୋଲି ରେଙ୍ଗାଳି ଡ୍ୟାମ କର୍ତ୍ତୃପକ୍ଷ ସୂଚନା ଦେଇଛନ୍ତି। ଅନ୍ୟପକ୍ଷରେ, ବନ୍ୟାଜଳ ନିଷ୍କାସନ ଯୋଗୁଁ ଜଳଭଣ୍ଡାର ତଳ ମୁଣ୍ଡରେ ଥିବା ଗାଁମାନଙ୍କୁ ସତର୍କ ସୂଚନା ଦିଆଯାଇଛି।

## ମୋବାଇଲ ପାଇଁ ଛାତ୍ରୀଙ୍କ ଆତ୍ମହତ୍ୟା ଉଦ୍ୟମ

ତୁରେକେଲା, ୧୫।୭(ସମିସ): ବଲାଙ୍ଗିର ଜିଲ୍ଲା କଣ୍ଟାବାଞ୍ଜି ଥାନା ଅନ୍ତର୍ଗତ ହିଆଁଲ ଗାଁର ଜଣେ ଯୁକ୍ତ ଦୁଇ ଛାତ୍ରୀ ମୋବାଇଲ ପାଇଁ ଆତ୍ମହତ୍ୟା ଉଦ୍ୟମ କରିଛନ୍ତି। ସୂଚନାନୁସାରେ, ଛାତ୍ରୀଜଣଙ୍କ ଅନେକ ସମୟରେ ପାଠପଢ଼ା ଛାଡ଼ି ମୋବାଇଲରେ ଖେଳୁଥିବା ଯୋଗୁଁ ତାଙ୍କ ବଡ଼ଭଉଣୀ ତାଙ୍କଠାରୁ ମୋବାଇଲ ଛଡ଼ାଇ ଆଣିଥିଲେ। ଏଥିରେ ଛାତ୍ରୀଜଣଙ୍କ ରାଗି ଯାଇ ବିଷ ପିଇ ଦେଇଥିଲେ। ପରିବାରଲୋକେ ଚିକିତ୍ସା ପାଇଁ ତାଙ୍କୁ ପ୍ରଥମେ କଣ୍ଟାବାଞ୍ଜି ଡାକ୍ତରଖାନାରେ ଭର୍ତ୍ତି କରାଇଥିଲେ। କିନ୍ତୁ ଅବସ୍ଥା ଉଦ୍‌ବେଗଜନକ ହେବାରୁ ତାଙ୍କୁ ବଲାଙ୍ଗିର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି।

## ଜମିବାଡ଼ି ବିବାଦରୁ ଭାଇକୁ ହତ୍ୟା

ଧର୍ମଗଡ଼,୧୫।୭(ସମିସ): କଳାହାଣ୍ଡି ଜିଲ୍ଲା ଗୋଲାମୁଣ୍ଡା ବ୍ଲକ୍ କେଗାଁ ଥାନା ମହାଲିଙ୍ଗରେ ମଙ୍ଗଳବାର ସକାଳେ ଅଭାବନୀୟ ଘଟଣା ଘଟିଛି। ଜମିବାଡ଼ି ବିବାଦକୁ ନେଇ ନିଜ ଭାଇକୁ ହତ୍ୟା କରିଛି ଭାଇ। ମୃତକ ହେଲେ ଗୋକୁଳ କେତକୀ (୪୫)। ସକାଳୁ ସକାଳୁ ସେ ନିଜ ଚାଷ ଜମିକୁ ଯାଇଥିଲାବେଳେ ଏହି ଘଟଣା ଘଟିଥିଲା। ତାଙ୍କ ନିଜ ଭାଇ ଚିତ୍ରସେନ କେତକୀ ସେଠାରେ ପହଞ୍ଚି ଜମିବାଡି ବିବାଦରୁ ପିଟି ପିଟି ହତ୍ୟା କରିଥିବା ଅଭିଯୋଗ ହୋଇଛି। ଘଟଣା ପରେ ଅଭିଯୁକ୍ତ କେଗାଁ ଥାନାରେ ଆତ୍ମସମର୍ପଣ କରିଛି। ପୁଲିସ ଶବ ବ୍ୟବଚ୍ଛେଦ ପାଇଁ ଧର୍ମଗଡ଼ ଉପଖଣ୍ଡ ଚିକିତ୍ସାଳକୁ ପଠାଇଥିଲା। ଏହାସହ ସାଇଣ୍ଟିଫିକ ଟିମ୍ ଓ ସନ୍ଧାନୀ କୁକୁର ସାହାଯ୍ୟରେ ତଦନ୍ତ କରିଛି। ଏହି ହତ୍ୟା ଘଟଣାରେ ଆଉ ଜଣେ ଭାଇ ମଧ୍ୟ ସମ୍ପୃକ୍ତ ଥିବା ଚର୍ଚ୍ଚା ହେଉଛି।

**ରେଭେନ୍ସା ବିଶ୍ୱବିଦ୍ୟାଳୟ ସମାବର୍ତ୍ତନ ଉତ୍ସବ**

## ଦୃଷ୍ଟିବାଧିତ ଶିକ୍ଷାବିତ୍ ବିଜୟ ରଥଙ୍କୁ ଡକ୍ଟରେଟ୍

ବ୍ରହ୍ମପୁର,୧୪।୭(ସମିସ): 'ମୂକଂ କରୋତି ବାଚାଳଂ, ପଙ୍ଗୁ ଲଂଘୟତେ ଗିରିଂ। ଯତ୍‌କୃପା ତମହଂ ବନ୍ଦେ ପରମାନନ୍ଦ ମାଧବଂ।' ସଂସ୍କୃତର ଏହି ଶ୍ଳୋକର ମହତ୍ତ୍ୱକୁ ପ୍ରତିପାଦନ କରିଛନ୍ତି ବ୍ରହ୍ମପୁରର ଦୃଷ୍ଟିହୀନ ଶିକ୍ଷାବିତ୍ ବିଜୟ କୁମାର ରଥ। ଦୃଷ୍ଟିହୀନଙ୍କ ପାଇଁ ଶିକ୍ଷାଦାନ କ୍ଷେତ୍ରରେ ବିଶେଷ ଅବାଦନ ପାଇଁ ତାଙ୍କୁ ରେଭେନ୍ସା ବିଶ୍ୱବିଦ୍ୟାଳୟର ୧୩ତମ ସମାବର୍ତ୍ତନ ଉତ୍ସବରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ସମ୍ମାନସୂଚକ ଡକ୍ଟରେଟ୍ ଉପାଧି ପ୍ରଦାନ କରିଛନ୍ତି। ଏହି ସମୟରେ ରାଜ୍ୟପାଳ, ମୁଖ୍ୟମନ୍ତ୍ରୀ, କେନ୍ଦ୍ର ଶିକ୍ଷାମନ୍ତ୍ରୀ ମଧ୍ୟ ଉପସ୍ଥିତ ଥିଲେ।

ସୂଚନାନୁସାରେ, ବିଜୟ ବାବୁ ଦୃଷ୍ଟିବାଧିତ। କିନ୍ତୁ ସେ ଓଡ଼ିଶାର ଅନେକ ଦୃଷ୍ଟିବାଧିତ ଛାତ୍ରଛାତ୍ରୀଙ୍କ ପଥଦ୍ରଷ୍ଟା ସାଜିଛନ୍ତି। ନିଜ ଗୋଡ଼ରେ ଠିଆ ହେବା ପାଇଁ ଛାତ୍ର ଜୀବନରୁ ହିଁ ଜଣେ ଅଙ୍ଗୀକାରବଦ୍ଧ ମଣିଷ ପାଲଟିଛନ୍ତି। ବିଜୟବାବୁ



ବିଜେବି ଓ ଖଲ୍ଲିକୋଟ କଲେଜରେ ଉଚ୍ଚ ଶିକ୍ଷା ଗ୍ରହଣ କରି ବ୍ରହ୍ମପୁରରେ ଦୃଷ୍ଟିହୀନ ବିଦ୍ୟାଳୟ ପ୍ରତିଷ୍ଠା କରିବା ପରେ ପରେ ଶିକ୍ଷକ ଭାବରେ ଯୋଗଦେଲେ। ଅଧ୍ୟାପନା ସମୟରେ ସେ ଇଂଲଣ୍ଡ ଭଳି ଅନ୍ୟାନ୍ୟ ବିଦେଶ ଭ୍ରମଣ କରିଛନ୍ତି। ଦୃଷ୍ଟିବାଧିତ ଶିକ୍ଷାଧାରା ସମ୍ପର୍କରେ ଅବଗତ ହୋଇ ଓଡ଼ିଶାରେ ସେହିଭଳି ଶିକ୍ଷାଦାନ ଢ଼ାଞ୍ଚା ଆରମ୍ଭ କରିବାକୁ ଉଦ୍ୟମ କରିଥିଲେ। ବିଶେଷକରି ଆମ୍ବପୁଆଠାରେ ଦୃଷ୍ଟିହୀନ ବିଦ୍ୟାଳୟ ସହ ମୂକ-ବଧିର ବିଦ୍ୟାଳୟ ପ୍ରତିଷ୍ଠା କରିବାରେ ଅଗ୍ରଣୀ ଭୂମିକା ନେଇଥିଲେ। ତାଙ୍କ ଉଦ୍ୟମରେ ବ୍ରହ୍ମପୁରରେ ଓଡ଼ିଶାର ପ୍ରଥମ ବ୍ରେଲ ପ୍ରେସ୍ ୧୯୮୬ ମସିହା ନଭେମ୍ବର ୧୯ ତାରିଖରେ ପ୍ରତିଷ୍ଠା ହୋଇପାରିଥିଲା। ତାଙ୍କ ଉଦ୍ୟମରେ ଭୁବନେଶ୍ୱର ଓଡ଼ିଆ ବ୍ଲାଇଣ୍ଡ ଆସୋସିଏସନ (ଓଏବି) ପ୍ରତିଷ୍ଠା ହୋଇପାରିଛି। ଏହା ସହ ଓଡ଼ିଶା ବ୍ଲାଇଣ୍ଡ ଫାଉଣ୍ଡେସନ୍ ପ୍ରତିଷ୍ଠା କରି ସେ ଦୃଷ୍ଟିହୀନମାନଙ୍କ ଉନ୍ନତିକଳ୍ପେ ବିଭିନ୍ନ କାର୍ଯ୍ୟ ହାତକୁ ନେଇଥିବା ଜଣାପଡ଼ିଛି। ସେ ଏଭଳି ସମ୍ମାନଜନକ ଉପାଧି ପାଇବା ପରେ ତାଙ୍କୁ ବିଭିନ୍ନ ମହଲରୁ ଶୁଭେଚ୍ଛାର ସୁଅ ଛୁଟିଛି।

## ଡେବ୍ରିଗଡ଼ ଅଭୟାରଣ୍ୟରେ ବିରଳ ବଳିଆ କୁକୁର

ସମ୍ବଲପୁର,୧୫।୭(ସମିସ): ହୀରାକୁଦ ବନ୍ୟପ୍ରାଣୀ ଡିଭିଜନ୍ ଅଧୀନ ଡେବ୍ରିଗଡ଼ ଅଭୟାରଣ୍ୟରେ ବଳିଆ କୁକୁର (ୱାଇଲ୍ଡ ଡଗ୍) ଦେଖିବାକୁ ମିଳିଛି। ଗତକାଲି ଅଭୟାରଣ୍ୟରେ ଗୋଟିଏ ମାଈ ଓ ଗୋଟିଏ ଅଣ୍ଡିରା ବଳିଆ କୁକୁର ବୁଲୁଥିବା ବନ କର୍ମଚାରୀମାନେ ଠାବ କରିଛନ୍ତି। ଏହା ଏକ ବିଲୁପ୍ତପ୍ରାୟ ଏବଂ ସ୍କେଡୁଲ୍-୧ର ଅନ୍ତର୍ଭୁକ୍ତ ପ୍ରାଣୀ। ଏହି ବଳିଆ କୁକୁର ଫୋଟୋଜେନିକ୍ ବୋଲି ମଧ୍ୟ କୁହାଯାଇଥାଏ। ବହୁତ ଲୋକ ଏହାକୁ ଦେଖିବାକୁ ଭଲ ପାଆନ୍ତି। ମୁଖ୍ୟତଃ ଦକ୍ଷିଣ ଭାରତର



ଜଙ୍ଗଲଗୁଡ଼ିକରେ ଏହି ପ୍ରଜାତିର କୁକୁର ଅଧିକ ଦେଖିବାକୁ ମିଳିଥା'ନ୍ତି। ଡେବ୍ରିଗଡ଼ରେ ଏହି ପ୍ରାଣୀ ଦେଖାଯିବା ପରେ ଏହାର ସୁରକ୍ଷା ଏବଂ ବଂଶବୃଦ୍ଧିକୁ ନେଇ ବିଭିନ୍ନ ପଦକ୍ଷେପ ନିଆଯାଉଥିବା ହୀରାକୁଦ ବନ୍ୟପ୍ରାଣୀ ଡିଭିଜନ ଡିଏଫ୍‌ଓ ଅଂଶୁପ୍ରଜ୍ଞା ଦାସ ସୂଚନା ଦେଇଛନ୍ତି।

୨୦୨୩ ମସିହାରେ ଏଠାରେ ଗୋଟିଏମାତ୍ର ବଳିଆ କୁକୁର ଠାବ କରାଯାଇଥିଲା। ସାଧାରଣତଃ ବଳିଆ କୁକରମାନେ ଦଳବାନ୍ଧି ରହିଥା'ନ୍ତି। ମାତ୍ର ଅଭୟାରଣ୍ୟ ବ୍ୟାପକ ହୋଇଥିବା ବେଳେ ବହୁଦିନ ପର୍ଯ୍ୟନ୍ତ ପର୍ଯ୍ୟଟକମାନେ ଗୋଟିଏ ବଳିଆ କୁକୁର ଏକାକୀ ବିଚରଣ କରୁଥିବା ଦେଖିଥିଲେ। ବର୍ତ୍ତମାନ ଆଉ ୨ଟି ବଳିଆ କୁକର ଠାବ ହେବା ପରେ ଏହି ସଂଖ୍ୟା ୩କୁ ବୃଦ୍ଧି ପାଇଛି।

ଡେବ୍ରିଗଡ଼ ଜଙ୍ଗଲ ଛତିଶଗଡ଼ ଓ ମଧ୍ୟପ୍ରଦେଶର ଜଙ୍ଗଲ ସହ ଲାଗି ରହିଛି ତଥା ଏହା ସାତକୋଶିଆ ଓ ଶିମିଳିପାଳ ସହ ଲାଗିଛି। ଏହି ସ୍ଥାନ ମଧ୍ୟରୁ କେଉଁଠୁ ଏମାନେ ଆସିଥାଇପାରନ୍ତି। ଏମାନେ ଦଳବଦ୍ଧ ଭାବରେ ରହୁଥିବାରୁ ଏହି ସଂଖ୍ୟା ଅଧିକ ହୋଇପାରେ ବୋଲି ଡିଏଫ୍‌ଓ ସୁଶ୍ରୀ ଦାସ ଆଶାପ୍ରକାଶ କରିଛନ୍ତି। ବଳିଆ କୁକର ସାଧାରଣତଃ ମାଂସାସୀ ଓ ପରଭକ୍ଷୀ। ଡେବ୍ରିଗଡ଼ ଅଭୟାରଣ୍ୟରେ ସେମାନଙ୍କ ପାଇଁ ଖାଦ୍ୟର ଅଭାବ ନାହିଁ। ବିଭିନ୍ନ ପଶୁପକ୍ଷୀ ରହିବା ସହ ରହିବା ପାଇଁ ଏଠାକାର ଅନୁକୂଳ ପରିବେଶ ପ୍ରତି ଆକର୍ଷିତ ହୋଇ ନିକଟବର୍ତ୍ତୀ ଜଙ୍ଗଲରୁ ଏମାନେ ଏଠାକୁ ଚାଲିଆସିଥାଇପାରନ୍ତି। ଡେବ୍ରିଗଡ଼ ଅଭୟାରଣ୍ୟ ଚାରିପଟେ ପ୍ରାୟ ୨୦ଟି ଜନବସତି ଥିବା ବେଳେ ଅଭୟାରଣ୍ୟ କଡ଼ରେ ମଧ୍ୟ ବୁଲା କୁକୁର ରହିଛନ୍ତି। ଏଠାରେ ଦେଖାଦେଇଥିବା ବଳିଆ କୁକୁରଙ୍କ ସଂରକ୍ଷଣ ସକାଶେ ବିଭିନ୍ନ ପଦକ୍ଷେପ ଗ୍ରହଣ କରାଯାଉଛି। ସେମାନଙ୍କୁ ରେବିସ୍, କେନାଇଲ୍ ପାର୍ଭୋ, ଡିସଟେମ୍ପର, ପାର୍ଭୋକାଶ ଆଦି ମାରାତ୍ମକ ରୋଗ ବ୍ୟାପିବାର ସମ୍ଭାବନା ଥିବାରୁ ସୁରକ୍ଷା ଦେବା ବନ ବିଭାଗ ପାଇଁ ଏହା ଏକ ବଡ଼ ଆହ୍ୱାନ।

# ହୀରାକୁଦ ବିସ୍ଥାପିତଙ୍କୁ ପୁଣି ବିସ୍ଥାପନ ପାଇଁ ନୋଟିସ୍

ସମ୍ବଲପୁର, ୧୫।୭ (ସମିସ): ହୀରାକୁଦ ନଦୀବନ୍ଧ ସମୟରେ ବିସ୍ଥାପିତ ହୋଇ ବୁଡ଼ି ଅଞ୍ଚଳବାସୀ ଧନକଉଡ଼ା ବ୍ଲକ ତାଲବ ଓ କିଲାସମା ଗ୍ରାମ ପଞ୍ଚାୟତ ଅଞ୍ଚଳରେ ବସବାସ କରୁଥିଲେ। ଗତ ୭୦ ବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି ସେମାନେ ଏହି ଅଞ୍ଚଳରେ ବସବାସ କରିବା ସହ ସରକାରୀ ଜମି ଚାଷ କରି ପରିବାର ପ୍ରତିପୋଷଣ କରୁଥିଲେ। ସେମାନଙ୍କ ଜମିକୁ ପର୍ଯ୍ୟଟନ ପ୍ରକଳ୍ପ ସକାଶେ ଚିହ୍ନଟ କରି ଛାଡ଼ିବା ପାଇଁ ନୋଟିସ୍ ଦିଆଯାଇଛି। ପର୍ଯ୍ୟଟନ ପ୍ରକଳ୍ପ ନିର୍ମାଣ ସକାଶେ ଇଡ୍‌କୋ ଭୁବନେଶ୍ୱରଙ୍କୁ ଜମି ହସ୍ତାନ୍ତର କରିବାକୁ ସମ୍ବଲପୁର ସଦର ତହସିଲଦାର ଗତ ଜୁନ ୩୦ ତାରିଖରେ ସର୍ବସାଧାରଣ ଇସ୍ତାହାର ଜାରି କରିଛନ୍ତି। କିଲାସମା ରାଜସ୍ୱ ଗ୍ରାମର ବୁଡ଼ିପଧାନପାଲି, ଗୁଁଡଚାମାଲ ସହିତ ତାଲବ ରାଜସ୍ୱ ପଞ୍ଚାୟତର ବଲବସପୁର ଆଦି ସ୍ଥାନରେ ଜମି ଚିହ୍ନଟ କରାଯାଇଥିବା ଜଣାପଡ଼ିଛି। ଅଞ୍ଚଳବାସୀ ଏହାକୁ ବିରୋଧ କରି ଆଜି ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହୋଇଥିଲେ।

ଦାବିପତ୍ର ଅନୁଯାୟୀ, ରାଜସ୍ୱ ଗ୍ରାମର ସମସ୍ତ ଅଧିବାସୀ ହୀରାକୁଦ ନଦୀବନ୍ଧ ଯୋଜନା ଦ୍ୱାରା



■ ଜିଲ୍ଲାପାଳଙ୍କୁ ଭେଟି ଗୁହାରି କଲେ ଅଞ୍ଚଳବାସୀ
■ ଗରିବଙ୍କ ଜମିକୁ ପୁଞ୍ଜିପତିଙ୍କ ହାତକୁ ଟେକିଦେବାକୁ ଷଡ଼ଯନ୍ତ୍ର
■ ଶେଷ ମୁହୂର୍ତ୍ତ ପର୍ଯ୍ୟନ୍ତ ଲଢ଼େଇ ଚେତାବନୀ

ଉଦ୍‌ବାସ୍ତୁ ହୋଇଥିଲେ। ୧୯୫୦ ଦଶକର ପ୍ରଥମାର୍ଦ୍ଧରେ ସେମାନେ ହୀରାକୁଦ ବୁଡ଼ି ଅଞ୍ଚଳରୁ ବିସ୍ଥାପିତ ହୋଇ ଆମ ରାଜସ୍ୱ ଗ୍ରାମର ହୀରାକୁଦ ଜଳଭଣ୍ଡାରର ପାଶ୍ୱର୍ବର୍ତ୍ତୀ ଅବଶିଷ୍ଟ ଇଲାକାରେ ସରକାରୀ ଜମି ଉପରେ ଦୀର୍ଘ ୭୦ ବର୍ଷରୁ ଅଧିକ ସମୟ ହେବ ବସତି ସ୍ଥାପନ ସହ ଉପଲବ୍ଧ ସରକାରୀ ଜମି ଚାଷ କରି ପୁରୁଷାନୁକ୍ରମେ ଜୀବନଜୀବିକା ନିର୍ବାହ କରୁଛନ୍ତି। ହୀରାକୁଦ ନଦୀବନ୍ଧ ଦ୍ୱାରା ବିସ୍ଥାପିତ ଗରିବ ପରିବାରର କୌଣସି ସ୍ଥାୟୀ ଥଇଥାନ କରାଯିବା ପରିବର୍ତ୍ତେ ଉକ୍ତ ପରିବାରର ପେଟପାଟଣା ପାଇଁ ନିର୍ଭରଶୀଳ ଖାତା ନଂ. ୩୨୪ର ୧୨ଟି ପ୍ଲଟର ୨୭ ଏକର ୪୪ ଡେସିମିଲ ପରିମିତ ଚାଷ ଜମିକୁ ପର୍ଯ୍ୟଟନ ପ୍ରକଳ୍ପ ନିର୍ମାଣ ସକାଶେ ଇଡ୍‌କୋ ଭୁବନେଶ୍ୱରଙ୍କୁ ହସ୍ତାନ୍ତର କରିବାକୁ ନୋଟିସ୍ ଆସିଛି। ଏହା ସରକାରଙ୍କ ଗରିବ ମାରଣ ଓ ଓ ଜନସ୍ୱାର୍ଥବିରୋଧୀ ନୀତି ବୋଲି ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ଏହି ବହୁ କୋଟି ମୂଲ୍ୟର ପର୍ଯ୍ୟଟନ ପ୍ରକଳ୍ପ ନିର୍ମାଣ ପରୋକ୍ଷରେ ସେମାନଙ୍କ ଜୀବନଜୀବିକାର ଆଧାର ଜମିକୁ ପୁଞ୍ଜିପତିଙ୍କ ହାତରେ ସମର୍ପି ଦେବାର ଏକ ଷଡ଼ଯନ୍ତ୍ର। ଏଣୁ ଜମି ତଥା ନିଜ ଜୀବନଧାରାକୁ ବଞ୍ଚେଇ ରଖିବା ପାଇଁ ଶେଷ ମୁହୂର୍ତ୍ତ ପର୍ଯ୍ୟନ୍ତ ଲଢ଼େଇ କରିବୁ ବୋଲି ଚେତାବନୀ ଦେଇଛନ୍ତି।

ହୀରାକୁଦ ନଦୀବନ୍ଧ ଯୋଜନା ଦ୍ୱାରା ବିସ୍ଥାପିତ ହୋଇଥିବା ଗରିବ ଆଦିବାସୀ ପରିବାରଗୁଡ଼ିକର କୌଣସି ସ୍ଥାୟୀ ଥଇଥାନ କରାଯିବା ପରିବର୍ତ୍ତେ ଗତ ୭୦ ବର୍ଷରୁ ଅଧିକ ସମୟ ଏବଂ କିଛି ଲୋକ ଗତ ୧୦୦ ବର୍ଷ ଧରି ତିନି ଚାରି ପିଢ଼ି ପର୍ଯ୍ୟନ୍ତ ବସବାସ ସହ ପରିବାର ପ୍ରତିପୋଷଣ କରୁଥିବା ଜମିକୁ ଇଡ୍‌କୋ ହାତକୁ ଟେକିଦିଆଯାଉଥିବା କହିଛନ୍ତି। ପର୍ଯ୍ୟଟନ ଯୋଜନା ଆଳରେ ଉଚ୍ଛେଦକୁ ଅଞ୍ଚଳବାସୀ ତୀବ୍ର ବିରୋଧ କରିଛନ୍ତି।

## ଆଜିର ରାଶିଫଳ

**ମେଷ:** ବ୍ୟବସାୟ ଆଗକୁ ବଢ଼ାଇବାକୁ ପ୍ରୟାସ କରିବେ। ପରିବାର ସଦସ୍ୟଙ୍କ ସହ ଉତ୍ତମ ବୁଝାମଣା ରହିବ। ଘରକୁ ଅତିଥି ଆସିପାରନ୍ତି। ପୁରୁଣା ବନ୍ଧୁଙ୍କ ସହ ଦେଖାସାକ୍ଷାତ ହେବ। ଆର୍ଥିକ ସମସ୍ୟା ଦେଖା ଦେବ।

**ବୃଷ:** ଘରକୁ ନୂଆ ଜିନିଷ ଆଣିବେ। ଭାବିଚିନ୍ତି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବା ଭଲ। ଗୁରୁଜନଙ୍କ ଆଶୀର୍ବାଦ ନେବେ। ଆର୍ଥିକ କାରବାରରେ ଲାଭ ମିଳିବ। ଅପ୍ରିୟ ସତ କହି ସମସ୍ୟାର ସମ୍ମୁଖୀନ ହୋଇପାରନ୍ତି।

**ମିଥୁନ:** ଆତ୍ମବିଶ୍ୱାସର ସହ ସମସ୍ତ କାର୍ଯ୍ୟ କରିବେ। ପରିଶ୍ରମ ଅନୁସାରେ ଫଳ ମିଳିବନି। ବାଦବିବାଦରୁ ଦୂରେଇ ରହିବେ। ପ୍ରତିଯୋଗିତାମୂଳକ ପରୀକ୍ଷା ପାଇଁ ପରିଶ୍ରମ କରିବେ। ଜୀବନସାଥୀଙ୍କୁ ସମୟ ଦେବେ।

**କର୍କଟ:** ମାଂସପେଶୀ ଯନ୍ତ୍ରଣା ଅନୁଭବ କରିବେ। ଇଷ୍ଟ ଦେବଙ୍କୁ ସ୍ମରଣ କରିବେ। ସୃଜନାତ୍ମକ କାର୍ଯ୍ୟରେ ସମୟ ଅତିବାହିତ କରିବେ। କାର୍ଯ୍ୟକ୍ଷେତ୍ରରେ ସଫଳ ହେବେ। ଜମି କିଣିବା ଯୋଗ ଅଛି।

**ସିଂହ:** ଦିନଟି ହସଖୁସିରେ କଟିବ। ସ୍ୱାସ୍ଥ୍ୟ ପ୍ରତି ଧ୍ୟାନ ଦେବେ। ପ୍ରେମ ମାମଲାରେ ଦିନଟି ଭଲ। ବନ୍ଧୁଙ୍କ କଥା ଆଘାତ ଦେବ। ଗରିବ ଲୋକଙ୍କୁ ସାମର୍ଥ୍ୟ ମୁତାବକ ସାହାଯ୍ୟ କରିବେ। କଳା ଓ ସାହିତ୍ୟ ପ୍ରତି ରୁଚି ବଢ଼ିବ।

**କନ୍ୟା:** ଆର୍ଥିକ ସ୍ଥିତିରେ ଉନ୍ନତି ପରିଲକ୍ଷିତ ହେବ। ରୋଗମୁକ୍ତ ହେବେ। ପରିବାର ସଦସ୍ୟଙ୍କ ମନ ଜିଣିବେ। ନିଯୁକ୍ତିକୁ ନେଇ ଖୁସି ଖବର ମିଳିବ। ଦାମ୍ପତ୍ୟ ଜୀବନ ସୁଖମୟ ହେବ। ରାଜନେତାଙ୍କ ପାଇଁ ଦିନଟି ଭଲ।

**ତୁଳା:** ବ୍ୟବସାୟରେ ଲାଭ ହେବ। ପାରିବାରିକ ବିବାଦ ଦେଖା ଦେବ। ଜୀବନସାଥୀଙ୍କ ସହ ନୂଆ ସ୍ଥାନ ବୁଲିବାକୁ ଯିବେ। ବିଦ୍ୟାର୍ଥୀ କଠିନ ପରିଶ୍ରମ କରିବେ। ପୁରୁଣା ନିବେଶରୁ ଲାଭ ମିଳିବ।

**ବିଛା:** ବ୍ୟବସାୟ ବୃଦ୍ଧି ପାଇଁ ନୂଆ ଯୋଜନା କରିବେ। ସନ୍ତାନଙ୍କ ସହ ବୁଲିବାକୁ ଯିବେ। ସ୍ୱାଦିଷ୍ଟ ଖାଦ୍ୟ ଖାଇବେ। ବନ୍ଧୁମିଳନ ଯୋଗ ଅଛି। ମାଲିମକଦ୍ଦମା ଲାଗି ସମୟ ଅନୁକୂଳ ନୁହେଁ।

**ଧନୁ:** ଯୋଜନାମୁତାବକ ସମସ୍ତ କାର୍ଯ୍ୟ କରିବେ। ଛାତ୍ରଛାତ୍ରୀ ସ୍ୱାସ୍ଥ୍ୟ ପାଇଁ ଯତ୍ନବାନ ହେବେ। ବିରୋଧୀଙ୍କଠାରୁ ଦୂରେଇ ରହିବେ। ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ତିକ୍ତତା ଦେଖା ଦେବ। ବିଦ୍ୟାର୍ଥୀ କୃତକାର୍ଯ୍ୟ ହେବେ।

**ମକର:** ଆଣ୍ଠୁଗଣ୍ଠି ସମସ୍ୟା ଦେଖା ଦେବ। ସମୟର ସଠିକ ଉପଯୋଗ କରିବେ। ସମ୍ପର୍କୀୟଙ୍କ ସହଯୋଗ ମିଳିବ। ପ୍ରେମିକ ପ୍ରେମିକାଙ୍କ ପାଇଁ ଦିନଟି ଉତ୍ତମ। ଆଇଟି କର୍ମଚାରୀଙ୍କ ପାଇଁ ଦିନଟି ଭଲ।

**କୁମ୍ଭ:** ଭଗବାନ ଶିବଙ୍କୁ ବେଲପତ୍ର ଅର୍ପଣ କରିବେ। ପରିବାର ସଦସ୍ୟଙ୍କ ସ୍ୱାସ୍ଥ୍ୟକୁ ନେଇ ଚିନ୍ତାରେ ରହିବେ। ଅଫିସ୍‌ରେ କାର୍ଯ୍ୟଭାର କମ୍ ହେବ। ଆଣ୍ଠୁଗଣ୍ଠି ସମସ୍ୟାର ସମ୍ମୁଖୀନ ହୋଇପାରନ୍ତି।

**ମୀନ:** ଇଞ୍ଜିନିୟରିଂ କ୍ଷେତ୍ରରେ ସଫଳତା ମିଳିବ। ବନ୍ଧୁ ମିଳନ ଯୋଗ ଅଛି। ଭାଇଭଉଣୀଙ୍କ ମଧ୍ୟରେ ଝଗଡ଼ା ହେବ। ଛାତ୍ରଛାତ୍ରୀ ମନୋରଞ୍ଜନ କାର୍ଯ୍ୟରେ ସମୟ ଅତିବାହିତ କରିବେ। ଅଧିକ ଖର୍ଚ୍ଚାନ୍ତ ହେବେ।

## ଆଜିର ଇତିହାସ

- ୧୯୨୫- ନେସନ୍ୟାଲ୍ ଜିଓଗ୍ରାଫିକ୍ ଚ୍ୟାନେଲ୍ ପ୍ରଥମ ଥର ସମୁଦ୍ର ଭିତର ଦୃଶ୍ୟର ରଙ୍ଗିନ୍ ଫଟୋ ପ୍ରକାଶ କଲା।
- ୧୯୫୧- ନେପାଳ ବ୍ରିଟେନ୍‌ଠାରୁ ସ୍ୱାଧୀନ ହେଲା।
- ୧୯୬୮ - କିମ୍ବଦନ୍ତୀ ହକି ଖେଳାଳି ଧନରାଜ ପିଲେଙ୍କ ଜନ୍ମ।
- ୨୦୦୬-ସଂଯୁକ୍ତ ରାଷ୍ଟ୍ର ସୁରକ୍ଷା ପରିଷଦରେ କୋରିଆ ଉପରେ ପ୍ରତିବନ୍ଧକ ଲଗାଇବା ପ୍ରସ୍ତାବ ପାରିତ।
- ୨୦୧୫- ବୈଜ୍ଞାନିକମାନେ ପ୍ଲୁଟୋ ଗ୍ରହର କ୍ଲୋଜଅପ୍ ଫଟୋ ଜାରି କଲେ।



# ରାସ୍ତାରେ ଗାଡ଼ିରୁ ତେଲ ସରିଲେ ଜରିମାନା

ସାଧାରଣତଃ ଦ୍ରୁତଗତିରେ ଗାଡ଼ି ଚାଳନା କିମ୍ବା ହେଲ୍‌ମେଟ୍ ନ ପିନ୍ଧି ଗାଡ଼ି ଚଲାଇଲେ, ଏଥିପାଇଁ ନିୟମ ଅନୁସାରେ ଚାଲାଣ କଟା ହୋଇଥାଏ। ହେଲେ ଗାଡ଼ିରୁ ତେଲ ସରିଗଲେ, ଜରିମାନା ଦେବାକୁ ପଡ଼ିବା କଥା ଶୁଣି ଅନେକଙ୍କୁ ଆଶ୍ଚର୍ଯ୍ୟ ଲାଗୁଥିବ। ତେବେ ଜର୍ମାନୀ ଦେଶରେ ଏପରି ଏକ ବିଚିତ୍ର ନିୟମ ରହିଛି। ଜର୍ମାନୀର ଜାତୀୟ ରାଜପଥରେ ଲୋକେ ଦ୍ରୁତ ଗତିରେ ଗାଡ଼ି ଚାଳନା କଲେ ମଧ୍ୟ ଏଥିପାଇଁ କୌଣସି ନିୟମ ନାହିଁ। କିନ୍ତୁ ମଝି ରାସ୍ତାରେ ଗାଡ଼ିରୁ ତେଲ ସରିଗଲେ ଏହାକୁ ଅପରାଧ ବୋଲି ମନାଯାଏ। ଏଥିପାଇଁ ଦଣ୍ଡ ମିଳିବା ସହ ଲୋକଙ୍କ ଠାରୁ ଜରିମାନା ଆଦାୟ କରାଯାଇଥାଏ। ଅବଶ୍ୟ ଗାଡ଼ିରୁ ତେଲ ସରିଗଲେ କାହିଁକି ସଜା ମିଳେ ସେ ନେଇ କୌଣସି ସ୍ପଷ୍ଟ କାରଣ ନାହିଁ। ସେହିପରି ଏଠାରେ ଅନେକ ଅଜବ ନିୟମ ମଧ୍ୟ ପ୍ରଚଳିତ ହୋଇଥାଏ। କେବଳ ସେତିକି ନୁହେଁ, ଏଠାରେ ଜନ୍ମଦିନ ପୂର୍ବରୁ ମଧ୍ୟ କେହି କାହାକୁ ଆଗୁଆ ଶୁଭେଚ୍ଛା ଜଣାନ୍ତି ନାହିଁ। ଏପରି କରିବାକୁ ସ୍ଥାନୀୟ ଅଞ୍ଚଳରେ ଅଶୁଭ ବୋଲି ବିବେଚନା କରାଯାଏ। ଏଠାରେ ପ୍ରଚଳିତ ନିୟମ ଅନୁଯାୟୀ, ଜନ୍ମଦିନ ହିଁ ଲୋକେ ଶୁଭେଚ୍ଛା ଜଣାଇଥାନ୍ତି। ସେହିପରି ଏଠାରେ ଲୋକମାନେ ଫୋନ୍ ଉଠାଇବା ସମୟରେ ହ୍ୟାଲୋ ନ କହି, ନିଜର ନାମ କହିଥାନ୍ତି। ତେବେ ଜର୍ମାନୀରେ ଏପରି ଅନେକ ଅଜବ ନିୟମ ରହିଛି। ଯାହାକୁ ସ୍ଥାନୀୟ ଲୋକେ ବର୍ଷ ବର୍ଷ ଧରି ପାଳନ କରି ଆସୁଛନ୍ତି।

# 'ବ୍ୟାଟଲ୍ ଅଫ୍ ଗଲୱାନ୍' ସଲମାନଙ୍କ ହିରୋଇନ୍ ଚିତ୍ରାଙ୍ଗଦା

ବଲିଉଡ୍‌ର ଦବଙ୍ଗ ଖାନ୍ ସଲମାନ୍ 'ବ୍ୟାଟଲ୍ ଅଫ୍ ଗଲୱାନ୍' ସିନେମା ସମ୍ପର୍କରେ ଘୋଷଣା କରିବା ପରେ ତାଙ୍କ ପ୍ରଶଂସକମାନେ ଏହାକୁ ନେଇ ବେଶ୍ ଉତ୍ସାହିତ ଅଛନ୍ତି। ଇତିମଧ୍ୟରେ ସଲମାନ୍‌ଙ୍କ ଫାଷ୍ଟ ଲୁକ୍ ମଧ୍ୟ ଜାରି ହୋଇଛି। ମୋସନ୍ ପୋଷ୍ଟରରେ ସଲମାନ୍‌ଙ୍କ ମୁହଁରେ ରକ୍ତ ଛିଟା ଲାଗିଥିବାବେଳେ ସେ ସୈନିକ ଭାବେ ଦେଖାଯାଇଛନ୍ତି। ସଲମାନ୍‌ଙ୍କର ଏହି ଲୁକ୍ ଦର୍ଶକଙ୍କୁ ବେଶ୍ ପସନ୍ଦ ଆସିଛି। ଅନେକ ଦିନରୁ ଫିଲ୍ମ ନିର୍ମାତା ଏହାର ନାୟିକା ସନ୍ଧାନରେ ଥିଲେ। ଚିତ୍ରାଙ୍ଗଦା ସିଂହ ଏଥିରେ ସଲମାନ୍‌ଙ୍କ ବିପକ୍ଷରେ ନାୟିକା ଭାବେ ଦେଖାଯିବେ ବୋଲି ଫାଇନାଲ ହୋଇଥିବା ଜଣାପଡ଼ିଛି। ଅବଶ୍ୟ ଏନେଇ ବିଧିବଦ୍ଧ ଭାବେ କୁହାଯାଇ ନାହିଁ। କିନ୍ତୁ ଖୁବ୍ ଶୀଘ୍ର ଚିତ୍ରାଙ୍ଗଦାଙ୍କ ନାମ ଫିଲ୍ମ ନିର୍ମାତା ଘୋଷଣା କରିପାରନ୍ତି ବୋଲି ଚର୍ଚ୍ଚା ହେଉଛି। ଯଦି ଏଥିରେ ଚିତ୍ରାଙ୍ଗଦା ଅଭିନୟ କରୁଛନ୍ତି ତେବେ ପ୍ରଥମ ଥର ପାଇଁ ସେ ସଲମାନ୍‌ଙ୍କ ସହ ସେ ସ୍କ୍ରିନ୍ ସେୟାର୍ କରିବେ। 'ବ୍ୟାଟଲ୍ ଅଫ୍ ଗଲୱାନ୍'ରେ ୨୦୨୦ ମସିହା ଜୁନ୍ ୧୫-୧୬ ତାରିଖରେ ଲଦାଖର ଗଲୱାନ୍ ଉପତ୍ୟକାରେ ଭାରତୀୟ ଓ ଚୀନ୍ ସୈନ୍ୟଙ୍କ ମଧ୍ୟରେ ହୋଇଥିବା ଏକ ଭୟଙ୍କର ସଂଘର୍ଷକୁ ଦେଖାଯିବ। ଏହି ଅଞ୍ଚଳରେ ବନ୍ଧୁକ ବ୍ୟବହାର ନିଷିଦ୍ଧ ଥିବାରୁ ସୈନିକମାନେ ଲାଠି, ପଥର ଓ ହାତରେ ଲଢ଼ିଥିଲେ। ଏହି ଚଳଚ୍ଚିତ୍ରରେ ସଲମାନ୍ କର୍ଣ୍ଣେଲ ବିକୁମାଲ୍ଲା ସନ୍ତୋଷ ବାବୁଙ୍କ ଚରିତ୍ରରେ ଅଭିନୟ କରୁଛନ୍ତି, ଯିଏ କି ୨୦୨୦ ମସିହାରେ ଗଲୱାନ୍ ଉପତ୍ୟକାରେ ଚୀନ ସୈନ୍ୟ ସହ ସଂଘର୍ଷରେ ୧୬ ବିହାର ରେଜିମେଣ୍ଟର ନେତୃତ୍ୱ ନେଇଥିଲେ।




# କୃତ୍ରିମ ରକ୍ତ



ଠିକ୍ ସମୟରେ ରକ୍ତ ନ ମିଳିବା ଯୋଗୁଁ ଅନେକ ଲୋକଙ୍କର ମୃତ୍ୟୁ ହେବା କଥା ସମସ୍ତେ ଜାଣନ୍ତି। ତେବେ ଏହି ସମସ୍ୟାର ସମାଧାନ କରିବା ପାଇଁ ବୈଜ୍ଞାନିକମାନେ କୃତ୍ରିମ ରକ୍ତ ବିକଶିତ କରିଛନ୍ତି। ଏହା ଜରୁରିକାଳୀନ ସେବା, ଯୁଦ୍ଧକ୍ଷେତ୍ର ଏବଂ ଉପଯୁକ୍ତ ଚିକିତ୍ସା ସୁବିଧାରୁ ବଞ୍ଚିତ ଅଞ୍ଚଳଗୁଡ଼ିକରେ ରୋଗୀ ସେବା ଦିଗରେ ବୈପ୍ଳବିକ ପରିବର୍ତ୍ତନ ଆଣିପାରିବ ବୋଲି ଆଶା କରାଯାଉଛି। ଜାପାନର ନାରା ବିଶ୍ୱବିଦ୍ୟାଳୟର ବୈଜ୍ଞାନିକମାନେ ଏମିତି ଏକ କୃତ୍ରିମ ରକ୍ତ ତିଆରି କରିଛନ୍ତି, ଯାହାକୁ ଯେକୌଣସି ବ୍ଲଡ୍ ଗ୍ରୁପ୍‌ର ଲୋକଙ୍କୁ ଦିଆଯାଇପାରିବ। ତେବେ ଦାନ କରାଯାଇଥିବା ରକ୍ତ ବା ଏକ୍ସପାୟରି ରକ୍ତରୁ ହିମୋଗ୍ଲୋବିନ ବାହାର କରାଯାଏ। ଏହାପରେ ଉକ୍ତ ହିମୋଗ୍ଲୋବିନକୁ ଲିପିଡ୍ ପରସ୍ତରେ ବନ୍ଦ କରି ଛୋଟ ଛୋଟ କୋଷ ତିଆରି କରାଯାଏ। ଏହି କୋଷ ଏତେ ଛୋଟ ହୋଇଥାଏ ଯେ, ତାହା ଶରୀରର ଛୋଟ ଶିରାରେ ମଧ୍ୟ ସହଜରେ ଗତି କରିବାକୁ ସକ୍ଷମ ହୋଇଥାନ୍ତି। ତେବେ ଏହି ରକ୍ତର ଅନେକ ବିଶେଷତ୍ୱ ରହିଛି। ପ୍ରଥମତଃ ଏହାକୁ ଯେକୌଣସି ବ୍ଲଡ୍ ଗ୍ରୁପ୍ ବ୍ୟକ୍ତିବିଶେଷଙ୍କୁ ଦିଆଯାଇପାରିବ। ଦ୍ୱିତୀୟତଃ ଏହାକୁ ସଂରକ୍ଷିତ କରି ରଖିବା ପାଇଁ ଶୀତଳ ଭଣ୍ଡାରର ଆବଶ୍ୟକତା ନାହିଁ। ଏହାବାଦ୍ ଏଥିରେ କୌଣସି ପ୍ରକାର ସଂକ୍ରମଣର ଭୟ ମଧ୍ୟ ନାହିଁ। ବୈଜ୍ଞାନିକମାନେ ଏହାର ପରୀକ୍ଷା ସଫଳତାପୂର୍ବକ ମୂଷାଠାରେ କରିଛନ୍ତି। ମୂଷାର ୯୦ ପ୍ରତିଶତ ରକ୍ତକୁ କୃତ୍ରିମ ରକ୍ତରେ ରୂପାନ୍ତରିତ କରାଗଲା ଏବଂ ସେମାନଙ୍କ ରକ୍ତଚାପ ଏବଂ ଅମ୍ଳଜାନ ମାତ୍ରା ସାମାନ୍ୟ ଥିବା ଜଣାପଡ଼ିଛି। ଅବଶ୍ୟ ଖୁବ୍ ଶୀଘ୍ର ଏହା ମଣିଷଙ୍କ ଉପରେ ପରୀକ୍ଷା କରାଯିବ। ଏହା ସଫଳ ହେଲେ ୨୦୩୦ ଆଡ଼କୁ ଏହା ଚିକିତ୍ସା ସମୟରେ ବ୍ୟବହାର କରାଯାଇ ପାରିବ। ସେହିପରି ଏହି ପରୀକ୍ଷଣ ସଫଳ ରହିଲେ, ଏହି ଟେକ୍ନିକ୍ ସାରା ଦୁନିଆ ଲାଗି ଗେମ୍ ଚେଞ୍ଜର ସାବ୍ୟସ୍ତ ହେବ।

## ସମ୍ଭାବନା





# ୧୦ ବର୍ଷରେ ୪ କୋଟି ସଞ୍ଚୟ

**ଜଣେ ଭାରତୀୟ ଯୁବକଙ୍କ କାହାଣୀ ଏବେ ଚର୍ଚ୍ଚାର ପ୍ରସଙ୍ଗ ପାଲଟିଛି। ତା'ସହ ତାଙ୍କ କାହାଣୀ ଅନ୍ୟମାନଙ୍କୁ ପ୍ରେରିତ କରିଛି। ୩୪ ବର୍ଷୀୟ ଏହି ଟେକ୍ନୋଲୋଜି ଏକ୍ସପର୍ଟ ୧୦ ବର୍ଷରେ ଚାରି କୋଟି ଟଙ୍କା ସଞ୍ଚୟ କରିଛନ୍ତି। ଏ ଲାଗି ସେ କୌଣସି ଲଟେରି ଖେଳି ନାହାନ୍ତି କିମ୍ବା କାହାରି ସାହାଯ୍ୟ ନେଇ ନାହାନ୍ତି। କେବଳ ନିଜ ପରିଶ୍ରମ, ଅନୁଶାସନ ଏବଂ ଶୃଙ୍ଖଳିତ ତଥା ସରଳ ଜୀବନକୁ ଆପଣାଇ ଟଙ୍କା ସଞ୍ଚୟ କରିବାରେ ସଫଳ ହୋଇଥିବା ସେ କହିଛନ୍ତି।**


ନିଜ ଜନ୍ମଦିନରେ ସମ୍ପୃକ୍ତ ଟେକ୍ନୋଲୋଜି ଏକ୍ସପର୍ଟ ଏହି କଥା ସେୟାର୍ କରିଛନ୍ତି। ସେ ଏବେ ୩୪ ବର୍ଷ ବୟସରେ ପାଦ ଥାପିଛନ୍ତି। ଏହାସହ ତାଙ୍କ ସଞ୍ଚୟ ୪ କୋଟି ଟଙ୍କା ଅତିକ୍ରମ କରିଛି। କେବଳ ୧୦ ବର୍ଷର ଧୈର୍ଯ୍ୟ, ପରିଶ୍ରମ ଓ ଅନୁଶାସନ ଯୋଗୁଁ ଏହା ସମ୍ଭବ ହୋଇଥିବା ସେ କହନ୍ତି। ତାଙ୍କ ପିଲାଦିନ ଅଭାବ ଅନଟନରେ ବିତିଥିବା ସେ କହିଛନ୍ତି। ତାଙ୍କ ବାପା ଶ୍ରମିକ ହୋଇଥିବାରୁ ଘର ଚଳାଇବା ଆଦୌ ସହଜ ନ ଥିଲା। ସେ ସରକାରୀ ହିନ୍ଦୀ ମାଧ୍ୟମ ସ୍କୁଲରୁ ପାଠପଢ଼ିଛନ୍ତି। ତେବେ ତାଙ୍କ ବାପା ସବୁ ବେଳେ କହି ଆସୁଥିଲେ, ଯେଉଁ ଦିନ ସେ ତାଙ୍କ ପୁଅ ପାଇଁ ପରିଚିତ ହେବେ, ସେଦିନ ତାଙ୍କ ବାପା ଗର୍ବ ଅନୁଭବ କରିବେ। ଏହି କଥା ତାଙ୍କ ଜୀବନର ସବୁଠୁ ବଡ଼ ପ୍ରେରଣା ପାଲଟିଲା।

ସେହିପରି ସେ କମ୍ପ୍ୟୁଟର ସଂସ୍ପର୍ଶରେ ଆସିବାରୁ ତାଙ୍କ ଜୀବନ ବଦଳି ଥିବା କହିଛନ୍ତି। ଭୋକ କ'ଣ ସେ ବୁଝିଛନ୍ତି। ତାଙ୍କ ଭୋକ କେବଳ ପେଟର ଯନ୍ତ୍ରଣାକୁ କମ୍ କରିବା ନ ଥିଲା, ଏହି ଭୋକ ବ୍ରାଣ୍ଡେଡ ଡ୍ରେସ ପିନ୍ଧିବାର ବି ଥିଲା। ଅନ୍ୟପଟେ ୧୦ ବର୍ଷରେ କିଭଳି ସେ ୧୦ କୋଟି ଟଙ୍କା ସଞ୍ଚୟ କରିଛନ୍ତି, ସେକଥା ବି ସେ କହିଛନ୍ତି। ସେ ଜୀବନରେ ଆଗକୁ ବଢ଼ିବା ପାଇଁ ବିଭିନ୍ନ ବହି, ଇଣ୍ଟରନେଟ୍‌ର ଆଦି ସାହାରା ବି ନେଇଛନ୍ତି। ଚାକିରି ସହିତ ପାର୍ଟ ଟାଇମ୍ କାମ କଲେ। ପ୍ରତି ମାସରେ ସଞ୍ଚୟ କରିବା ସହିତ ଖର୍ଚ୍ଚରେ ନିୟନ୍ତ୍ରଣ ଆଣିଲେ। ଗାଡ଼ି କରିବାର ଇଚ୍ଛା ଥିଲା, କିନ୍ତୁ ଘର କରିବାକୁ ତତ୍ପର ନ ଥିଲେ। ଆଜି ତାଙ୍କ ପାଖରେ କାର୍ ଓ ବାଇକ୍ ଅଛି। ହେଲେ ନିଜର ଘର ନାହିଁ। ସେ କହନ୍ତି, ତାଙ୍କ ବାପା ତାଙ୍କ ପରିଶ୍ରମକୁ ନେଇ ଗର୍ବ କରିବେ, ସମ୍ପତ୍ତିକୁ ନେଇ ନୁହେଁ। ସେ କହିଛନ୍ତି, ଜୀବନରେ ସଫଳ ହେବା ପାଇଁ ଇଂରାଜି ଜାଣିବା ଜରୁରି ନୁହେଁ, ନିଜ ଭିତରେ କଠିନ ପରିଶ୍ରମ ଓ ଆତ୍ମବିଶ୍ୱାସ ରହିବା ଦରକାର। ଏବେ ତାଙ୍କର ଏହି କାହାଣୀ ତାଙ୍କୁ ରିୟଲ ହିରୋର ପରିଚୟ ପ୍ରଦାନ କରିଛି।

# ବିନା ଇଣ୍ଟରନେଟ୍‌ରେ ଚାଟିଂ

ହ୍ୱାଟ୍ସଆପ୍ ତଥା ଫେସ୍‌ବୁକ୍‌ରେ ଚାଟିଂ କରିବା ପାଇଁ ଇଣ୍ଟରନେଟ୍ ଲୋଡ଼ା ପଡ଼େ। ହେଲେ ଏଣିକି ଚାଟିଂ ପାଇଁ ଆଉ ଇଣ୍ଟରନେଟ୍‌ର ଦରକାର ନାହିଁ। ଜ୍ୟାକ୍ ଡୋର୍ସିଙ୍କ ନୂଆ ମେସେଜିଂ ଆପ୍ 'ବିଟ୍‌ଚାଟ୍' ର ଏହା ହେଉଛି ବିଶେଷତ୍ୱ। ଏହି ଆପ୍ ବିନା ଇଣ୍ଟରନେଟ୍‌ରେ କାମ କରେ। ତେଣୁ ଇଣ୍ଟରନେଟ୍ ବିନା ଲୋକେ ଇନଷ୍ଟାଣ୍ଟ ମେସେଜିଂର ମଜା ନେଇପାରିବେ। ବିଟ୍‌ଚାଟ୍ ୱେବ୍୩ ଏବଂ ବ୍ଲକ୍ ଚେନ୍ ଟେକ୍ନୋଲୋଜି ଉପରେ ଆଧାରିତ। ଏଥିରେ ବ୍ୟବହାରକାରୀଙ୍କ ଡାଟା କୌଣସି ସେଣ୍ଟ୍ରାଲ ସର୍ଭର୍‌ରେ ରହି ନ ଥାଏ। ଏଥିରେ ଇନବିଲ୍ଟ କ୍ରିପ୍ଟୋ ୱାଲେଟ୍, ଏନକ୍ରିପଟେଡ୍ ଚାଟ୍, ଫାଇଲ ସେୟାରିଂ ଏବଂ ବିଜ୍ଞାପନ ନ ଥିବା ଭଳି ଫିଚର୍ସ ରହିଛି। ବ୍ଲୁଟୁଥ୍ ସଂଯୋଗ ଦ୍ୱାରା ଏଥିରେ ଚାଟିଂ କରିବା ସମ୍ଭବ। ଅବଶ୍ୟ ଏହା ସାଧାରଣ ଲୋକଙ୍କ ପାଇଁ ଏବେ ଲଞ୍ଚ ହୋଇ ନାହିଁ। ହେଲେ ଟେକ୍ନୋଲୋଜି ଦୁନିଆରେ ଏହାକୁ ନେଇ ଉତ୍ସାହ ଦେଖିବାକୁ ମିଳିଛି। ଏହି ଆପ୍ ୧୦୦ ମିଟର ପରିଧି ଭିତରେ ରହୁଥିବା ଡିଭାଇସ ପାଇଁ କାମ କରିବ। ଭବିଷ୍ୟତରେ ଏଥିରେ ୱାଇଫାଇ ସପୋର୍ଟ ମିଳିବା କୁହାଯାଉଛି।

# ଘରେ ବସି କରନ୍ତୁ ଚାକିରି



**ସମସ୍ତଙ୍କୁ ଚାକିରି ଜୀବନ ଭଲ ଲାଗେ। ସମୟ ସହିତ ଚାକିରିର ଚାପ ଓ ସମୟ ବ୍ୟକ୍ତିଗତ ଜୀବନକୁ ପ୍ରଭାବିତ କରିଥାଏ। ଫଳରେ ଚାକିରିରୁ ଧୀରେ ଧୀରେ ମୋହଭଙ୍ଗ ଆରମ୍ଭ ହୁଏ ଏବଂ ଅଫିସ୍ ଯିବାକୁ ଇଚ୍ଛା ହୁଏ ନାହିଁ। କିଛି ଚାକିରି ଏଭଳି ଅଛି, ଯେଉଁଥିରେ ଅଫିସ୍ ଯିବାକୁ ପଡ଼ିବ ନାହିଁ। ଘରେ ବସି କାମ କରିବା ସମ୍ଭବ।**

**କରିକୁଲମ୍ ଡିଜାଇନର:** କରିକୁଲମ୍ ଡିଜାଇନର କାମ ଘରେ ବସି କରିବା ସମ୍ଭବ। ଏହି କାମରେ କୌଣସି କୋର୍ସର ପାଠ୍ୟକ୍ରମ ଡିଜାଇନ କରିବାକୁ ହୋଇଥାଏ।

**କ୍ରିଏଟର ଆସିଷ୍ଟାଣ୍ଟ:** କ୍ରିଏଟର ଆସିଷ୍ଟାଣ୍ଟଙ୍କ କାମ ହେଉଛି ଇମେଲ ପଠାଇବା, କ୍ୟାପସନ ଲେଖିବା ଏବଂ ସୋସିଆଲ ମିଡିଆକୁ ହ୍ୟାଣ୍ଡେଲ କରିବା। ତେଣୁ ଏହି କାମ ମାଧ୍ୟମରେ ଜଣେ ଘରେ ରହି ରୋଜଗାର କରିପାରିବେ।

**କଲଚରାଲ କନସଲଣ୍ଟେଣ୍ଟ:** ଏହି କାମ ଖୁବ୍ ରୋମାଞ୍ଚକ ହୋଇଥାଏ। ଏହି ଚାକିରି ଅଲଗା ଅଲଗା ସ୍ଥାନର ସଂସ୍କୃତିକୁ ବୁଝିବାକୁ ବୁଝାଏ। ଏଥିରେ ପରାମର୍ଶଦାତା ଭାବେ କାମ କରିବାକୁ ହୋଇଥାଏ। ଯାହାକୁ ସହଜରେ ଅଫିସ୍ ନ ଯାଇ ଘରୁ ମଧ୍ୟ କରି ପାରିବେ।

**କମ୍ୟୁନିଟି ମ୍ୟାନେଜର:** କମ୍ୟୁନିଟି ମ୍ୟାନେଜରଙ୍କ କାମ ହେଉଛି ନେଟୱର୍କ ତିଆରି କରିବା। ଏହି ଚାକିରି ପ୍ରତ୍ୟେକ ବ୍ରାଣ୍ଡ ଲାଗି ଘରୁ ମଧ୍ୟ କରାଯାଇପାରିବ।

**କଣ୍ଟେଣ୍ଟ ରାଇଟର:** ଘରେ ବସି ପ୍ରୁଫ୍‌ରିଡର୍, ଏଡିଟର, ବ୍ଲଗର ଏବଂ କଣ୍ଟେଣ୍ଟ ରାଇଟରର କାମ କରି ରୋଜଗାର କରିପାରିବେ। ଏଥିରେ ଅଫିସ୍ ଯାଇ ସେତେ ବେଶି ଚାପ ନେବାକୁ ପଡ଼େ ନାହିଁ।

**ସୋସିଆଲ ମିଡିଆ ହ୍ୟାଣ୍ଡଲିଂ:** ଏହି କାମ ବି ଘରେ ବସି କରିବା ସହଜ। ଏହି କାମରେ ଯେକୌଣସି କମ୍ପାନିର ସୋସିଆଲ ମିଡିଆ ଆକାଉଣ୍ଟ ପରିଚାଳନା କରିବାକୁ ହୋଇଥାଏ।

# ଭଲ ନୁହେଁ ଓଭରସେୟାରିଂ



ଓଭରସେୟାରିଂର ଅର୍ଥ ହେଉଛି ନିଜର ବ୍ୟକ୍ତିଗତ କଥା ତଥା ଭାବନାକୁ ଆବଶ୍ୟକତାଠୁ ଅଧିକ ଅନ୍ୟମାନଙ୍କ ସହିତ ସେୟାର୍ କରିବା। ବିଶେଷକରି ଯେଉଁ କଥା ସେୟାର୍ କରିବା ଉଚିତ ନୁହେଁ, ସେସବୁକୁ ସେୟାର୍ କରିବା। ଏଭଳି କିଛି କୁହନ୍ତୁ ନାହିଁ, ଯାହାକୁ କହି ପରେ ଅନୁତାପ କିମ୍ବା ଅସୁରକ୍ଷିତ ମନେ କରିବେ। ସେହିପରି ଆବଶ୍ୟକତାଠୁ ଅଧିକ ସେୟାର୍ କରିବା ଦ୍ୱାରା ବ୍ୟକ୍ତିଗତ କଥା ସାମ୍ନାକୁ ଆସେ। ଏହା ଦ୍ୱାରା ବ୍ୟକ୍ତିଗତ ହୋଇ କିଛି ରହେ ନାହିଁ। ଅନ୍ୟପଟେ ସମସ୍ତେ ସବୁ କିଛି ଶୁଣିବାକୁ ଭଲପାଆନ୍ତି ନାହିଁ। ବେଳେ ବେଳେ ଅନ୍ୟମାନେ ମଧ୍ୟ ଅତିରିକ୍ତ କଥା ଶୁଣିବାରେ ଅସହଜ ଅନୁଭବ କରନ୍ତି। ଯଦ୍ଦ୍ୱାରା ନିଜକୁ ଲଜ୍ଜିତ ହେବା ଭଳି ଲାଗେ। ସେହିପରି କାର୍ଯ୍ୟାଳୟରେ ଆବଶ୍ୟକତାଠୁ ବେଶି ବ୍ୟକ୍ତିଗତ କଥା ଆଲୋଚନା କରିବା ବୃତ୍ତିଗତ ବ୍ୟକ୍ତିତ୍ୱ ଉପରେ ଖରାପ ପ୍ରଭାବ ପକାଏ। ଯେଉଁମାନେ ସବୁବେଳେ ବ୍ୟକ୍ତିଗତ କଥା ଆଲୋଚନା କରନ୍ତି, ସେମାନେ ବେଶି ଭରସାଯୋଗ୍ୟ ହୋଇ ନ ଥାନ୍ତି। ତା'ସହ ଏଭଳି ଲୋକ ଦୁର୍ବଳମନା ହୋଇଥାନ୍ତି ବୋଲି କୁହାଯାଏ। ପରିସ୍ଥିତି ଏମିତି ହୁଏ ଆବଶ୍ୟକତାଠୁ ବେଶି ସେୟାର୍ କରୁଥିବା ଲୋକଙ୍କ କଥାକୁ କେହି ଗମ୍ଭୀରତା ସହ ନେଇ ନ ଥାନ୍ତି। ଅନ୍ୟପଟେ ଅନଲାଇନ୍ ଓଭରସେୟାରିଂ ଦ୍ୱାରା ସାଇବରବୁଲିଂର ଶିକାର ମଧ୍ୟ ହେବାକୁ ପଡ଼ିଥାଏ। ଥରେ ଅନଲାଇନ୍‌ରେ କିଛି ସେୟାର୍ କରିବା ଦ୍ୱାରା ସେଥିରେ ଆଉ ନିୟନ୍ତ୍ରଣ ରହେ ନାହିଁ। ଫଳରେ ସେହି ତଥ୍ୟକୁ ଉପଯୋଗ କରାଯାଇ ହଇରାଣ କରାଯାଏ।

● ୨୦୨୮ ଲସ୍ ଆଞ୍ଜେଲ୍ସ ଅଲିମ୍ପିକ୍ସ

## ପୁରୁଷ ଓ ମହିଳାରେ ଭାଗନେବେ ୬ ଦଳ

ଲସ୍ ଆଞ୍ଜେଲ୍ସ, ୧୫।୭ (ଏଜେନ୍ସି): ଦୀର୍ଘ ୧୨୮ ବର୍ଷର ବ୍ୟବଧାନ ପରେ କ୍ରୀଡ଼ାର ମହାକୁମ୍ଭ ଅଲିମ୍ପିକ୍ସକୁ କ୍ରିକେଟ୍ ପ୍ରତ୍ୟାବର୍ତ୍ତନ କରିଛି। ୨୦୨୮ରେ ଆମେରିକାର ଲସ୍ ଆଞ୍ଜେଲ୍ସରେ ଆୟୋଜିତ ହେବାକୁ ଥିବା ଅଲିମ୍ପିକ୍ସର ୩୪ତମ ସଂସ୍କରଣରେ କ୍ରିକେଟ୍ ଖେଳାଯିବ। ଏଥିଲାଗି ୨୦୨୮ ଅଲିମ୍ପିକ୍ସ ଆୟୋଜକଙ୍କ ପକ୍ଷରୁ କ୍ରିକେଟ୍ କ୍ରୀଡ଼ାର କାର୍ଯ୍ୟସୂଚୀ ଘୋଷଣା କରାଯାଇଛି। ଅଲିମ୍ପିକର ଏହି ସଂସ୍କରଣ ଜୁଲାଇ ୧୪ରୁ ଆରମ୍ଭ ହେବ। କିନ୍ତୁ ଏହାର ଦୁଇଦିନ ପୂର୍ବରୁ ଅର୍ଥାତ୍ ଜୁଲାଇ ୧୨ରୁ କ୍ରିକେଟ୍ ଇଭେଣ୍ଟର ମ୍ୟାଚ୍ ଆରମ୍ଭ ହୋଇଯିବ। ଜୁଲାଇ ୨୯ରେ କ୍ରିକେଟ୍ ମ୍ୟାଚ୍ କାର୍ଯ୍ୟସୂଚୀ ଶେଷ ହେବ। ମହିଳା ବିଭାଗର ଫାଇନାଲ ଓ କାଂସ୍ୟ ପଦକ ମ୍ୟାଚ୍ ଜୁଲାଇ ୨୦ରେ ଓ ପୁରୁଷ ବିଭାଗର ଜୁଲାଇ ୨୯ରେ ଆୟୋଜିତ ହେବ ବୋଲି ଜଣାପଡ଼ିଛି।

ଟି-୨୦ ଫର୍ମାଟ୍‌ରେ ମ୍ୟାଚ୍‌ଗୁଡ଼ିକ ଖେଳାଯିବ। ଉଭୟ ପୁରୁଷ ଓ ମହିଳା ବିଭାଗରେ ବିଶ୍ୱ ମାନ୍ୟତାର ଶ୍ରେଷ୍ଠ-୬ଟି ଦଳ ଅଲିମ୍ପିକ୍ସକୁ ଯୋଗ୍ୟତା ଅର୍ଜନ କରିବେ। ପ୍ରତ୍ୟେକ ଦଳରେ ୧୫ଜଣ ହିସାବରେ ମୋଟ୍ ୧୮୦ଜଣ ପୁରୁଷ ଓ ମହିଳା କ୍ରିକେଟ୍ ଖେଳାଳି ଏହି ମେଗା ପ୍ରତିଯୋଗିତାରେ ଅଂଶଗ୍ରହଣ କରିବେ। କ୍ରିକେଟ୍ ମ୍ୟାଚ୍‌ଗୁଡ଼ିକ ଲସ୍ ଆଞ୍ଜେଲ୍ସଠାରୁ ୫୦ କିଲୋମିଟର ଦୂର ପୋମେନା ସହରର ଫେୟାର ଗ୍ରାଉଣ୍ଡ ଷ୍ଟାଡିୟମରେ ଖେଳାଯିବାକୁ ସ୍ଥିର ରହିଛି। ଏଠାରେ ଉଲ୍ଲେଖଯୋଗ୍ୟ, ୧୨୮ ବର୍ଷ ତଳେ ୧୯୦୦ ମସିହାରେ ପ୍ୟାରିସରେ ଆୟୋଜିତ ଅଲିମ୍ପିକ୍ସରେ କ୍ରିକେଟ୍‌କୁ ପ୍ରଥମଓ ଶେଷଥର ସାମିଲ କରାଯାଇଥିଲା। ଏଥିରେ ୨ଟି ଦଳ ଗ୍ରେଟ୍ ବ୍ରିଟେ ଓ ଫ୍ରାନ୍ସ ଅଂଶଗ୍ରହଣ କରିଥିଲେ। ଗ୍ରେଟ୍ ବିଟେନ ଏଥିରେ ସ୍ୱର୍ଣ୍ଣପଦକ ଜିତିଥିଲା।

## ଷ୍ଟୋକ୍ସ: ଗୋଟିଏ ଭେନ୍ୟୁରେ ସର୍ବାଧିକ ମ୍ୟାନ୍ ଅଫ୍ ଦି ମ୍ୟାଚ୍



ଲର୍ଡ୍ସ,୧୫।୭ (ଏଜେନ୍ସି): ଇଂଲଣ୍ଡ ବିପକ୍ଷ ତୃତୀୟ ଟେଷ୍ଟରେ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଥିବା ଇଂଲଣ୍ଡ ଅଧିନାୟକ ଲର୍ଡ୍ସ କ୍ରିକେଟ ଗ୍ରାଉଣ୍ଡରେ ଏହି ପୁରସ୍କାର ସର୍ବାଧିକ ୪ଥର ଜିତିଛନ୍ତି। ଏହି ମ୍ୟାଚ୍‌ରେ ସେ ୭୭ ରନ୍, ୫ ୱିକେଟ ନେବା ସହ ପନ୍ତଙ୍କୁ ରନ୍‌ଆଉଟ କରିଥିଲେ। ସେହିପରି ୨୦୧୫ରେ ନ୍ୟୁଜିଲାଣ୍ଡ ବିପକ୍ଷ ଟେଷ୍ଟରେ ସେ ୧୯୩ ରନ୍ ଓ ୩ ୱିକେଟ, ୨୦୧୭ ୱେଷ୍ଟଇଣ୍ଡିଜ୍ ବିପକ୍ଷ ଟେଷ୍ଟରେ ୬୦ ରନ୍ କରିବା ସହ ୬ ୱିକେଟ, ୨୦୧୯ରେ ଅଷ୍ଟ୍ରେଲିଆ ବିପକ୍ଷ ଟେଷ୍ଟରେ ୧୨୮ ରନ୍ କରି ମ୍ୟାନ୍ ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଥିଲେ। ଗୋଟିଏ ଭେନ୍ୟୁରେ ସର୍ବାଧିକ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ପୁରସ୍କାର ପାଇବାରେ ଷ୍ଟୋକ୍ସ ରେକର୍ଡ କରିଛନ୍ତି।

# ଲର୍ଡ୍ସରେ କାହିଁକି ହାରିଲା ଭାରତ

ଲର୍ଡ୍ସ,୧୫।୭ (ଏଜେନ୍ସି)



ଆଣ୍ଡରସନ-ତେନ୍ଦୁଲକର ଟ୍ରଫିର ତୃତୀୟ ମୁକାବିଲାରେ ଇଂଲଣ୍ଡ ନିକଟରୁ ୨୨ ରନ୍‌ରେ ହାରିଛି ଭାରତ। ଏତେ ଭଲ ଖେଳ, ପ୍ରଭାବୀ ପ୍ରଦର୍ଶନ ଓ ଲଢ଼େଇ କରିବା ପରେ ମଧ୍ୟ ଦଳର ପରାଜୟ ଖେଳାଳି ଓ ସମର୍ଥକଙ୍କୁ କରିଛି ନିରାଶ। ଏପରି ଅବସ୍ଥାରେ ଭାରତ କାହିଁକି ହାରିଲା ତାହାର କାରଣ ଖୋଜା ଚାଲିଛି। ସମସ୍ତ ବିଭାଗରେ ପ୍ରଭାବ ଖେଳିଥିଲେ ମଧ୍ୟ ଆଉ କିଛି ବାଉଣ୍ଡରୀ ମିଳିଥିଲେ ଆମେ ଏହି ମ୍ୟାଚ୍ ଜିତିପାରିଥାନ୍ତୁ ବୋଲି କହିଛନ୍ତି ଭାରତର ଅଧିନାୟକ ଶୁବମନ ଗିଲ୍। କିନ୍ତୁ ପରାଜୟର କାରଣ କ'ଣ ଏହା ହୋଇପାରେ। ଇଂଲଣ୍ଡ ଦଳ ଯେପରି ଉତ୍ସାହ ନେଇ ଏହି ମ୍ୟାଚ୍ ଖେଳିଥିଲା ତାହା କ'ଣ ଭାରତୀୟଙ୍କ ପାଖରେ ରହିଥିଲା କି? ଖେଳାଳିମାନେ ସଟ୍ ଚୟନରେ ନିୟନ୍ତ୍ରଣ ରଖିପାରିଥିଲେ କି? ନିଷ୍ପତ୍ତି ନେବାରେ କିଛି ଖେଳାଳି ତ୍ରୁଟି କରି ନ ଥିଲେ କି? ଏଭଳି ଅନେକ ପ୍ରଶ୍ନର ଉତ୍ତର ପାଇଲେ ଭାରତୀୟ ଦଳର ରୋମାଞ୍ଚକ ପରାଜୟର କାରଣ ମିଳିଯିବ। ଭାରତ ଏହି ମ୍ୟାଚ୍ ହାରିଛି ସତ, କିନ୍ତୁ ପରବର୍ତ୍ତୀ ଦୁଇଟି ଟେଷ୍ଟ ଯେ, ଲଢ଼େଇ ନହେବ ତାହା କିଏ କହିବ। ଜୁଲାଇ ୨୩ରୁ ଚତୁର୍ଥ ଟେଷ୍ଟ ଖେଳାଯିବ। ଏବେ ଇଂଲଣ୍ଡ ପ୍ରଥମ ଓ ତୃତୀୟ ଟେଷ୍ଟରେ ବିଜୟୀ ହୋଇଛି। ଦ୍ୱିତୀୟ ଟେଷ୍ଟ କବ୍‌ଜା କରିଛି ଭାରତ। ସିରିଜ୍‌ରେ ଇଂଲଣ୍ଡ ୨-୧ରେ ଆଗୁଆ ରହିଛି। ଭାରତ ହାରିଥିବା ଦୁଇଟି ଯାକ ମ୍ୟାଚ୍‌କୁ ହାତଛଡ଼ା କରିଥିଲା। ଖେଳାଳିଙ୍କ ମନରେ ଅଧିକ ଉତ୍ସାହ ନ ଆସିଲେ, ଏହି ସିରିଜ୍ ଯେ ହାତଛଡା ହୋଇ ନ ଯିବ ତାହା କିଏ କହିବ?

ଭାରତୀୟ ଦଳର କିଛି ଖେଳାଳିଙ୍କ ପ୍ରଦର୍ଶନକୁ ନେଇ ସନ୍ଦେହ ସୃଷ୍ଟି ହୋଇଛି। ଦ୍ୱିତୀୟ ଇନିଂସରେ କରୁନ ନାୟାର ବଲ୍ ଛାଡି ଏଲ୍‌ବିଡବ୍ଲ୍ୟୁ ହେବା, ଶୁବମନ ଗିଲ୍ ଅଯଥାରେ ବିବାଦ ସୃଷ୍ଟିକରିବା, ଇଂଲଣ୍ଡ ଖେଳାଳିଙ୍କୁ ସ୍ଲେଜିଂ କରିବାକୁ ଉତ୍ସାହିତ କରିବା ଆଦି ଘଟଣା ଭାରତ ସପକ୍ଷରେ ଯାଇନାହିଁ। ଅନ୍ୟପକ୍ଷରେ କହିବାକୁ ଗଲେ, ଯାହା ଭାରତୀୟ ମାନେ କରି ସମ୍ଭାଳି ନ ପାରିବେ ତାହା ଏହି ଟେଷ୍ଟରେ କରିବାକୁ ପଛାଇନାହାନ୍ତି। ଏଣୁ ଇଂଲଣ୍ଡର ବ୍ୟୁହରେ ଭାରତୀୟ ଖେଳାଳି ଫସିବାରେ ସମର୍ଥ ହୋଇଛନ୍ତି। ୮୨ ରନ୍‌ରେ ଦଳ ୭ମ ଓ ୧୧୨ ରନ୍‌ରେ ୮ମ ୱିକେଟ ହରାଇବା ପରେ ରବୀନ୍ଦ୍ର ଜାଡେଜାଙ୍କ ସହ ବୁମ୍‌ରା ବ୍ୟାଟିଂ କରିବାକୁ ଆସିଥିଲେ। ସେ ଅତ୍ୟନ୍ତ ସତର୍କତାର ସହ ଖେଳି ଇଂଲଣ୍ଡକୁ ନିରାଶ କରିବା ସହ ଭାରତୀୟ ଶିବିରରେ ବିଜୟ ଆଶା ସଞ୍ଚାର କରିଥିଲେ। ତାଙ୍କୁ ଆଉଟ କରିବାକୁ ଇଂଲଣ୍ଡ ଅଧିନାୟକ ବେନ୍ ଷ୍ଟୋକ୍ସ ବ୍ୟୁହ ରଚନା କରିଥିଲେ। ସେ କୌଣସି ସଟ୍ ଖେଳିବାରୁ ବିରତ ରହିଥିଲେ ମଧ୍ୟ ସର୍ଟପିଚ୍ ବଲ୍‌କୁ ଖେଳିବାକୁ ଚେଷ୍ଟା କରିଥିଲେ। ଯାହା ଫଳରେ ତାଙ୍କୁ କେବଳ ସର୍ଟପିଚ୍ ବଲ ପକାଇଥିଲେ ଷ୍ଟୋକ୍ସ। ଏହା ଫଳରେ ବୁମ୍‌ରା ସଟ୍ ମାରିବାକୁ ଯାଇ ଧରା ପଡ଼ିଥିଲେ ଓ ଭାରତ ବିଜୟ ଆଶା ଛାଡିଦେଇଥିଲା। ସିରାଜ ଯେତେ ଭଲ ଖେଳିଥିଲେ ମଧ୍ୟ ସେ କିଛି ନା କିଛି ତ୍ରୁଟି କରିବେ ବୋଲି ଆଶଙ୍କା ରହିଥିଲା। କିନ୍ତୁ ଏହା ସେ କରି ନ ଥିଲେ ମଧ୍ୟ ରକ୍ଷଣାତ୍ମକ ଭାବେ ଖେଳିଥିବା ବଲ୍ ଅତି ସହଜରେ ଖେଳିଥିବାରୁ ତାହା ଧୀରେ ଧୀରେ ଡ୍ରପ୍ ହୋଇ ସିରାଜଙ୍କ ଲେଗ୍ ଷ୍ଟମ୍ପ ଭାଙ୍ଗିଦେଇଥିଲା। ଏହି ଷ୍ଟମ୍ପ ଭାଙ୍ଗିବା ସହ ଇଂଲଣ୍ଡ ଖେଳାଳି ମାନେ ବିଜୟ ଉତ୍ସବରେ ମନୋନିବେଶ କରିଥିଲେ।

ଏହା ବ୍ୟତୀତ ଭାରତର ହାରିବାରେ ଦୁଇଟି ବଡ଼ କାରଣ ରହିଛି। ଏହା ମଧ୍ୟରୁ ମ୍ୟାଚ୍‌ର ଦ୍ୱିତୀୟ ଦିନ ସକାଳେ ବଲ ପରିବର୍ତ୍ତନ। ଏହି ସମୟରେ ବୁମ୍‌ରା ଚମତ୍କାର ବୋଲିଂ କରି ୩ଟି ୱିକେଟ ନେଇଥିଲେ। ଇଂଲଣ୍ଡ ୪ ୱିକେଟରେ ୨୬୦ରୁ ୭ ୱିକେଟରେ ୨୭୧ ରନ୍‌ରେ ପହଞ୍ଚିଥିଲା। ଏହି ସମୟରେ ବଲ ପରିବର୍ତ୍ତନ କରାଯିବା ଫଳରେ ବ୍ରାଉଡନ କାର୍ସଙ୍କ ନେତୃତ୍ୱରେ ଇଂଲଣ୍ଡର ନିମ୍ନଭାଗ ଭଲ ବ୍ୟାଟିଂ କରି ଦଳୀୟ ସ୍କୋରକୁ ୩୮୭ ଯାଏ ନେଇଯାଇଥିଲେ। ଏହି ବଲ ପରିବର୍ତ୍ତରେ ପୂରା ଖୁସି ନ ଥିଲେ ଭାରତୀୟ ଦଳର ଖେଳାଳିମାନେ।

ଦ୍ୱିତୀୟଟି ହେଲା ଋଷଭ ପନ୍ତଙ୍କ ରନ୍‌ଆଉଟ। ଭାରତର ପ୍ରଥମ ଇନିଂସରେ ରାହୁଲ ଓ ପନ୍ତ ଦମ୍‌ଦାର ବ୍ୟାଟିଂ କରି ଇଂଲଣ୍ଡକୁ ବ୍ୟାକ୍‌ଫୁଟ୍‌କୁ ଠେଲିଦେଇଥିଲେ। ଲଞ୍ଚ ପୂର୍ବରୁ ପନ୍ତ ଏକ କଷ୍ଟସାଧ୍ୟ ବା ବିପଜ୍ଜନକ ରନ୍ ନେବାକୁ ଚେଷ୍ଟା କରିଥିଲେ। ଏହା ସୁଫଳ ମିଳିଥିଲା ଇଂଲଣ୍ଡକୁ। ଏହି ସମୟରେ ବୋଲିଂ କରୁଥିବା ଷ୍ଟୋକ୍ସଙ୍କ ଡାଇରେକ୍ଟ ଥ୍ରୋ'ରେ ରନ୍‌ଆଉଟ ହୋଇଥିଲେ ପନ୍ତ। ଅତି ସହଜରେ ବ୍ୟାଟିଂ କରୁଥିବା ଏହି ଯୋଡି ଭାଙ୍ଗିବା ପରେ ସବୁକିଛି ବଦଳିଯାଇଥିଲା।

ଖେଳ ହେଉ ଅବା ଅନ୍ୟକିଛି ଘଟଣାରେ ତ୍ରୁଟି ରହିବା ସ୍ୱାଭାବିକ୍। କିନ୍ତୁ ଏହାକୁ ସୁଧାରିବାରେ ଶ୍ରେଷ୍ଠ ଖେଳାଳିମାନେ ନିଜକୁ ଚେଷ୍ଟା କରିଥାନ୍ତି। ଏବେ ଚଳିତ ସିରିଜ୍‌ରେ ବାକିଥିବା ଦୁଇଟି ଟେଷ୍ଟରେ ଭାରତୀୟ ଖେଳାଳିମାନେ କିପରି ପ୍ରଦର୍ଶନ କରୁଛନ୍ତି, ତାହା ଉପରେ ଭାରତୀୟ ଦଳର ସିରିଜ୍ ବିଜୟ ନିର୍ଭର କରୁଛି।


## ଜାପାନ ଓପନ୍: ଆରମ୍ଭରୁ ଋତୁପର୍ଣ୍ଣା-ଶ୍ୱେତପର୍ଣ୍ଣା ବିଦା

ଭୁବନେଶ୍ୱର, ୧୫।୭ (ସମିସ): ଟୋକିଓରେ ମଙ୍ଗଳବାରଠାରୁ ଆରମ୍ଭ ହୋଇଥିବା ଜାପାନ ଓପନ୍ ବ୍ୟାଡ୍‌ମିଣ୍ଟନ ପ୍ରତିଯୋଗିତାରେ ଓଡ଼ିଶାର ପଣ୍ଡା ଭଗିନୀ ଋତୁପର୍ଣ୍ଣା ଓ ଶ୍ୱେତପର୍ଣ୍ଣାଙ୍କୁ ନିରାଶ ହେବାକୁ ପଡ଼ିଛି। ମହିଳା ଡବଲ୍ସର ପ୍ରଥମ ରାଉଣ୍ଡରେ ଋତୁପର୍ଣ୍ଣା-ଶ୍ୱେତପର୍ଣ୍ଣା ଯୋଡ଼ି ୧୩-୨୧, ୭-୨୧ ସିଧାସଳଖ ଗେମ୍‌ରେ ଘରୋଇ ଜାପାନ ଯୋଡ଼ି କୋକୋନା ଇଶିକାୱା ଓ ମାଇକୋ କାୱଜୋଓଙ୍କ ନିକଟରୁ ପରାସ୍ତ ହୋଇଛନ୍ତି।

ଟେଷ୍ଟ କ୍ରିକେଟ୍‌ରେ ଦ୍ୱିତୀୟ ସର୍ବନିମ୍ନ ସ୍କୋର

# ୱେଷ୍ଟଇଣ୍ଡିଜ ୨୭ରେ ଅଲ୍‌ଆଉଟ୍

କିଙ୍ଗସଟନ୍, ୧୫।୭ (ଏଜେନ୍ସି): ଭ୍ରମଣକାରୀ ଅଷ୍ଟ୍ରେଲିଆ ବିପକ୍ଷରେ ସ୍ଥାନୀୟ ସାବିନା ପାର୍କରେ ଚାଲିଥିବା ଅନ୍ତିମ ତଥା ତୃତୀୟ ଟେଷ୍ଟରେ ୨୦୪ ରନର ଲକ୍ଷ୍ୟକୁ ପିଛା କରିଥିବା ୱେଷ୍ଟଇଣ୍ଡିଜ ଅତ୍ୟନ୍ତ ଦୟନୀୟ ପ୍ରଦର୍ଶନ କରି ମାତ୍ର ୨୭ ରନରେ ଅଲ୍‌ଆଉଟ୍ ହୋଇଛି। ବାମହାତୀ ଦ୍ରୁତ ବୋଲର ମିଚେଲ ଷ୍ଟାର୍କଙ୍କ ରେକର୍ଡ ୬ ୱିକେଟ୍ ସଫଳତା ଓ ସ୍କଟ୍ ବୋଲାଣ୍ଡଙ୍କ ହ୍ୟାଟ୍ରିକ ଯୋଗୁ ଅଷ୍ଟ୍ରେଲିଆ ଏହି ମ୍ୟାଚକୁ ୧୭୬ ରନରେ ଜିତିବା ସହ ଟେଷ୍ଟ ସିରିଜକୁ ୩-୦ରେ କ୍ଲିନସୁଇପ୍ କରିନେଇଛି। ପ୍ୟାଟ୍ କମିନ୍ସଙ୍କ ନେତୃତ୍ୱାଧୀନ ଅଷ୍ଟ୍ରେଲିଆ ପୂର୍ବରୁ ପ୍ରଥମ ଦୁଇ ଟେଷ୍ଟକୁ ଯଥାକ୍ରମେ ୧୫୯ ରନ ଓ ୧୩୩ ରନରେ ବିଜୟୀ ହୋଇଥିଲା।


ମିଚେଲ ଷ୍ଟାର୍କ
୭.୩-୪-୯-୬


ସ୍କଟ୍ ବୋଲାଣ୍ଡ
୨-୧-୨-୩

ପିଙ୍କ୍ ବଲ୍ ଓ ଦିବା-ରାତ୍ର ବିଶିଷ୍ଟ ଏହି ଟେଷ୍ଟରେ ଅଷ୍ଟ୍ରେଲିଆ ପ୍ରଦତ୍ତ ୨୦୪ ରନର ଲକ୍ଷ୍ୟକୁ ପିଛା କରିଥିବା ଘରୋଇ ୱେଷ୍ଟଇଣ୍ଡିଜ ତୃତୀୟ ଦିବସରେ ଦ୍ୱିତୀୟ ପାଳିରେ ମାତ୍ର ୧୪.୩ ଓଭର ଖେଳି ୨୭ ରନରେ ଅଲ୍‌ଆଉଟ୍ ହୋଇଯାଇଥିଲା। ଦଳର ୭ଜଣ ଖେଳାଳି ଖାତା ଖୋଲିପାରି ନ ଥିବାବେଳେ ଜଷ୍ଟିନ ଗ୍ରେଭସ ସର୍ବାଧିକ ୧୧ ରନ କରିଥିଲେ। ୱେଷ୍ଟଇଣ୍ଡିଜ ଅଳ୍ପକେ ଟେଷ୍ଟ ଇତିହାସର ସର୍ବନିମ୍ନ ସ୍କୋର ଭଳି ଅଲୋଡ଼ା ରେକର୍ଡରୁ ବର୍ତ୍ତିଯାଇଛି। ୧୯୫୫ରେ ଇଂଲଣ୍ଡ ବିପକ୍ଷରେ ନ୍ୟୁଜିଲାଣ୍ଡ ମାତ୍ର ୨୬ ରନରେ ଅଲ୍‌ଆଉଟ୍ ହୋଇ ଏହି ଅଲୋଡ଼ା ରେକର୍ଡର ଅଧିକାରୀ ରହିଛି। ସେହିଭଳି ଷ୍ଟାର୍କ ଟେଷ୍ଟ କ୍ରିକେଟ୍‌ରେ ସବୁଠୁ କମ୍ ବଲ୍ ପକାଇ ୫ ୱିକେଟ୍ ସଫଳତା ପାଇଛନ୍ତି। ସେ ଦ୍ୱିତୀୟ ପାଳିରେ ବୋଲିଂ କରିଥିବା ପ୍ରଥମ ୧୫ଟି ବଲରେ ୱେଷ୍ଟଇଣ୍ଡିଜର ୫ଜଣ ବ୍ୟାଟରଙ୍କୁ ଆଉଟ୍ କରିଥିଲେ। ପୂର୍ବରୁ ଏର୍ନି ତୋସହାକ (ବନାମ ଭାରତ, ୧୯୪୭), ଷ୍ଟୁଆର୍ଟ ବ୍ରଡ୍ (ବନାମ ଅଷ୍ଟ୍ରେଲିଆ ୨୦୧୫) ଓ ସ୍କଟ୍ ବୋଲାଣ୍ଡ (ବନାମ ଇଂଲଣ୍ଡ, ୨୦୨୧) ପ୍ରତ୍ୟେକ ପାଳିରେ ୧୯ଟି ବଲ୍ ପକାଇଥିବାବେଳେ ୫ ୱିକେଟ୍ ସଫଳତା ପାଇଥିଲେ। ୱେଷ୍ଟଇଣ୍ଡିଜ ୨ୟ ପାଳିର ପ୍ରଥମ ଓଭରରେ ଷ୍ଟାର୍କ ୩ଟି ୱିକେଟ ନେଇଥିଲେ। ଇର୍ଫାନ ପଠାନଙ୍କ ପରେ ସେ ବିଶ୍ୱର ୨ୟ ବୋଲର ଭାବେ ଟେଷ୍ଟ କ୍ରିକେଟରେ ପାଳିର ପ୍ରଥମ ଓଭରରେ ୩ଜଣଙ୍କୁ ଆଉଟ୍ କରିଛନ୍ତି। ଏହିକ୍ରମରେ ଷ୍ଟାର୍କ ମଧ୍ୟ ଟେଷ୍ଟରେ ୪୦୦ ୱିକେଟ୍ ମାଇଲଖୁଣ୍ଟ ଛୁଇଁଛନ୍ତି।

**ଟେଷ୍ଟରେ ସର୍ବନିମ୍ନ ସ୍କୋର**

| ଦଳ | ସ୍କୋର | ଓଭର | ପ୍ରତିପକ୍ଷ | ବର୍ଷ |
|---|---|---|---|---|
| ନ୍ୟୁଜିଲାଣ୍ଡ | ୨୬ | ୨୭.୦ | ଇଂଲଣ୍ଡ | ୧୯୫୫ |
| ୱେଷ୍ଟଇଣ୍ଡିଜ | ୨୭ | ୧୪.୩ | ଅଷ୍ଟ୍ରେଲିଆ | ୨୦୨୫ |
| ଦ.ଆଫ୍ରିକା | ୩୦ | ୧୮.୪ | ଇଂଲଣ୍ଡ | ୧୮୯୬ |
| ଦ.ଆଫ୍ରିକା | ୩୦ | ୧୨.୩ | ଇଂଲଣ୍ଡ | ୧୯୨୪ |
| ଦ.ଆଫ୍ରିକା | ୩୫ | ୨୨.୪ | ଇଂଲଣ୍ଡ | ୧୮୯୯ |
| ଦ.ଆଫ୍ରିକା | ୩୬ | ୨୩.୨ | ଅଷ୍ଟ୍ରେଲିଆ | ୧୯୩୨ |
| ଅଷ୍ଟ୍ରେଲିଆ | ୩୬ | ୨୩.୦ | ଇଂଲଣ୍ଡ | ୧୯୦୨ |
| ଭାରତ | ୩୬ | ୨୧.୨ | ଅଷ୍ଟ୍ରେଲିଆ | ୨୦୨୦ |
| ଆୟର୍ଲାଣ୍ଡ | ୩୮ | ୧୫.୪ | ଇଂଲଣ୍ଡ | ୨୦୧୯ |
| ନ୍ୟୁଜିଲାଣ୍ଡ | ୪୨ | ୩୯.୦ | ଅଷ୍ଟ୍ରେଲିଆ | ୧୯୪୬ |

ବି.ଦ୍ର: ୧୮୯୬ ଓ ୧୮୯୯ରେ ଦ.ଆଫ୍ରିକା ଖେଳିଥିବା ଟେଷ୍ଟରେ ଓଭରରେ ୫ଟି ବଲ୍ ବୋଲିଂ ହେଉଥିଲା।

## ଚତୁର୍ଥ ଟେଷ୍ଟ ଲାଗି ଇଂଲଣ୍ଡ ଦଳରୁ ବାଦ୍ ପଡ଼ିଲେ ବସିର୍




ଲର୍ଡ୍ସ,୧୫।୭ (ଏଜେନ୍ସି): ମାଞ୍ଚେଷ୍ଟରର ଓଲ୍ଡ ଟ୍ରାଫୋର୍ଡରେ ଜୁଲାଇ ୨୩ରୁ ଖେଳାଯିବାକୁ ଥିବା ଭାରତ ବିପକ୍ଷ ଚତୁର୍ଥ ଟେଷ୍ଟ ଲାଗି ଇଂଲଣ୍ଡ ଏକ ୧୪ଜଣିଆ ଦଳ ଘୋଷଣା କରିଛି। ପୂର୍ବରୁ ଘୋଷିତ ଦଳରରୁ ଆଙ୍ଗୁଠି ଭାଙ୍ଗିଥିବା ସ୍ପିନର ସୋଏବ ବସିର, ଜେମି ଓଭରଟନ ଓ ସାମ୍ କୁକ୍‌ଙ୍କୁ ଦଳ ବାଦ୍ ଦେଇଛି। ଏମାନଙ୍କ ସ୍ଥାନରେ କେବଳ ଜଣେ ସ୍ପିନର ବାମହାତୀ ଲିଆମ ଡାୱସନଙ୍କୁ ଦଳରେ ସାମିଲ କରାଯାଇଛି। ଜୁଲାଇ ୨୦୧୭ରେ ଦକ୍ଷିଣ ଆଫ୍ରିକା ସହ ଶେଷ ଟେଷ୍ଟ ମ୍ୟାଚ୍ ଖେଳିଥିବା ଡାୱସନ ଗତ ଦୁଇଟି କାଉଣ୍ଟି ସିଜନରେ ସେ ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ। ୩୫ ବର୍ଷୀୟ ଡାୱସନ ଏଯାଏ ୩ଟି ଟେଷ୍ଟ ଖେଳି ୭ଟି ୱିକେଟ ଅକ୍ତିଆର କରିଛନ୍ତି। ଦଳର ଦୁଇ ଫାଷ୍ଟ ବୋଲର ଓଭରଟନ ଓ କୁକ୍ ଏବେ ନିଜ ନିଜର ଟିମ୍ ପକ୍ଷରୁ କାଉଣ୍ଟି ଖେଳିବାକୁ ଛାଡି ଦିଆଯାଇଛି। ୫ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜ୍‌ରେ ତୃତୀୟ ଟେଷ୍ଟ ଶେଷସୁଦ୍ଧା ଇଂଲଣ୍ଡ ୨-୧ରେ ଆଗୁଆ ରହିଛି। ସିରିଜ୍‌ର ଚତୁର୍ଥ ଟେଷ୍ଟ ଜୁଲାଇ ୨୩ରୁ ଖେଳାଯିବ। ମାଞ୍ଚେଷ୍ଟରର ଓଲ୍ଡ ଟ୍ରାଫୋର୍ଡରେ ଏହି ମ୍ୟାଚ୍ ଜୁଲାଇ ୨୭ ଯାଏ ଖେଳାଯିବାର କାର୍ଯ୍ୟକ୍ରମ ରହିଛି।

**ଇଂଲଣ୍ଡ ଦଳ**

ଜ୍ୟାକ୍ କ୍ରଲୀ, ବେନ୍ ଡକେଟ, ଓଲି ପୋପ୍, ଜୋ ରୁଟ୍, ହ୍ୟାରୀ ବ୍ରୁକ୍, ବେନ୍ ଷ୍ଟୋକ୍ସ (ଅଧିନାୟକ), ଜେମି ସ୍ମିଥ୍ (ୱିକେଟରକ୍ଷକ), କ୍ରିସ୍ ଓକ୍ସ, ଜୋଫ୍ରା ଆର୍ଚର, ବ୍ରାଇଡନ କାର୍ସ, ଜୋଶ ଟଙ୍ଗ୍, ଗସ୍ ଆଟକିନସନ, ଜ୍ୟାକବ ବେଥେଲ ଓ ଲିଆମ ଡାୱସନ।

ସର୍ବଭାରତୀୟ ସିନିଅର ର୍ୟାଙ୍କିଙ୍ଗ୍ ବ୍ୟାଡମିଣ୍ଟନ ଉଦ୍‌ଯାପିତ

# ମହିଳାରେ ଇଶାରାଣୀ, ପୁରୁଷରେ ଗିନ୍‌ପଲ୍ ଚାମ୍ପିଅନ

ଭୁବନେଶ୍ୱର,୧୫।୭ (ସମିସ):




କଳିଙ୍ଗ ଷ୍ଟାଡିୟମ୍‌ରେ ଅନୁଷ୍ଠିତ ନ୍ୟାସନାଲ ସିନିଅର ର୍ୟାଙ୍କିଙ୍ଗ୍ ବ୍ୟାଡମିଣ୍ଟନ ଟୁର୍ଣ୍ଣାମେଣ୍ଟ ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି। ଏହି ପ୍ରତିଯୋଗିତାର ମହିଳା ଏକକରେ ଆସାମର ଇଶାରାଣୀ ବରୁଆ ଓ ପୁରୁଷ ଏକକରେ ଦିଲ୍ଲୀର ଏସ୍ ଗିନ୍‌ପଲ ଚାମ୍ପିଅନ ହୋଇଛନ୍ତି। ମଙ୍ଗଳବାର ଖେଳାଯାଇଥିବା ମହିଳା ଫାଇନାଲରେ ତୃତୀୟ ସିଡ୍ ଇଶାରାଣୀ ୨୩-୨୧, ୨୧-୧୦ରେ ଟପ୍ ସିଡ୍ ଉତ୍ତରପ୍ରଦେଶର ମାନସି ସିଂଙ୍କୁ ପରାସ୍ତ କରିଥିଲେ। ସେହିପରି ପୁରୁଷ ଫାଇନାଲରେ ଏକାଦଶ ସିଡ୍ ଦିଲ୍ଲୀର ଏସ୍ ଗିନ୍‌ପଲ ୨୧-୧୭, ୨୧-୧୬ରେ ୧୫ତମ ସିଡ୍ ମନରାଜ ସିଂଙ୍କୁ ପରାସ୍ତ କରି ଟାଇଟଲ ଜିତିଥିଲେ।

ପୂର୍ବରୁ ଖେଳାଯାଇଥିବା ମହିଳା ଯୁଗଳରେ ଦ୍ୱିତୀୟ ସିଡ୍ ତାମିଲନାଡୁର ଶ୍ରେୟା ବାଲାଜୀ ଓ ଦୀପ୍ତା ଏସ୍‌ଙ୍କ ଯୋଡି ୨୧-୧୩, ୧୮-୨୧, ୨୧-୯ରେ ଉତ୍ତରାଖଣ୍ଡର ଅନୟା ବିସ୍ତ ଓ ଆଞ୍ଜେଲ ପୁନେରାଙ୍କୁ ହରାଇ ଟାଇଟଲ ଜିତିଛନ୍ତି। ସେହିପରି ପୁରୁଷ ଯୁଗଳରେ ଉତ୍ତରାଖଣ୍ଡର ଧ୍ରୁବ ରାୱତ ଓ ଆସାମର ସୁରଜ ଗୋଆଲା, ମିଶ୍ରିତ ଯୁଗଳରେ କର୍ଣ୍ଣାଟକର ନିତୀନ ଏଚ୍‌ଭି ଓ ତାମିଲନାଡୁର ଶ୍ରୀନୀଧି ଏନ୍‌ଙ୍କ ଯୋଡି ଚାମ୍ପିଅନ ଆଖ୍ୟା ଅର୍ଜନ କରିଛନ୍ତି।

ଭାରତୀୟ ଓ ଓଡ଼ିଶା ବ୍ୟାଡ୍‌ମିଣ୍ଟନ ସଂଘ ଏବଂ ରାଜ୍ୟ କ୍ରୀଡ଼ା ଓ ଯୁବସେବା ବିଭାଗ ଆନୁକୂଲ୍ୟରେ ଏହି ପ୍ରତିଯୋଗିତା ଜୁଲାଇ ୮ରୁ ଆରମ୍ଭ ହୋଇଥିଲା। ମଙ୍ଗଳବାର ଉଦ୍‌ଯାପନ ଉତ୍ସବରେ ରାଜ୍ୟ କ୍ରୀଡ଼ା ସଚିବ ଭାସ୍କରଜ୍ୟୋତି ଶର୍ମା, ବିଏମ୍‌ସି କମିଶନର ତଥା ରାଜ୍ୟ ବ୍ୟାଡ୍‌ମିଣ୍ଟନ ସଂଘ ସଭାପତି ରାଜେଶ ପ୍ରଭାକର ପାଟିଲ, କ୍ରୀଡ଼ା ନିର୍ଦ୍ଦେଶକ ଦୀପଙ୍କର ମହାପାତ୍ର, କ୍ରୀଡ଼ା ବିଭାଗ ଅତିରିକ୍ତ ସଚିବ ବିଜୟାନନ୍ଦ ନାୟକ, ରାଜ୍ୟ ବ୍ୟାଡ୍‌ମିଣ୍ଟନ ସଂଘ ସମ୍ପାଦକ ନିଲିନ କୁମାର ଅତିଥିଭାବେ ଯୋଗ ଦେଇ ପୁରସ୍କାର ପ୍ରଦାନ କରିଥିଲେ ବୋଲି ଆୟୋଜକଙ୍କ ପକ୍ଷରୁ ସୁରୁଲାଲ ମଟାରୀ ସୂଚନା ଦେଇଛନ୍ତି।

## ଡ୍ର ଅଭିମୁଖେ ପ୍ରଥମ ଯୁଥ୍ ଟେଷ୍ଟ

ବେକେନହାମ୍, ୧୫।୭ (ଏଜେନ୍ସି): ଏଠାରେ ଚାଲିଥିବା ପ୍ରଥମ ଯୁଥ୍ (୧୯ ବର୍ଷରୁ କମ୍) ଟେଷ୍ଟ ମ୍ୟାଚରେ ଭାରତ ୩୫୦ ରନର ଲକ୍ଷ୍ୟ ଘରୋଇ ଇଂଲଣ୍ଡ ସାମ୍ନାରେ ଧାର୍ଯ୍ୟ କରିଛି। ଏହାକୁ ପିଛା କରିଥିବା ଇଂଲଣ୍ଡ ଅନ୍ତିମ ତଥା ୪ର୍ଥ ଦିବସ ଶେଷ ଖବର ସୁଦ୍ଧା ଦ୍ୱିତୀୟ ପାଳିରେ ୨୪ ଓଭରରେ ୩ ୱିକେଟ ହରାଇ ୯୭ ରନ ସଂଗ୍ରହ କରିଛି। ଦୁଇ ପୂର୍ବତନ ମହାନ ଖେଳାଳି ମାଇକେଲ୍ ଭନ୍ ଓ ଆଣ୍ଡ୍ରିଉ ଫ୍ଲିଣ୍ଟଫଙ୍କ ପୁଅ ଯଥାକ୍ରମେ ଆର୍ଚି ଭନ ଓ ରକି ଫ୍ଲିଣ୍ଟଫ୍ ୨ୟ ପାଳିରେ ନିରାଶ କରିଛନ୍ତି। ଓପନିଂ ଆସିଥିବା ଆର୍ଚି ମାତ୍ର ୩ ରନ କରି ଆଉଟ୍ ହୋଇଥିଲେ। ସେହିଭଳି ରକି ୧୧ ରନ କରି ପ୍ୟାଭିଲିୟନ ଫେରିଥିଲେ। ହାମଜା ଶେଖ୍ ୫୨ ଓ ବେନ୍ ମେଇସ୍ ୧୨ ରନରେ ଖେଳୁଛନ୍ତି। ଅନ୍ତିମ ଦିବସରେ ଆଉ ୩୯ ଓଭର ଖେଳ ବାକି ରହିଥିବାରୁ ମ୍ୟାଚ୍ ଡ୍ର ରହିବାର ସମ୍ଭାବନା ରହିଛି। ପୂର୍ବରୁ ଏହି ଟେଷ୍ଟର ପ୍ରଥମ ପାଳିରେ ଭାରତ ପ୍ରଥମ ପାଳିରେ ୫୪୦ ଓ ଇଂଲଣ୍ଡ ୪୩୯ ରନରେ ସୀମିତ ରହିଥିଲା। ଭାରତ ୨ୟ ପାଳିରେ ୨୪୮ ରନରେ ଅଲ୍‌ଆଉଟ୍ ହୋଇଥିଲା।

## ଆଜିଠୁ ଭାରତ-ଇଂଲଣ୍ଡ ମହିଳା ଦିନିକିଆ ସିରିଜ୍

ସାଉଥାମ୍ପଟନ, ୧୫।୭ (ଏଜେନ୍ସି): ଇଂଲଣ୍ଡ ଗସ୍ତରେ ଥିବା ଭାରତୀୟ ମହିଳା କ୍ରିକେଟ୍ ଦଳ ବୁଧବାରଠାରୁ ଏକଦିବସୀୟ ସିରିଜ ଖେଳିବାକୁ ଯାଉଛି। ସ୍ଥାନୀୟ ରୋଜ୍ ବାଉଲ୍ ଗ୍ରାଉଣ୍ଡରେ ଘରୋଇ ଇଂଲଣ୍ଡ ମହିଳା ଦଳ ଓ ଭାରତ ମଧ୍ୟରେ ୩ ମ୍ୟାଚ୍‌ବିଶିଷ୍ଟ ସିରିଜର ପ୍ରଥମ ମୁକାବିଲା ଖେଳାଯିବ। ହର୍‌ମନପ୍ରୀତ୍ କୌରଙ୍କ ନେତୃତ୍ୱାଧୀନ ଭାରତୀୟ ଦଳ ନିକଟରେ ଟି-୨୦ ସିରିଜକୁ ୩-୨ରେ ଜିତିଥିବାରୁ ଖେଳାଳିଙ୍କ ମନୋବଳ ବେଶ୍ ଦୃଢ଼ କରିଛି। ଏହି ପ୍ରଦର୍ଶନକୁ ଭାରତ ଦିନିକିଆ ସିରିଜରେ ଦୋହରାଇବା ଲକ୍ଷ୍ୟରେ ରହିଛି। ଅଧିନାୟିକା ହର୍‌ମନପ୍ରୀତ୍‌ଙ୍କ ସହ ସ୍ମୃତି ମନ୍ଧାନା, ଦୀପ୍ତି ଶର୍ମା, ଜେମିମା ରୋଡ୍ରିଗ୍ସେଜ, ସ୍ନେହ ରାଣାଙ୍କ ପରି ଅଭିଜ୍ଞ ଖେଳାଳି ଭାରତୀୟ ଦଳରେ ରହିଥିବାରୁ ଇଂଲଣ୍ଡକୁ କଡ଼ା ଟକ୍କର ଦେବ ବୋଲି ଆଶା କରାଯାଉଛି। ଅପରପକ୍ଷରେ ନାଟାଲୀ ସ୍କିଭର ବ୍ରଣ୍ଟଙ୍କ ନେତୃତ୍ୱାଧୀନ ଇଂଲଣ୍ଡ ମହିଳା କ୍ରିକେଟ୍ ଦଳ ଟି-୨୦ ପରାଜୟର ପ୍ରତିଶୋଧ ଦିନିକିଆ ସିରିଜରେ ନେବାକୁ ଲକ୍ଷ୍ୟ ରଖିଛି। ଦୁଇ ଦଳ ମଧ୍ୟରେ ବର୍ତ୍ତମାନ ସୁଦ୍ଧା ୭୬ ଦିନିକିଆ ମ୍ୟାଚ୍ ଖେଳାଯାଇଥିବାବେଳେ ଇଂଲଣ୍ଡ ୪୦ ଓ ଭାରତ ୩୪ ମ୍ୟାଚରେ ବିଜୟୀ ହୋଇଛି। ଅପରାହ୍ଣ ୫ଟା ୩୦ରେ ପ୍ରଥମ ଦିନିକିଆ ମ୍ୟାଚ୍ ଆରମ୍ଭ ହେବ। ସୋନି ସ୍ପୋର୍ଟ୍ସ ନେଟ୍‌ୱର୍କରେ ଏହି ମ୍ୟାଚ୍‌ର ସିଧାପ୍ରସାରଣ ହେବ।



PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, DENGSARGI, BAREIPALI-768006, DIST: SAMBALPUR, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS